# ପ୍ରାର୍ଥନା

ଶାନ୍ତି ଓ ନିରବତା ଭିତରେ ପ୍ରତିଭାତ ହୁଅନ୍ତି ଶାଶ୍ୱତ । ଯଦି କୌଣସି କିଛି ଦ୍ୱାରା ତୁମେ ବିଚଳିତ ନହେବ, ତା'ହେଲେ ଶାଶ୍ୱତ ହେବେ ପ୍ରତିଭାତ; ସବୁ ଅବସ୍ଥାକୁ ସାମନା କଲାବେଳେ ସମ୍ପୂର୍ଣ୍ଣ ସମତା ରକ୍ଷା କର ଏବଂ ଶାଶ୍ୱତ ହେବେ ଉପନୀତ...

*ଠିକ୍, ତୁମ ସନ୍ଧାନରେ ବାହାରି ଆମେ ଅତି ବେଶୀ ତୀବ୍ରତା, ଅତି ବେଶୀ ଆୟାସ ପ୍ରୟୋଗ କରିବା ଉଚିତ ନୁହେଁ; ଆୟାସ ଓ ତୀବ୍ରତା ତୁମ ଆଗରେ ଗୋଟାଏ ଆବରଣରେ ପରିଣତ ହୁଏ; ତୁମକୁ ଦେଖିବା ନିମନ୍ତେ ଆମେ କାମନା ପୋଷଣ କରିବା ଉଚିତ ନୁହେଁ, ତାହା ମଧ୍ୟ ଗୋଟାଏ ମାନସିକ ଉତ୍ତେଜନା ଯାହା ତୁମ ଶାଶ୍ୱତ ଉପସ୍ଥିତିକୁ ତମସାବୃତ କରେ; କେବଳମାତ୍ର ସମ୍ପୂର୍ଣ୍ଣ ଶାନ୍ତି, ଅନୁଦ୍‌ବେଳତା ଏବଂ ସମତା ଭିତରେହିଁ (ଉପଲବ୍ଧ ହେବ) ଯେମିତି ତୁମେହିଁ ସବୁ; ଏହି ପରିପୂର୍ଣ୍ଣ ବିଶୁଦ୍ଧ ଏବଂ ଶାନ୍ତ ବାତାବରଣରେ ସାମାନ୍ୟତମ ଚାଞ୍ଚଲ୍ୟହିଁ ତୁମ ପରିପ୍ରକାଶରେ ଏକ ବିଘ୍ନ । ବ୍ୟସ୍ତତା ବିନା, ଚଞ୍ଚଳତା ବିନା, ଉତ୍କଣ୍ଠା ବିନା (ଉପଲବ୍ଧ ହେବ) ତୁମେ, କେବଳମାତ୍ର ତୁମେ, ବିନା ବିଶ୍ଳେଷଣ ବା ବିନା ସ୍ଥୂଳାୟନରେ; ତୁମେ ବିଦ୍ୟମାନ କୌଣସି ସମ୍ଭାବ୍ୟ ସନ୍ଦେହ ବିନା, ଯେହେତୁ ସବୁ ହୋଇଛି ଏକ ପୁଣ୍ୟମୟ ଶାନ୍ତି ଏବଂ ପବିତ୍ର ନିରବତାରେ ପରିଣତ ।

ଏବଂ ପୃଥିବୀର ଯାବତୀୟ ଧ୍ୟାନ ତୁଳନାରେ ତାହା ମହତ୍ତର ।

ଡିସେମ୍ବର ୫, ୧୯୧୨ — ଶ୍ରୀମା



* ଶାଶ୍ୱତଙ୍କ ଉଦ୍ଦେଶ୍ୟରେ ଏ ପ୍ରାର୍ଥନା — ସମ୍ପାଦନା

# ୨୪ ନଭେମ୍ବର, ୨୦୧୬ରେ ଆଶ୍ରମରେ ବିତରିତ ବାଣୀ

It is not by your mind that you can hope to understand the Divine and its action, but by the growth of the true and divine consciousness within you. If the Divine were to unveil and reveal itself in all its glory, the mind might feel a Presence, but it would not understand its action or its nature. It is in the measure of your own realisation and by the birth and growth of that greater consciousness in yourself that you will see the Divine and understand its action even behind its terrestrial disguises.

(Letters on Yoga, Part - I) – Sri Aurobindo

ତୁମ ମନ ଦ୍ୱାରା ତୁମେ ଦିବ୍ୟସତ୍ତା ଏବଂ ତା'ର କର୍ମଧାରା ବୁଝିବାର ଆଶା କରିପାରନା, କିନ୍ତୁ କରିପାର ତୁମ ଭିତରେ ସତ୍ୟ ଏବଂ ଦିବ୍ୟ-ଚେତନାର ବିକାଶ ଦ୍ୱାରା । ଦିବ୍ୟସତ୍ତା ଯଦି ନିଜର ଯାବତୀୟ ମହିମା ସହ ନିଜକୁ ଉନ୍ମୋଚନ ଏବଂ ପ୍ରକଟିତ କରନ୍ତା, ତେବେ ମନ ଏକ ମହା-ଉପସ୍ଥିତି ଅନୁଭବ କରିପାରନ୍ତା, କିନ୍ତୁ ଦିବ୍ୟସତ୍ତାର କର୍ମଧାରା ଏବଂ ତହିଁର ପ୍ରକୃତି ବୁଝିପାରନ୍ତା ନାହିଁ । ତୁମ ନିଜ ଉପଲବ୍ଧି ଅନୁପାତରେ ଏବଂ ତୁମ ନିଜ ଭିତରେ ମହତ୍ତର ଚେତନାର ଜନ୍ମ ଓ ଅଭିବୃଦ୍ଧି ଦ୍ୱାରାହିଁ ତୁମେ ଦିବ୍ୟସତ୍ତାକୁ ଦେଖିବ ଏବଂ ଏପରିକି ତା'ର ପାର୍ଥିବ ଛଦ୍ମବେଶ ପଶ୍ଚାତରେ ଥିବା କର୍ମଧାରାକୁ ମଧ୍ୟ ବୁଝିପାରିବ ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

## (The Descent into Night)

## (୫୭)

## ଶ୍ରୀଅରବିନ୍ଦ

Then the scene changed, but kept
its dreadful core :
Altering its form the life remained the same.

ତା'ପରେ ଦୃଶ୍ୟର ପରିବର୍ତ୍ତନ ହେଲା, କିନ୍ତୁ ଅନ୍ତର ପ୍ରଦେଶ ସେହିପରି ଭୀତିପ୍ରଦ ହୋଇରହିଲା : ଆପଣା ରୂପ ପରିବର୍ତ୍ତିତ କରି ପ୍ରାଣ ସେହିଭଳି ରହିଲା ।

A capital was there without a State :
It had no ruler, only groups that strove.

କୌଣସି ରାଜ୍ୟ ନଥାଇ ସେଠାରେ ରାଜଧାନୀଟିଏ ଥିଲା :ଏହାର କେହି ଶାସକ ନଥିଲେ : କେବଳ ସଂଘର୍ଷରତ ଗୋଷ୍ଠୀମାନେ ରହିଥିଲେ ।

He saw a city of ancient Ignorance
Founded upon a soil that knew not Light.

ସେଠାରେ ସେ ଏକ ପ୍ରାଚୀନ ଅଜ୍ଞତାର ନଗର ଦେଖିବାକୁ ପାଇଲେ, ଯେଉଁ ମୃତ୍ତିକା ଉପରେ ତା'ର ଭିତ୍ତି ସ୍ଥାପିତ ହୋଇଛି ତାହା ଆଲୋକ କ'ଣ ଜାଣିନି ।

There each in his own darkness walked alone:
Only they agreed to differ in Evil's paths,
To live in their own way for their own selves
Or to enforce a common lie and wrong;
There Ego was lord upon his peacock seat
And Falsehood sat by him, his mate and queen:
The world turned to them as
Heaven to Truth and God.

ସେଠାରେ ପ୍ରତ୍ୟେକେ ନିଜ ନିଜର ଅନ୍ଧକାର (ଅଜ୍ଞତା) ମଧ୍ୟରେ ଏକାକୀ ଗତି କରୁଥିଲେ : ସେମାନେ କେବଳ ଅମଙ୍ଗଳର ବିବିଧ ପଥରେ ଚାଲିବାରେ ସହମତ, ପ୍ରତ୍ୟେକେ ବଞ୍ଚିବାକୁ ଚାହୁଁଥିଲେ ନିଜସ୍ୱ ଧାରାରେ ନିଜର ସ୍ୱାର୍ଥ ପାଇଁ ଅଥବା ସକଳଙ୍କ ଉପରେ ଏକହିଁ ମିଥ୍ୟା ଓ ଭ୍ରାନ୍ତି ଆରୋପ କରିବାକୁ । ମୟୂର ସିଂହାସନରେ ଆରୂଢ଼ ଅହଂ ସେଠାରେ ପ୍ରଭୁ ଏବଂ ମିଥ୍ୟା ତା' ନିକଟରେ ତା'ର ବାନ୍ଧବୀ ଓ ରାଣୀ ଭାବେ ଉପବିଷ୍ଟା । ସ୍ୱର୍ଗ ସତ୍ୟ ଓ ଭଗବାନଙ୍କ ଅଭିମୁଖେ ଦୃଷ୍ଟିନିବଦ୍ଧ କଲାଭଳି ବିଶ୍ୱ ସେମାନଙ୍କ ଆଡ଼କୁ ମୁହାଁଇ ରହିଥିଲା ।

Injustice justified by firm decrees
The sovereign weights of
Error's legalised trade,
But all the weights were false
and none the same;
Ever she watched with her balance
and a sword,
Lest any sacrilegious word expose
The sanctified formulas of her old misrule.

ଅନ୍ୟାୟ ତା'ର ଅଟଳ ରାୟ ବଳରେ ଭ୍ରାନ୍ତିର ବିଧିବଦ୍ଧ ବ୍ୟବସାୟର ଯେତେସବୁ ମହାଭାରକୁ ନ୍ୟାୟସଂଗତ ପ୍ରତିପାଦିତ କରୁଥିଲା । ମାତ୍ର ସେହି ଓଜନ ସକଳ ଥିଲା ମିଥ୍ୟାରେ ଭରା ଏବଂ କାହା ସହିତ ନଥିଲା କାହାର ସାମ୍ୟ । ଆପଣା ହାତର ତରାଜୁ ଓ ତରବାରି ଉପରେ ନିବଦ୍ଧ ଥିଲା ତା'ର ତୀକ୍ଷ୍ଣଦୃଷ୍ଟି, କାଳେ କୌଣସି ବିଶ୍ୱାସଘାତକ ଶବ୍ଦ ତା'ର ପ୍ରାଚୀନ କୁଶାସନର ପବିତ୍ର ସୂତ୍ରାବଳୀକୁ ଅନାବୃତ କରିଦେବ ।

(କ୍ରମଶଃ)

ଗଦ୍ୟାନୁବାଦ : ସୁବୋଧ କୁମାର ଦାସ

❑❑❑

# ହିଂସା ଓ କ୍ରୋଧ

## ଶ୍ରୀମା

### (୧)

ବିଦ୍ରୋହାତ୍ମକ ଉତ୍ତେଜନା, ହିଂସା ଓ କ୍ରୋଧ ଇତ୍ୟାଦି ହେଲା ସବୁବେଳେ, ସର୍ବତୋଭାବେ ଦୁର୍ବଳତାର ଚିହ୍ନ । ଏବଂ ବିଶେଷତଃ, ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଯତ ହୋଇ ଏଣୁ ତେଣୁ ଗପିଯାଏ, ଯାହା ନକହିବା ଉଚିତ ସେସବୁ କହି ପକାଏ, ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ – ମାନସିକ ଓ ପ୍ରାଣଗତ ଦୁର୍ବଳତା – ଭାରି ଭୟଙ୍କର କଥା କିନ୍ତୁ ...

ସାମାଜିକ ସମ୍ପର୍କଗୁଡ଼ିକ ଭିତରେ ଥାଏ ଏହି ଦୁର୍ବଳତା-ଗୁଡ଼ିକ; ଖୁବ୍ ବଡ଼ ଦୁର୍ବଳତା ଏଗୁଡ଼ିକ, ଏବଂ ସେଇଥିପାଇଁ ହିଁ, ପ୍ରକୃତରେ ଜଣେ ରାଗିଉଠେ, ନିଜ ଉପରୁ ସଂଯମ ହରାଏ, ଏବଂ ଅନୁଚିତ କଥାସବୁ କହିଚାଲେ । ଜଣେ ଯଦି ଦୁର୍ବଳ ହୋଇ ନଥାଏ, ସେ କେବେ ବି ହିଂସ୍ର ହୋଇ ଉଠିବ ନାହିଁ । ଦୁର୍ବଳତା ଓ ହିଂସା, ଏ ଦୁହେଁଯାକ ଏକାଠି ଗତି କରନ୍ତି । ଯେ ପ୍ରକୃତରେ ଶକ୍ତିଶାଳୀ, ସେ କେବେ ବି ହିଂସ୍ର ହୁଏ ନାହିଁ । ଏ କଥାଟି ତୁମେ ସର୍ବଦା ମନେ ରଖିବା ଉଚିତ । **ସର୍ବଦା** ହିଂସା ହେଲା ତୁମ ସତ୍ତାର କୌଣସି ନା କୌଣସି ଅଂଶରେ ରହିଥିବା ଦୁର୍ବଳତାର ସଂକେତ । ଅବଶ୍ୟ, ତୁମେ ଦେଖିବ ଯେ, ଜଣେ ତା'ର ମାଂସପେଶୀର ଶକ୍ତିରେ ଖୁବ୍ ବଳବାନ୍ ହୋଇଉଠିଛି ଏବଂ ତା' ବଳରେ ଆଉ ଜଣକୁ ଆଘାତ ଦେଇ ତଳେ ପକାଇ ଦେଉଛି, ଏବଂ କୁହାଯାଏ – ''ସେ ଭାରି ଶକ୍ତିଶାଳୀ !'' ଏହା କିନ୍ତୁ ଠିକ୍ ନୁହେଁ । ତା'ର ଶକ୍ତିଶାଳୀ ମାଂସପେଶୀ ଥାଇପାରେ, କିନ୍ତୁ ନୈତିକତା ଦୃଷ୍ଟିରୁ ସେ ଭାରି ଦୁର୍ବଳ । ତେଣୁ ସେ ଗୋଟିଏ କ୍ଷେତ୍ରରେ ସବଳ ହୋଇପାରେ କିନ୍ତୁ ଅନ୍ୟ କ୍ଷେତ୍ରଟିରେ ସେ ବେଶ୍ ଦୁର୍ବଳ । ସାଧାରଣତଃ ଏହାହିଁ ଘଟିଥାଏ ।

### (୨)

ପୃଥିବୀର ସବୁଯାକ ନିନ୍ଦା-ଅପମାନ ତୁମକୁ ଶୁଣିବାକୁ ପଡ଼ିପାରେ, ଲୋକମାନେ ତୁମକୁ ଅପମାନ ଦେଇ ଯାବତୀୟ କଥା କହିପାରନ୍ତି; ଯଦି ତୁମେ ଦୁର୍ବଳ ହୋଇ ନଥିବ, ତେବେ ହୁଏତ ଏକଥା ଶୁଣି ତୁମେ ବାହ୍ୟତଃ ହସି ପାରିବ ନାହିଁ, କାରଣ, ସେପରି ହସିବା ହୁଏତ ସୁରୁଚିପୂର୍ଣ୍ଣ ହୋଇ ନପାରେ କିନ୍ତୁ ଆନ୍ତର-ଚେତନାରେ ସତରେ ଯଦି ତୁମେ ଶକ୍ତିଶାଳୀ ହୋଇଥାଅ, ତେବେ ତୁମେ ଭିତରେ ଭିତରେ ନିଶ୍ଚୟ ହସି ଉଠିବ । ସେସବୁ କୁତ୍ସା ଅପମାନ ତୁମକୁ ଆଦୌ ସ୍ପର୍ଶ କରିବ ନାହିଁ ... ସରଳଭାବେ କହିଲେ, ଯେପରି ଏଠାରେ କୁହାଗଲା, ଯଦି ତୁମର ମନ ନିଜକୁ ଶାନ୍ତ ରଖିବାରେ ଅଭ୍ୟସ୍ତ ଥାଏ, ଏବଂ ଯଦି ତୁମେ ତୁମ ଭିତରେ ପ୍ରକୃତରେ ସତ୍ୟକୁ ଦେଖି ପାରୁଥିବ, ତେବେ କୌଣସି କଥା ତୁମ କାନରେ ପଶିବ ନାହିଁ । ତୁମ ଭିତରେ ସେଗୁଡ଼ିକ ସାମାନ୍ୟତମ ସ୍ପନ୍ଦନ ମଧ୍ୟ ଆଣିପାରିବ ନାହିଁ – ସବୁକିଛି ତୁମ ଭିତରେ ନିରବ, ନିଶ୍ଚଳ ହୋଇ ରହିଥିବ । ଏବଂ ଯେଉଁ ସାକ୍ଷୀ ଭାବରେ ରହିବା କଥା ଆମେ ଟିକିଏ ଆଗରୁ କହୁଥିଲୁ, ତାହା ଯଦି ଥାଏ ତେବେ ସେ ଏହି ଆମୋଦଦାୟକ ନାଟକକୁ ଦେଖି ନିଶ୍ଚୟ ହସିବ ।

କିନ୍ତୁ ଲୋକ ଅଛନ୍ତି ଯେଉଁମାନେ ନିଜର ସମସ୍ତ ହିଂସା ଓ କ୍ରୋଧକୁ ତୁମ ଉପରକୁ ଫୋପାଡୁଥା'ନ୍ତି, ତୁମେ ଯଦି ସେହି ସ୍ପନ୍ଦନ ତୁମ ପାଖକୁ ଆସୁଥିବାର ଅନୁଭବ କର ... ପ୍ରଥମେ ଏହା ଆସିଥାଏ ... ତା'ପରେ ହଠାତ୍ ତୁମେ ତାହା ଗ୍ରହଣ କରିନିଅ; ଏବଂ ତା'ପରେ ଯଦି ତୁମେ ଉତ୍ତେଜିତ ହୋଇପଡ଼ ତେବେ ନିଶ୍ଚିତ ହୁଅ ଯେ ସେ ଯେତିକି ଦୁର୍ବଳ ତୁମେ ମଧ୍ୟ ସେତିକି ଦୁର୍ବଳ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୫୦)

## କଂଗ୍ରେସ ବିଭାଜନର ପୂର୍ବାଭାଷ (୨)

## ମନୋଜ ଦାସ

ପୂର୍ବରୁ ନିଆଯାଇଥିବା ସିଦ୍ଧାନ୍ତ ଅନୁସାରେ ଭାରତୀୟ ଜାତୀୟ କଂଗ୍ରେସର ପରବର୍ତ୍ତୀ ଅଧିବେଶନ ନାଗପୁରଠାରେ ଅନୁଷ୍ଠିତ ହେବା କଥା । କିନ୍ତୁ କଂଗ୍ରେସର ସାଂଗଠନିକ ନେତୃତ୍ୱ ମୁଷ୍ଟିମେୟ ମାନ୍ଦାପନ୍ଥୀଙ୍କ ହାତରେ ଥାଏ । ବିଶିଷ୍ଟ ନେତାମାନଙ୍କ ସହ ପରାମର୍ଶ ନକରି ସେମାନେ ନାଗପୁରକୁ ବର୍ଜନ କରି ସମ୍ମିଳନୀ ସୁରତଠାରେ ଆହ୍ୱାନ କରିବାର ବ୍ୟବସ୍ଥା କଲେ । କାରଣ ହେଲା, ନାଗପୁରରେ ଜାତୀୟବାଦୀ ବା ଚରମପନ୍ଥୀମାନଙ୍କର ଆଧିପତ୍ୟ ଥିଲା ଅଧିକ; ସୁରତରେ ବଳବତ୍ତର ଥିଲା ମାନ୍ଦାପନ୍ଥୀମାନଙ୍କର ପ୍ରଭାବ । ମେଦିନୀପୁର ସମ୍ମିଳନୀର ମାତ୍ର ଦିନ କେତୋଟି ପରେ, ଡିସେମ୍ବର ୨୬ ତାରିଖରେ ଜାତୀୟ-ସମ୍ମିଳନୀର ଦିନ ନିର୍ଦ୍ଧାରିତ ହୋଇଥାଏ ।

ସଂଗଠନର କର୍ତ୍ତୃପକ୍ଷ ପୂର୍ବ-ନିର୍ଦ୍ଧାରିତ ସିଦ୍ଧାନ୍ତରୁ ଓହରି ଯା'ନ୍ତେ ଜାତୀୟବାଦୀମାନେ ଅବଶ୍ୟ ପ୍ରତିବାଦ କଲେ, କିନ୍ତୁ ତାହାଠୁଁ ଅଧିକ କିଛି କରିବା ସମ୍ଭବ ନଥିଲା । ସୁରତ ସମ୍ମିଳନୀରେ ଯେପରି ଯଥେଷ୍ଟ ସଂଖ୍ୟକ ଜାତୀୟବାଦୀ ପ୍ରତିନିଧିତ୍ୱ କରିପାରିବେ, ସେହିଦିଗରେ ସେମାନେ ସଚେଷ୍ଟ ହେଲେ ।

ସେ ଯୁଗରେ ଭ୍ରମଣ ଆଜିକାଲି ଭଳି ସହଜ ନଥିଲା । ଅଧିକାଂଶ ଜାତୀୟବାଦୀ କର୍ମୀ ଆର୍ଥିକ ଦିଗରୁ ନିହାତି ଅସ୍ୱଚ୍ଛଳ ଥିଲେ । ସେତେବେଳେ ଚାନ୍ଦା ସଂଗ୍ରହ ଅତ୍ୟନ୍ତ କାଠିକର ଥିଲା – ବିଶେଷତଃ ବିପ୍ଳବୀ ବା ଜାତୀୟବାଦୀମାନଙ୍କ ପାଇଁ । 'ବନ୍ଦେ ମାତରମ୍' ଆହ୍ୱାନ ଦେଲା (ମର୍ମାନୁବାଦ) :

''ଆମକୁ କେଡ଼େ ବଡ଼ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ, ସେ ସମ୍ପର୍କରେ ଆମେ ସଚେତନ । ସୁରତ ବହୁ ଦୂରବର୍ତ୍ତୀ ସ୍ଥାନ । ଭ୍ରମଣ ପାଇଁ ଆବଶ୍ୟକୀୟ ଅର୍ଥର ପରିମାଣ ବିପୁଳ । ସ୍ୱଚ୍ଛଳ ଜାତୀୟବାଦୀଙ୍କ ସଂଖ୍ୟା ଅତ୍ୟଳ୍ପ । ପ୍ରସ୍ତୁତି ସକାଶେ ବେଳ ମଧ୍ୟ ନାହିଁ । ତଥାପି ଆମକୁ ଯିବାକୁହିଁ ହେବ । ସମସ୍ତ ଅସୁବିଧାକୁ ଉତ୍ସାହଭରେ ଅତିକ୍ରମ ନକରି ପାରିଲେ, ଅସମ୍ଭବକୁ ସମ୍ଭବ କରି ନପାରିଲେ, ଆମେ ଜାତୀୟବାଦୀ ବୋଲାଇବୁ କେମିତି ?

''ଯାବତୀୟ ବାଧାବିଘ୍ନ ଦୂରକୁ ଠେଲି ଦେବାକୁ ହେବ । ଭାରତୀୟ ଅଭିଧାନରୁ 'ଅସମ୍ଭବ' ଶବ୍ଦକୁ ଉଡ଼ାଇ ଦେବାକୁ ହେବ – ସେଥିପାଇଁ ଆମ ଦଳର ଅଭ୍ୟୁତ୍ଥାନ ।... ଆମେ ଭ୍ରମଣ-ବିଳାସ ପାଇଁ ଯାଉ ନାହୁଁ । ଆମେ ଗରିବ; ମାତୃଭୂମି ପ୍ରତି ଭକ୍ତିହିଁ ଆମର ଏକମାତ୍ର ଐଶ୍ୱର୍ଯ୍ୟ । ତୀର୍ଥଯାତ୍ରୀ ଭାବରେ ଆମର ଯାତ୍ରା ମାତୃମନ୍ଦିର ଉଦ୍ଦେଶ୍ୟରେ । ଆମ ଆଗରେ ରହିଛି ଏକ ମହାନ୍ କର୍ତ୍ତବ୍ୟ । ଏହି ବର୍ଷ ୧୯୦୭ ମସିହା ଆମ ନିୟତିକୁ ଦେବ ଏକ ଅପ୍ରତ୍ୟାଶିତ ମୋଡ଼ । ସୁରତ କଂଗ୍ରେସ ସମ୍ମିଳନୀ ଅନ୍ୟସବୁ ଅଧିବେଶନ ଭଳି ହେବ, ସେମିତି କଳ୍ପନା କର ନାହିଁ ।''(୧)

ସମ୍ଭବତଃ ଡିସେମ୍ବର ୧୦ ତାରିଖରେ ଶ୍ରୀଅରବିନ୍ଦ ମେଦିନୀପୁରରୁ କଲିକତା ପ୍ରତ୍ୟାବର୍ତ୍ତନ କଲେ ଏବଂ ରାଜା ସୁବୋଧ ମଲ୍ଲିକଙ୍କ ଆତିଥ୍ୟ ଗ୍ରହଣ କଲେ । ୧୧ ତାରିଖ ଦିନ ମଲ୍ଲିକଙ୍କ ପ୍ରାସାଦରେ ଅନୁଷ୍ଠିତ ବିପ୍ଳବୀ ନେତାମାନଙ୍କ ବୈଠକରେ ସୁରତ କଂଗ୍ରେସ ଯେପରି ତାତ୍ପର୍ଯ୍ୟପୂର୍ଣ୍ଣ ତଥା ସ୍ମରଣୀୟ ହେବ, ସେ ଦିଗରେ ଅଦମ୍ୟ ଉଦ୍ୟମ କରିବା ସ୍ଥିରୀକୃତ ହେଲା ।

ବାସ୍ତବରେ, ସୁରତ ଅଧିବେଶନରେ ଜାତୀୟ କଂଗ୍ରେସରେ ଯେଉଁ ଐତିହାସିକ ବିଭାଜନ ସଂଘଟିତ ହେଲା, ତାହାହିଁ ଭାରତର ଜାତୀୟ ମାନସରେ ସ୍ୱରାଜର ଆଭିମୁଖ୍ୟକୁ ଦୃଢ଼ୀଭୂତ କଲା ।

ସୁରତ ସମ୍ମିଳନୀର ବିଭ୍ରାଟ ଓ ବିଶେଷତ୍ୱ ପରବର୍ତ୍ତୀ ଏକାଧିକ ପରିଚ୍ଛେଦରେ ବର୍ଣ୍ଣିତ ହେବ । ବର୍ତ୍ତମାନ ଡିସେମ୍ବର ୨୦ ତାରିଖ (୧୯୦୭) ଦିନ ଇଂଲଣ୍ଡରୁ ଆଗତ ଜଣେ ବିରଳ

ପର୍ଯ୍ୟାୟର ସାମ୍ବାଦିକଙ୍କ ସହ ଶ୍ରୀଅରବିନ୍ଦଙ୍କ ସାକ୍ଷାତ୍‌କାର ଉପରେ ଦୃଷ୍ଟି ଦିଆଯାଉ ।

ହେନ୍‌ରି ନେଭିନ୍‌ସନ୍ (Henry W. Nevinson, ୧୮୫୬-୧୯୪୧) ସେତେବେଳେ ବ୍ରିଟିଶ-ନିୟନ୍ତ୍ରିତ ଭାରତୀୟ ସମ୍ବାଦପତ୍ର ସମୂହର ସାମ୍ବାଦିକ ବା ଖାସ୍ ବ୍ରିଟେନର ପେସାଦାର ସାମ୍ବାଦିକମାନଙ୍କ ଭିତରେ ଥିଲେ ଏକ ବ୍ୟତିକ୍ରମ । ଭାରତର ସଚେତନ ଜନସାଧାରଣଙ୍କର ରାଜନୈତିକ ଆସ୍ପୃହା ପ୍ରତି ସେ ଗଭୀର ସହାନୁଭୂତି ପୋଷଣ କରୁଥିଲେ । ଇଂଲଣ୍ଡର ଏକ ପ୍ରଭାବଶାଳୀ ଦୈନିକ 'ମାଞ୍ଚେଷ୍ଟର୍ ଗାର୍ଡ଼ିଆନ୍'ର ପ୍ରତିନିଧିରୂପେ ସେ ୧୯୦୭ ମସିହା ଅକ୍‌ଟୋବର ମାସରେ ଭାରତରେ ପହଞ୍ଚିଥା'ନ୍ତି । ଭାରତର ପରିସ୍ଥିତି ସମ୍ପର୍କରେ ସେ ଯେଉଁସବୁ ସଂବାଦ ଓ ସମୀକ୍ଷା ପ୍ରକାଶ କଲେ, ତାହା ଭାରତବର୍ଷର ତତ୍କାଳୀନ ବଡ଼ଲାଟ ଲର୍ଡ଼ ମିଣ୍ଟୋଙ୍କୁ ଏଡ଼େ କ୍ରୋଧାନ୍ୱିତ କଲା ଯେ ଆଲିପୁର ଷଡ଼୍‌ଯନ୍ତ୍ର ମାମଲାରେ ଶ୍ରୀଅରବିନ୍ଦ ଏବଂ ବିପ୍ଳବୀ ଯୁବକମାନେ ଗିରଫ ହୁଅନ୍ତେ ସେ ମହାଶୟ ବ୍ରିଟିଶ ସରକାରଙ୍କ ଭାରତ ବିଭାଗ ମନ୍ତ୍ରୀ ଲର୍ଡ଼ ମୋର୍ଲେଙ୍କୁ ୧୯୦୮ ମସିହା ମେ ୬ ତାରିଖରେ ଲେଖିଲେ :

''ମୋର ଇଚ୍ଛା, ଗିରଫ ହୋଇଥିବା ଏହି ଅଭାଗା ପ୍ରାଣୀ ପଞ୍ଚାଙ୍କ ସହ ନେଭିନ୍‌ସନ୍ ଭଳି ଲୋକଗୁଡ଼ିକୁ ମଧ୍ୟ ଆମେ କାଠଗଡ଼ାରେ ଠିଆ କରାଇ ପାରନ୍ତୁ ! (I wish we could put people like Nevinson in the dock with the wretched we have arrested !)[୨]

ଶ୍ରୀଅରବିନ୍ଦଙ୍କ ସହ ତାଙ୍କ ସାକ୍ଷାତ୍‌କାରର ବିବରଣୀ ନେଭିନ୍‌ସନ୍ ସାହେବ ଏହିଭଳି ଭାବରେ ପରିବେଷଣ କରିଛନ୍ତି : ''ଯେଉଁଠି ଆମର ସାକ୍ଷାତ୍ ହେବା କଥା, ବଡ଼ ଛକଟିଏ କଡ଼ରେ ଅବସ୍ଥିତ ସେ ସଦନରେ ମୁଁ ଯେତେବେଳେ ଯାଇ ପହଞ୍ଚିଲି ତାହା ଅନ୍ଧାରୁଆ ଓ ଜନଶୂନ୍ୟ ମନେହେଲା । ଜଣେ ହିନ୍ଦୁ ପରିଚାରକ ମୋତେ ଭିତରେ ନେଇ ବସାଇଲେ ଏବଂ କିଛି ସମୟ ଉତ୍ତାରୁ ଶ୍ରୀଅରବିନ୍ଦ ଘୋଷ ଏକାକୀ ବାହାରି ଆସିଲେ । ମୁଁ ଆସିବି ବୋଲି ତାଙ୍କୁ ଜଣା ନଥିଲା । କାରଣ ମୋ ଚିଠି ସେ ପାଇ ନଥିଲେ । ସେ ଖଣ୍ଡିକ ନିଶ୍ଚୟ ଡାକ ବିଭାଗରେ ଥିବା ଗୁପ୍ତଚରମାନେ ଗାଏବ କରିଥିଲେ । ସେ କହିଲେ କି ତାଙ୍କ ପାଖକୁ ପ୍ରେରିତ ପ୍ରାୟ ଯାବତୀୟ ଚିଠିର ଗତି ତାହାହିଁ ହୋଇଥାଏ । ସେ ସଂପର୍କରେ ଅଭିଯୋଗ କଲା ଭଳି ତାଙ୍କର ବିଶେଷ କିଛି କାରଣ ନଥିଲା । ସେ ଅଭିଯୋଗ କଲେ ନାହିଁ ମଧ୍ୟ । ଇଂଲଣ୍ଡର ଜଣେ ବିଶିଷ୍ଟ ବ୍ୟକ୍ତି ଭାରତରେ ଅବସ୍ଥିତ ଭାଇସ୍‌ରାୟଙ୍କ କାଉନ୍‌ସିଲର କୌଣସି ସଭ୍ୟଙ୍କ ପାଖକୁ ଲେଖିଥିବା ଚିଠି ନିକଟରେ ବମ୍ବେ (ମୁମ୍ବାଇ)ରେ ଖୋଲା ହୋଇଥିଲା । କଲିକତାରେ ଥିବା ଯେଉଁ ଇଂରେଜମାନଙ୍କର ଭାରତୀୟମାନଙ୍କ ସହ ସୁସମ୍ପର୍କ ଥିଲା, ସେମାନଙ୍କ ଚିଠିସବୁକୁ ମଧ୍ୟ ସେହି ଦଶା ଭୋଗିବାକୁ ପଡୁଥିଲା ବୋଲି ସେମାନେ ମୋତେ କହୁଥା'ନ୍ତି ।...

''ଶ୍ରୀ ଘୋଷ ଜଣେ ଯୁବକ । ମୋର ମନେହୁଏ ତିରିଶ ବର୍ଷ ବୟସ ବି ହୋଇ ନାହିଁ । ତାଙ୍କର ସୁଗଠିତ ମୁଖମଣ୍ଡଳରେ ତୀବ୍ର କୃଷ୍ଣବର୍ଣ୍ଣର ନୟନରୁ ଏଭଳି ଗାମ୍ଭୀର୍ଯ୍ୟପୂର୍ଣ୍ଣ ଦୃଷ୍ଟି ଉତ୍ସାରିତ ହେଉଥାଏ ଯାହା ମନେହେଲା ଅବିଚଳ, କିନ୍ତୁ ତାଙ୍କ ଚେହେରା ଓ ହାବଭାବ ଜଣେ ଇଂରେଜ ଗ୍ରାଜୁଏଟ ଭଳି ।... କିଛି କାଳ ପ୍ରଗତିଶୀଳ ରାଜ୍ୟ ବରୋଦାର (ଭଦୋଦୋରା) ଗାଏକ୍‌ୱାଡ଼୍‌ଙ୍କ ଶିକ୍ଷା ବିଭାଗରେ କାର୍ଯ୍ୟକରିବା ଅନ୍ତେ ସେ କଲିକତା ଆସିଥା'ନ୍ତି । ବର୍ତ୍ତମାନ ସେ ଜାତୀୟବାଦୀମାନଙ୍କ ନେତା – ଯେଉଁ ଯୁବକମାନେ ତିଳକଙ୍କୁ ମଧ୍ୟ କିଞ୍ଚିତ୍ ରକ୍ଷଣଶୀଳ ମନେକରନ୍ତି । ତାଙ୍କର ଜଣେ ଭାଇ ଇଂରାଜୀରେ କବି ଭାବରେ କିଛି ପ୍ରତିଷ୍ଠା ପାଇଥିଲେ ।

''କଲିକତା ବିଶ୍ୱବିଦ୍ୟାଳୟର ପ୍ରେସିଡ଼େନ୍‌ସି କଲେଜରେ ସେ ଇଂରାଜୀ ସାହିତ୍ୟର ପ୍ରଫେସର । ସେ ଇଂରାଜୀ ବ୍ୟାକରଣ ଏବଂ ଟେନିସନ୍‌ଙ୍କ 'ପ୍ରିନ୍‌ସେସ୍' (Princess) କବିତା ପଢ଼ାଉ ଥିବାର ମୁଁ ଦେଖିଥିଲି । ସେ ପାଣିଚିଆ କବିତାରେ ତାଙ୍କ ଅରୁଚି ସ୍ପଷ୍ଟ ବାରି ହୋଇ ପଡୁଥିଲା । ଆଉ ଜଣେ ଭାଇ ଚରମପନ୍ଥୀ-ମାନଙ୍କର ଏକ ଶାଖାର ଅନ୍ତର୍ଭୁକ୍ତ ବୋଲି ଜାଣୁଥିଲି ।

''ଅରବିନ୍ଦଙ୍କ ଲକ୍ଷ୍ୟ ଆୟାରଲାଣ୍ଡ୍‌ର ସିନ୍‌ଫିନ୍ (Sinn Fein) ବିଦ୍ରୋହର ସମତୁଲ ନୀତି ବୋଲି ସେ ମୋତେ ବୁଝାଇଲେ । ତାଙ୍କ ସ୍ୱଦେଶୀ ସର୍ବବ୍ୟାପୀ – ଖାଲି ବିଦେଶୀ ଦ୍ରବ୍ୟ ବର୍ଜନରେ ସୀମିତ ନୁହେଁ; ଜୀବନର ସବୁ ସ୍ତରକୁ ବ୍ୟାପ୍ତ । ସରକାର ଯେମିତି ଚାଲୁଛି ଚାଲୁଥାଉ – କିନ୍ତୁ ତାଙ୍କ ଜାତୀୟବାଦୀମାନେ ତାହାର ଅସ୍ତିତ୍ୱ ଜମାରୁ ସ୍ୱୀକାର କରିବେ ନାହିଁ । ଶାସନ ସଂସ୍କାରରୁ ସେ କିଛିହିଁ ଆଶା କରୁ ନଥିଲେ ।... ତାଙ୍କ ମତରେ ବଙ୍ଗଭଙ୍ଗ ଥିଲା ସବୁଠୁଁ ବଡ଼ ଆଶୀର୍ବାଦ । ଆଉ କିଛି ଦେଶବାସୀମାନଙ୍କ ଭିତରେ କ୍ଷିପ୍ର ଜାଗରଣ ଓ ଜାତୀୟତାବୋଧ ଉଜ୍ଜୀବିତ କରିପାରି ନଥା'ନ୍ତା ।

ସେ କହିଲେ କି ୧୮୩୦ରୁ ପ୍ରତି ପିଢ଼ିର ସରକାର

ଭାରତୀୟମାନଙ୍କୁ ମେଣ୍ଢାପଲ ଓ ହୃଷ୍ଟପୁଷ୍ଟ ଗୋଶାବକ ସ୍ତରକୁ ଅବନମିତ କରିଛି ।

''ଦୀର୍ଘକାଳ ଅବିକ୍ଷୁବ୍ଧ ବାତାବରଣରେ ଭାରତବର୍ଷର ଚେତନା ନିମ୍ନଗାମୀ ହୋଇଛି । ସାଧାରଣ ଲୋକେ କେବଳମାତ୍ର ସ୍ଥୂଳ ସମୃଦ୍ଧି ଏବଂ ଆରାମ ଲୋଡ଼ିଛନ୍ତି । ଚିନ୍ତାଶୀଳ ବ୍ୟକ୍ତିମାନେ ସାଂସ୍କୃତିକ ଚର୍ଚ୍ଚାରେ ବ୍ୟାପୃତ ରହିଛନ୍ତି — ଶେଲି ଓ ସ୍ୱିନ୍‌ବାର୍ଣ୍ଣଙ୍କୁ ତାରିଫ କରିଛନ୍ତି ବା ଅନୁକରଣ କରିଛନ୍ତି । ଯିଏ ଯେତେ ଅଧିକରୁ ଅଧିକ ଇଂରେଜ ବନିପାରିଛି, ଜୀବନ ତା'ର ସେତିକି ମାତ୍ରାରେ ସଫଳ ହୋଇଛି ବୋଲି ସେ ମନେ କରିଛି । ଫଳରେ ତା'ର ଜାତୀୟ ଜୀବନୀଶକ୍ତି ସେତିକି ମାତ୍ରାରେ କ୍ଷୀଣ ହୋଇଛି ।''

ଏହାପରେ ନେଭିନ୍‌ସନ୍ ଯାହା ଲେଖିଛନ୍ତି, ତା'ର ସାରକଥା ହେଲା, ବଡ଼ଲାଟ ଲର୍ଡ଼ କର୍ଜନ ବଙ୍ଗ ବିଭାଗ କରି ଯେଉଁ ବ୍ରିଟିଶ-ବିରୋଧୀ ଜାତୀୟତାବାଦ ଉଦ୍ଦୀପିତ କଲେ, ତାହାକୁ ତିନିଧାରାରେ ରୂପାୟିତ କରିବା ଥିଲା ଶ୍ରୀଅରବିନ୍ଦଙ୍କ ଯୋଜନା । ପ୍ରଥମତଃ, ଜାତୀୟ ଶିକ୍ଷାଧାରା; ଏହା ସରକାରୀ ନିୟନ୍ତ୍ରଣରୁ ସ୍ୱତନ୍ତ୍ର ରହିବ, କିନ୍ତୁ ଏ ଶିକ୍ଷାଧାରା ପାଶ୍ଚାତ୍ୟର ବୈଜ୍ଞାନିକ ବିକାଶକୁ ନିଜ ପାଠ୍ୟ-ସୂଚୀର ଅନ୍ତର୍ଭୁକ୍ତ କରିବ । ଦ୍ୱିତୀୟରେ ଜାତୀୟ ଶିଳ୍ପ; ଯେଉଁ କେତୋଟି ବସ୍ତୁ ଭାରତବର୍ଷରେ ଆପତତଃ ନିର୍ମିତ ହେବା ସମ୍ଭବପର ନୁହେଁ, ସେଗୁଡ଼ିକୁ ଛାଡ଼ି ଅନ୍ୟ ଯାବତୀୟ ବିଦେଶୀ ଦ୍ରବ୍ୟର ପରିବର୍ଜନ ଚାହି । ତୃତୀୟରେ ସରକାରୀ କୋର୍ଟ୍ କଚେରି ବଦଳରେ ଘରୋଇ ସ୍ତରରେ ନ୍ୟାୟନିଶାପର ପରମ୍ପରା ପ୍ରଚଳିତ ହେବ ।

ନେଭିନ୍‌ସନ୍ ଆହୁରି ବି ଲେଖିଛନ୍ତି, ଶ୍ରୀଅରବିନ୍ଦ ଏପରି ଏକ ଜାତୀୟବାଦୀ ଗଣତାନ୍ତ୍ରିକ ସ୍ୱାୟତ୍ତ ଶାସନର ପରିକଳ୍ପନା କରୁଥିଲେ, ଯାହା ଫଳରେ ବ୍ରିଟିଶ ଶାସନକଳ କିଛି କରିବାର ସୁଯୋଗ ପାଇବ ନାହିଁ ।

ଯେତେବେଳେ ଜନସାଧାରଣଙ୍କ ଚେତନା ଭୀରୁତା-କବଳିତ ହୋଇ ରହିଥାଏ, ସେତେବେଳେ ସେ ଭୀରୁତାକୁ ଦୂର କରିବାହିଁ ଜଣେ ଦେଶପ୍ରେମୀର ପ୍ରଥମ କର୍ତ୍ତବ୍ୟ । ଶ୍ରୀଅରବିନ୍ଦଙ୍କ 'ବନ୍ଦେ ମାତରମ୍'ରୁ ଏକ ସଂପାଦକୀୟର କିୟଦଂଶ ଉଦ୍ଧାର କରିଥିଲେ ନେଭିନ୍‌ସନ୍ : ''ସାହସହିଁ ତୁମର ମୁଖ୍ୟ ସଂପଦ । ବୀରତ୍ୱ ଏକ ଅନୁଭୂତି, ଯୁକ୍ତି ନୁହେଁ, ତେଣୁ ତାହା ସର୍ବଦା ଯଥାର୍ଥ । ତୁମେ ଯଦି ତୁମ ଦେଶର ମୁକ୍ତି ହାସଲ କରିବାକୁ ଚାହଁ, ତୁମକୁ ବୀରତ୍ୱ ସହକାରେ ସେ କାମଟି କରିବାକୁ ହେବ । ତୁମେ ବାହାରୁ କୌଣସି ସାହାଯ୍ୟ ଆଣିବାରୁ ନିଜକୁ ସ୍ୱେଚ୍ଛାକ୍ରମେ ବଞ୍ଚିତ କରିଛ ନିଜ ଭିତରେ ଶକ୍ତି ବିକାଶ କରିବା ନିମନ୍ତେ । ଅନ୍ଧକାର ତୁମକୁ ବେଷ୍ଟନ କରିବ, ହତାଶା ବାଟ ଓଗାଳିବ, ତୁମକୁ ଅନୁସରଣ କରିବ କୁତ୍ସା, କିନ୍ତୁ ତୁମମାନଙ୍କୁ ଆପଣା ଉପରେ, କେବଳମାତ୍ର ଆପଣା ଉପରେହିଁ ନିର୍ଭର କରିବାକୁ ପଡ଼ିବ ।''[୩]

ନେଭିନ୍‌ସନ୍ ଶ୍ରୀଅରବିନ୍ଦଙ୍କୁ ଭେଟିବାର ବହୁବର୍ଷ ପରେ ୧୯୩୯ ଜାନୁଆରୀ ୩ ତାରିଖରେ ଅନୁଗତମାନଙ୍କ ସହ ଆଳାପ ଅବସରରେ ଶ୍ରୀଅରବିନ୍ଦ କହିଥିଲେ :

''ନେଭିନ୍‌ସନ୍‌ଙ୍କ ସହ ମୋର ଦୁଇଥର ସାକ୍ଷାତ୍ ହୋଇଥିଲା : ଥରେ ବଙ୍ଗଦେଶରେ ସୁବୋଧ ମଲ୍ଲିକଙ୍କ ଘରେ । ପୁଣି ଦେଖାହେଲା ଯେତେବେଳେ ମୁଁ ସୁରଟଠାରେ ଜାତୀୟ କଂଗ୍ରେସର ସଭାପତି । ସେତେବେଳେ ବି ମୁଁ ହସି ପାରି ନଥା'ନ୍ତି — ଯେହେତୁ ମୁଁ ସଭାପତି ! ତେଣୁ ସେ ମୋ ସମ୍ପର୍କରେ ଦେଇଥିଲେ ଏମନ୍ତ ମନ୍ତବ୍ୟ : ଯିଏ କେବେ ବି ହସନ୍ତି ନାହିଁ ।''[୪]

ଶ୍ରୀଅରବିନ୍ଦ ନେଭିନ୍‌ସନ୍‌ଙ୍କ ତୀକ୍ଷ୍ଣ ଏବଂ କ୍ଷିପ୍ର ବୁଦ୍ଧିମତ୍ତାର ତାରିଫ କରିଛନ୍ତି ।[୫]

(କ୍ରମଶଃ) ❑

---

### ତଥ୍ୟ ନିର୍ଦ୍ଦେଶିକା


୧. 'ବନ୍ଦେ ମାତରମ୍'; CWSA, Vol. 7, P. 787

୨. ମନୋଜ ଦାସ : Sri Aurobindo in the First Decade of the 20th Century; ଶ୍ରୀଅରବିନ୍ଦ ଆଶ୍ରମ ।

୩. Henry W. Nevinson : The New Spirit in India.

୪. ମନୋଜ ଦାସ : Sri Aurobindo in the First Decade of the 20th Century; ଶ୍ରୀଅରବିନ୍ଦ ଆଶ୍ରମ ।

୫. ଶ୍ରୀଅରବିନ୍ଦ : Karmayogin; SABCL, Vol. 2, P. 286

ଯୋଗସମନ୍ୱୟ (୬୮)

# ସାଧନଚୟର ଶକ୍ତି-ବୀର୍ଯ୍ୟର ସାଧନା

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ଚତୁର୍ଦ୍ଦଶ ଅଧ୍ୟାୟ ''ସାଧନଚୟର ଶକ୍ତି'' (**The Synthesis of Yoga, Part - IV, The Yoga of Self-Perfection, Chapter - XIV "The Power of the Instruments"**ର ଅବଲମ୍ବନରେ ।]


## ପୂର୍ଣ୍ଣଚନ୍ଦ୍ର ମହାପାତ୍ର


"A deathbound littleness is not all we are :
Immortal our forgotten vastnesses
Await discovery in our summit selves ;
Unmeasured breadths and depths
of being are ours."

(Savitri, p. 46)

ଏହାର ଭାବାନୁବାଦ :

''କେ କହେ ଆମକୁ ମରଣସୀମିତ ନର ଭୁଲିଛୁ ନିଜକୁ ଆମେ
ଅମୃତ ଆମେ ଭୂମା ସୁବିଶାଳ ନିଜ ସତ୍ତାର ଶିଖରେ
କରିବୁ ତାକୁ ଆମେ ଆବିଷ୍କାର ମାପି
ନୁହେଁ ଯାହାର ଲମ୍ବ ଓ ପ୍ରସ୍ଥ ଆଉ ବି ଗଭୀର ତଳ ।''

ଆମ ଯୋଗ ପୂର୍ଣ୍ଣଯୋଗ । ଏହି ଆତ୍ମପରିପୂର୍ଣ୍ଣତାର ପ୍ରଥମ ଅଙ୍ଗ ସମତା । ଏ ସମ୍ପର୍କରେ ପୂର୍ବେ ଆଲୋଚନା କରିସାରିଛୁ । ଏବେ ଏହାର ଦ୍ୱିତୀୟ ଅଙ୍ଗ ''ସାଧନଚୟର ଶକ୍ତି'' ସମ୍ପର୍କରେ ଆଲୋଚନା କରିବା । ଏହି ଅଙ୍ଗଚୟ ହେଲେ – ବୁଦ୍ଧି, ମନ, ହୃଦୟ (ଚିତ୍ତ), ପ୍ରାଣ, ଦେହ । ଏମାନଙ୍କର ଶୁଦ୍ଧତା କେବଳ ଲକ୍ଷ୍ୟ ନୁହେଁ, ଶୁଦ୍ଧତା ସହ ଶକ୍ତିବୃଦ୍ଧି ମଧ୍ୟ ଆବଶ୍ୟକ । ଆମକୁ ଈଶ୍ୱରତୁଲ୍ୟ ପରିପୂର୍ଣ୍ଣ, ଅମୃତମୟ, ସର୍ବଭାବେ ଶକ୍ତିମୟ ହେବାକୁ ପଡ଼ିବ । ଏହା ଆମର ଜନ୍ମଗତ ଅଧିକାର । ପୂର୍ଣ୍ଣଯୋଗ ଏହା ସାଧନ କରିବ ଯାହାକୁ ଆମେ ବିସ୍ମରଣ କରିଯାଇଛୁ ।

ଯେଉଁ ସାଧନାରେ କେବଳ ବ୍ରହ୍ମୋପଲବ୍ଧି ଲକ୍ଷ୍ୟ, ମୁକ୍ତି ଲକ୍ଷ୍ୟ, ସ୍ୱର୍ଗ ଲକ୍ଷ୍ୟ, ଯେଉଁଠି ସଂସାର ଓ ସାଂସାରିକ ଜୀବନ ମିଥ୍ୟା-ମାୟା ଅଥବା ସେପରି କିଛି ଅର୍ଥପୂର୍ଣ୍ଣ ମନେହୁଏ ନାହିଁ, ବ୍ୟକ୍ତିର ବିକାଶ ସହ ସଂସାରର ବିକାଶ, ମନୁଷ୍ୟସମାଜର ପୂର୍ଣ୍ଣତା ସମ୍ପର୍କରେ କଳ୍ପନା ବି କରିବା ସମ୍ଭବ ନୁହେଁ, ସେଠାରେ ଆତ୍ମାର ସାଧନଗୁଡ଼ିକର ଶକ୍ତିବୃଦ୍ଧିର ପ୍ରଶ୍ନ ଉଠେ ନାହିଁ । ମାତ୍ର ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ଲକ୍ଷ୍ୟ ବ୍ୟକ୍ତି ଓ ସମାଜର ପରିପୂର୍ଣ୍ଣତା । ଏଣୁ ସତ୍ତାର ସକଳ ସାଧନଗୁଡ଼ିକର ପରିପୂର୍ଣ୍ଣତା ଏଥିପାଇଁ ଅପରିହାର୍ଯ୍ୟ । ଏହାର ଅର୍ଥ ପ୍ରକୃତିର ସାଧନଚୟର ସାମର୍ଥ୍ୟକୁ ସମୁନ୍ନତ, ବିସ୍ତୃତ ଓ ବିଶୁଦ୍ଧ କରିବାକୁ ହେବ । କାରଣ ଯେଉଁଠି ସାଧନ ଅପୂର୍ଣ୍ଣ, ସେଠାରେ ସିଦ୍ଧି ସମ୍ପୂର୍ଣ୍ଣ ହେବ କିପରି ?

ସର୍ବପ୍ରଥମେ ଆମେ ସର୍ବଶେଷ ବିଷୟ ଯାହା ଯାବତୀୟ କ୍ରିୟାର ଭୌତିକ ଅଂଶ ଅର୍ଥାତ୍ ଦେହ, ସେସମ୍ପର୍କରେ ଆଲୋଚନା କରିବା । ଦେହ କେବଳ ଏକ ବହିଃସାଧନ ନୁହେଁ । ଏହା କେତେକ ଅନ୍ତର୍ଗତ କ୍ରିୟା ଲାଗି ଏକ ଆଧାର ମଧ୍ୟ । କିନ୍ତୁ ଅନେକ ଆଧ୍ୟାତ୍ମିକ ସାଧନାରେ ଦେହ ଉପେକ୍ଷିତ ଅଥବା ଏହାକୁ ଗୌଣ ବା ଅବଜ୍ଞା ଦୃଷ୍ଟିରେ ଦେଖାଯାଏ । ତା'ର କାରଣ ଦେହ ଚେତନା ମୂଢ଼ ଏବଂ ଚିତ୍‌ପ୍ରକାଶରେ ଏହା ବିଶେଷ ବାଧା ବୋଲି କେତେକେ ମନେ କରନ୍ତି । କାରଣ ତା' ମଧ୍ୟରେ ରହିଛି ବହୁ ଅବାଞ୍ଛନୀୟ ସଂସ୍କାରର ଜମାଟ । ଏହା ଯେ ସମ୍ପୂର୍ଣ୍ଣ ମିଥ୍ୟା ତା' ନୁହେଁ, କିନ୍ତୁ ଦେହକୁ ବାଦ୍ ଦେଇ ପରିପୂର୍ଣ୍ଣତାର ଯୋଗ ସମ୍ଭବ ନୁହେଁ । କାରଣ ସାଧନାର ପରମ ଓ ଚରମ ଫଳପ୍ରାପ୍ତି ପାଇଁ ଦେହର ଅପରିହାର୍ଯ୍ୟତାକୁ ଅସ୍ୱୀକାର କରିହେବ ନାହିଁ । ଆମ ଦେହ, ପ୍ରାଣ, ମନ ହେଲା ଆତ୍ମ-ଚେତନାର ଆଶ୍ରୟ ଓ ପ୍ରକାଶର କ୍ଷେତ୍ର । ଦେହ ବ୍ୟକ୍ତି-ଜୀବନ ଓ ସମାଜ ମଧ୍ୟରେ ସଂଯୋଗର ସେତୁ । ଏହା ଏଥିପାଇଁ ଗୁରୁତ୍ୱ ବହନ କରେ । ଏଣୁ ତାକୁ ବର୍ଜନ ନକରି ମାର୍ଜନ କରିବାକୁ ହେବ । ଆଧ୍ୟାତ୍ମିକ ଚେତନା ଯଦି ଅଗ୍ନି, ଦେହ ହେଲା ତା'ର ଇନ୍ଧନ । ଇନ୍ଧନକୁ ଯୋଗ-ଅଗ୍ନିମୟ କରିବାକୁ ବା ଦିବ୍ୟ କରିବାକୁ ହେବ ।

ଏଥିପାଇଁ ସାଧକର ପ୍ରଥମ ଅପରିହାର୍ଯ୍ୟ ସାଧନା ହେବ

ଦେହ-ସଚେତନତା । ନୂତନ ଦେହ ସୃଷ୍ଟି ପୂର୍ବରୁ ଏହା ହେବ ପ୍ରାଥମିକ କାର୍ଯ୍ୟ । ଦେହକୁ ଉଚ୍ଚତର ଚେତନା ଗ୍ରହଣ କରିବାକୁ ଶିକ୍ଷା ଦେବାକୁ ହେବ । ଦେହକୁ ତା'ର ପୁରୁଣା ଅଭ୍ୟାସର ଦାସତ୍ୱରୁ ମୁକ୍ତି ଦେବାକୁ ହେବ । ସେ ଜଡ଼ତାରୁ ମୁକ୍ତ ହେବ । ଦେହ, ମନ ଓ ଆତ୍ମ-ସଂକଳ୍ପର ଚାପକୁ ସହଜରେ ଓ ଶ୍ରଦ୍ଧାର ସହ ସହ୍ୟ କରିବାକୁ ଶିକ୍ଷା ଗ୍ରହଣ କରିବ । ମନ ଜାଣେ ଦେହ ଉପରେ ଚାପ ପଡ଼ିଲେ ସେ କିପରି ପ୍ରତିକ୍ରିୟା ଜଣାଏ । ଆତ୍ମସମୀକ୍ଷା କଲେ ଜାଣିହୁଏ ଦେହ କିପରି ଯୋଗ-କ୍ରିୟାରେ ପ୍ରତିରୋଧ କରେ । ଏହା ଜାଣି ତାକୁ ନୂତନ ଅଭ୍ୟାସରେ ପକାଇବାକୁ ହେବ ଏବଂ ପୁରୁଣା ପ୍ରତିକ୍ରିୟା ଓ ଯୋଗ-ବିରୋଧୀ ଅଭ୍ୟାସକୁ ବର୍ଜନ କରିବାକୁ ହେବ । କେଉଁଟା ଦେହର ବିକାଶରେ ଆବଶ୍ୟକ, କ'ଣ ଅନାବଶ୍ୟକ ତାହା ଦେହକୁ ଶିକ୍ଷା ଦେବାକୁ ହେବ । ଦେହକୁ ଦିବ୍ୟଶକ୍ତିର ଗ୍ରହଣଶୀଳ ହେବା ପାଇଁ ଅଧିକ ସ୍ୱଚ୍ଛ, ନୀରୋଗ, ସୁସ୍ଥିର, ଲଘୁ, ଶାନ୍ତ ଓ ପ୍ରତିକ୍ରିୟାବିହୀନ ହେବାକୁ ପଡ଼ିବ । ତାହାହେଲେ ଅନ୍ତରାତ୍ମାକୁ ବା ଉର୍ଦ୍ଧ୍ୱ ଜଗତରୁ ଯେଉଁ ଶକ୍ତିର ଅବତରଣ ଘଟେ ତା' ପ୍ରତି ଦେହ ଗ୍ରହଣଶୀଳ ଓ ସମର୍ପିତ ହୋଇପାରିବ । ମାତ୍ର ସାଂପ୍ରତିକ ଅବସ୍ଥାରେ ଦେହ ଉର୍ଦ୍ଧ୍ୱରୁ ଅବତରିତ ଶକ୍ତି ପ୍ରତି ବିରୋଧ ବା ପ୍ରତିକ୍ରିୟା ଦେଖାଉଛି ଅଥବା ତହିଁରେ ଖାଦ ମିଶାଇ ତା'ର ଶୁଦ୍ଧତା ନଷ୍ଟ କରିଦେଉଛି । କ୍ଷେତ୍ର ବିଶେଷରେ ସେ ହସ୍ତକ୍ଷେପ ବି କରୁଛି । ଭଗବତ୍ ଦିବ୍ୟ-ସଂଗୀତକୁ ଏହା ବେତାଳ ଓ ଛନ୍ଦୋହୀନ କରିପକାଉଛି । ଏବେ ଆମକୁ ଏହାର ସଂଶୋଧନ କରି ବିପରୀତ ଦିଗରେ କାର୍ଯ୍ୟ କରିବାକୁ ହେବ । ଦେହ ଯେବେ ଦିବ୍ୟ-ସଂଗୀତର ନିର୍ଦ୍ଦୋଷ, ଶ୍ରଦ୍ଧାବାନ୍ ସହଯୋଗୀ ଓ ଗ୍ରହଣଶୀଳ ହେବ, ତେବେ ଦିବ୍ୟ-ସଂଗୀତ ଦେହଭୂମିରେ ପୂର୍ଣ୍ଣତା ଲାଭ କରିପାରିବ ଓ ପ୍ରକାଶିତ ହେବ ।

ଏବେ ମନକୁ ଦେହର ପ୍ରକୃତ ପ୍ରଭୁତ୍ୱ ଲାଭ କରିବାକୁ ଶିକ୍ଷା ଦେବାକୁ ହେବ । କିନ୍ତୁ ଏହା ବି ଯଥେଷ୍ଟ ନୁହେଁ । ଏହା ଆରମ୍ଭ ମାତ୍ର, ମନର ସଂକଳ୍ପର ମଧ୍ୟ ଗୋଟେ ସୀମା ଅଛି, ଏହାକୁ ମଧ୍ୟ ମନଠାରୁ ଉଚ୍ଚତର ସାମର୍ଥ୍ୟ ନିକଟରେ ସମର୍ପିତ ହେବାକୁ ପଡ଼ିବ । ସେହି ଉଚ୍ଚତର ସାମର୍ଥ୍ୟ ହେବ ଆତ୍ମାର ବା ଈଶ୍ୱରଙ୍କର ଅଥବା ଯାହାକୁ କହିପାରିବା ଅତିମାନସର । କିନ୍ତୁ ଏ ଆଲୋଚନା ଏବେ ଆରମ୍ଭ କରିବା ନାହିଁ । କାରଣ ଦେହ ଅତିମାନସ ଶକ୍ତିକୁ ଗ୍ରହଣ କରିବାକୁ ଏ ପର୍ଯ୍ୟନ୍ତ ସମର୍ଥ ନୁହେଁ । ଯଦି ଦେହକୁ ଏଥିପାଇଁ ବାଧ୍ୟ କରାଯାଏ, ଏଥିରୁ ଶକ୍ତିର ଅପବ୍ୟୟ ବା ଅପଚୟହିଁ ସାରହେବ । କାରଣ ଏଥିରେ ଦେହ ସ୍ଥିରତା ଓ ଧୈର୍ଯ୍ୟ ହରାଇବସିବ । ପ୍ରଥମେ ଏଥିପାଇଁ ତାକୁ ପ୍ରସ୍ତୁତ କରିବାକୁ ହେବ । ବେଦ କହନ୍ତି କଞ୍ଚା ହାଣ୍ଡି ହେଲା ଅପୂର୍ଣ୍ଣ ଓ ଦୋଷଯୁକ୍ତ ଆଧାର । ଏହା ତା' ମଧ୍ୟରେ ଆଧେୟକୁ ପୂର୍ଣ୍ଣରୂପେ ସାଇତି ରଖିବ କିପରି ? ଦେହ ଏହି କଞ୍ଚା ହାଣ୍ଡି ଭଳି ଅପୂର୍ଣ୍ଣ ଆଧାର । ଦିବ୍ୟଚେତନା ବା ଅତିମାନସ ଘୃତ, ମଧୁ ଭଳି ଶୁଦ୍ଧ ଆଧେୟ । ଏପର୍ଯ୍ୟନ୍ତ ଦିବ୍ୟଚେତନାକୁ ଅକ୍ଷତ ଓ ଅକ୍ଷୁଣ୍ଣ ଅବସ୍ଥାରେ ରଖିବାରେ ଦେହ ସମର୍ଥ ହୋଇ ନାହିଁ । ଏଣୁ ତାକୁ ପ୍ରଥମେ ଏଥିପାଇଁ ଯୋଗ୍ୟ ବା ସମର୍ଥ କରିବାକୁ ହେବ । ଆମର ଯାବତୀୟ କ୍ରିୟା ଲାଗି ଶରୀରରୂପୀ ସାଧନକୁ ନୂତନ କରି ଗଢ଼ିବାକୁ ହେବ ଯେପରି ଅନ୍ୟାନ୍ୟ ସାଧନକ୍ଷେତ୍ର ଯଥା ପ୍ରାଣ, ହୃଦୟ ଓ ମନକୁ ନୂତନ ଓ ସମର୍ଥ ରୂପ ଦେବାକୁ ହୁଏ । ଦେହର ଗୋଟିଏ ଦୋଷ ହେଲା କିଛି କାର୍ଯ୍ୟ କଲା ପରେ ତାକୁ କ୍ଳାନ୍ତି ଓ ଅବସାଦ ଗ୍ରାସ କରେ । ଦେହ କର୍ମରେ ଯଦି କ୍ଳାନ୍ତି ଅନୁଭବ ନକରେ, ସେତେବେଳେ ଚେତନା ଭୂମିରେ ସେ କିଛି ଅଗ୍ରସର ହୋଇଛି ବୋଲି ବୁଝିହୁଏ । ଏହା ଶରୀରର ନୂତନ ଅଭ୍ୟାସ ଗ୍ରହଣ କରିବାର ସୂଚନା ଦିଏ । ଦେହର ପ୍ରତି ଅଙ୍ଗର ଏପରି ପ୍ରସ୍ତୁତି ସ୍ୱାଗତଯୋଗ୍ୟ । ଏହା ତା'ର ଉଚ୍ଚତର ଶକ୍ତି ଗ୍ରହଣରେ ଦୃଢ଼ତା ଓ ନବଶକ୍ତି ଗ୍ରହଣଶୀଳତାର ପ୍ରମାଣ ଦିଏ । ଏହା ମାଂସପେଶୀର ଶକ୍ତି ନୁହେଁ, ଶାରୀରିକ ବଳ ନୁହେଁ । କାରଣ ଉଚ୍ଚତର ଶକ୍ତି ସ୍ଥୂଳ ଶକ୍ତି ନୁହେଁ, ତାହା ସୂକ୍ଷ୍ମ ଓ ଚେତନାର ଶକ୍ତି । ସ୍ଥୂଳଶକ୍ତି ବ୍ୟାୟାମ ଲବ୍ଧ ବା ଭିଟାମିନ୍‌ଲବ୍ଧ । ଆମ ଚତୁର୍ଦ୍ଦିଗରେ ସୂକ୍ଷ୍ମଶକ୍ତିର ଏକ ମହାସାଗର ଅଛି । ଏହା ଆମ ମଧ୍ୟରେ ପ୍ରାଣଶକ୍ତିର ଧାରକ । ଯୋଗ ମାଧ୍ୟମରେ ଆମକୁ ସେହି ଧାରଣ-ଶକ୍ତିକୁ ପ୍ରାପ୍ତ କରିବାକୁ ହେବ, ମା' ନିଜ ଉପରେ ଏହାର ଅନେକ ସଫଳ ପରୀକ୍ଷା କରିଛନ୍ତି । ବିନା ଖାଦ୍ୟରେ ବା ସ୍ୱଳ୍ପ ଖାଦ୍ୟରେ ଓ ବିନା ନିଦ୍ରାରେ ସେ ବର୍ଷ ବର୍ଷ କଟାଇ ପାରିଛନ୍ତି ତଥାପି ତାଙ୍କର ଶକ୍ତି ଅକ୍ଷତ ଓ ଅକ୍ଷୁଣ୍ଣ ରହିପାରୁଥିଲା ।

ଆମକୁ ଯେପରି ହେଲେ ଦେହକୁ ପରିପୂର୍ଣ୍ଣ ଚିତ୍‌ଶକ୍ତିର ବାହନ ବା ଯନ୍ତ୍ର କରିବାକୁ ହେବ । ଉପନିଷଦ୍‌ର ମତରେ ଏହା ଭୂତଶୁଦ୍ଧିର ଫଳ । ଏହାଯୋଗୁଁ ଦେହ ଯୋଗାଗ୍ନିମୟ ହୋଇଯାଏ । ଦେହ ମଧ୍ୟରେ ଯେଉଁ ଜଡ଼ତ୍ୱର ଅବସାଦ ବା ସ୍ତିମିତ ଅବସ୍ଥା ଅଛି, ଯେଉଁ ରାଜସିକ ବିକାର ଓ ଚାଞ୍ଚଲ୍ୟ ଅଛି ତାକୁ ସମ୍ପୂର୍ଣ୍ଣ ଦୂର କରି ତା'ମଧ୍ୟରେ ମହତ୍ତ୍ୱ, ବଳ, ଲଘୁତା,

ଧାରଣ ସାମର୍ଥ୍ୟ ପ୍ରଭୃତି ଯୌଗିକ କାୟ ସମ୍ପଦର ଆବିର୍ଭାବ ଘଟାଇବାହିଁ ଲକ୍ଷ୍ୟ । ଏହା ବାହ୍ୟିକ ବୋଲି କେବଳ କହିବା ନାହିଁ, ଏହା ମଧ୍ୟ ସୂକ୍ଷ୍ମ ଓ ଆନ୍ତରିକ ।

ମାତ୍ର ହଠଯୋଗରେ ଏହି ଦେହକୁ ଚିତ୍-ଶକ୍ତିର ବାହନ କରିବାରେ ଆସନ-ପ୍ରାଣାୟମର ସାହାଯ୍ୟ ନିଆଯାଏ । କିନ୍ତୁ ଏହା ପୂର୍ଣ୍ଣ ଫଳପ୍ରଦାନରେ ସମର୍ଥ ନୁହେଁ । ଏହାର ସାହାଯ୍ୟ ସୀମିତ । ବିଶ୍ୱ-ପ୍ରାଣ ସହ ସଂଯୁକ୍ତ ହେବା ପାଇଁ ଅଧିକତର ସୂକ୍ଷ୍ମ କ୍ରିୟା ଆବଶ୍ୟକ । ମନଃସଂକଳ୍ପ ଏଥିପାଇଁ ଯଥେଷ୍ଟ ନୁହେଁ । ଏହାକୁ ଅତିକ୍ରମ କରି ଆଧ୍ୟାତ୍ମିକ ଶକ୍ତିର ଉପଯୋଗ କରିବାକୁ ହେବ ଓ ଉଚ୍ଚତର ସଂକଳ୍ପକୁ ବ୍ୟବହାର କିପରି କରିବା ତାହା ଶିଖିବାକୁ ହେବ ।

ମା' ଏଥିପାଇଁ ସ୍ଥୂଳ ଖାଦ୍ୟ, ପାନୀୟ ଉପରେ ନିର୍ଭର ନକରି ବିଶ୍ୱପ୍ରାଣ-ଜଗତରୁ ଶକ୍ତି ସଂଗ୍ରହ କରୁଥିଲେ । ପୂର୍ବେ କହିଛୁ ସେ ବର୍ଷ ବର୍ଷ ଧରି ଅତି ସ୍ୱଳ୍ପ ଖାଦ୍ୟ ଗ୍ରହଣ କରୁଥିଲେ, ପ୍ରାୟଶଃ ନିଦ୍ରାହୀନ ରହି ଅବିରତ କର୍ମ କରି ମଧ୍ୟ କ୍ଳାନ୍ତି ଅନୁଭବ କରୁ ନଥିଲେ । ତଥାପି ସେ ପରିବେଶର ସାମାନ୍ୟତମ ଶୃଙ୍ଖଳାକୁ ମଧ୍ୟ ଗୁରୁତ୍ୱ ଦେଉଥିଲେ । ଅବତାରମାନେ ପ୍ରକୃତିର ନୂତନ ନିୟମ ପ୍ରବର୍ତ୍ତନ ନକଲାଯାଏ, ପୂର୍ବ ନିୟମକୁ ମାନିବାକୁ ଗୁରୁତ୍ୱ ଦେଇଥା'ନ୍ତି । ତଥାପି ବିଶ୍ୱ-ପ୍ରାଣଶକ୍ତି ବିଶ୍ୱ-ଅଜ୍ଞାନ (Cosmic-ignorance)ରୁ ମୁକ୍ତ ନୁହେଁ । ଏଣୁ ଅତିମାନସିକ-ପ୍ରାଣଶକ୍ତି (Supramental life force)କୁ ଆବାହନ କରିବାକୁ ହେବ । ଅତିମାନସ ସଂକଳ୍ପ ଶକ୍ତି (Supramental will) ସକ୍ରିୟ ହେଲେ ଏହା ସମ୍ଭବପର । ମାତ୍ର ଏଥିପାଇଁ ମୂଳତଃ ଶ୍ରଦ୍ଧା ଓ ବିଶ୍ୱାସ ପ୍ରୟୋଜନ । ଅତିମାନସ ବିଷୟ ବା ବିଜ୍ଞାନ ଚେତନା ଓ ତା'ର ଅବତରଣ ଓ କ୍ରିୟା ସମ୍ପର୍କରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ପୂର୍ବରୁ ଯଦିଚ ସାମାନ୍ୟ ସୂଚନା ଭାବେ କେଉଁଠି କିଛି ବେଦ, ଉପନିଷଦରେ ଥିଲା, ତଥାପି ତାହା ସ୍ପଷ୍ଟ, ବିଶଦ ଓ ବାସ୍ତବଭାବେ ଶ୍ରୀମା ଶ୍ରୀଅରବିନ୍ଦଙ୍କଠାରୁ ଆମେ ମୁଖ୍ୟତଃ ଜାଣିଛୁ । ପୂର୍ବ ସଂସ୍କାରବଶତଃ ଏଥିରେ ବିଶ୍ୱାସ ଆଣିବା ସହଜ ନୁହେଁ । ମାତ୍ର ଏହି ପୂର୍ଣ୍ଣଯୋଗର ଚାବିକାଠି ଅତିମାନସରେ, ଏଥିରେ ଶ୍ରଦ୍ଧା ଓ ବିଶ୍ୱାସ ନ ରଖିଲେ ଏ ରୂପାନ୍ତରଯୋଗ ସାଧନା ଅସମ୍ଭବ । ଏଣୁ ଶ୍ରୀମା-ଶ୍ରୀଅରବିନ୍ଦଙ୍କଠାରେ ଶ୍ରଦ୍ଧା ଓ ବିଶ୍ୱାସ ସହ ତାଙ୍କ ଶାସ୍ତ୍ର ବା ପୂର୍ଣ୍ଣଯୋଗ ଦର୍ଶନ ବା ଏହି ବେଦାନ୍ତରେ ପୂର୍ଣ୍ଣ ଶ୍ରଦ୍ଧା ଓ ବିଶ୍ୱାସ ରଖିବାକୁ ହେବ । କାରଣ ଶାସ୍ତ୍ର ମତ ହେଲା, ''ଗୁରୁ-ବେଦାନ୍ତବାକ୍ୟାଦିଷୁ ବିଶ୍ୱାସଃ ଶ୍ରଦ୍ଧା'' । ଏ ବିଶ୍ୱାସ ଅନ୍ଧ ବିଶ୍ୱାସ ନୁହେଁ । ଏହା ଶୁଦ୍ଧ ବୁଦ୍ଧିର ନିଷ୍କର୍ଷଜନିତ ସିଦ୍ଧାନ୍ତ ମଧ୍ୟ । ପ୍ରକୃତ ପନ୍ଥା ହେଲା ''ଶାସ୍ତ୍ରେଷୁ ଗୁରୁବାକ୍ୟେଷୁ ସତ୍ୟବୁଦ୍ଧ୍ୟାବଧାରଣାତ୍, ସା ଶ୍ରଦ୍ଧା କଥିତା ସଦ୍‌ଭିଃ ଯୟା ବସ୍ତୂପଲଭ୍ୟତେ'' ଶାସ୍ତ୍ରର ବାଣୀ ତଥା ଗୁରୁଙ୍କ ଉପଦେଶକୁ ସତ୍ୟରୂପେ ସ୍ୱୀକାର କରିବାକୁ ହେବ । ଏହାକୁ ସାଧନା କ୍ଷେତ୍ରରେ ହୃଦୟଙ୍ଗମ କରି ଏହାର ମହତ୍ତ୍ୱ ବୁଝି ସତ୍ୟାନୁସନ୍ଧାନ କରିବାକୁ ହେବ । ଶ୍ରଦ୍ଧାର ଗୁରୁତ୍ୱ ମଧ୍ୟ ଗୀତାରେ ଉପଲବ୍ଧ । ''ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍'' । ଶ୍ରଦ୍ଧାବାନ୍ ଜ୍ଞାନାଧିକାରୀ ହୁଏ । ଯୁକ୍ତିହୀନ ବିଶ୍ୱାସ ହେଲା ଅନ୍ଧ । ଆଉ ବିଶ୍ୱାସହୀନ ଯୁକ୍ତି ମଧ୍ୟ ଦମ୍ଭ ଓ ଅଭିମାନ ।

ଯଥାର୍ଥ ଶ୍ରଦ୍ଧା ହେଲା ବୃହତ୍‌ର ଆବେଶର ଅନୁଭବ । ମୋର ଦେହ ବିଶ୍ୱଜଡ଼ର, ପ୍ରାଣ ବିଶ୍ୱପ୍ରାଣର, ମନ ବି ବିଶ୍ୱମନର ଅଂଶବିଶେଷ । ମୁଁ ସୀମାରୁ ଭୂମାକୁ ଅତିକ୍ରମ କରି ଏହିଭାବେ ଉଠିଯିବା ଦ୍ୱାରା ସର୍ବବ୍ୟାପ୍ତ ହୋଇପାରିବି ।

ଏବେ 'ପ୍ରାଣକଥା' ଆଲୋଚନା କରିବା । ଶରୀର, ମନ, ପ୍ରାଣ ଏକ ଅଖଣ୍ଡ ତତ୍ତ୍ୱର ବିଭାବ । ପ୍ରାଣ ଚୈତନ୍ୟର ଶକ୍ତି, ଯେଉଁ ଶକ୍ତି ସର୍ବବ୍ୟାପକ । ଚୈତନ୍ୟ କେବେ ଶକ୍ତିହୀନ ନୁହେଁ । ତା'ର ସଂଚଳନ ବା କ୍ରିୟାଶୀଳତା ଅଛି, ଅଛି ବି ପରିଣାମ । ଏହାର ନିମ୍ନାଭିମୁଖୀ ପରିଣାମ ହେଲା ଜଡ଼, ଏହାର ଊର୍ଦ୍ଧ୍ୱମୁଖୀ ପରିଣାମ ହେଲା ବ୍ରାହ୍ମୀଚେତନା, ଯାହା ଅତିମାନସ ଓ ଆନନ୍ଦର ଭୂମି । ଏହା ଜଡ଼ର ବିପରୀତ, ସୂକ୍ଷ୍ମାତିସୂକ୍ଷ୍ମ ଚେତନା । ପୂର୍ଣ୍ଣଯୋଗରେ ଏହାର ପ୍ରକାଶ ହୁଏ ଅତିମାନସ ଚେତନାର ଆବେଶରେ । ଏହା ତନ୍ତ୍ର ମତରେ ଶକ୍ତିପାତ, ସର୍ବବ୍ୟାପୀ ଚିନ୍ମୟ ମହାପ୍ରାଣ ଧାରଣା ଏଥିପାଇଁ ଅପରିହାର୍ଯ୍ୟ, ଭୌତିକ ଓ ପ୍ରାଣିକ ଶକ୍ତିର କ୍ରିୟା ପାଇଁ ପ୍ରାଣ କେବଳ ଏକ ଶକ୍ତିମତ୍ତା ନୁହେଁ, ଏହା ମାନସିକ ଓ ଚିଦ୍‌ଗତ କ୍ରିୟା ପାଇଁ ମଧ୍ୟ ଏକ ଅବଲମ୍ବନ । ଆମ ପ୍ରକୃତିର ନିତ୍ୟ-ନୈମିତ୍ତିକ କ୍ଷେତ୍ରରେ ମନ, ଆତ୍ମା ଓ ଅତିମାନସ ମୁକ୍ତ ତଥା ପରିପୂର୍ଣ୍ଣଭାବେ କ୍ରିୟାଶୀଳ ହେବା ପାଇଁ ପ୍ରାଣ ମଧ୍ୟ ପ୍ରୟୋଜନ । ପ୍ରାଣଶକ୍ତି ଓ ତା'ର କ୍ରିୟାକୁ ନିୟନ୍ତ୍ରିତ କରିବା ପାଇଁ ଓ ତା' ଉପରେ ପ୍ରଭୁତ୍ୱ ବିସ୍ତାର କରିବା ପାଇଁ କେତେକ ଯୋଗରେ ପ୍ରାଣାୟାମର ଅଭ୍ୟାସ ଅବ୍ୟାହତ ରଖାଯାଇଥାଏ ଏବଂ ଏହି ପ୍ରାଣାୟାମ ସାଧନାକୁ ବହୁ ଗୁରୁତ୍ୱ ମଧ୍ୟ ଦିଆଯାଇଥାଏ । କିନ୍ତୁ ଏପରି ଶାରୀରିକ ତଥା ଶ୍ୱାସ-ପ୍ରଶ୍ୱାସ ଭିତ୍ତିକ ସାଧନା ପ୍ରକୃତିକୁ ସୀମାବଦ୍ଧ କରି ପକାଏ । ଏଣୁ ଏହାର ସୀମାବଦ୍ଧତା ଓ ପ୍ରକୃତିର

ନିୟନ୍ତ୍ରଣକୁ ଅତିକ୍ରମ କରିବା ଆବଶ୍ୟକ । ପୂର୍ଣ୍ଣଯୋଗରେ ଏଥିପାଇଁ ପ୍ରାଣାୟାମ ବାଧ୍ୟତାମୂଳକ ଅବଲମ୍ବନ ନୁହେଁ । ଅନ୍ୟ ଉପାୟରେ ଏହା କାର୍ଯ୍ୟକାରୀ କରିହେବ । ମନ ଶକ୍ତିର ଅଶ୍ୱ ବା ବାହନ ବୋଲି ବୈଦିକ ଭାଷାରେ କୁହାଯାଏ । ମନ ଯଦି ପଙ୍ଗୁ, ତେବେ ସକଳ କ୍ରିୟାରେ ଅସାମର୍ଥ୍ୟର ପଦଧ୍ୱନି ଶୁଣାଯାଏ । ଦୃଢ଼ ଓ ଶୁଦ୍ଧମନ ତଥା ଅତିମାନସ ଯଦି ପ୍ରାଣିକ ଶକ୍ତିକୁ ନିଜ ମଧ୍ୟରେ ଗ୍ରହଣ କରିନିଏ ତେବେ ପ୍ରାଣାୟାମର ଅପରିହାର୍ଯ୍ୟତା ରହେ ନାହିଁ । ବିଶେଷତଃ ଅତିମାନସର ପ୍ରତିଷ୍ଠାରେ ଏହା ସମ୍ଭବ ହୁଏ, ଏହା ଯୋଗୁଁ ପ୍ରାଣ ଅତିମାନସ ମଧ୍ୟକୁ ଅଧିରୂଢ଼ ହୋଇ ସେହି ବୃହତ୍ତର ଚେତନାର ଏକ ଚାଳକ ଶକ୍ତିରେ ପରିଣତ ହୋଇଥାଏ । ଅବଶ୍ୟ ଏହା ଯୋଗସିଦ୍ଧିର ଏକ ପରବର୍ତ୍ତୀ ଅବସ୍ଥା ।

ସ୍ଥୂଳପ୍ରାଣର ଆଲୋଚନା ପରେ 'ଚୈତ୍ୟପ୍ରାଣ' ସମ୍ପର୍କରେ ଆଲୋଚନା କରିବା । ସ୍ଥୂଳପ୍ରାଣ ସ୍ଥୂଳସତ୍ତାର ନିକଟବର୍ତ୍ତୀ, ଚୈତ୍ୟପ୍ରାଣ ହେଲେ ସେହିସବୁ ଶକ୍ତିମତ୍ତା, ଯାହା କାମନା-ଆତ୍ମା (desire soul) ସହ ଜଡ଼ିତ । କାମନା-ଆତ୍ମା ସହ ଜଡ଼ିତ ବୋଲି ସବୁ ପାପଯୁକ୍ତ ଏହା ଠିକ୍ ନୁହେଁ । ଏଣୁ ଏହି ଶକ୍ତିକୁ ନିଃଶେଷରେ ବା ସମ୍ପୂର୍ଣ୍ଣଭାବେ ପ୍ରତ୍ୟାଖ୍ୟାନ କରାଯିବ ନାହିଁ । ଯୋଗସମନ୍ୱୟ ଏହି ଚୈତ୍ୟପ୍ରାଣ, ପ୍ରାଣିକମନ, କାମନା-ଆତ୍ମାର ଶୁଦ୍ଧତା ଓ ପୂର୍ଣ୍ଣତା ଦାବି କରନ୍ତି । ପ୍ରାଣିକ ସାମର୍ଥ୍ୟ ମନର ଆବଶ୍ୟକ । ତା' ନହେଲେ କାର୍ଯ୍ୟ ଅପୂର୍ଣ୍ଣ ରହିଯାଏ । ସକଳ କାର୍ଯ୍ୟରେ ପୂର୍ଣ୍ଣ ଶକ୍ତିମତ୍ତା, ସ୍ୱାଧୀନତା ଓ ପରିପୂର୍ଣ୍ଣତା ଆବଶ୍ୟକ । ଆମେ ପୂର୍ଣ୍ଣତା ପାଇଁ ସାହସ, ଇଚ୍ଛାଶକ୍ତି ଚାହୁଁ । ଏହା ଆମ ଚରିତ୍ରର ସାମର୍ଥ୍ୟ । ଚୈତ୍ୟପ୍ରାଣର ସାମର୍ଥ୍ୟ ଉପରେ ଏହା ନିର୍ଭରଶୀଳ । ଏହାର ପୂର୍ଣ୍ଣତା ସହ ଆବଶ୍ୟକ ସ୍ୱଚ୍ଛତା, ପବିତ୍ରତା, ଆନନ୍ଦମଗ୍ନତା । ଏହା ବିବ୍ରତଭାବରୁ ମୁକ୍ତ ହେବା ଆବଶ୍ୟକ, ଶକ୍ତିରେ ଅସ୍ଥିରତା ଓ ଆବେଗପ୍ରବଣତା ମଧ୍ୟ ନରହିବା ଆବଶ୍ୟକ । ସମତା ଏହାର ଭିତ୍ତି ରୂପେ ରହିବା ଉଚିତ । କାମନା-ଆତ୍ମା ହେବା ଉଚିତ କାମନାମୁକ୍ତ ଏବଂ ଦିବ୍ୟ-ଆନନ୍ଦରେ ପ୍ରତିଷ୍ଠିତ, ଏହା ନ୍ୟାୟାଧିକାରରେ ସନ୍ତୁଷ୍ଟ ରହିବ, ଏଥିରେ ଉତ୍ତେଜନା ଓ ବିକ୍ଷୋଭ ରହିବ ନାହିଁ । ଏହା କୌଣସି ବସ୍ତୁ ବା ଭୋଗ ପାଇଁ ଦାବି କରିବ ନାହିଁ ବା ହୃଦୟ, ମନ ବା ଆତ୍ମାକୁ ନିଜ ପ୍ରଭାବରେ ପ୍ରଭାବିତ ଓ ଅଧିକାର କରିବ ନାହିଁ । ଆତ୍ମା ବା ଈଶ୍ୱରଙ୍କଠାରୁ ଯେଉଁ ନିର୍ଦ୍ଦେଶ ସେ ପାଇବ, ତାକୁ ତତ୍କ୍ଷଣାତ୍ ସମତା ମଧ୍ୟରେ, ସ୍ଥିର, ପ୍ରଶାନ୍ତ ମନ ମଧ୍ୟରେ କାର୍ଯ୍ୟକାରୀ କରିବ । ଏହା ପ୍ରଭୁଙ୍କ ଆଦେଶକୁ ବିନା ବିଚାରରେ ତତ୍କ୍ଷଣାତ୍ କାର୍ଯ୍ୟକାରୀ କରିଚାଲିବ । ସେ ଖାଲରେ ପଡ଼ିବ କି ଢିପରେ ପଡ଼ିବ, ତା'ର ସୁଖ କି ଦୁଃଖ ଅନୁଭବ ହେବ – ଏ ବିଚାର କରିବ ନାହିଁ । ଏହାର ସ୍ୱଧର୍ମ ହେଲା ଅଧିକାର କରିବା, ଉପଭୋଗ କରିବା ଓ ବ୍ୟବହାର କରି ଜାଣିବା । ଏହା କେବେ ବି ନିଜକୁ ସ୍ତିମିତ ହେବାକୁ ଦେବ ନାହିଁ । ସଦା ଉଲ୍ଲସିତ ହୋଇ ଏହା କାର୍ଯ୍ୟରତ ଥିବ । ଚୈତ୍ୟପ୍ରାଣର ଚତୁର୍ବିଧ ପରିପୂର୍ଣ୍ଣତା ହେଲା – ପୂର୍ଣ୍ଣତା (fullness), ସ୍ୱଚ୍ଛତା (clear purity), ଆନନ୍ଦ (gladness), ସମତା (equality) ଓ ଅଧିକାର ଓ ଉପଭୋଗର ସାମର୍ଥ୍ୟ (capacity for possession and enjoyment) । ପୂର୍ବେ ପ୍ରାଣିକ କାମନାର ଶୁଦ୍ଧିକଥା କହିଛୁ । ତାକୁ ରୂପାନ୍ତରିତ କରିବାକୁ ହେବ ଚିନ୍ମୟ ଆକୃତିରେ, ଦିବ୍ୟସଂକଳ୍ପ ଓ ଅଭୀପ୍ସାରେ । ଶୁଦ୍ଧ ସଂକଳ୍ପରେ ତାକୁ ଓ ତା'ର ବୃତ୍ତିମାନଙ୍କୁ ଆପ୍ୟାୟିତ କରିବାକୁ ହେବ । ଏହା କରିବ ପ୍ରାଣକୁ ପ୍ରସନ୍ନ ଓ ନିର୍ଦ୍ୱନ୍ଦ୍ୱ । ଏହାର ଗାଢ଼ତାରୁ ଲାଭ ହୁଏ ଅନ୍ତରାତ୍ମାର ଆନନ୍ଦ ଓ ଭୋଗ-ସାମର୍ଥ୍ୟ ।

ଦେହ ଓ ପ୍ରାଣର ପୂର୍ଣ୍ଣତା ପରେ ଏବେ 'ଚିତ୍ତ' ସମ୍ପର୍କରେ ଆଲୋଚନା କରିବା । ଚୈତ୍ୟସତ୍ତାକୁ ଇଂରାଜୀରେ psychic being କୁହାଯାଏ, ଏହା ସହ ଅଛି ଆବେଗମୟ ସତ୍ତା (emotional being) ବ୍ୟାପକ ଅର୍ଥରେ ଏହାକୁ ହୃଦୟ କହିପାରୁ । ହୃଦୟ ଦ୍ୱନ୍ଦ୍ୱମୁକ୍ତ ନୁହେଁ, ଏଣୁ ଚୈତ୍ୟସତ୍ତା ଆଚ୍ଛନ୍ନ । କିନ୍ତୁ ଏହାକୁ ପରିପୂର୍ଣ୍ଣରୂପେ ଗଢ଼ି ତୋଳିବା ଓ ପ୍ରକାଶ କରିବାକୁ ହେବ । ବର୍ତ୍ତମାନ ଅବସ୍ଥାରେ ଏହି ହୃତ୍‌ସତ୍ତାରେ ଉଭୟ ସୁଖ-ଦୁଃଖ, ଭଲମନ୍ଦ, ସନ୍ତୋଷ-ଅସନ୍ତୋଷ, ବ୍ୟସ୍ତତା-ପ୍ରଶାନ୍ତି, ସକ୍ରିୟତା-ନିଷ୍କ୍ରିୟତା ସ୍ଥାନାଧିକାର କରୁଛନ୍ତି । ଏଣୁ ଏଠାରେ ସ୍ଥାୟୀ ଶାନ୍ତି ଅନୁଭୂତ ହୁଏ ନାହିଁ । ତେବେ ଏହାର ଅପୂର୍ଣ୍ଣତା ଦୂର ହେବ କିପରି ? ଏଥିପାଇଁ କୁହାଯାଇଛି The Synthesis of Yogaରେ – ''By purification, by equality, by the light of knowledge, by a harmonising of the will it can be brought to a tranquil intensity and perfection.'' (P. 736) ଚୈତ୍ୟସତ୍ତାରେ ପବିତ୍ରୀକରଣ, ସମତ୍ୱ, ଜ୍ଞାନାଲୋକ, ସଂକଳ୍ପର ସଂହତ ପ୍ରତିଷ୍ଠା ବଳରେ ଏହା ସମ୍ଭବ । ହୃଦୟକୁ ଉଦାର ଓ ପ୍ରଶାନ୍ତ କରିବାକୁ ହେବ । ପଦ୍ମ ପରି ଏହାକୁ ପରମ ସତ୍ୟ-ସୂର୍ଯ୍ୟ ଦିଗରେ ଖୋଲି

ଧରିବାକୁ ହେବ । ଆମର ଜ୍ଞାନବୃଦ୍ଧି ଯେତେ ହୁଏ, ଆମେ ଯେଉଁ ଅନୁପାତରେ ଚିତ୍ତ ମାଧ୍ୟମରେ ଆମ ସମସ୍ତ ସତ୍ତାରେ ସଂଗତିପୂର୍ଣ୍ଣ ଆତ୍ମସଂକଳ୍ପକୁ ପ୍ରତିଷ୍ଠିତ କରିପାରୁ, ସେତେ ପରିମାଣରେ ଆମର କାର୍ଯ୍ୟର ଧାରା ଉନ୍ନତ ହୋଇପାରେ । ଆମେ ଏଠାରେ ସ୍ମରଣ ରଖିବା ଉଚିତ ଯେ ପ୍ରତ୍ୟେକ ବ୍ୟକ୍ତିର ଦୁଇଟି ଶକ୍ତିର ଧାରା ଅଛି । ଗୋଟିଏ ହେଲା ସ୍ଥିରତା, ସମତା, ନୀରବତାର କର୍ମଧାରା । ଅନ୍ୟ ଧାରା ହେଲା ଶକ୍ତିର ଧାରା । ବଳ ଓ ସାମର୍ଥ୍ୟ ତହିଁରେ ପ୍ରକାଶ ପାଏ । ଗୋଟିଏ ଜ୍ୟୋତିର୍ଦୀପ୍ତ ସ୍ଥିରତାର ଦିଗ, ଅନ୍ୟଟି ସକ୍ରିୟ ଦିଗ । ଉଭୟ ଦିଗ ପରସ୍ପର ସହ ତାଳ ବା ସଂଗତି ରଖି ପ୍ରତି ମୁହୂର୍ତ୍ତର ଦାବିର ଉତ୍ତର ଦେବା କଥା । ଉଭୟ ମଧ୍ୟରେ ଦ୍ୱନ୍ଦ୍ୱ ରହିବା ଉଚିତ ନୁହେଁ । ଶ୍ରୀଅରବିନ୍ଦଙ୍କ ଭାଷାରେ ଏହା ସୌମ୍ୟଭାବ ଓ ରୌଦ୍ରଭାବର ସମନ୍ୱୟ । ''...even the Rudra power to do battle for the right and the good proceed on the basis of a power of universal love. This is the highest and the most characteristic perfection of the heart, prema-sãmarthya.”

(*The Synthesis of Yoga*, p. 737)

ଆମେ ଯଦି କେବଳ ଗୋଟିଏ ଦିଗରେ ରହିଯିବା, ତେବେ ଏହା ପୂର୍ଣ୍ଣଯୋଗର ଧାରା ହେବ ନାହିଁ, କାରଣ କିଛି ଅପୂର୍ଣ୍ଣ ରହିଯିବ । କେବଳ କର୍ମରେ ମାତି ଅଧିକ ସକ୍ରିୟ ବା ଅଧିକ ଶାନ୍ତ ଓ ନିଷ୍କ୍ରିୟ ହେଲେ ଚଳିବ ନାହିଁ । ସକ୍ରିୟ ହେବା ସହ ଶାନ୍ତି ଓ ସମତାକୁ କର୍ମରେ ରକ୍ଷା କରିବାକୁ ହେବ । ଉଭୟ ଦାବିର ଉଚିତ ଉତ୍ତର ଦେବାକୁ ହେବ । ତେବେ ଯାଇ ସର୍ବୋତ୍ତମ ପୂର୍ଣ୍ଣତା ଉପଲବ୍ଧ ହେବ ।

ଏହାପରେ ଆମକୁ ଶ୍ରୀଅରବିନ୍ଦ ପୂର୍ଣ୍ଣତା ପାଇଁ ବିଶ୍ୱାସ ଉପରେ ଗୁରୁତ୍ୱ ଦେବାକୁ କହୁଛନ୍ତି । ନିଜ ଶକ୍ତି-ସାମର୍ଥ୍ୟରେ ବିଶ୍ୱାସ, ନିଜ ଭାଗ୍ୟ-ଭବିତବ୍ୟରେ ବିଶ୍ୱାସ, ବ୍ରହ୍ମରେ ବା ପରମ ସତ୍ୟରେ ବିଶ୍ୱାସ ଏବଂ ବିଶ୍ୱମଙ୍ଗଳ ଉପରେ ବିଶ୍ୱାସ ସ୍ଥାପନ କରିବାକୁ ହେବ । ଏ ସୃଷ୍ଟିର ସବୁକିଛି ସେହି ଏକହିଁ ମଙ୍ଗଳ ଦିଗରେ ଗତି କରୁଛି । ସବୁର ମୂଳରେ ଅଛି ପରମାନନ୍ଦ, ପରମ ଉଲ୍ଲାସ ।

ଈଶ୍ୱର ଜଗତର ସର୍ବରସ ଗ୍ରହୀତା । ସେ ପରମ ରସିକ । ସେ ତଥାକଥିତ ଭଲ ଓ ମନ୍ଦ ସବୁ ଏକା ଭଳି ଭୋଗ କରୁଛନ୍ତି । ଆମେ ଯେତେ ପରିମାଣରେ ଈଶ୍ୱରମୟ ହେବା, ଐଶ୍ୱରୀୟ ଚେତନାରେ ବାସ କରିବା, ସେତେ ପରିମାଣରେ ଜଗତକୁ ଭୋଗ କରିଜାଣିବା । ମାତୃସାଧକ ସର୍ବସିଦ୍ଧି ତା'ର ହାତ ମୁଠାରେ । ସେ ସର୍ବସମର୍ଥ ବୋଲି ତନ୍ତ୍ର କହେ ''ଶ୍ରୀସୁନ୍ଦରୀ-ତର୍ପଣସାଧକାନାଂ ଯୋଗଶ୍ଚ ଭୋଗଶ୍ଚ କରସ୍ଥ ଏବ ।'' କେତେ ସାଧକ ମୁକ୍ତି ଅଭିଳଷିତ ସିଦ୍ଧି ଲାଭ କରନ୍ତି, ଆଉ କେତେକ ଜୀବନଧର୍ମୀ ଭୋଗଲାଭକୁ ଚରମ ସିଦ୍ଧି ମନେକରନ୍ତି ମାତ୍ର ପୂର୍ଣ୍ଣଯୋଗୀ ମାତୃକୈନ୍ଦ୍ରିକ, ସେ ଉଭୟ ଭୋଗ ଓ ଯୋଗର ସିଦ୍ଧି ଲାଭ କରନ୍ତି । ଏହା ପରିପୂର୍ଣ୍ଣ ସିଦ୍ଧି । ଭଗବାନଙ୍କ ଭଳି ଭାଗବତ-ଚେତନାରେ ପ୍ରତିଷ୍ଠିତ ସାଧକ ମଧ୍ୟ ଜଗତକୁ ବର୍ଜନ ନକରି ଉପଭୋଗ କରିପାରନ୍ତି । ତାଙ୍କ ପାଇଁ ସବୁ ଈଶ୍ୱରମୟ, ଆନନ୍ଦମୟ । ଚୈତ୍ୟକେନ୍ଦ୍ରରେ ପ୍ରତିଷ୍ଠିତ ସାଧକ ପାଇଁ ଦୁନିଆ ମଧୁମୟ, ମଙ୍ଗଳମୟ ଓ ଆନନ୍ଦମୟ । ଯାହା ଜଗତରେ ଘଟିଚାଲିଛି ତା'ର ପରିଣତି ମଧ୍ୟ ମଙ୍ଗଳମୟ । ମାତ୍ର ଯଦି ଜୀବନରେ କିଛି ଦୁର୍ଘଟଣା ବା ଦୁଃଖମୟ ପରିସ୍ଥିତି ଘଟେ ତଥାପି ତାହା ଏକ ମଧ୍ୟବର୍ତ୍ତୀ ଅବସ୍ଥା । ପରିଣାମ ସର୍ବଦା ଶୁଭ, ଏଣୁ ଏପରି ସାଧକର କେବେ ବି ଭାଙ୍ଗିପଡ଼ିବା ସମ୍ଭବ ନୁହେଁ । ମନରେ ସଦା ସଦ୍‌ଭାବନା, ମଙ୍ଗଳଭାବନା ରହିଲେ, ଏହା ଅଗ୍ରଗତିର ସଙ୍କେତ ବହନ କରେ । ବୁଝିବାକୁ ହେବ ତଥାକଥିତ ଅଶୁଭ ଓ ଶୁଭର ଗତି କେଉଁ ଦିଗରେ । ଆନନ୍ଦରୁ ଜଗତର ସୃଷ୍ଟି, ଆନନ୍ଦରେ ତା'ର ଅବସ୍ଥାନ, ତା'ର ଗତି ଆନନ୍ଦ ଦିଗରେ ଏହା ଉପନିଷଦ୍ ଘୋଷଣା କରନ୍ତି ।

ଯଦି ସାଧକର ବିଶ୍ୱାସ ଏ ଜଗତରେ ସର୍ବତ୍ର ଈଶ୍ୱର ପରିବ୍ୟାପ୍ତ ଓ ତାଙ୍କରି ଇଚ୍ଛାରେ ସବୁ ପରିଚାଳିତ, ତେବେ ତାକୁ ତାଙ୍କରି ପ୍ରେମ ଓ ମଙ୍ଗଳ ତଥା ଆନନ୍ଦ ସବୁଠାରୁ, ସବୁ ସମୟରେ ମିଳିବ । ଏହି ଭାବନା ଯେତେ ଗାଢ଼ ହେବ ବ୍ୟକ୍ତି ଉପରେ ପରମ ପ୍ରେମ ଓ ଆନନ୍ଦ ସେତେ ଝରିପଡ଼ିବ, ''ଈଶ୍ୱରେଚ୍ଛା ବଳୀୟସୀ'' । ଏଣୁ ଐଶ୍ୱରୀୟ ପ୍ରେମାନନ୍ଦର ମହାସାଗର ମଧ୍ୟରେ ବ୍ୟକ୍ତି ବୁଡ଼ି ରହିବ । ଅନ୍ୟମାନଙ୍କ ଭଳି ଭାବିପାରିବ ନାହିଁ ଜଗତରୂପୀ ନର୍କରେ ସେ ଶଢ଼ୁଛି ବା ସଂସାର ଏକ ଦୁଃଖାର୍ଣ୍ଣବ । ଏଣୁ ହୃଦୟର ପୂର୍ଣ୍ଣତା ହେଲା – ''ପ୍ରେମ ସାମର୍ଥ୍ୟ'', ଆନନ୍ଦମଗ୍ନତା ।

ଏବେ 'ବୁଦ୍ଧି'କୁ କିପରି ଈଶ୍ୱର ସେବାର ସମର୍ଥଯନ୍ତ୍ର ବା ଉପକରଣ କରିବା ତାହା ଆଲୋଚନା କରିବା । ବୁଦ୍ଧି ହେଲା ଏକ ଐଶ୍ୱରୀୟ ସଂକଳ୍ପ । ମନ ଯଦି ''ସଂକଳ୍ପ ବିକଳ୍ପାତ୍ମିକାନ୍ତଃକରଣ ବୃତ୍ତି'' ବା ସଂକଳ୍ପ ବିକଳ୍ପ ଅନ୍ତଃକରଣ

ବୃତ୍ତି, ବୁଦ୍ଧି ହେଲା ‘‘ନିଶ୍ଚୟାତ୍ମିକାନ୍ତଃକରଣ ବୃତ୍ତିଃ’’– ନିଶ୍ଚୟାତ୍ମିକା ଅନ୍ତଃକରଣ ବୃତ୍ତି । ଏହା ଶାସ୍ତ୍ରୋକ୍ତି । ତେବେ ବୁଦ୍ଧିକୁ ପ୍ରଥମେ ସ୍ୱଚ୍ଛ ଓ ପବିତ୍ର କରିବାକୁ ହେବ । ପୁନଶ୍ଚ, ‘‘Purity, clear radiance, rich and flexible variety, integral capacity are the fourfold perfection of the thinking intelligence, *visuddhi, prakãsa, vicitra-bodha, sarva-jnãna-sãmarthya*.’’

(*The Synthesis of Yoga*, p. 738)

ବିଶୁଦ୍ଧି, ପ୍ରକାଶ, ବିଚିତ୍ରବୋଧ ଏବଂ ସର୍ବଜ୍ଞାନ ସାମର୍ଥ୍ୟ – ଏହାକୁ ଆମେ ବୁଦ୍ଧିର ଚତୁର୍ବିଧ ପରିପୂର୍ଣ୍ଣତା ବୋଲି ଜାଣିବା ।

ଦେହ, ପ୍ରାଣ, ହୃଦୟ (ଚିତ୍ତ) ଓ ବୁଦ୍ଧି ଆମର ଚିତ୍‌ଶକ୍ତିର ଏହି ମୁଖ୍ୟକରଣ ବା ସାଧନଗୁଡ଼ିକ ଏପରିଭାବେ ଆପଣାର ବିଶୁଦ୍ଧି ଦ୍ୱାରା ପରିପୂର୍ଣ୍ଣତା ଲାଭ କରିବେ । ଏଥିପାଇଁ ପ୍ରଧାନ ସର୍ତ୍ତଗୁଡ଼ିକ ହେଲା – ସଂକଳ୍ପ, ଆତ୍ମନିରୀକ୍ଷଣ ଓ ଆତ୍ମଜ୍ଞାନ, ଆତ୍ମଶୋଧନ ଏବଂ ଆତ୍ମ-ରୂପାନ୍ତର ଲାଗି ସତତ ଅଭ୍ୟାସ । ତତ୍ ସହ ଆତ୍ମଶୋଧନ ଓ ରୂପାନ୍ତର ପାଇଁ ସଜାଗ, ସାଗ୍ରହ ସଂକଳ୍ପ ।

ଏହି ସଂକଳ୍ପ ଫଳପ୍ରସୂ ହୁଏ ଯେବେ ଆତ୍ମାର ଏଇ ଯନ୍ତ୍ରାବଳି ଉପରେ ଝରିପଡ଼େ ଊର୍ଦ୍ଧ୍ୱରୁ ଅତିମାନସ ଶକ୍ତି । ଏହା ତାନ୍ତ୍ରିକ ପାଇଁ ଶକ୍ତିପାତ । ଏପରି ଅତିମାନସିକ ଶକ୍ତିପାତ ସମସ୍ତ ଯନ୍ତ୍ରାବଳି ମଧ୍ୟରେ ଦ୍ୱନ୍ଦ୍ୱହୀନ ସମତ୍ୱ ସାଧନ କରେ । ଏଣୁ କାର୍ଯ୍ୟ ହୁଏ ସ୍ୱଚ୍ଛନ୍ଦ, କାରଣ ମନୋମୟ ସତ୍ତାଠାରୁ ଅତିମାନସ ସତ୍ତା ଓ ଶକ୍ତି ଅଧିକ ଶୁଦ୍ଧ, ବିଶାଳ ଓ ପରିପୂର୍ଣ୍ଣ । କିନ୍ତୁ ଏହାକୁ ଲାଭ କରିବାକୁ ଆବଶ୍ୟକ କଠିନତର ତପସ୍ୟା, ଧୈର୍ଯ୍ୟ, ଶ୍ରଦ୍ଧାଶୀଳତା ଓ ଦୀର୍ଘକାଳ ଅଭ୍ୟାସ, ଦୃଢ଼ ସଂକଳ୍ପ ଓ ଅଭୀପ୍ସା ତଥା ଆତ୍ମନିରୀକ୍ଷଣ, ସମତା, ଚୈତ୍ୟ-ପ୍ରଶାନ୍ତି ଓ ଶୁଦ୍ଧପ୍ରେମ । ସକ୍ରିୟ ଓ ନିଷ୍କ୍ରିୟତା ସହ ପରମ ସତ୍ୟ ନିକଟରେ ପରିପୂର୍ଣ୍ଣ ନିଃସ୍ୱାର୍ଥ, ସାଗ୍ରହ ଆତ୍ମସମର୍ପଣ ଏହି ସିଦ୍ଧିର ଚାବିକାଠି । ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ମୁଣ୍ଡକ ଉପନିଷଦ୍ (୩)

## ଦ୍ୱିତୀୟ ମୁଣ୍ଡକ - ପ୍ରଥମ ଖଣ୍ଡ

## (ମୂଳପାଠ)

୧. ତଦେତତ୍‌ସତ୍ୟଂ ଯଥା ସୁଦୀପ୍ତାତ୍‌ପାବକାଦ୍ ବିସ୍ଫୁଲିଙ୍ଗାଃ ସହସ୍ରଶଃ ପ୍ରଭବନ୍ତେ ସରୂପାଃ ।
ତଥାକ୍ଷରାଦ୍ ବିବିଧାଃ ସୌମ୍ୟ ଭାବାଃ ପ୍ରଜାୟନ୍ତେ ତତ୍ର ଚୈବାପି ଯନ୍ତି ॥୧॥

୨. ଦିବ୍ୟୋ ହ୍ୟମୂର୍ତଃ ପୁରୁଷଃ ସ ବାହ୍ୟାଭ୍ୟନ୍ତରୋ ହ୍ୟଜଃ ।
ଅପ୍ରାଣୋ ହ୍ୟମନାଃ ଶୁଭ୍ରୋ ହ୍ୟକ୍ଷରାତ୍‌ପରତଃ ପରଃ ॥୨॥

୩. ଏତସ୍ମାଜ୍ଜାୟତେ ପ୍ରାଣୋ ମନଃ ସର୍ବେନ୍ଦ୍ରିୟାଣି ଚ ।
ଖଂ ବାୟୁର୍ଜ୍ୟୋତିରାପଃ ପୃଥିବୀ ବିଶ୍ୱସ୍ୟ ଧାରିଣୀ ॥୩॥

୪. ଅଗ୍ନିର୍ମୂର୍ଧା ଚକ୍ଷୁଷୀ ଚନ୍ଦ୍ରସୂର୍ୟୌ ଦିଶଃ ଶ୍ରୋତ୍ରେ ବାଗ୍ ବିବୃତାଶ୍ଚ ବେଦାଃ ।
ବାୟୁଃ ପ୍ରାଣୋ ହୃଦୟଂ ବିଶ୍ୱମସ୍ୟ ପଦ୍‌ଭ୍ୟାଂ ପୃଥିବୀ ହ୍ୟେଷ ସର୍ବଭୂତାନ୍ତରାତ୍ମା ॥୪॥

୫. ତସ୍ମାଦଗ୍ନିଃ ସମିଧୋ ଯସ୍ୟ ସୂର୍ୟଃ ସୋମାତ୍‌ପର୍ଜନ୍ୟ ଓଷଧୟଃ ପୃଥିବ୍ୟାମ୍ ।
ପୁମାନ୍ ରେତଃ ସିଞ୍ଚତି ଯୋଷିତାୟାଂ ବହ୍ୱୀଃ ପ୍ରଜାଃ ପୁରୁଷାତ୍ ସଂପ୍ରସୂତାଃ ॥୫॥

୬. ତସ୍ମାଦୃଚଃ ସାମ ଯଜୂଂଷି ଦୀକ୍ଷା ଯଜ୍ଞାଶ୍ଚ ସର୍ବେ କ୍ରତବୋ ଦକ୍ଷିଣାଶ୍ଚ ।
ସଂବତ୍‌ସରଶ୍ଚ ଯଜମାନଶ୍ଚ ଲୋକାଃ ସୋମୋ ଯତ୍ର ପବତେ ଯତ୍ର ସୂର୍ୟଃ ॥୬॥

୭. ତସ୍ମାଚ୍ଚ ଦେବା ବହୁଧା ସଂପ୍ରସୂତାଃ ସାଧ୍ୟା ମନୁଷ୍ୟାଃ ପଶବୋ ବୟାଂସି ।
ପ୍ରାଣାପାନୌ ବ୍ରୀହିୟବୌ ତପଶ୍ଚ ଶ୍ରଦ୍ଧା ସତ୍ୟଂ ବ୍ରହ୍ମଚର୍ଯ୍ୟଂ ବିଧିଶ୍ଚ ॥୭॥

୮. ସପ୍ତ ପ୍ରାଣାଃ ପ୍ରଭବନ୍ତି ତସ୍ମାତ୍‌ସପ୍ତାର୍ଚିଷଃ ସମିଧଃ ସପ୍ତ ହୋମାଃ ।
ସପ୍ତ ଇମେ ଲୋକା ଯେଷୁ ଚରନ୍ତି ପ୍ରାଣା ଗୁହାଶୟା ନିହିତାଃ ସପ୍ତ ସପ୍ତ ॥୮॥

୯. ଅତଃ ସମୁଦ୍ରା ଗିରୟଶ୍ଚ ସର୍ବେଽସ୍ମାତ୍‌ସ୍ୟନ୍ଦନ୍ତେ ସିନ୍ଧବଃ ସର୍ବରୂପାଃ ।
ଅତଶ୍ଚ ସର୍ବା ଓଷଧୟୋ ରସଶ୍ଚ ୟେନୈଷ ଭୂତୈସ୍ତିଷ୍ଠତେ ହ୍ୟନ୍ତରାତ୍ମା ॥୯॥

୧୦. ପୁରୁଷ ଏବେଦଂ ବିଶ୍ୱଂ କର୍ମ ତପୋ ବ୍ରହ୍ମ ପରାମୃତମ୍ ।
ଏତଦ୍ୟୋ ବେଦ ନିହିତଂ ଗୁହାୟାଂ ସୋଽବିଦ୍ୟାଗ୍ରନ୍ଥିଂ ବିକିରତୀହ ସୌମ୍ୟ ॥୧୦॥

(ଦ୍ରଷ୍ଟବ୍ୟ : The Complete Works of Sri Aurobindo, Volume - 18, Kena and other Upanishads, pp. 137-139) ❑

# ମୁଣ୍ଡକ ଉପନିଷଦ୍

## ଦ୍ୱିତୀୟ ମୁଣ୍ଡକ - ପ୍ରଥମ ଖଣ୍ଡ

### (ଶ୍ରୀଅରବିନ୍ଦଙ୍କ ଇଂରାଜୀ ଅନୁବାଦର ମୁକ୍ତ ବଙ୍ଗଳା ଅନୁବାଦ)

### ନଳିନୀକାନ୍ତ ଗୁପ୍ତ

୧. ଇଏ ଯାହା, ସିଏ ତାହା – ଏହାହିଁ ବସ୍ତୁସକଳର ସତ୍ୟ । ସୁଦୀପ୍ତ ପାବକ (ବା ପ୍ରଜ୍ୱଳିତ ଅଗ୍ନି) ମଧ୍ୟରୁ ଯେପରି ତଦନୁରୂପ (ସେଇ ଏକାଭଳି) ସହସ୍ର ବିଭିନ୍ନ ସ୍ଫୁଲିଙ୍ଗ ଉତ୍ପନ୍ନ ହୁଅନ୍ତି ସେହିପରି ଅକ୍ଷରଙ୍କ ମଧ୍ୟରୁ ନାନାବିଧ (ବିଭିନ୍ନ ପ୍ରକାରର) କ୍ଷର-ରୂପ ଜନ୍ମଗ୍ରହଣ କରନ୍ତି ଏବଂ ପୁନଶ୍ଚ ସେହି ଅକ୍ଷରଙ୍କ ମଧ୍ୟକୁ ଫେରି ଯାଆନ୍ତି ।

୨. ସେ ଦିବ୍ୟ, ଅମୂର୍ତ୍ତ ଚିନ୍ମୟ ପୁରୁଷ । ବାହାରେ ସିଏ, ଭିତରେ ବି ସିଏ । ସେ ଅଜନ୍ମା (ଜନ୍ମହୀନ), ପ୍ରାଣର ଅତୀତ, ମନର ଅତୀତ (ପ୍ରାଣାତୀତ, ମନୋଽତୀତ), ଜ୍ୟୋତିର୍ମୟ; ଅକ୍ଷରର ପର ପାରିରେ ସିଏ ପରମ (ପରମତମ) ।

୩. ତାଙ୍କରିଠାରୁ ଜାତ ହୋଇଛନ୍ତି ପ୍ରାଣ, ମନ ଓ ସମସ୍ତ ଇନ୍ଦ୍ରିୟ ତଥା ଜନ୍ମ ନେଇଛନ୍ତି ଆକାଶ, ବାୟୁ, ତେଜ (ଆଲୋକ), ଅପ୍ (ଜଳ) ଏବଂ ସର୍ବସଂଧାରିଣୀ (ବିଶ୍ୱବିଧାତ୍ରୀ) ପୃଥିବୀ ।

୪. ଅଗ୍ନି ତାଙ୍କର ମସ୍ତକ, ଚନ୍ଦ୍ର-ସୂର୍ଯ୍ୟ ତାଙ୍କର ଚକ୍ଷୁଦ୍ୱୟ (ନୟନଯୁଗଳ), ଦିଗଗୁଡ଼ିକ (ଚତୁର୍ଦ୍ଦିଗ ଅଥବା ଦଶ ଦିଗ) ତାଙ୍କର ଦୁଇ ଶ୍ରୋତ୍ର (ଶ୍ରବଣ ବା କାନ), ବିବୃତ (ପ୍ରକାଶିତ, ଜାଗ୍ରତ୍ ବା କଥିତ) ବେଦ ହେଲା ତାଙ୍କର ବାକ୍ (ବାଣୀ, କଣ୍ଠ ବା ସ୍ୱର), ବାୟୁ ତାଙ୍କର ପ୍ରାଣ, ବିଶ୍ୱ ତାଙ୍କର ହୃଦୟ, ପୃଥିବୀ ପାଦଦ୍ୱୟ (ପଦଯୁଗଳ) – ସକଳ ସତ୍ତାଙ୍କ ଅନ୍ତରାତ୍ମା ସିଏ (ସର୍ବଭୂତାନ୍ତରାତ୍ମା) ।

୫. ତାଙ୍କରି ମଧ୍ୟରୁ ସୃଷ୍ଟ ଅଗ୍ନି ଯାହାଙ୍କ ସମିଧ ହେଲେ ସୂର୍ଯ୍ୟ । ତାଙ୍କ ମଧ୍ୟରେ (ତାଙ୍କ ଇଚ୍ଛା, ସଂକଳ୍ପ ବା କଲ୍ୟାଣରୁ) ସୋମ ମଧ୍ୟରୁ ବୃଷ୍ଟି, ପୃଥିବୀରେ ଔଷଧୀୟ ବୃକ୍ଷ, ଗୁଳ୍ମ ସମସ୍ତ, ନାରୀ ଗର୍ଭରେ ପୁରୁଷର ରେତସିଞ୍ଚନ । ଏହିପରି ସେହି ଚିନ୍ମୟ ପୁରୁଷଙ୍କଠାରୁ ସମୁତ୍ପନ୍ନ ବହୁଳ ପ୍ରଜା (ଜନତା ସମସ୍ତ) ।

୬. ତାଙ୍କରି ମଧ୍ୟରୁ ଋଗ୍‌ବେଦର ମନ୍ତ୍ରାବଳୀ (ଋକ୍), ସାମବେଦ ଓ ଯଜୁର୍ବେଦ, ତାଙ୍କରିଠାରୁ ଦୀକ୍ଷା, ସମସ୍ତ ଯଜ୍ଞ ଓ ଯଜ୍ଞୀୟ କର୍ମ, ସକଳ ଦେୟ ଦକ୍ଷିଣା । ପୁଣି ସମ୍ବତ୍ସର (ବର୍ଷ), ଯଜମାନ ଏବଂ ସେହିସବୁ ଲୋକ ଯେଉଁଥିରେ ସୂର୍ଯ୍ୟ ଓ ଚନ୍ଦ୍ର ପ୍ରକାଶିତ ହୁଅନ୍ତି (ତାଙ୍କର ପୁଣ୍ୟ କିରଣରାଜି ଢାଳି ଥାଆନ୍ତି ।)

୭. ତାଙ୍କରି ମଧ୍ୟରୁ ସୃଷ୍ଟ ଦେବତାଗଣ, ଉପ-ଦେବତା (ସାଧ୍ୟଗଣ), ମନୁଷ୍ୟ, ପଶୁ, ପକ୍ଷୀ-ସମସ୍ତ । ପ୍ରାଣ ଓ ଅପାନ ବାୟୁ, ବ୍ରୀହି ଓ ଯବ (ଧାନ, ମୁଗ, ବିରି ଆଉ ଯଅ ପ୍ରଭୃତି), ଶ୍ରଦ୍ଧା (ବିଶ୍ୱାସ) ଓ ସତ୍ୟ, ବ୍ରହ୍ମଚର୍ଯ୍ୟ ଓ ସଦାଚାର ବିଧି (ନିୟମଶୃଙ୍ଖଳା) ।

୮. ତାଙ୍କରି ମଧ୍ୟରୁ ସଂଜାତ ସପ୍ତ ପ୍ରାଣ, ସପ୍ତ ଶିଖା (ଅଗ୍ନିଶିଖା ବା ଜ୍ୟୋତିଃ), ସପ୍ତ ସମିଧ, ସପ୍ତ ଆହୁତି ତଥା ଏଇ ସପ୍ତ ଲୋକ ଯାହା ମଧ୍ୟରେ ସପ୍ତଧା ସ୍ଥାପିତ (ସାତ ଧାରାରେ ରହିଥିବା) ଗୁହାୟିତ (ଗୁହାଶ୍ରୟୀ, ହୃଦୟସ୍ଥ) ପ୍ରାଣ ବିଚରଣ କରେ ।

୯. ତାଙ୍କରି ମଧ୍ୟରୁ ଜାତ ହୋଇଛନ୍ତି ସମୁଦ୍ର ଆଉ ପର୍ବତ (ଗିରି, ପାହାଡ଼), ତାଙ୍କରି ମଧ୍ୟରୁ ପ୍ରବାହିତ ହେଉଛନ୍ତି ସମସ୍ତ ନଦନଦୀ, ତାଙ୍କରି ମଧ୍ୟରୁ ସମସ୍ତ ଔଷଧୀୟ ବୃକ୍ଷଲତା ଏବଂ ସେଇ ରସଧାରା ଯାହା ମାଧ୍ୟମରେ ଅନ୍ତରାତ୍ମା ପଞ୍ଚଭୂତ ସହିତ ଓତପ୍ରୋତ (ମିଳିମିଶି ଏକ ହୋଇ) ରହିଛି ।

୧୦. ଚିନ୍ମୟ ପୁରୁଷହିଁ ଏଇ ବିଶ୍ୱ; ସିଏହିଁ କର୍ମ, ସିଏହିଁ ତପସ୍ୟା (ତପୋବଳ), ସିଏହିଁ ଅମର (ମୃତ୍ୟୁର ଅତୀତ) ପରମ ବ୍ରହ୍ମ । ହେ ସୌମ୍ୟସୁନ୍ଦର ପୁତ୍ର ! ଯିଏ ଏହି ଗୁହାୟିତ (ହୃଦୟ-ଗୁହା ଅଧିଷ୍ଠିତ) ପୁରୁଷଙ୍କୁ ଜାଣେ ସେ ଏହି ମର୍ତ୍ତ୍ୟଲୋକରେ ଅଜ୍ଞାନର ସମସ୍ତ ଗ୍ରନ୍ଥି (ଗଣ୍ଠି)କୁ ଖୋଲି ଦେଇପାରେ ।

(ମୂଳ ବଙ୍ଗଳା ରଚନାବଳୀ, ୭ମ ଖଣ୍ଡରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି

❑❑❑

# ଧ୍ୟାନ

## (୧)

## ମାଧବ ପଣ୍ଡିତ

### ପ୍ରଥମ ଅଧ୍ୟାୟ

କେତେବେଳେ ମୁଁ ଧ୍ୟାନ ସମ୍ବନ୍ଧରେ ଅବହିତ ହେବା ଆରମ୍ଭ କଲି ? ତାହା ମନେରଖିବା ପାଇଁ ବାରଂବାର ଚେଷ୍ଟା କରି ସଫଳ ହୋଇପାରି ନାହିଁ । ମାତ୍ର କେଉଁଟି ଧ୍ୟାନ ନୁହେଁ ଏହା ମୁଁ କେବେ ଜାଣିଲି ତାହା ଉତ୍ତମ ରୂପେ ମନେ ରଖିଛି । ଥରେ ପ୍ରତ୍ୟୁଷରେ ମୁଁ ଶ୍ରୀ କପାଳୀ ଶାସ୍ତ୍ରୀୟାରଙ୍କ ନିକଟରେ ବସିଥାଏ, ସେ ଅନ୍ୟଥା ବ୍ୟସ୍ତ ଥାଆନ୍ତି । ମୁଁ ତାଙ୍କ ଚେୟାର ପାଖରେ ଧ୍ୟାନ କରୁଥାଏ । ଧ୍ୟାନର ସମୟ ଅତିବାହିତ ହେବା ପରେ ମୁଁ ଉଠିପଡ଼ିଲି ଓ ଯିବାକୁ ବସିଲି, ସେତେବେଳେ ସେ ମୋତେ ପଛରୁ ଡାକିଲେ ଓ କହିଲେ –

ତୁମେ ଘଟଣାଗୁଡ଼ିକୁ ସେମାନଙ୍କ ନିଜସ୍ୱ ବାଟରେ ଘଟି ଯିବାକୁ ଛାଡ଼ି ଦେଉଛ । ସେଇଟି ଯଥାର୍ଥ ମାର୍ଗ ନୁହେଁ ।

ମୁଁ ବିସ୍ମିତ ହେଲି । ମୁଁ ଜାଣି ନଥିଲି ଯେ ସେ ମୋ ଉପରେ ନଜର ରଖିଛନ୍ତି । ମୁଁ ସଙ୍ଗେ ସଙ୍ଗେ ଅନୁଭବ କଲି ଆଖିବନ୍ଦ କରିବା ବ୍ୟତିରେକେ ମୁଁ ଅନ୍ୟ କିଛି କରୁ ନଥିଲି । ବାସ୍ତବରେ ମସ୍ତିଷ୍କ ମଧ୍ୟକୁ କିଛି ପ୍ରବାହିତ ହେଉଥିଲା । କିନ୍ତୁ ମନ ଗୋଟିଏ ଚିନ୍ତନରୁ ଅନ୍ୟ ଏକ ଚିନ୍ତନକୁ ଗତିଶୀଳ ହେବାରେ ଲାଗିଥିଲା । ତା' ସହିତ ମୁଁ ବି ଗତିଶୀଳ ହେଉଥିଲି ମା'ଙ୍କର ସ୍ପନ୍ଦିତ ଶକ୍ତିକୁ ତା' ବାଟରେ ଛାଡ଼ିଦେଇ । ସେଦିନ ମୁଁ ଏହି ଶିକ୍ଷାଲାଭ କଲି ଯେ ଥରେ ଉଚ୍ଚତର ବା ଗଭୀରତର ଚେତନାର ଗତି ଆରମ୍ଭ ହେଲେ କେବଳ ଜଣେ ମୁଦ୍ରିତ ନୟନରେ ବସି ରହିବା ପର୍ଯ୍ୟାପ୍ତ ନୁହେଁ । ମନ ସହ ଇତସ୍ତତଃ ପ୍ରଧାବିତ ନହୋଇ ବ୍ୟକ୍ତିକୁ ସତର୍କ ରହିବା ଓ ନିଜକୁ ଶକ୍ତିର ସ୍ରୋତରେ ମଜ୍ଜାଇ ରଖିବା ଆବଶ୍ୟକ । ବ୍ୟକ୍ତି ନିଶ୍ଚିତ ଭାବରେ ସଚେତ ରହିବା ଦରକାର । ଧ୍ୟାନକୁ ସଫଳ ହେବାକୁ ହେଲେ ଧ୍ୟାନୀର ସକ୍ରିୟ ସହଯୋଗର ଆବଶ୍ୟକତା ରହିଛି ।

କିଛି ବର୍ଷ ପରେ ଏହା ମୋର ଅଧିକାଧିକ ଚକ୍ଷୁ ଉନ୍ମୀଳିତ କରିଦେଲା ଯେତେବେଳେ ମା' ତାଙ୍କ ଆଶ୍ରମର ଶିଶୁମାନଙ୍କର କୌଣସି କ୍ଲାସରେ ବୁଝାଇ ଦେଲେ ଯେ ଧ୍ୟାନକୁ ସ୍ୱୟଂ ସାଧିତ ହେବାକୁ ଛାଡ଼ିଦେଇ କେବଳ ବସି ରହିବା ଯଥେଷ୍ଟ ନୁହେଁ । ଜଣେ ସେପରି ଘଣ୍ଟା ଘଣ୍ଟା ଧରି ବସି ରହିପାରେ ଅଥଚ ତାର ପ୍ରକୃତିରେ କୌଣସି ବିଶେଷ ପରିବର୍ତ୍ତନ ପରିଲକ୍ଷିତ ହୁଏ ନାହିଁ । ଏହା ଗୋଟାଏ ଅଭ୍ୟାସ ଓ ଧରାବନ୍ଧା ସମୟ-ନିର୍ଘଣ୍ଟରେ ପରିଣତ ହୁଏ । ସେ ଏହା ସୂଚିତ କରିଦେଲେ ଯେ ଧ୍ୟାନରେ ସଫଳ ହେବାକୁ ହେଲେ ଏହା ଜୀବନ୍ତ ହେବା ବିଧେୟ । ଏହା ବସ୍ତୁକୁ ପ୍ରତିମୁହୂର୍ତ୍ତରେ ପରିବର୍ତ୍ତନ କରୁଥିବା ଏକ ଶକ୍ତିରେ ନିଶ୍ଚିତ ପରିଣତ ହେବା ଉଚିତ । ଏବଂ ଏହା ଦରକାର କରେ ସର୍ବଦା ଏକ ସକ୍ରିୟ ଇଚ୍ଛା, ଅନ୍ତହୀନ ଅଭିନିବେଶ ଓ ଏକ ସହଯୋଗୀ ଆସ୍ପୃହା ।

ଧ୍ୟାନ ଏପରି କୌଣସି ବସ୍ତୁ ନୁହେଁ, ଯାହା ସବୁ ବ୍ୟକ୍ତିଙ୍କ କ୍ଷେତ୍ରରେ ସମଭାବରେ, ସାଧାରଣ ରୀତିରେ କାର୍ଯ୍ୟ କରେ । କିନ୍ତୁ ସାଧାରଣତଃ ଧ୍ୟାନ ଏହିଭଳି କ୍ରିୟା କରେ ବୋଲି ଧରି ନିଆଯାଇଥାଏ । ଥରେ ଆଧ୍ୟାତ୍ମିକତା ସମ୍ବନ୍ଧେ ବଡ଼ ବଡ଼ କଥା କହୁଥିବା ଜଣେ ଯୁବ ସମାଜକର୍ମୀ ଏଠାକୁ ଆସିଥିଲେ, ଯାହାଙ୍କର ପୃଥିବୀର ପ୍ରତ୍ୟେକ ବସ୍ତୁ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ କିଛି ମତାମତ ରହିଥିଲା । ସେ କହିଲେ ଏପରି କେହି ନାହାନ୍ତି ଯେ କି ବାସ୍ତବ ଧ୍ୟାନ ପରେ ଆନନ୍ଦ ଓ ଶକ୍ତିରେ ଉଦ୍‌ବେଳିତ ହୋଇ ନଉଠିବେ । ସ୍ପଷ୍ଟତଃ ସେହି ବ୍ୟକ୍ତି ଏକଥା ଜାଣି ନଥିଲେ ଯେ ଧ୍ୟାନରେ ବହୁବିଧତା ରହିଛି । ଏପରି ଏକ ଧ୍ୟାନ ଅଛି ଯାହା ନିଶ୍ଚଳ ନୀରବତାର ଦ୍ୱାରଦେଶରେ ପହଞ୍ଚାଇ ଦେଇପାରେ । ଏହା ଏକପ୍ରକାର ଜ୍ଞାନ ଅବା ଶକ୍ତିର ଦ୍ୱାରକୁ ଉନ୍ମୋଚନ କରେ; ଅନ୍ୟ ଏକ ପ୍ରକାର ବ୍ୟକ୍ତିକୁ ପବିତ୍ରତା, ଭକ୍ତି, ଆନନ୍ଦରେ ପରିପୂର୍ଣ୍ଣ କରେ –

*(ଅବଶିଷ୍ଟାଂଶ ପୃଷ୍ଠା ୨୧ରେ ଦେଖନ୍ତୁ)*

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୪୮)

### ଅଭିନବ ରୀତିରେ ଦୀକ୍ଷା :

ଅମୃତଙ୍କର 'ସ୍ମୃତିକଥା'ରୁ : ''ଯେଉଁ ମୁହୂର୍ତ୍ତରୁ ମୁଁ ଗୁରୁ ଶ୍ରୀଅରବିନ୍ଦଙ୍କର କୃପାଦୃଷ୍ଟିର ଆଲିଙ୍ଗନ ଲାଭ କଲି, ସେହି ମୁହୂର୍ତ୍ତରୁ ମୋର ଅଜ୍ଞାତସାରରେ ମୋ ଜୀବନର ଗତିପଥ ନିର୍ଦ୍ଧାରିତ ହୋଇଯାଇଥିଲା । ...ଏଥିରେ ମୋର କୌଣସି କର୍ତ୍ତୃତ୍ୱ ନଥିଲା, ମୁଁ ଥିଲି କେବଳ ଏକ ଉପଲକ୍ଷ୍ୟ, ଏକ ଯନ୍ତ୍ର, 'ନିମିତ୍ତ ମାତ୍ରମ୍' ।...

''୧୯୧୫ରେ ମ୍ୟାଟ୍ରିକ୍ ପରୀକ୍ଷା ଦେବାକୁ ମୁଁ ମାଡ୍ରାଜ ଗଲି । ସେଠାରେ ମାତ୍ର ଦିନେ, ଦୁଇଦିନ ରହି ପଣ୍ଡିଚେରୀକୁ ଫେରି ଆସି ମୁଁ ପ୍ରଥମେ ଶ୍ରୀଅରବିନ୍ଦଙ୍କୁ ଭେଟିଲି ।... ପରୀକ୍ଷା ଫଳ ଶୁଣିବା ମାତ୍ରେ ସେ ମୋତେ ଅଧିକ ପଢ଼ାପଢ଼ି କରିବା ପାଇଁ ଉତ୍ସାହିତ କଲେ । ... ମାଡ୍ରାଜରେ ମୁଁ ଥିଲି ଏକେବାରେ ଅଚିହ୍ନା । ଶ୍ରୀଅରବିନ୍ଦଙ୍କୁ ଏହା ଅଗୋଚର ନଥିଲା । ସେ ଗୋଟିଏ ଛୋଟ କାଗଜରେ ଧାଡ଼ିଏ କି ଦୁଇଧାଡ଼ି ମୋ ପାଇଁ ଏକ ପରିଚୟ-ପତ୍ର ଲେଖି ସେଇଟିକୁ ମାଡ୍ରାଜରେ ପ୍ରକାଶିତ 'ହିନ୍ଦୁ' କାଗଜର ତତ୍‌କାଳୀନ ସଂପାଦକ କସ୍ତୁରୀରଙ୍ଗା ଆୟେଙ୍ଗାରଙ୍କୁ ଦେଖାଇବା ପାଇଁ କହିଲେ । ଶ୍ରୀଅରବିନ୍ଦଙ୍କର ମୋ ପ୍ରତି ଅପାର କରୁଣାରୁ ଆଇନ କଲେଜ ସାମନାରେ ୧୪ନଂ ବେକାର୍ ଷ୍ଟ୍ରୀଟ୍‌ରେ ମୋ ସକାଶେ ଏକ ବାସଗୃହର ଯୋଗାଡ଼ ହୋଇପାରିଥିଲା ।...

''ମାଡ୍ରାଜରେ ମୁଁ ୧୯୧୫ରୁ ୧୯୧୯ ପର୍ଯ୍ୟନ୍ତ ଥିଲି । ଯଦିଓ ସେଠାରେ ବାସ କରୁଥିଲି, ତଥାପି ସର୍ବଦା ଗୁରୁଙ୍କର ଉପସ୍ଥିତି ମୋତେ ପରିଚାଳିତ କରୁଥିଲା ।...

''ମୋର ମାଡ୍ରାଜକୁ ଚାଲିଆସିବାର ଚାରି, ପାଞ୍ଚ ମାସ ପୂର୍ବରୁ ଶ୍ରୀଅରବିନ୍ଦ କେବେ କେବେ କଥାଛଳରେ ମୋତେ କହିଥିଲେ, 'ଯାହା ବି ଘଟୁ ନା କାହିଁକି, ଘଟଣାରାଜିରୁ ନିଜକୁ ପୃଥକ୍ କରିନେବ, ଏବଂ ସେସବୁକୁ ସାକ୍ଷୀପୁରୁଷ ସଦୃଶ ଦେଖିବ । ନିଜକୁ କେବେହେଲେ ସେସବୁଥିରେ ଜଡ଼ିତ କରିବ ନାହିଁ ।' ଯଦିଓ ସେତେବେଳେ ତାଙ୍କର ମୋ ପ୍ରତି ପ୍ରଦତ୍ତ ଏହି ଦୀକ୍ଷା-ମନ୍ତ୍ରର ସଂପୂର୍ଣ୍ଣ ତାତ୍ପର୍ଯ୍ୟ ମୁଁ ହୃଦୟଙ୍ଗମ କରିପାରି ନଥିଲି ତଥାପି ତାଙ୍କ ମୁଖନିଃସୃତ ସେଇ ବାଣୀ ମୋ ହୃଦୟରେ ଏକ ଗଭୀର ଛାପ ପକାଇଥିଲା । ତାଙ୍କରି ପ୍ରଦତ୍ତ ଏହି ଏକମାତ୍ର ମନ୍ତ୍ର ମୋର ମାଡ୍ରାଜରେ ଚାରି, ପାଞ୍ଚ ବର୍ଷ ରହଣି ଭିତରେ ମୋତେ ଏକ ଅବ୍ୟର୍ଥ ଶକ୍ତିପ୍ରଦାନ କରିଥିଲା ।...

''ଗୁରୁଙ୍କର ମୋ ପ୍ରତି ଏହି ଦୀକ୍ଷାଦାନ କେବେହେଲେ ଚିରାଚରିତ ପ୍ରଥାରେ ସମ୍ପନ୍ନ ହୋଇ ନଥିଲା ଏବଂ ମୁଁ ଯାହାଙ୍କୁ ଦୀକ୍ଷାମନ୍ତ୍ର ବୋଲି କହିଛି, ଯାହାକି ଥିଲା ଗୁରୁଙ୍କର ମୋ ପ୍ରତି ବାରଂବାର ଆଦେଶ,– ଏହି ମନ୍ତ୍ରଟିକୁ ବି ସେ ମୋତେ ଗତାନୁଗତିକ ପଦ୍ଧତିରେ ଦେଇ ନଥିଲେ... ଶ୍ରୀଅରବିନ୍ଦଙ୍କ ରୀତି ଥିଲା ସଂପୂର୍ଣ୍ଣ ଭିନ୍ନ । ତାଙ୍କ ସହିତ ଆମର ଅନ୍ତରଙ୍ଗତା, ଘନିଷ୍ଠତା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ହିଁ ଆମେ ଆମ ଭିତରେ ଅନୁଭବ କରିପାରୁଥିଲୁ ଯେ ସେ ଆମକୁ ଗ୍ରହଣ କରିନେଇଛନ୍ତି ଏବଂ ଆମ ଭିତରେ ସାଧନା ଆରମ୍ଭ ହୋଇଯାଇଛି । ଗୁରୁଙ୍କର କୃପା ଏବଂ ଶିଷ୍ୟର ଏହି କୃପାଲାଭ – ଏହା ଥିଲା ଏକ ସ୍ୱତଃସ୍ଫୂର୍ତ୍ତ ମୌନ ବିକାଶ, ଶବ୍ଦଟିଏ ବି ଉଚ୍ଚାରଣର ଆବଶ୍ୟକତା ନଥିଲା । ... ଆମେ ପ୍ରତ୍ୟେକେ ନିଜ ନିଜର ଯୋଗ୍ୟତା ଓ ସ୍ୱଧର୍ମ ଅନୁଯାୟୀ, ନିଜର ବୈଶିଷ୍ଟ୍ୟମୂଳକ ମାର୍ଗରେ ଲାଭ କରୁଥିଲୁ ଗୁରୁଙ୍କର ନୀରବ ଅନୁପ୍ରେରଣା ବା ଦିବ୍ୟ-ପ୍ରତ୍ୟାଦେଶ ।...

'' 'ମିଛ କୁହ ନାହିଁ । ଚୋରି କର ନାହିଁ । କୁବାକ୍ୟ କହି କାହାରି ମନରେ ଆଘାତ ଦିଅ ନାହିଁ ।'– ଶ୍ରୀଅରବିନ୍ଦଙ୍କୁ ଏହିସବୁ ନୀତି ଉପଦେଶ ଦେବାର ମୁଁ କେବେ ବି ଶୁଣି ନାହିଁ । ବରଂ ମୋତେ ଏବଂ ଅନ୍ୟ ସମସ୍ତଙ୍କୁ ସେ ଏଇ ଧରଣର କଥା କହିବାର ଶୁଣିଛି : 'ଧ୍ୟାନରେ ବସି ଚେତନାକୁ ମସ୍ତିଷ୍କର ଊର୍ଦ୍ଧ୍ୱରେ ତୋଳି ଧର, ବ୍ୟକ୍ତିଗତ ସକଳ ପ୍ରଚେଷ୍ଟା ତ୍ୟାଗପୂର୍ବକ ଊର୍ଦ୍ଧ୍ୱସ୍ଥ ଶକ୍ତି ସହିତ ମିଳିତ ହୁଅ, ସେହି ମହାଶକ୍ତିଙ୍କୁ ତୁମ ଭିତରେ ଅବାଧରେ କାର୍ଯ୍ୟ କରିବାକୁ ଦିଅ, ସେହିଁ ତୁମ ପାଇଁ ସବୁକିଛି କରିଦେବେ ।'...

''ମୋର ମାଡ୍ରାଜକୁ ଚାଲିଆସିବାର ଦଶ, ବାର ଦିନ ପୂର୍ବରୁ ମୋର ବାରଂବାର ଅନୁରୋଧ ଫଳରେ ଶ୍ରୀଅରବିନ୍ଦ

ଯୋଗ-ସାଧନା ସମ୍ବନ୍ଧରେ ଦୁଇ, ଚାରି ପଦ କିଛି କହିବାକୁ ସମ୍ମତ ହୋଇଥିଲେ । ମୁଁ ପ୍ରତିଦିନ ତାଙ୍କ ପାଖକୁ ଉପରଓଳି ତିନିଟାରୁ ସାଢ଼େ ତିନିଟା ଭିତରେ ଯାଉଥିଲି । ସେହି ସମୟରେ ସେ ମୋତେ ଯୋଗ-ସାଧନା ସମ୍ପର୍କରେ ସରଳ ଭାବରେ କହୁଥିଲେ । ମୁଁ ତାଙ୍କ କହିବାର ମୁଖ୍ୟ ଅଂଶଗୁଡ଼ିକ ଲେଖି ନେଉଥିଲି ।

''ତାଙ୍କର ସେହି ବାଣୀଗୁଡ଼ିକୁ ମୁଁ ଦୁଇଟି ଛୋଟ ନୋଟ୍ ଖାତାରେ ଟିପି ରଖିଥିଲି । ମୋର ମାନ୍ଦ୍ରାଜରେ ଚାରି, ପାଞ୍ଚ ବର୍ଷ ରହଣି ଭିତରେ ସେହି ଖାତା ଦୁଇ ଖଣ୍ଡ ସର୍ବଦା ଦିଶାରୀ ସଦୃଶ ଅହରହ ମୋ ସଙ୍ଗେ ସଙ୍ଗେ ରହିଥିଲା । ରାତ୍ରିରେ, ଶୋଇବା ସମୟରେ, ସେହି ଦୁଇଟିକୁ ମୁଁ ମୋର ତକିଆ ତଳେ ରଖୁଥିଲି । ସାରାଦିନ ସେ ଦୁଇଟି ମୋ ପକେଟରେ ରହୁଥିଲା ଏବଂ ମୁଁ ସେସବୁକୁ ବାର ବାର ପଢୁଥିଲି ।

''ଶ୍ରୀଅରବିନ୍ଦ ତାଙ୍କ ମହାପ୍ରୟାଣର ବେଶ୍ କିଛି ବର୍ଷ ପୂର୍ବରୁ ମୋ ନିକଟରୁ ଲିପିବଦ୍ଧ ହୋଇ ରହିଥିବା ମୋର ସେହି ଟିପାଖାତା ଦୁଇଟିକୁ ଫେରାଇ ନେଇଥିଲେ । ବୋଧହୁଏ କେବଳ ମୋ ପ୍ରତି ଉଦ୍ଦିଷ୍ଟ ଯୋଗର ସେହି ଗୁପ୍ତ ରହସ୍ୟାବଳି ଅନ୍ୟମାନଙ୍କ ନିକଟରେ ପ୍ରକାଶ ପାଉ ବୋଲି ସେ ଚାହୁଁ ନଥିଲେ ।...

''ପଣ୍ଡିଚେରୀକୁ ଆସିବା ମାତ୍ରେ ଶ୍ରୀଅରବିନ୍ଦଙ୍କ ଆଗରେ ମାନ୍ଦ୍ରାଜରେ ମୁଁ ଯାହା ଯାହା କରିଥାଏ ସେସବୁର ଏକ ବିସ୍ତାରିତ ବିବରଣୀ ଦେଉଥିଲି । ତାଙ୍କ ଆଗରେ ନିଜକୁ ଏହିପରି ଭାବରେ ଖୋଲି ଧରିବା ପରେ ମୁଁ ସ୍ପଷ୍ଟ ଅନୁଭବ କରୁଥିଲି ଯେପରି ମୁଁ ଏକ ଶୀତଳ ସ୍ନାନ କରିଉଠିଲି, ମୋ ଭିତରେ ଏକ ନୂତନ ଜୀବନ, ନୂତନ ଶକ୍ତିର ସଞ୍ଚାର ହୋଇଛି, ମୁଁ ଯେପରି ଏକ ନବଜନ୍ମ ଲାଭ କରିଛି ।

''ନିଶ୍ଚିନ୍ତରେ ପୁଣି ମାନ୍ଦ୍ରାଜ ଫେରି ଯାଉଥିଲି ସମ୍ପୂର୍ଣ୍ଣରୂପେ ଏକ ନୂତନ ମଣିଷ ହୋଇ । ସାଧନା ସମ୍ପର୍କରେ କିଛି ପ୍ରଶ୍ନ ପଚାରିଲେ ଶ୍ରୀଅରବିନ୍ଦଙ୍କଠାରୁ ଯାହା ପ୍ରାୟ ଶୁଣୁଥିଲି ତା'ର ପ୍ରଧାନ କଥା ହେଉଛି, 'ନିଜ ମସ୍ତକର ଟିକିଏ ଉର୍ଦ୍ଧ୍ୱକୁ ଉଠିଯାଅ, ସେଠାରେ ରହିଛି ଅତିମାନସ ସ୍ତର, ଏହାରି ଉପରେ ଏକାଗ୍ର ହୁଅ, ତୁମର ଯାହାକିଛି ଆବଶ୍ୟକ ତୁମେ ସେଇଠାରୁହିଁ ପାଇବ ।'

''ମାନ୍ଦ୍ରାଜରେ ଥିବାବେଳେ ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶାନୁସାରେ ରାତ୍ରିରେ ଶୋଇବା ପୂର୍ବରୁ ଏବଂ ଭୋରରୁ ସ୍ନାନାଦି ନିତ୍ୟକର୍ମ ପରେ ପନ୍ଦର ମିନିଟ କରି ଏକାଗ୍ରତା ଅଭ୍ୟାସ କରୁଥିଲି । ଏହାଫଳରେ ରାତ୍ରିରେ ହେଉଥିଲା ଗଭୀର ସୁନିଦ୍ରା ଏବଂ ଦିନତମାମ କାର୍ଯ୍ୟକ୍ରମରେ ପାଉଥିଲି ନିୟତ ଏକ ଶକ୍ତି ଏବଂ ଶାନ୍ତି । ଅବଶ୍ୟ ଥରେ କି ଦୁଇ ଥର ବିନା କାରଣରେ ମୋତେ ଉତ୍କଣ୍ଠା ଓ ବିଷଣ୍ଣତା ଭୋଗିବାକୁ ପଡ଼ିଥିଲା । ବେଶ୍ କିଛି ବର୍ଷ ପରେ ମୁଁ ବୁଝିପାରିଲି ଯେ ଏହା ହୋଇଥିଲା ସର୍ବଦା ଯଥାସମ୍ଭବ ଶ୍ରୀଅରବିନ୍ଦଙ୍କୁ ସ୍ମରଣରେ ରଖିପାରୁ ନଥିଲି ବୋଲି ।...''

ପରବର୍ତ୍ତୀ କାଳରେ ବନ୍ଧୁମାନଙ୍କ ସବିନୟ ଅନୁରୋଧରେ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ବର୍ଣ୍ଣନା କରିବାକୁ ଯାଇ ଅମୃତ କିଂକର୍ତ୍ତବ୍ୟବିମୂଢ଼ ହୋଇ କେବଳ ଏତିକି କହିଥିଲେ : ''ମୁଁ ଯେତେବେଳେ ତାଙ୍କ ସମ୍ମୁଖରେ ଯାଇ ଛିଡ଼ା ହେଉଥିଲି ବା ତାଙ୍କର ଅତି ନିକଟସ୍ଥ ହେଉଥିଲି, ମୋର ମନେ ହେଉଥିଲା, ସତେ ଯେପରି ମୁହୂର୍ତ୍ତେ ମାତ୍ର କାଳବିଳମ୍ବ ନକରି ଅତି ସହଜରେ ସେ ତାଙ୍କର ଉତ୍ତୁଙ୍ଗ ଶିଖରରୁ ମୋ ସ୍ତରକୁ ଓହ୍ଲାଇ ଆସି ମୋ ସହିତ ଏକାକାର ହୋଇଯାଇଛନ୍ତି । ତଥାପି ମୋର ପ୍ରତ୍ୟେକ ଥର ଏହି ଅନୁଭବ ହେଉଥିଲା ଯେପରି ମୁଁ ଏକ କୂଳବିହୀନ ଅନନ୍ତ ସମୁଦ୍ର ସମ୍ମୁଖରେ, ଅନନ୍ତବ୍ୟାପୀ ମହାଶୂନ୍ୟ ସମ୍ମୁଖରେ ଛିଡ଼ା ହୋଇଛି ଏବଂ ଯାହାକିଛି ବ୍ୟକ୍ତ ଏବଂ ଯାହାକିଛି ଅବ୍ୟକ୍ତ, ସେସବୁର ଉତ୍ସ ଏବଂ ଧାତ୍ରୀ ଅସୀମଙ୍କର, ଏକ ଭୂମା ପୁରୁଷଙ୍କର ସ୍ପର୍ଶଲାଭର ଏକ ଇନ୍ଦ୍ରିୟବୋଧ ଅନୁଭୂତି ଲାଭ କରୁଥିଲି ।

''ତଥାପି ଆଉ ଗୋଟିଏ କଥା । ଯଦିଓ ଆମ ସମ୍ମୁଖରେ ସେ ଠିକ୍ ଆମରି ପରି, ତଥାପି ଆମେ ଦେଖିପାରୁ ଏବଂ ଅନୁଭବ କରିପାରୁ ଯେ ତାଙ୍କରି ସାମୀପ୍ୟରେ ତାଙ୍କରି ଅପାର କରୁଣାରେ ଆମର ବ୍ୟକ୍ତିତ୍ୱର ଛାୟାମୂର୍ତ୍ତିଟି ଧୀରେ ଧୀରେ ଖସିପଡୁଛି ଏବଂ ଆମର ଯଥାର୍ଥ ସତ୍ତାଟି ଦିବ୍ୟ-ଆଲୋକ, ଶକ୍ତି ଓ ଆନନ୍ଦରେ ପ୍ଲାବିତ ହୋଇଉଠୁଛି । ଏହି ଅନୁଭୂତି ମୁଁ ଅତି ସ୍ପଷ୍ଟରୂପେ ଓ ନିଃସନ୍ଦେହ ଭାବରେ ଲାଭ କରିଛି ।''

ଶ୍ରୀଅରବିନ୍ଦଙ୍କ ସହିତ ପ୍ରାରମ୍ଭିକ ସମ୍ପର୍କ ସ୍ଥାପନର ସମୟର କଥା ମନେ ପକାଇ ଅମୃତ କହୁଥିଲେ; ''ସ୍କୁଲ ଛୁଟି ହେବା ମାତ୍ରେ ମୁଁ କ୍ଲାନ୍ତ ହୋଇ ଶ୍ରୀଅରବିନ୍ଦଙ୍କ ବାସଭବନକୁ ଛୁଟି ଆସୁଥିଲି ଏବଂ ମସିଣା ଉପରେ ଚିତ୍ ହୋଇ ଶୋଇ ପଡୁଥିଲି ଆଉ ଶ୍ରୀଅରବିନ୍ଦ ମୋ ପାଖରେ ସେଇ ମସିଣା ଉପରେ ବସି ଧୀରେ ଧୀରେ ତାଙ୍କର ବରଦହସ୍ତ ମୋ ଦେହରେ ବୁଲାଇ ଦେଉଥିଲେ । ସେତେବେଳେ ମୁଁ ସ୍ପଷ୍ଟ ରୂପେ ଆଘ୍ରାଣ

କରୁଥିଲି ଏକ ବିଶେଷ ଧରଣର ସୁବାସ, ଯାହାକି ଶ୍ରୀଅରବିନ୍ଦଙ୍କ ଶରୀରରୁ ମହକୁଥାଏ । ପରେ ଶ୍ରୀମା କହିଥିଲେ ଯେ ଶ୍ରୀଅରବିନ୍ଦଙ୍କ ଶରୀରରୁ ପଦ୍ମପୁଷ୍ପର ଏକ ମନ୍ଦମଧୁର ସୁବାସ ସଦାବେଳେ ମହକୁ ଥାଏ ।''

ଟି. କୋଦଣ୍ଡରାମାରାଓ ତାଙ୍କ ସ୍ମୃତିକଥାରେ ବର୍ଣ୍ଣନା କରିଛନ୍ତି : ''... ଏକ ଅଦମ୍ୟ ଆନ୍ତର ପ୍ରେରଣାରେ ୧୯୨୦ ଡିସେମ୍ବର ଶେଷ ସପ୍ତାହରେ ଶ୍ରୀଅରବିନ୍ଦଙ୍କର ପ୍ରଥମ ଦର୍ଶନ ଲାଭ ନିମିତ୍ତ ମୁଁ ପଣ୍ଡିଚେରୀ ଅଭିମୁଖୀ ହେଲି । ତାଙ୍କୁ ପ୍ରଥମ ଦର୍ଶନରେ ମୋର ସ୍ପଷ୍ଟରୂପେ ବୋଧ ହେଲା ଯେ ସେ ହେଉଛନ୍ତି ମୋର ବହୁଦିନର ଆରାଧ୍ୟ ଦେବତା, ଦେବ ଦେବ ମହାଦେବ, ସ୍ୱୟଂ ଶିବ । ତାଙ୍କର ଶରୀର ଥିଲା ସୁବର୍ଣ୍ଣ; ମୁଁ ଆଳଙ୍କାରିକ ଭାଷାରେ ଏକଥା କହୁ ନାହିଁ, ସେ ପ୍ରକୃତରେ ଥିଲେ ସୁବର୍ଣ୍ଣମୟ (ହିରଣ୍ୟ ବର୍ଣ୍ଣମ୍, ହିରଣ୍ମୟମ୍) । ଚତୁଃପାର୍ଶ୍ୱରେ ଜ୍ୟୋତିଃ ବିକିରଣ କରୁଥିବା ଏକ ସାବଲୀଳ, ସୁଷମ, ହିରଣ୍ୟ ଶରୀରରେ ଉଜ୍ଜ୍ୱଳ ଆଭାମଣ୍ଡିତ କେଶଗୁଚ୍ଛ ତାଙ୍କର ସ୍କନ୍ଧ ପର୍ଯ୍ୟନ୍ତ ଲମ୍ବି ଆସିଥିଲା ଏବଂ ଗଭୀର ଅନ୍ତର୍ଭେଦୀ ଥିଲା ତାଙ୍କର ଦୀପ୍ତିମାନ୍ ନୟନଯୁଗଳ । ତାଙ୍କର ଅତ୍ୟୁତ୍ତମ ରାଜକୀୟ ଦିବ୍ୟ-ଉପସ୍ଥିତିରେ ସେ ଥିଲେ ମହିମମୟ ।...

''ଚାରିମାସ ପରେ ପୁଣି ମୁଁ ତାଙ୍କର ଦର୍ଶନ ଲାଭ କରିଥିଲି । ପରେ ଜୁଲାଇ ୧୯୨୧ରୁ ତିନି ବର୍ଷ ଧରି ମୁଁ ତାଙ୍କର ନିକଟ ସାନ୍ନିଧ୍ୟରେ ବିତାଇଥିଲି । ସେତେବେଳେ ସେ ସକାଳ ୯ଟାରୁ ୧୦ଟା ଯାଏ ଦର୍ଶନାର୍ଥୀମାନଙ୍କୁ ସାକ୍ଷାତ୍ ହେଉଥିଲେ । ଏହି ସମୟରେ ତାଙ୍କର ଦିବ୍ୟ-ଉପସ୍ଥିତିରେ ମୁଁ ପଦ୍ମର ସୌରଭ ପାଉଥିଲି । ସେତେବେଳେ ତାଙ୍କ ଟେବୁଲ ଉପରେ କୌଣସି ପୁଷ୍ପଗୁଚ୍ଛ ରଖାଯାଉ ନଥିଲା, ପଦ୍ମ ପୁଷ୍ପ ତ ନିଶ୍ଚିତ ରୂପେ ନଥିଲା, ତଥାପି ମୁଁ ତୀବ୍ରଭାବରେ ପଦ୍ମ ପୁଷ୍ପର ସୁଗନ୍ଧ ପାଉଥିଲି । ମୁଁ ଏକଥା ମୋର କେତେକ ସାଧକ-ବନ୍ଧୁଙ୍କୁ କହିବାରୁ ସେମାନେ ମୋତେ କହିଲେ ଯେ ଏହା ତୁମ ଚୈତ୍ୟ-ଚେତନାର ବୋଧ ବ୍ୟତୀତ ଅନ୍ୟ କିଛି ନୁହେଁ । ସେମାନେ ମୋତେ ଏହାର ଯଥାର୍ଥ କାରଣ ସମ୍ବନ୍ଧେ କିଛି ବୁଝାଇ ପାରି ନଥିଲେ । ପରେ ମୁଁ 'ରାଜଯୋଗ' ସମ୍ବନ୍ଧେ କେତେକ ପୁସ୍ତକ ପଢ଼ି ଏହାର ଯଥାର୍ଥ କାରଣ ସମ୍ବନ୍ଧେ ଜାଣିଲି – ମହାନ୍ ଯୋଗୀମାନଙ୍କର ଦିବ୍ୟଶରୀରରୁ ଏହି ଧରଣର ପଦ୍ମର ସୁଗନ୍ଧ ସର୍ବଦା ନିର୍ଗତ ହୋଇଥାଏ ।...''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

---

*(ପୃଷ୍ଠା ୧୮ ର ଅବଶିଷ୍ଟାଂଶ)*

ଇତ୍ୟାଦି* । ପ୍ରତ୍ୟେକ ଧ୍ୟାନର ନିଜସ୍ୱ ମୂଲ୍ୟ ଓ କାଳ ରହିଛି । କାରଣ ଧ୍ୟାନ ଗୋଟିଏ ଲକ୍ଷ୍ୟପୂର୍ତ୍ତି ନିମିତ୍ତ ଏକ ସାଧନ ଅଟେ ଏବଂ ଏହାର ପ୍ରକାର ଭେଦର ନିର୍ଣ୍ଣୟ ସାଧନାର ଆବଶ୍ୟକତା ଓ ଅନୁସନ୍ଧାନ କରାଯାଉଥିବା ଲକ୍ଷ୍ୟର ପ୍ରକୃତି ଦ୍ୱାରା ସ୍ଥିରୀକୃତ ହୁଏ । ଆମେ ଏହି ପୁସ୍ତକରେ ଧ୍ୟାନର ପ୍ରକୃତି ଓ ପଦ୍ଧତି, (ତା'ର) ସାଧାରଣଭାବେ ଆଧ୍ୟାତ୍ମିକ ଜୀବନ ସହ ସମ୍ବନ୍ଧ ତଥା ବିଶେଷଭାବେ ଶ୍ରୀମାଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣଯୋଗର ଛାୟାରେ ବିଚାର କରିବା ।

(କ୍ରମଶଃ)

(ଇଂରାଜୀ 'Dhyana' ପୁସ୍ତକରୁ)

ଅନୁବାଦ : ରଜନୀକାନ୍ତ ମିଶ୍ର ❑

* ପାଦଟୀକା –

ଆତ୍ମା ଆମ ମହା ଏକାନ୍ତ ପ୍ରହରେ
ଭ୍ରମିପାରେ ଅସରନ୍ତି ଆଲୋକର ସୁସ୍ଥିର ମୁଲକ;
ପ୍ରଶାନ୍ତ ଶକ୍ତିର ସର୍ବଦର୍ଶୀ ଛଞ୍ଚାଣ-ଶିଖର
ଏବଂ ଚାନ୍ଦ୍ରନିଶା ମହାରତ୍ନାକର ଅକଳନ
ସୁଗଭୀର ଆନନ୍ଦର ସୁତୀବ୍ର ବେଗର
ଏବଂ ସୁନିଶ୍ଚଳ ସୀମାହୀନ ଚେତନ ଆକାଶ ।

(ସାବିତ୍ରୀ, ପ୍ରଥମ ପର୍ବ, ୪ର୍ଥ ଅଧ୍ୟାୟ)

**ଆରବ୍ୟ ରଜନୀର ଅଜଣା କାହାଣୀ :**

# ବିଚିତ୍ର ବିହଙ୍ଗ

## ମନୋଜ ଦାସ

ନଗରୀଠାରୁ କିଛି ଦୂରରେ ଅଗନାଅଗନି ବଣ । ପଥିକମାନଙ୍କୁ ସେହି ବଣ ଭିତର ଦେଇ ଦୂରଦୂରାନ୍ତର ଯାତାୟାତ କରିବାକୁ ପଡୁଥାଏ । ନଗରୀକୁ ଫେରିଆସି ସେମାନେ ଗପନ୍ତି ଗୋଟାଏ ଅଜବ ପକ୍ଷୀ କଥା । ସେ ରହିଥାଏ ବଣର ସବୁଠାରୁ ଗହନ ଅଞ୍ଚଳରେ – ଗୋଟିଏ ହ୍ରଦକୂଳବର୍ତ୍ତୀ ଗଛରେ । ଏଡ଼େ ସୁନ୍ଦର ପକ୍ଷୀ ଆଉ କେଉଁଠି କେହି ଦେଖି ନଥା'ନ୍ତି । ପଥିକ ତା' ଉପରୁ ଆଖି ଫେରାଇ ନେଇପାରେ ନାହିଁ । ପୁଣି ସେ ପକ୍ଷୀର ଗୀତ ଏଡ଼େ ମଧୁର ଯେ ସେ ଚୁପ୍ ନ ହେବାଯାଏ କାହାରି ପାଦ ଚଳେ ନାହିଁ ।

କିନ୍ତୁ ଯିଏ ତାକୁ ଧରିବାକୁ ଚେଷ୍ଟା କରେ, ସିଏ ଆଖି ପଲକରେ ପଥରମୂର୍ତ୍ତି ବନିଯାଏ ।

ନଗରୀର ରାଜାଙ୍କର ଏକମାତ୍ର ସନ୍ତାନ ଗୋଟିଏ କନ୍ୟା । ତା'ର ଜିଦି – ପକ୍ଷୀଟିକୁ ସେ ପୋଷିବ; ସବୁଦିନ ତା'ର ଗୀତ ଶୁଣିବ । ରାଜା ଅଲିଅଳ ଝିଅର ସନ୍ତୋଷ ପାଇଁ ଘୋଷଣା କଲେ – ଯିଏ ସେ ପକ୍ଷୀକୁ ଧରିଆଣିବ, ସିଏ ରାଜାଙ୍କ ରତ୍ନଭଣ୍ଡାରରୁ ଏକାଥରେ ଯାହା ପାରିବ ତାହା ନେଇଯିବ । ପକ୍ଷୀ ପୋଷା ବନିବାକୁ ମନ ନକଲେ ତାକୁ ଛାଡ଼ିଦିଆଯିବ । କିନ୍ତୁ ରାଜକନ୍ୟା ତାକୁ ନ ଭେଟିଲେ ବିବାହ କରିବେ ନାହିଁ ବୋଲି ଧମକ ଦେଇଥା'ନ୍ତି !

ରାଜକନ୍ୟା ବିଭାହେବା କିନ୍ତୁ ଜରୁରୀ । ନହେଲେ ରାଜବଂଶଧାରାରେ ପୂର୍ଣ୍ଣଚ୍ଛେଦ ପଡ଼ିଯିବ ।

କେହି କେହି ସାହସ କରି ବଣରେ ପଶିଲେ, କିନ୍ତୁ ଫେରିଲେ ନାହିଁ; କହିବା ବାହୁଲ୍ୟ ପକ୍ଷୀକୁ ଧରିବାକୁ ଯାଇ ପଥର ପାଲଟିଗଲେ ।

ବର୍ଷେ ଅପେକ୍ଷା କରି ରାଜା ଏଥର ଘୋଷଣା କଲେ, ଯିଏ ପକ୍ଷୀଟିକୁ ଧରିଆଣି ପାରିବ, ସିଏ ରାଜକନ୍ୟାଙ୍କୁ ବିଭା ହେବ । ଅର୍ଥାତ୍ ରାଜାଙ୍କ ଅନ୍ତେ ସେ ସିଂହାସନରେ ବସିବ ।

ରାଜଧାନୀରେ ଥିଲେ ତିନି ତରୁଣ ବନ୍ଧୁ । ପ୍ରଥମ ଜଣକ କାହାକୁ କିଛି ନକହି ପକ୍ଷୀଟିକୁ ଧରିବା ନିମନ୍ତେ ଜାଲ ଓ ଫାଶ ଇତ୍ୟାଦି ଧରି ବଣକୁ ଗଲା; କିନ୍ତୁ ଦିନ ପରେ ଦିନ ବିତିଗଲା; ସେ ଫେରିଆସିଲା ନାହିଁ ।

ଦ୍ୱିତୀୟ ତରୁଣ ସନ୍ଦେହ କଲା ଯେ ସେ ନିଶ୍ଚେ ବଣକୁ ଯାଇ ପଥର ବନିଯାଇଛି । ସେ ନିଜ ଭାଗ୍ୟ ପରୀକ୍ଷା କରିବା ନିମନ୍ତେ ବାହାରିଗଲା । କିନ୍ତୁ ସେ ମଧ ଫେରିଲା ନାହିଁ ।

ତୃତୀୟ ତରୁଣ ବଡ଼ ବ୍ୟଥା ପାଇଲା । ପକ୍ଷୀଟିକୁ ଧରି ରାଜକନ୍ୟାଙ୍କୁ ବିବାହ ହେବା ଦିଗରେ ତା'ର ଅଭିଳାଷ ନଥିଲା । କିନ୍ତୁ ବନ୍ଧୁ ଦୁଇ ଜଣଙ୍କୁ ସେମାନଙ୍କ ପାଷାଣ ଦଶାରୁ ମୁକୁଳାଇବା ଦିଗରେ ସେ କେମିତି ଚେଷ୍ଟା ନକରିବ ? ବନ୍ଧୁ ତେବେ ଆଉ କ'ଣ ପାଇଁ ?

ସେ ବଣରେ ପଶି ହ୍ରଦ କୂଳରେ ପକ୍ଷୀକୁ ଠାବ କଲା । ଗଛତଳେ ତା'ର ଦୁଇ ବନ୍ଧୁ ପଥର ପାଲଟି ଠିଆ ହୋଇଥିବାର ମଧ ଦେଖିଲା । ପକ୍ଷୀର ଗୀତରେ ସେ ଏଡ଼େ ମୁଗ୍ଧ ହୋଇଗଲା ଯେ, ପକ୍ଷୀ ଗୀତ ଶେଷ କରିବା ମାତ୍ରେ ନିଜ ଅଜାଣତରେ ସେ ନିଜେ ଗୀତ ବୋଲିବାକୁ ଆରମ୍ଭ କଲା । ଚମତ୍କାର ହେଲା ତା'ର ସେ ଗୀତ । ପକ୍ଷୀଟି ତା' ପାଖକୁ ଉଡ଼ି ଆସି ଗୋଟିଏ ଛୋଟ ଗଛ ଉପରେ ବସି ତା' ଗୀତ ଶୁଣିଲା ।

''ବାଃ, ଅତି ମଧୁର !'' – ତରୁଣ ଗୀତ ବୋଲିବା ବନ୍ଦ କରିବା ମାତ୍ରେ ପକ୍ଷୀ କହିଲା ।

''ହେ ଅପୂର୍ବ ପକ୍ଷୀ ! ମୁଁ କେବେ ହୁଏତ ଶିଶୁ ଥିବାବେଳେ ଗୀତ ବୋଲୁଥିଲି । କିନ୍ତୁ ମୋତେ ଗୀତ ବୋଲିଆସେ ବୋଲି ଜାଣି ନଥିଲି । ତୁମ ସଙ୍ଗୀତହିଁ ମୋ କଣ୍ଠକୁ ଜୀବନ ଦେଲା; ମୋର କିଛି ବାହାଦୁରି ନାହିଁ ।'' – ତରୁଣ କହିଲା ।

''ଶୁଣ । ମୋତେ କେହି କେବେ ଗୀତ ଶୁଣାଇ ନଥିଲେ । ସମସ୍ତେ ମୋ ଗୀତ ଶୁଣନ୍ତି ଓ ମୋତେ ଧରିନେବାକୁ ଚେଷ୍ଟା କରନ୍ତି । ତୁମ ଉପରେ ମୁଁ ଖୁବ୍ ଖୁସି । ତୁମକୁ କ'ଣ ଦେବି ?'' – ପକ୍ଷୀ ପଚାରିଲା ।

''ଦେଖୁଛି, ମୋର ଦୁଇ ବନ୍ଧୁ ପଥର ପାଲଟି ଯାଇଛନ୍ତି । ଆହୁରି କେତୋଟି ପଥର ମୂର୍ତ୍ତି ମଧ ଦେଖୁଛି ।

ସେମାନେ ବି ଏକା କାରଣରୁ ସେମିତି ଦଶା ଭୋଗିଛନ୍ତି ବୋଲି ମନେହୁଏ । ତୁମେ ସେମାନଙ୍କୁ ପୁଣି ସେମାନଙ୍କ ପୂର୍ବ ଅବସ୍ଥା ଫେରାଇଦିଅ ।'' – କହିଲା ତରୁଣ ।

''ବେଶ୍ । ତାହାହିଁ ହେବ ।'' – ଏହା କହି ପକ୍ଷୀ ସେ ପଥରମୂର୍ତ୍ତିମାନଙ୍କ ଉପରେ ତିନି ତିନି ଥର ଚକ୍କର ମାରିବା ମାତ୍ରେ ସେମାନେ ଜୀବନ ଫେରିପାଇଲେ । ତରୁଣ ନିଜର ଦୁଇ ବନ୍ଧୁଙ୍କୁ ସବୁ କଥା କହିଲା । ଅନ୍ୟମାନେ ବି ସବୁ ଶୁଣିଲେ । ତରୁଣକୁ ଅଶେଷ ଧନ୍ୟବାଦ ଦେଇ ସେମାନେ ବିଦାୟ ନେଲେ । ତରୁଣ ସହ ରହିଲେ ଖାଲି ତା'ର ଦୁଇ ବନ୍ଧୁ ।

''ତରୁଣ, ଦେଖୁଛି ତୁମେ ଖୁବ୍ ମହତ୍ । ତୁମ ମହତ୍ତ୍ୱ ପାଇଁ ମୁଁ ତୁମକୁ କ'ଣ ଦେବି ?'' – ପକ୍ଷୀ ପଚାରିଲା ।

''ହେ ଅପୂର୍ବ ଦେବ-ପକ୍ଷୀ ! ଥରେ ତୁମେ ମୋ ସହ ରାଜନବରକୁ ଆସନ୍ତ ନାହିଁ ? ରାଜକନ୍ୟାଙ୍କର ଭାରି ଇଚ୍ଛା, ତୁମକୁ ଦେଖିବେ; ତୁମ ଗୀତ ଶୁଣିବେ ।'' – ତରୁଣ କହିଲା ।

''ଯାଆନ୍ତି ଯେ, କିନ୍ତୁ ମୋତେ ଯିଏ ପାରିବ ସିଏ ଧରିନେବ । କେହି କେହି ତୀର ବିନ୍ଧିବା ବି ଅସମ୍ଭବ ନୁହେଁ !'' – ପକ୍ଷୀ ଚିନ୍ତା ପ୍ରକଟ କରି କହିଲା ।

ପଥର ପାଲଟିଥିବା ଲୋକଙ୍କ ଭିତରୁ ଜଣେ ଗୋଟାଏ ସୁନା ପଞ୍ଜୁରି ଆଣି ସେଠି ଛାଡ଼ି ଯାଇଥିଲା । ତରୁଣ କହିଲା, ''ତୁମେ ବରଂ ଏ ପଞ୍ଜୁରିରେ ପଶିବ । ମୁଁ ପଞ୍ଜୁରି କେତେବେଳେ ହାତଛଡ଼ା କରିବି ନାହିଁ । ମୋର ଦୁଇ ବନ୍ଧୁ ମଧ ଆମ ସହ ପ୍ରହରୀ ଭଳି ରହିଥିବେ । କିଛି ବିପଦ ହେବ ନାହିଁ ।''

''ତାହାହିଁ ହେଉ'' କହି ପକ୍ଷୀ ପଞ୍ଜୁରିରେ ପଶିଲା । ତେବେ ତା'ର ଦୁଇ ବନ୍ଧୁ କିଛି ଫଳ ତୋଳିବାକୁ ଯାଇଥିବା ବେଳେ ସେ ତରୁଣକୁ କହିଲା, ''ମୋ ବାମ ଗୋଡ଼ରେ ଯେଉଁ ସୁନା ମୁଦିଟି ଅଛି, ତାକୁ ବାହାର କରିନେଇ ନିଜ ଅଙ୍ଗୁଳିରେ ଲଗାଅ, କାମ ଦେବ ।'' ତରୁଣ ତାହାହିଁ କଲା ।

ପଞ୍ଜୁରି ଧରି ତିନି ବନ୍ଧୁ ବଣରୁ ବାହାରିବା ବେଳକୁ ରାତି ହୋଇଗଲାଣି ।

ବଣ ପାଖରେ ଗୋଟିଏ ଦେବାଳୟ । ତିନିହେଁ ତହିଁ ବିଶ୍ରାମ ନେଲେ । ତରୁଣର ଦୁଇ ବନ୍ଧୁ ତାକୁ କହିଲେ, ''ତୁମେ ପ୍ରଥମେ ନିଦରେ ଶୋଇଯାଅ । ଆମେ ପକ୍ଷୀକୁ ଜଗିବୁ । ମଝିରାତି ବେଳକୁ ତୁମକୁ ନିଦରୁ ଉଠାଇ ଆମେ ଶୋଇବୁ । ତୁମେ ଜଗିବ ।''

ତରୁଣ ରାଜି ହେଲା । ତାକୁ ନିଦ ଆସିଯିବା ପରେ ଅନ୍ୟ ଦୁଇ ଜଣ ନିଜ ନିଜ ଭିତରେ କଥାବାର୍ତ୍ତା ହୋଇ ହଠାତ୍ ତା' ମୁହଁରେ ପୁଳାଏ କନା ଭର୍ତ୍ତି କରି ତା' ହାତଗୋଡ଼ ବାନ୍ଧି ଅଦୂରରେ ଥିବା ଗୋଟିଏ କୂଅ ଭିତରକୁ ପକାଇଦେଇ ପଞ୍ଜୁରି ଧରି ରାତାରାତି ନଗରୀ ଅଭିମୁଖେ ଚାଲିଲେ ।

ଅଣନିଃଶ୍ୱାସୀ ହୋଇ ତରୁଣ ଅଚେତ ହୋଇ ଯାଇଥିଲା । ଚେତା ଫେରିବା ବେଳକୁ ସକାଳ ହେଲାଣି । କୂଅରେ ପାଣି ନ ଥିଲା । ସେ ପଡ଼ିଥିଲା ଶୁଖିଲା ଗୋଡ଼ି, ବାଲି ଉପରେ ।

କିନ୍ତୁ ଇଏ କ'ଣ ? ତା' ପାଖରେ ବସିଥାଏ ଜଣେ ଅତିକାୟ ଦୈତ୍ୟ ।

''ତୁମେ କିଏ ବାବୁ ?'' – ପଚାରିଲା ତରୁଣ ।

''ତୁମକୁ ପକ୍ଷୀ ଯେଉଁ ମୁଦି ଦେଇଥିଲା, ମୁଁ ତାହାରି ଭିତରେ ଥିବା ଜିନ୍ । ତୁମେ ତଳକୁ ପଡ଼ିବାବେଳେ ମୁଦିଟି ପଥର ଦେହରେ ଘଷି ହୋଇଯାଆନ୍ତେ ମୁଁ ବାହାରିଆସି ତୁମ ଆଦେଶକୁ ଅପେକ୍ଷା କରିଛି ।'' – କହିଲା ଦୈତ୍ୟ ।

''ଧନ୍ୟବାଦ । ତୁମେ ଗୋଟିଏ ଅଶ୍ୱ ବନିଯାଇ ମୋତେ ରାଜନବରକୁ ନେଇଯାଇ ପାରିବ ?'' – ପଚାରିଲା ତରୁଣ ।

''ପାରିବି ବୋଲି ପ୍ରଶ୍ନ କରୁଛ ? ନିଶ୍ଚେ ପାରିବି ।'' ସେ ବନିଗଲା ଗୋଟାଏ ଅପୂର୍ବ ଅଶ୍ୱ ।

ଅଶ୍ୱ ତରୁଣକୁ ପିଠିରେ ବସାଇ କ୍ଷିପ୍ରଗତିରେ ରାଜ-ନବରରେ ପହଞ୍ଚିଲା । ସେତେବେଳେ ସେଠାରେ ଜଟିଳ ଅବସ୍ଥା । ସୁନା ପଞ୍ଜୁରି ରାଜକନ୍ୟାଙ୍କ ପାଖରେ ପହଞ୍ଚିଛି । ପକ୍ଷୀକୁ ପାଇ ତାଙ୍କ ଆନନ୍ଦର ସୀମା ନାହିଁ । ଏଣେ ଦୁଇ ତରୁଣଙ୍କ ଭିତରେ ଭୀଷଣ କଳି । ପ୍ରଥମଜଣକ କହୁଛି ସିଏ ପକ୍ଷୀକୁ ଆଣିଛି । ଦ୍ୱିତୀୟଜଣକ କହୁଛି ସିଏ ଆଣିଛି ।

ତରୁଣ ସିଧା ରାଜାଙ୍କ ପାଖକୁ ଯାଇ କହିଲା, ''ମହାରାଜ, ଆପଣ ପକ୍ଷୀକୁ କାହିଁକି ପଚାରୁ ନାହାନ୍ତି ?''

''ବାଃ, ଠିକ୍ କଥା ମନେପକାଇ ଦେଲ ତ !'' ରାଜା ହାତ ତାଳି ଦେଇ କହିଲେ ଓ ରାଜକନ୍ୟାଙ୍କ ଅନ୍ତଃପୁରରୁ ପକ୍ଷୀକୁ ଅଣାଇଲେ ।

''ପକ୍ଷୀ ! ତୁମେ ଏଠାକୁ ଯେ ଆସିଲ, ସେ ପାଇଁ କାହାକୁ ଆମେ ବଧେଇ ଜଣାଇବା ?'' – ରାଜା ପଚାରିଲେ ।

''ମୋତେ ପଞ୍ଜୁରିରୁ ବାହାର କର । ମୁଁ ଯାହା କାନ୍ଧରେ ଯାଇ ବସିବି, ତାଙ୍କରି ଅନୁରୋଧରେ ମୁଁ ଏଠାକୁ ଆସିଛି ବୋଲି ଜାଣିବ ।'' – ପକ୍ଷୀ କହିଲା ।

ପଞ୍ଜୁରି ଖୋଲିଦେବା ମାତ୍ରେ ପକ୍ଷୀ ବାହାରି ଆସି ତରୁଣ କାନ୍ଧରେ ବସିଲା । ସେତେବେଳକୁ ତା'ର ଦୁଇ ପ୍ରତାରକ ବନ୍ଧୁ ସେଠାରୁ ପଳାଇ ଯିବାକୁ ଉଦ୍ୟମ କରୁଥା'ନ୍ତି ।

ରାଜାଙ୍କ ଆଦେଶରେ ଦୁହେଁ ବନ୍ଧା ହେଲେ । ''ଅବିଳମ୍ବେ ଏ ପ୍ରବଞ୍ଚକ ଦୁହିଁଙ୍କୁ ବଧଭୂମିକୁ ନେଇଯାଅ । କେଉଁ ରୀତିରେ ଏମାନଙ୍କୁ ମରାଯିବ, ସେକଥା ଆମ୍ଭେ ଆମ୍ଭ ପ୍ରାତରାଶ ପରେ ଘୋଷଣା କରିବୁ ।'' ରାଜା ଶୁଣାଇଦେଲେ ।

''ପ୍ରଣିପାତ କରୁଛି ଆଜ୍ଞା ! କିନ୍ତୁ ଏ ଦୁହିଁଙ୍କୁ କ୍ଷମା କରନ୍ତୁ । ଏ ଦୁହିଁଙ୍କ ସନ୍ଧାନରେ ମୁଁ ବଣକୁ ଯାଇଥିଲି ବୋଲି ସିନା ରାଜକନ୍ୟାଙ୍କ ଇଚ୍ଛା ପୂରଣ କରିପାରିଲି ।'' ତରୁଣ ହାତଯୋଡ଼ କରି ଜଣାଇଲା ।

''ଉତ୍ତମ ! ରାଜକନ୍ୟାଙ୍କ ଇଚ୍ଛା ପୂର୍ଣ୍ଣ କରି ଭଲ କଲ । ବର୍ତ୍ତମାନ ଆମ୍ଭ ଇଚ୍ଛା ପୂର୍ଣ୍ଣ କର । ଅବିଳମ୍ବେ ରାଜକନ୍ୟାଙ୍କୁ ବିବାହ କର । ତା' ପରେ ଆମ୍ଭର ଭାବୀ-ଉତ୍ତରାଧିକାରୀ ରୂପେ ତୁମ୍ଭେ ଏ ଦୁଇ ପାଷଣ୍ଡଙ୍କ ପ୍ରାଣଦଣ୍ଡ ଆଦେଶ ରଦ୍ଦ କରିବାର ଅଧିକାର ପାଇବ ।''

ତାହାହିଁ ହେଲା । ବିବାହ ପରେ ପରେ ସ୍ୱୟଂ ରାଜ-ଜାମାତା ତରୁଣ ଏବଂ ମୁଗ୍ଧା ରାଜକନ୍ୟା ପକ୍ଷୀକୁ ନେଇଯାଇ ଅରଣ୍ୟ ଭିତରେ ଛାଡ଼ିଦେଲେ । ମଧ୍ୟେ ମଧ୍ୟେ ଦୁହେଁ ବଣକୁ ଯାଇ ତା'ର ଗୀତ ଶୁଣନ୍ତି । ତା' ଗୀତର ପ୍ରଭାବରେ ଦୁହେଁ ମଧ୍ୟ ଗୀତ ବୋଲନ୍ତି ।

ଭାବୀ-ରାଜାଙ୍କ ଦୟାରେ ପ୍ରତାରକ ଦୁଇ ଜଣ ପ୍ରାଣଦଣ୍ଡରୁ ଅବ୍ୟାହତି ପାଇଲେ । କିନ୍ତୁ ଲୋକେ ସେ ଦୁହିଁଙ୍କୁ ଏମିତି ଅବିଶ୍ୱାସ ଓ ଥଟ୍ଟା କଲେ ଯେ ଦୁହେଁ ସେ ରାଜ୍ୟ ଛାଡ଼ି ପଳାଇଗଲେ ।

❑❑❑

## ୧୭ ନଭେମ୍ବର, ୨୦୧୬ରେ ଆଶ୍ରମରେ ବିତରିତ ବାଣୀ

Man carries within himself perfect power, perfect wisdom and perfect knowledge, and if he wants to possess them, he must discover them in the depth of his being, by introspection and concentration.

These divine qualities are identical at the centre, at the heart of all beings; this implies the essential unity of all, and all the consequences of solidarity and fraternity that follow from it.

The Mother

ମଣିଷ ନିଜ ଭିତରେ ବହନ କରୁଥାଏ ଅନାହତ ଶକ୍ତି, ଅନାହତ ପ୍ରଜ୍ଞା, ଏବଂ ଅନାହତ ଜ୍ଞାନ ଏବଂ ସେ ଯଦି ସେସବୁ ଆୟତ୍ତ କରିବାକୁ ଚାହେ, ତେବେ ସେ ତା' ସତ୍ତାର ଗଭୀରରେ ସେସବୁ ଆବିଷ୍କାର କରିବା ଚାହି, ଅନ୍ତର୍ବୀକ୍ଷଣ ଏବଂ ଏକାଗ୍ରତା ଯୋଗେ ।

ଏହି ଦିବ୍ୟଗୁଣ ସମୂହ ସବୁ ମଣିଷଙ୍କ କେନ୍ଦ୍ରସ୍ଥଳରେ, ସବୁ ମଣିଷଙ୍କ ହୃଦୟରେ ଅଭିନ୍ନ; ଏହା ସଭିଙ୍କ ଭିତରେ ଥିବା ମୌଳିକ ଐକ୍ୟ ଏବଂ ତାକୁ ଅନୁସରଣ କରୁଥିବା ତା'ର ଫଳ ସଂହତି ଓ ସୌଭ୍ରାତ୍ରର ସୂଚନା ଦିଏ ।

ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୩୩)

## ସାହାନା ଦେବୀ

**ସାହାନା :** ମା'ଗୋ, ଆଜି ପ୍ରଣାମ କରି ଉଠିବା ସମୟରେ ଦେଖିଲି ଜଣେ ସାଧକ ବସି ଧ୍ୟାନ କରୁଛନ୍ତି । ଖୋଲା ଆଖିରେ ଦେଖିଲି ତାଙ୍କ ପଛପଟ କାନ୍ଧରେ ଅତି ଉଜ୍ଜ୍ୱଳ ନୀଳ ଆଲୋକ । ତାକୁ ଦେଖୁ ଦେଖୁ ଆଖି ବନ୍ଦ କରି ଧ୍ୟାନ କରିବାକୁ ଇଚ୍ଛା ହେଲା । ଆଖି ବନ୍ଦ କଲି ଓ କିଛି ସମୟ ପରେ ଆଖି ଖୋଲି ଦେଖିଲି ଆଖି ଝଲସିଯିବା ପରି ଏକ ସୁନେଲି ଆଲୋକ ଯାହାକୁ ବେଶୀ ସମୟ ଦେଖି ହୁଏନା । କିଛି ସମୟ ଦେଖିଲା ପରେ ଦେଖିବାକୁ ପାଇଲି କେବଳ ଆଲୋକଛଟା ନୁହେଁ ଆଲୋକର ଏହା ଏକ ଆକୃତି । ଯେତେବେଳେ ଟିକିଏ ମନୋଯୋଗ ସହକାରେ ଦେଖିବାକୁ ଚାହିଁଲି ସେତେବେଳେ ତାହା ଅଦୃଶ୍ୟ ହୋଇଗଲା । ପୁଣି ତୁମ ଆଡ଼କୁ ଚାହିଁ ଯେତେବେଳେ ମନଟା ତୁମ ଭିତରେ ବୁଡି ଗଲା ହଠାତ୍ ଆଖିରେ ପଡ଼ିଗଲା ସେଇ କାନ୍ଧ ପଛପଟ ସୁନେଲି ଆଲୋକର ଝଲମଲ ଆଭା ଉପରେ । ଅନେକ ସମୟ ଧରି ଦେଖିଲି । ବାସ୍ତବିକ ତାହା ଏକ ଅଲୌକିକ ବସ୍ତୁ ଦର୍ଶନ(vision) ନା ଆଉ କିଛି ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ଉଜ୍ଜ୍ୱଳ ନୀଳ ଆଲୋକ ହେଉଛି ସମ୍ଭବତଃ ଆଧ୍ୟାତ୍ମିକ ମନର ଏବଂ ଜ୍ଞାନର ଖୁବ୍ ଉଚ୍ଚ ସ୍ତରର ଆଲୋକ ହେଉଛି ସୁନେଲି ଆଲୋକ । ଯେତେଦୂର ସମ୍ଭବ କୌଣସି ଦିବ୍ୟସତ୍ତାର ଆଲୋକକୁ ବିକ୍ଷିପ୍ତ ଭାବରେ ତୁମ ସମ୍ମୁଖରେ ଦେଖିଛ, କିନ୍ତୁ ତୁମର ଦୃଷ୍ଟିଶକ୍ତିର ବିକାଶ ନହେବା ଫଳରେ ତୁମେ ଆକୃତିଟିକୁ ପରିଷ୍କାର ଦେଖିପାରିଲ ନାହିଁ । କେବେ କେବେ ମା'ଙ୍କରହିଁ କୌଣସି ରୂପ ଅବା ଶକ୍ତିର ଆଲୋକକୁ ଅନେକେ ଏହି ରୂପେ ଦେଖି ଥାଆନ୍ତି । (୨୦. ୭. ୩୩)

**ସାହାନା :** ସାଧାରଣ ଜୀବନରେ ଆମେ (ମଣିଷ) ବିଚାର ବୁଦ୍ଧିକୁ ନେଇ ଯେତେ ଗର୍ବ କରୁନା କାହିଁକି କିନ୍ତୁ ଏପର୍ଯ୍ୟନ୍ତ ବୁଦ୍ଧିର ନିର୍ବୋଧତାର ଆଦି, ଅନ୍ତ ଅବଧିର ତ ସୀମା ନାହିଁ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ସାଧାରଣ ଜୀବନର ପ୍ରସଙ୍ଗ ଏହା ନୁହେଁ । ସାଧାରଣ ଜୀବନରେ ଲୋକମାନେ ସର୍ବଦା ଭୁଲ୍‌ଭାବେ ବିଚାର କରନ୍ତି, କାହିଁକି ନା ସେମାନେ ବିଚାର କରନ୍ତି ମନର ମାପକାଠି ଦ୍ୱାରା ଏବଂ ସାଧାରଣତଃ ପ୍ରଚଳିତ ରୀତିଗତ ମାପଦଣ୍ଡ ଅନୁସାରେ । ମାନୁଷୀ-ମନ ସତ୍ୟର ଯନ୍ତ୍ର ନୁହେଁ, ଯନ୍ତ୍ର ହୋଇଛି ଅଜ୍ଞାନ ଏବଂ ଭ୍ରାନ୍ତିର ।

(୨୫. ୮. ୩୩)

**ସାହାନା :** ମା'ଗୋ ତୁମମାନଙ୍କର ବାହ୍ୟ ସ୍ପର୍ଶ ଲାଗି ଆମେମାନେ ତର୍କ-ବିତର୍କ କରି ଚାଲିଥାଉ ଅଥଚ ଅନ୍ତରର ସ୍ପର୍ଶ ତ କମ୍ ନୁହେଁ, ତେବେ କାହିଁକି ଭିତର ସ୍ପର୍ଶ ଲାଗି ସେତେଟା ଆଗ୍ରହ ବୋଧ କରୁନା ଯେତେଟା କରୁ ବାହ୍ୟ ସ୍ପର୍ଶ ଲାଗି ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ବାହ୍ୟ ସ୍ପର୍ଶ ସାହାଯ୍ୟ କରେ କିନ୍ତୁ ଅନ୍ତରର ସ୍ପର୍ଶ ଆହୁରି ଅଧିକ ସାହାଯ୍ୟ କରେ ଯେତେବେଳେ ଦୃଢ଼ ପ୍ରତିଷ୍ଠ ହୋଇ ସ୍ଥୂଳ ରୂପେ ଗ୍ରହଣ କରିବାକୁ କେହି ଅଭ୍ୟସ୍ତ ହୋଇଉଠେ – ଏବଂ ବାହ୍ୟ ସ୍ପର୍ଶ ସର୍ବଦା ପୂର୍ଣ୍ଣ ରୂପେ ପାଇବା ସମ୍ଭବ ନୁହେଁ କିନ୍ତୁ ଅନ୍ତରର ସ୍ପର୍ଶ ନିରବଚ୍ଛିନ୍ନ ରହିପାରେ ।

**ସାହାନା :** ମୁଁ ଗୋଟିଏ ଜିନିଷ ପ୍ରାୟ ଲକ୍ଷ୍ୟ କରିଛି ଯେ ଯେଉଁମାନଙ୍କ ସହ ବସାଉଠା କରାଯାଏ, ସେମାନଙ୍କର କୌଣସି ଚାଲିଚଳଣ ଯଦି ଆମ ସହ ଖାପ ନଖାଏ, ଯେଉଁଥିପାଇଁ ଭିତରେ ଭିତରେ ଏକ ପ୍ରକାର ଉତ୍ତେଜନା ଅବା ବିରକ୍ତି ଭାବ ସୃଷ୍ଟି ହୁଏ । ମନ ମଧ୍ୟରେ ଏକ ଅସ୍ୱସ୍ତି ଭାବ ଲାଗି ରହିଥାଏ । ଏହାର ମୂଳୋତ୍ପାଟନର ଉପାୟ ନିଶ୍ଚୟ କିଛି ଅଛି ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମେ ଯାହା କହିଛ ତାହା ଅବଶ୍ୟ ସତ୍ୟ । ଯେଉଁମାନଙ୍କ ସହ ବସବାସ କରାଯାଏ ସେମାନଙ୍କର ସବୁବେଳେହିଁ କେତେ ପ୍ରକାରର ଚାଲିଚଳଣ ଥାଏ ଯାହା ଆମ ସଙ୍ଗେ ମେଳ ଖାଏ ନାହିଁ ଏବଂ ସେଥିଲାଗି ମନରେ ହୁଏତ ବିରକ୍ତି ଭାବ ଉଦ୍ରେକ ହୁଏ । ଶାନ୍ତ ଭାବରେ ତା'କୁ ନିରୀକ୍ଷଣ କରିବା ଏବଂ ସେଥିଲାଗି ବିରକ୍ତ ନହେବା ହେଉଛି ଜୀବନରେ ଶିକ୍ଷାର ଅଙ୍ଗ – ତା' ଦ୍ୱାରା ଏକେବାରେ ବିଚଳିତ ଅବା ପ୍ରଭାବିତ ନହେବା ଏବଂ ସମତା ସହ ସେଇସବୁ ମଧ୍ୟରେ ପ୍ରକୃତିର ଲୀଳା ଦେଖିବା ହେଉଛି ସାଧନାର ଅଙ୍ଗ ।

(୨୬. ୮. ୩୩)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ଆମ ମାଆ
## (୪)
## ସୁନନ୍ଦା ବେନ୍

ଚଞ୍ଚଳ ବେନ୍ ମା' ଶ୍ରୀଅରବିନ୍ଦଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରି ଆସିବାର ଠିକ୍ ଦୁଇ ମାସ ପରେ ଆଶ୍ରମରୁ ସେଥରକ ସକାଶେ ବିଦାୟ ନେଲେ । ପରବର୍ତ୍ତୀକାଳରେ ମା'ଙ୍କ କଥା ଅକ୍ଷରେ ଅକ୍ଷରେ ଫଳି ଥିଲା । ପାଞ୍ଚ ବର୍ଷ ପରେ, ୧୯୩୫ରେ ଆଶ୍ରମ ପରିଦର୍ଶନରେ ଆସି ସେ ଦୁଇ ସପ୍ତାହ ରହିଛନ୍ତି । ପୁଣି ୧୯୪୨ରେ ସ୍ୱାମୀଙ୍କ ସହ ଆସି ଦୁଇ ସପ୍ତାହ ରହିଛନ୍ତି; ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଖବର ପାଇ ୧୨ ଡିସେମ୍ବରରେ ଦୁହେଁ ଆଶ୍ରମରେ ପହଞ୍ଚି ଦଶ ଦିନ ରହି ଫେରିଛନ୍ତି; ଏବଂ ୧୯୬୮ରେ ଆଶ୍ରମକୁ ଆସି ଜୀବନର ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସେ ଆଉ ଫେରି ନାହାନ୍ତି । ଅଶୀ ବର୍ଷ ବୟସରେ, ୧୯୮୫ରେ ସେ ଇହଧାମ ତ୍ୟାଗ କରିଥିଲେ ।

୧୯୩୮ରେ ଶିବଭାଇ ଇଂଲଣ୍ଡରୁ ଓକିଲାତି ପଢ଼ା ଶେଷ କରି ଘରକୁ ଫେରିଲେ । ଘରେ ପହଞ୍ଚି ଚଞ୍ଚଳ ବେନ୍‌ଙ୍କର ପଣ୍ଡିଚେରୀ ଆଗମନ ଓ ପ୍ରତ୍ୟାଗମନର ସମସ୍ତ ବୃତ୍ତାନ୍ତ ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହେବା ସଙ୍ଗେ ସଙ୍ଗେ ନିଜକୁ ଧନ୍ୟ ମନେ କରିଛନ୍ତି । କଥା ଛଳରେ ଦିନେ ସେ ସ୍ୱାମୀଙ୍କୁ କହିଛନ୍ତି : ''ତୁମେ ମୋତେ ସବୁବେଳେ ଗୁରୁ ଶ୍ରୀଅରବିନ୍ଦଙ୍କ କଥା କହି ଆସିଥିଲ । କିନ୍ତୁ ତୁମେ ଏକଥା ଜାଣ ? ଅସଲ ଶକ୍ତି ରହିଛି ମାତାଜୀଙ୍କଠାରେ ! ଆଶ୍ରମର ସମସ୍ତ କାର୍ଯ୍ୟ ମାତାଜୀଙ୍କ ଦ୍ୱାରାହିଁ ପରିଚାଳିତ ହୁଏ, ଏମିତିକି ଶ୍ରୀଅରବିନ୍ଦ ମଧ୍ୟ ତାଙ୍କ ଯୋଗସାଧନାରେ ଅଗ୍ରଗତି ନିମିତ୍ତ ମାତାଜୀଙ୍କଠାରୁ ଶକ୍ତି ଲାଭ କରିଥା'ନ୍ତି ।'' ଶିବଭାଇ ନିର୍ବାକ୍ ହୋଇ ଚଞ୍ଚଳ ବେନ୍‌ଙ୍କୁ ଅନାଇ ରହିଲେ ।

ବହୁ ବର୍ଷ ପରେ ଆମେ ତାଙ୍କର ସନ୍ତାନଗଣ ଯେତେବେଳେ ବଡ଼ ହୋଇ ଉଠିଛୁ, ବାପା ଆମକୁ କହିଥିଲେ : ''ଶ୍ରୀମା'ଙ୍କର କାର୍ଯ୍ୟକାରିଣୀ ଶକ୍ତି ସମ୍ବନ୍ଧେ ସଚେତନ ଭାବରେ ଚିରକୃତଜ୍ଞ ହୋଇଉଠିବାରେ ଚଞ୍ଚଳହିଁ ମୋତେ ସାହାଯ୍ୟ କରିଥିଲା ।''

ଯେତେଦୂର ସମ୍ଭବ ୧୯୪୨ ପରେହିଁ ଶିବଭାଇ ସସ୍ତ୍ରୀକ କେନିୟାକୁ ଯାଇଛନ୍ତି । ମା'ଶ୍ରୀଅରବିନ୍ଦଙ୍କର ଆଶୀର୍ବାଦରେ କେନିୟାରେ ଶିବଭାଇ ଓକିଲାତି କରିଛନ୍ତି ଏବଂ ତତ୍ ସଙ୍ଗେ ସଙ୍ଗେ ସେଠାକାର ରାଜନୈତିକ ଓ ସାମାଜିକ ଉନ୍ନତି ସାଧନରେ ନିଜକୁ ନିୟୋଜିତ କରିଛନ୍ତି । ଏହି କେନିୟାରେହିଁ ଆମେ ଚାରିଜଣ, ଦୁଇ ଭାଇ ଓ ଦୁଇ ଭଉଣୀ ଜନ୍ମ ହୋଇଛୁ ଓ ବଢ଼ିଛୁ ।

ସୁଯୋଗ ପାଇଲେ ମାଆ ଆମମାନଙ୍କୁ ପାଖରେ ବସାଇ ତାଙ୍କର ଆଶ୍ରମକୁ ପ୍ରଥମ ପରିଦର୍ଶନ କଥା ଓ ସେଠାରେ ରହିବାର କଥା କହୁଥିଲେ : ''ସେସମୟରେ ଆଶ୍ରମର ଅନ୍ତେବାସିଗଣଙ୍କୁ ଦେଖିଲେ ମୋର ମନେ ହେଉଥିଲା ସେମାନେ ପ୍ରତ୍ୟେକେ ଦିବ୍ୟସତ୍ତା; ସଚେତ ଓ ଜୀବନ୍ତ ଆତ୍ମା । ଅତ୍ୟାବଶ୍ୟକ ସ୍ୱଳ୍ପ କଥାବାର୍ତ୍ତା କରି ସେମାନେ ପ୍ରତ୍ୟେକେ ମା'ଙ୍କ ପ୍ରଦତ୍ତ କର୍ମରେ ସବୁବେଳେ ଏକାଗ୍ର ରହୁଥିଲେ । ମା'ଶ୍ରୀଅରବିନ୍ଦଙ୍କ ଯୋଗମାର୍ଗରେ ଏଇଟି ହେଉଛି ମୂଳ କଥା – ଭଗବାନଙ୍କ ସକାଶେ କର୍ମ କରିବା ହେଉଛି ଶରୀରର ତାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା – ଏହି ମୌଳିକ ଧାରାକୁ ସେମାନେ ପ୍ରତ୍ୟେକେ ଅଭ୍ୟାସ କରୁଥିଲେ । ଆଉ ମୁଁ ଏ ବିଷୟରେ ଦୃଢ଼ ନିଶ୍ଚିତ ଥିଲି ଯେ ମାତାଜୀ ସେହିସବୁ ନିର୍ବାଚିତ ଆତ୍ମାଙ୍କୁ ଏକତ୍ରିତ କରି ରଖିବାର ମୂଳ ଉଦ୍ଦେଶ୍ୟ ହେଉଛି ପୃଥିବୀପୃଷ୍ଠରେ ତାଙ୍କର ଓ ଶ୍ରୀଅରବିନ୍ଦଙ୍କର ଯେଉଁ ନିର୍ଦ୍ଦିଷ୍ଟ ଦିବ୍ୟକର୍ମ ସମ୍ପାଦନ କରିବାକୁ ଅଛି, ସେଥିନିମିତ୍ତ ସେମାନଙ୍କୁ ସହଯୋଗୀ ରୂପେ ଗଢ଼ି ତୋଳିବା ।''

ଆମେମାନେ ଶିଶୁସୁଲଭ ଢଙ୍ଗରେ ମାଆଙ୍କୁ ପଚାରି ବସୁଥିଲୁ : ''ମାଆ, ତୁମେ ଆଶ୍ରମରେ ରହି ଯାଇଥିଲେ ଭଲ ହୋଇ ନଥା'ନ୍ତା ? ଯେଉଁଠି ମା'ଶ୍ରୀଅରବିନ୍ଦ ସେମାନଙ୍କର ଏତେ ସ୍ନେହଯତ୍ନ ଓ କରୁଣା ତୁମ ଉପରେ ଅହରହ ବର୍ଷଣ କରୁଥିଲେ ? ଅବଶ୍ୟ ଆମେ ଏକଥା ବି ଜାଣିଛୁ ଯେ ସେମିତି ହୋଇଥିଲେ, ହୁଏତ ଆମେ ଚାରିଜଣ ଆଜି ତୁମ ସହିତ ଏମିତି ବସି ତୁମକୁ ଏ ପ୍ରଶ୍ନ ପଚାରି ପାରି ନଥା'ନ୍ତୁ !''

ମନ୍ଦହାସ୍ୟରେ ସ୍ନେହବୋଳା ଆଖିରେ ସାମନାରେ ଥିବା ଗୋଟିଏ ବୃକ୍ଷକୁ ଦେଖାଇ ସେ କହୁଥିଲେ : ''ସେହି ଗଛରେ

ବସିଥିବା ପକ୍ଷୀମାନଙ୍କୁ ଦେଖ ! ତୁମେମାନେ ଅବିକଳ ସେମିତି ଥିଲ; ଆଉ ମୋତେ ବାରବାର ଡାକି କହୁଥିଲ, 'ଆମେମାନେ ତଳକୁ ଯାଇ ତୁମ ସାଥିରେ ରହିବାକୁ ଚାହୁଁ ।' ସେଥିସକାଶେ, ମୁଁ ତୁମମାନଙ୍କର ଅନାବିଳ ଆହ୍ୱାନର ଉତ୍ତର ସ୍ୱରୂପ, ଆଜି ଯେଉଁଠି ଅଛି, ଯେମିତି ଅଛି, ରହିବାର ସିଦ୍ଧାନ୍ତ ନେଇଥିଲି ।''

ପିଲାବେଳୁ ଆମମାନଙ୍କର ଚରିତ୍ର ଗଠନର ଶିକ୍ଷା ଦେବା ଉଦ୍ଦେଶ୍ୟରେ କେବେ କେବେ ତାଙ୍କ ପିଲାବେଳର ଅନେକ ଶିକ୍ଷଣୀୟ ଘଟଣା ଆମକୁ ଶୁଣାଉଥିଲେ । ବହୁତ ଚିତ୍ତାକର୍ଷକ ଥିଲା ସେହିସବୁ ଘଟଣା । ସେଇଥିରୁ ଗୋଟିଏ ଉଦ୍ଧାର କରି ମୋର ଲେଖାଟିର ପୂର୍ଣ୍ଣଚ୍ଛେଦ ଟାଣିବି । ଏହା ମୋ ମାଆଙ୍କର ବାଲ୍ୟକାଳର ଚରିତ୍ରବତ୍ତା ଓ ନିର୍ଭୀକତା ସମ୍ବନ୍ଧେ ଆଲୋକପାତ କରିଥାଏ ।

ପୂର୍ବରୁ କହିଛି, ମାଆ ଗୁଜରାଟର ଏକ ଛୋଟ ଗାଁ ଝଲୁନ୍ଦରେ ଜନ୍ମଗ୍ରହଣ କରିଥିଲେ । ପାଖ ଗାଁରେ ଥିବା ଝିଅମାନଙ୍କ ପ୍ରାଇମେରୀ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ ଥରେ ଶିକ୍ଷୟିତ୍ରୀମାନଙ୍କ ସହିତ ସମଗ୍ର ଶ୍ରେଣୀ ଆମୋଦ ଭ୍ରମଣରେ ଯାଇଥିଲେ । ସେସମୟରେ ସ୍କୁଲ ପିଲାମାନଙ୍କର ଆମୋଦ ଭ୍ରମଣ କହିଲେ ପାଖଆଖର ଜନବସତିରୁ ବାହାରି ଯାଇ ଅନତିଦୂରରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଦୃଶ୍ୟ ଉପଭୋଗ କରିବା ଏବଂ ତା' ସାଙ୍ଗକୁ ସ୍କୁଲର ରୁଟିନ୍‌ବନ୍ଧା ପଢ଼ାପଢ଼ିର ଚାପାରୁ ଟିକିଏ ଅବ୍ୟାହତି ପାଇ ଶିକ୍ଷୟିତ୍ରୀ ଓ ଛାତ୍ରୀଗଣ ଏକାଠି ଘରୋଇ ଭାବରେ ହସକୌତୁକରେ ସମୟ ବିତାଇବା ।

ରାସ୍ତାରେ ଯାଉ ଯାଉ କେତେକ ପିଲା ଗୋଟିଏ ପୋଖରୀ ଦେଖି ପାଣି ପିଇବା ଉଦ୍ଦେଶ୍ୟରେ ଦୌଡ଼ିଯାଇ ପୋଖରୀକୁ ଓହ୍ଲାଇଗଲେ । ଅନ୍ୟ ସମସ୍ତେ ବି ଓହ୍ଲାଇଗଲେ । ପାଣି ପିଇବା ପରେ ସ୍ୱାଭାବିକ ରୂପେ ଆରମ୍ଭ ହୋଇଗଲା ପରସ୍ପରଙ୍କ ଭିତରେ ପାଣି ଛାଟିବା ଖେଳ, ଶିକ୍ଷୟିତ୍ରୀମାନେ ବି ଏଥିରୁ ବାଦ୍ ଗଲେ ନାହିଁ; ସେମାନେ ବି ପିଲାଙ୍କ ସାଥିରେ ପିଲା ପାଲଟି ଗଲେ; ଭଲ ଭାବରେ ଜମିଉଠିଲା ପାଣି ଧାରରେ ଦୌଡ଼ାଦୌଡ଼ି ଆଉ ପାଣି ଛଟାଛଟି । ଶିକ୍ଷୟିତ୍ରୀମାନଙ୍କ ଭିତରେ ଜଣେ ଶିକ୍ଷକ ବି ସେମାନଙ୍କ ସାଥିରେ ଆସିଥିଲେ । ତାଙ୍କର ଝିଅମାନଙ୍କ ପ୍ରତି ଭିତରେ ଭିତରେ ଦୁର୍ବଳତା ରହିଥିଲା । ସିଏ ସେମାନଙ୍କ ସାଥିରେ ଛଳନା କରି ଖେଳରେ ମାତିଥା'ନ୍ତି । ପରମୁହୂର୍ତ୍ତରେ ପିଲାମାନେ କିନ୍ତୁ ତାଙ୍କର ଭିତରି ମନୋଭାବର ସ୍ପନ୍ଦନ ପାଇ ତାଙ୍କୁ ଅବଜ୍ଞା କରି କୂଳରୁ ଉଠି ଆସିବାକୁ ଆରମ୍ଭ କଲେ; ଶିକ୍ଷୟିତ୍ରୀମାନେ କିନ୍ତୁ ଏ ସମ୍ବନ୍ଧରେ ଘୁଣାକ୍ଷରରେ ନଜାଣି ସ୍ୱଭାବତଃ ପିଲାମାନଙ୍କ ସହିତ କୂଳରୁ ଉଠି ରାସ୍ତାରେ ସେମାନଙ୍କ ସହିତ ଆଗେଇବାକୁ ଲାଗିଲେ । କିନ୍ତୁ ଜଣେ ଛାତ୍ରୀ ଶିକ୍ଷକଙ୍କ ଫାନ୍ଦରେ ପଡ଼ିଗଲା । ଜଳଧାରକୁ ଲାଗି ରହିଗଲେ ସିଏ ଆଉ ଶିକ୍ଷକ । ମଉକା ଉଣ୍ଡୁଥିବା ଶିକ୍ଷକଟି ଏହାର ସୁଯୋଗ ନେବାକୁ ଉଦ୍ୟତ ହେଲା; ତା' ସହ ଅସଦାଚରଣ କରିବାକୁ ତାକୁ ଉତ୍ପୀଡ଼ନ କଲା । ପିଲାଟି ଭୟରେ ଚିତ୍କାର କରିବାକୁ ଯାଇ ବାଧାପ୍ରାପ୍ତ ହେଲା ।

ଠିକ୍ ଏହି ମୁହୂର୍ତ୍ତରେ କୂଳ ଉପରକୁ ଶୀଘ୍ର ପଦକ୍ଷେପରେ ଉଠୁ ଉଠୁ ଚଞ୍ଚଳର କାନରେ କ୍ଷୀଣସ୍ୱରରେ ସେହି ଛାତ୍ରୀଟିର ଚିତ୍କାର ଶୁଣାଗଲା । ହଠାତ୍ ମୁହଁ ଘୂରାଇ ସବୁ ଦେଖିନେଲା । ଠିକ୍ ସେହି ସମୟରେ ପୋଖରୀ ହୁଡ଼ା ରାସ୍ତାର ପାଖ ଦେଇ ଗୋଟିଏ ପିଲା ତା' ଛେଳିଗୁଡ଼ାକୁ ଅଡ଼ାଇ ଆଣି ପାଣି ପିଆଇବା ଉଦ୍ଦେଶ୍ୟରେ ପୋଖରୀକୁ ମୁହାଁଉଥିଲା । ବିଦ୍ୟୁତ୍ ବେଗରେ ଚଞ୍ଚଳ ସେ ପିଲାଟି ହାତରୁ ତା'ର ବାଡ଼ିଟାକୁ ଝିଙ୍କିନେଇ ସିଧା ଛୁଟିଗଲା ଶିକ୍ଷକଙ୍କ ନିକଟକୁ । ମାଷ୍ଟର ତ ସେତେବେଳେ ସ୍ଥାନ, କାଳ, ପାତ୍ର ଭୁଲି ଛାତ୍ରୀଟିକୁ ହଇରାଣ କରିବାକୁ ଉଦ୍ୟତ । ସାଏଁ କରି ମାଷ୍ଟରଙ୍କ ମୁଣ୍ଡରେ ପଡ଼ିଲା ପାହାର; ଗୋଟିଏ ମାତ୍ର ପାହାରରେ ମାଷ୍ଟରଟି ଚିତ୍କାର କରି ଉଠିଲା, ମୁଣ୍ଡ ଫାଟି ରକ୍ତ ବହିବାକୁ ଲାଗିଲା । ଅତ୍ୟାଚାରିତ ହେବାକୁ ଯାଉଥିବା ଛାତ୍ରୀଟି ଉଦ୍ଧାର ପାଇ ଚିତ୍କାର କରି ଉଠି ଅଣନିଃଶ୍ୱାସୀ ହୋଇ ସାଥିମାନଙ୍କ ପାଖକୁ ଛୁଟିଗଲା । ଶିକ୍ଷୟିତ୍ରୀମାନଙ୍କ ସହିତ ଛାତ୍ରୀମାନେ ଭୟ ବିହ୍ୱଳିତା ହୋଇ ଉତ୍କଣ୍ଠାର ସହିତ ତାକୁ ଘେରିଯାଇ ପଚାରିଲେ, 'କଣ ହେଲା ?' ଅଣନିଃଶ୍ୱାସୀ ହୋଇ ଥରୁଥିବା ବେଳେ ସେ କେବଳ ଏତିକି କହି ପକାଇଲା, 'ଚଞ୍ଚଳ ମୋତେ ଉଦ୍ଧାର କଲା, ସେ ମାଷ୍ଟରଙ୍କ ମୁଣ୍ଡ ଫଟାଇ ଦେଇଛି ।' ସମସ୍ତେ ନିର୍ବାକ୍ । ଧୀରେ ଧୀରେ ପୋଖରୀ ଆଡ଼କୁ ମୁହାଁଇ ଦୂରରୁ ଆନତମୁଖ ମାଷ୍ଟରଙ୍କୁ ଆସୁଥିବାର ଦେଖିଲେ, କିନ୍ତୁ ଚଞ୍ଚଳ ? ପ୍ରଧାନ ଶିକ୍ଷୟିତ୍ରୀ ଜଣକ ପୋଖରୀ ପାଖକୁ ଆସି ଚିତ୍କାର କଲେ, 'ଚଞ୍ଚଳ ! ଚଞ୍ଚଳ ! ଏ ଚଞ୍ଚଳ !!! – ଆରେ, କୁଆଡ଼େ ଗଲା ?'... ଅନନ୍ୟୋପାୟ ହୋଇ ସେଦିନ ସେହି ସ୍ଥାନରୁ ଚଞ୍ଚଳ ବ୍ୟତୀତ ଅନ୍ୟ ସମସ୍ତେ ସ୍କୁଲକୁ ନୀରବରେ ଫେରି ଆସିଲେ ।

ଚଞ୍ଚଳ ତା'ର ଛୋଟ ଅଥଚ ତୀକ୍ଷ୍ଣ ବୁଦ୍ଧିରେ ତତ୍‌କ୍ଷଣାତ୍

ଠଉରେଇ ନେଲା : ''ଯାହା କଲି, ସେଥିସକାଶେ ମୋ ମାଆବାପା କିଂବା ସ୍କୁଲର ବଡ଼ବଡ଼ିଆମାନେ ମୋତେ ଶାସ୍ତି ଦେବେହିଁ ଦେବେ ।'' ତେଣୁ ସେ କ'ଣ କଲା ନା ସମସ୍ତଙ୍କର ଅଲକ୍ଷ୍ୟରେ ସିଧା ଚମ୍ପଟ୍ ମାରିଲା କୃଷିକ୍ଷେତ୍ରରେ ଥିବା ତା' ଘରର ଶସ୍ୟ-ଉତ୍ପାଦନ ଗୃହକୁ; ସେଇଠି ଯାଇ ଲୁଚି କରି ରହିଲା । ଏଆଡ଼େ କ'ଣ ହୋଇଛି ନା ଆହତ ଶିକ୍ଷକ ଜଣକ ଲଜ୍ଜା ଓ ଅପମାନରେ ସ୍କୁଲ ହତା ଭିତରକୁ ନପଶି ସିଧା ନିଜ ବସାକୁ ମୁହାଁଇଛନ୍ତି ଏବଂ ସମସ୍ତ ଶିକ୍ଷୟିତ୍ରୀ ଏକତ୍ର ହୋଇ ଉତ୍ପୀଡ଼ିତ ଛାତ୍ରୀଟି ସହିତ ସ୍କୁଲର ପରିଚାଳକମଣ୍ଡଳୀଙ୍କୁ ଭେଟି ସମସ୍ତ କଥା କହିଛନ୍ତି । ମୁହୂର୍ତ୍ତକ ଭିତରେ ସାରା ଗାଁ'ଟାରେ ଖବର ଛୁଟି ଯାଇଛି । ଚଞ୍ଚଳର ଦୁଃସାହସିକ ବ୍ୟବହାରରେ ତା' ମାଆବାପା ଓ ପରିବାରବର୍ଗଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବା ସକାଶେ ଓ ସର୍ବୋପରି ଚଞ୍ଚଳକୁ ଧନ୍ୟବାଦ ଦେବା ଉଦ୍ଦେଶ୍ୟରେ ସ୍କୁଲ ଏବଂ ଗାଁ'ର ସମସ୍ତେ ଏକସଙ୍ଗେ ତା' ଦ୍ୱାରସ୍ଥ ହୋଇଛନ୍ତି । ଘରେ ସବୁକଥା ଶୁଣିଲେ; କିନ୍ତୁ ଚଞ୍ଚଳ ? ଚଞ୍ଚଳ କାହିଁ ?

ଘଟଣାକ୍ରମେ ଚଞ୍ଚଳ ସବୁକଥା ଜାଣିପାରି ସନ୍ଧ୍ୟାବେଳକୁ ଘରକୁ ଫେରିଛି; କିନ୍ତୁ ସେଇଦିନୁ ସେ ଆଉ ସ୍କୁଲ ବାରଣ୍ଡା ମାଡ଼ି ନାହିଁ; ବହୁତ ବୁଝାଇସୁଝାଇ ମଧ୍ୟ ତାକୁ କେହି ସ୍କୁଲକୁ ଆଉ ଆଣି ପାରି ନାହାନ୍ତି ।

ଆମ ମାଆ ଆମମାନଙ୍କୁ ପ୍ରାୟ କହୁଥିଲେ, ''ଗୋଟିଏ କଥା ସବୁବେଳେ ମନେ ରଖିଥିବ — ବୀର ସନ୍ତାନଗଣହିଁ ଭଗବାନଙ୍କୁ ଲାଭ କରିଥା'ନ୍ତି । 'ନାୟମାତ୍ମା ବଲହୀନେନ ଲଭ୍ୟଃ' ।''

(ସମାପ୍ତ)

ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

# ଅନୁଚିନ୍ତା

## ଦୟାନିଧି ପାତ୍ର

ଜୀବନରେ ଯାହା ହେବାକୁ ଚାହୁଁନା
ଭାବିବାନି ସେହି କଥା
ଜୀବନରେ ଯାହା ହେବାକୁ ଚାହୁଁଛୁ
କରିବା ସେ ଅନୁଚିନ୍ତା
ଜୀବନରେ...... ॥୦॥

ଏ ଜୀବନ ସତେ ପରମଙ୍କ ଦାନ
ନିରନ୍ତର ତାଙ୍କୁ କରିବା ସ୍ମରଣ
ଯା' ସାଥେ ମିଶିବା ସତ୍ୟ କହୁଥିବା
ଭାବୁଥିବା ମା' କଥା
ଜୀବନରେ ଯାହା......॥୧॥



ଅନ୍ତରେ ବାହାରେ ନିରବ ରହିବା
ଧୈର୍ଯ୍ୟ ବିନା କେବେ ପାଦ ନକାଢ଼ିବା
ଅନ୍ତରରେ ସଦା ଖୁସି ରହୁଥିବା
ଭାବୁଥିବା ମା' କଥା
ଜୀବନରେ ଯାହା......॥୨॥ ❑

# ଅତିମାନବ

## ଶରତଚନ୍ଦ୍ର ରଥ

ତୁମରି ବାଟକୁ ଚାହିଁ ରହିଅଛୁ
କେତେ ନାରୀ, କେତେ ନର
ତୁମେ ଯେଉଁଦିନ ଆସିବ ମରତେ ହସିବ ଏ ଚରାଚର ।୦।

ଆଶାର ମୁକୁଳ ଭରିଯିବ କେତେ
ମନ ବନଲତା କୁଞ୍ଜେ
ପ୍ରୀତିର କଳିକା ଫୁଟିଯିବ ହସି
ଅଳସୀ ଫଗୁଣ ସଞ୍ଜେ
ଆନନ୍ଦ ସୁବାସ ଅଳସ ଭାଙ୍ଗିବ ଝୁଲିଝୁଲି ନିରନ୍ତର ।୧।
ରୂପାନ୍ତର ହେବ ଦେହ, ପ୍ରାଣ, ମନ
ଅହମିକା ଯିବ ଚାଲି
ସପତ ସୁରରେ ନବଚେତନାର
ବାଜିବ ମଞ୍ଜୁମୁରଲୀ
ଶୁଭଭାବନାର ଗଙ୍ଗାତରଙ୍ଗରେ ଅରୁଣିମା ଝଲମଲ ।୨।
ବିଶ୍ୱଜୀବନରେ ବିରାଜିବ ଆସି
ଏକତାର ମଧୁଛନ୍ଦ
ରହିବନି ଆଉ ମଣିଷ ମନରେ
କଳହ, କାମନା ଦ୍ୱନ୍ଦ୍ୱ
ସମଭାବନାର କସ୍ତୁରୀ ବାସରେ ବାସୁଥିବ ଚରାଚର ।୩।
ସରଗ ସାଜିବ ଧରା ସେଇଦିନ
ଜଳାଇ ଏକତା ଶିଖା
ଭଲ ପାଇବାର ଇନ୍ଦ୍ରଧନୁଧାରେ
ମନୋଲୋଭା ରଙ୍ଗରେଖା
ଫୁଟିବ ସେ ଦିନ ମରତ ମାଟିରେ ସୁନାଶୀର ବନଫୁଲ ।୪।
ରୋଗ, ଶୋକ, ଜରା, ମରଣ ହାରିବ
ଫୁଟିବ ଅମର କାନ୍ତି
ସୁନ୍ଦର ହୋଇବ ଏ ସାରା ଧରଣୀ
ବିତରିବ ସୁଖ, ଶାନ୍ତି
ଦୂରୁ ତୁମ ପାଦେ ଜୁହାର କରୁଛୁ ଦୟାକରି ଘେନାକର ।୫। ❑



# ଆଦର୍ଶ ମାତାପିତା

## (୨)

## ଶ୍ରୀମା

### ଭବିଷ୍ୟତ୍ ମଣିଷ

ସର୍ବ ପ୍ରଥମେ ଭବିଷ୍ୟତର ମଣିଷ ବା ଅତିମାନବ ସମ୍ପର୍କରେ ଧାରଣା କରିବା ସମୟରେ ଆମକୁ ସତର୍କ ହେବାକୁ ହେବ ଯେପରି ବର୍ତ୍ତମାନର ମଣିଷକୁ ଉନ୍ନତ କରିଦେଇ କିଂବା କ୍ଷମତାଶାଳୀ କରିଦେଇ ଏହା କରିଦେବାର ଧାରଣାକୁ ପ୍ରଶ୍ରୟ ଦିଆ ନଯାଏ । ଏହି ଭୁଲକୁ ଯଥାସମ୍ଭବ ଦୂର କରିବା ନିମନ୍ତେ ଆମେ ଜୀବନର କ୍ରମବିବର୍ତ୍ତନର ଶିକ୍ଷାକୁ ଅଧ୍ୟୟନ କରିବା ଉଚିତ ।

### ନୂତନ ଯୁଗ

ସେଥିଲାଗି ଯେଉଁମାନେ ନୂଆ ଯୁଗର ଭବିଷ୍ୟତ୍ ମଣିଷ ସୃଷ୍ଟିରେ ସାହାଯ୍ୟ କରିବେ ସେମାନେ ଆଧ୍ୟାତ୍ମିକ ବିବର୍ତ୍ତନକୁ ଏକ ନିୟତି ନିର୍ଦ୍ଦିଷ୍ଟ ଘଟଣା ରୂପେ ସ୍ୱୀକାର କରୁଥିବେ । ତେଣୁ ମଣିଷ ସମାଜର ପ୍ରଧାନ ଆବଶ୍ୟକତା ହେଉଛି ବର୍ତ୍ତମାନର ମଣିଷ ଏକ ଆଧ୍ୟାତ୍ମିକ ମଣିଷରେ ବିବର୍ତ୍ତିତ ଅଥବା ପରିବର୍ତ୍ତିତ ହେବା ଯେପରିକି ପଶୁ ମଣିଷ ବହୁ ଭାଗରେ ଏକ ଉଚ୍ଚମନଯୁକ୍ତ ମଣିଷରେ ପରିଣତ ହୋଇଛି ।

### ନୂତନ ଜାତି

ଏହି ବ୍ୟକ୍ତିମାନଙ୍କ ମଧ୍ୟରେ ନାରୀ ହେଉଛି ପ୍ରଥମ ଯେ କି ଏହି ମହାନ୍ ପରିବର୍ତ୍ତନ ସାଧନ କରିବ । କାରଣ ନୂତନ ଜାତିର ପ୍ରଥମ ନମୁନାକୁ ଏହି ପୃଥିବୀରେ ଜନ୍ମଦେବା ହେଉଛି ତା'ର ସ୍ୱତନ୍ତ୍ର କାର୍ଯ୍ୟ ।

### ପରମ ପୁରସ୍କାର

ଏହି ରୂପେ ବ୍ୟକ୍ତି ଆଉ ଅହଂଯୁକ୍ତ ମନୋଭାବ, ବିଧାନ କିଂବା ପରମ୍ପରା ଦ୍ୱାରା ପରିଚାଳିତ ନହୋଇ ସମସ୍ତ ସ୍ୱାର୍ଥପର ଉଦ୍ଦେଶ୍ୟକୁ ବର୍ଜନ କରିବ । ସେ ଯେଉଁ ବିଧାନ ଦ୍ୱାରା ପରିଚାଳିତ ହେବ ତା' ହେବ ପୂର୍ଣ୍ଣ ନିଃସ୍ୱାର୍ଥପରତା । ତା' ପକ୍ଷରେ ଏ ଜଗତରେ ହେଉ ଅଥବା ଏହାର ଊର୍ଦ୍ଧ୍ୱରେ ହେଉ ବ୍ୟକ୍ତିଗତ ଲାଭ ଉଦ୍ଦେଶ୍ୟରେ କ୍ରିୟା କରିବା ଏକ ଅଚିନ୍ତନୀୟ ଅସମ୍ଭବ କଥା ହୋଇପଡ଼ିବ । କାରଣ ସବୁକର୍ମ ଯେଉଁ ଦିବ୍ୟ-ବିଧାନ ଏହାକୁ ପ୍ରେରଣା ଦିଏ ସେଇ ଦିବ୍ୟ-ବିଧାନ ପ୍ରତି ଏକ ପରିପୂର୍ଣ୍ଣ, ସରଳ ତଥା ହର୍ଷୋତ୍‌ଫୁଲ୍ଲ ଆଜ୍ଞାନୁବର୍ତ୍ତିତା ସହକାରେ ହେବ । ଏଥିଲାଗି କୌଣସି ପୁରସ୍କାର କିଂବା ପରିଣାମ ଆଶା କରାଯିବ ନାହିଁ, କାରଣ ଏପରି ଏକ ପ୍ରେରଣାର ବଶବର୍ତ୍ତୀ ହୋଇ ଓ ବିବେକ ତଥା ଇଚ୍ଛାଶକ୍ତିରେ ନିଜ ମଧ୍ୟସ୍ଥ ଦିବ୍ୟତତ୍ତ୍ୱ ସହ ଏକାତ୍ମ ହୋଇ କାର୍ଯ୍ୟ କରିବାର ଆନନ୍ଦହିଁ ହେବ ପରମ ପୁରସ୍କାର ।

### ଶିଶୁକୁ ଶିକ୍ଷା ଦେବା ଅର୍ଥ ନିଜକୁ ଶିକ୍ଷା ଦେବା

ମଣିଷର ଶିକ୍ଷା ଜନ୍ମରୁ ଆରମ୍ଭ ହୋଇ ସାରା ଜୀବନ ଚାଲିବା ଉଚିତ ।

ବାସ୍ତବରେ ଆମେ ଯଦି ଏହି ଶିକ୍ଷାରୁ ଚରମ ଫଳାଫଳ ପାଇବାକୁ ଇଚ୍ଛାକରୁ ତେବେ ଏହା ଜନ୍ମପୂର୍ବରୁ ଆରମ୍ଭ ହେବା ଉଚିତ ।

ଅନ୍ୟ କେତେକ ମାତାପିତା ଅଛନ୍ତି ଯେଉଁମାନେ ଜାଣନ୍ତି ଯେ ସେମାନଙ୍କ ପିଲାଙ୍କୁ ନିଶ୍ଚୟ ଶିକ୍ଷା ପାଇବାକୁ ହେବ ଓ ସେମାନେ ଯଥାସାଧ୍ୟ ସେ ଦିଗରେ ଚେଷ୍ଟା କରନ୍ତି । ଏପରିକି ଯେଉଁମାନଙ୍କର ଦାୟିତ୍ୱବୋଧ ଏବଂ ଆନ୍ତରିକତା ଅଛି; ସେମାନଙ୍କ ମଧ୍ୟରୁ ବି ମାତ୍ର ଅଳ୍ପ କେତେଜଣ ଜାଣନ୍ତି ଯେ ପିଲାମାନଙ୍କୁ ଶିକ୍ଷାଦେବା ନିମନ୍ତେ ଯୋଗ୍ୟ ହେବାକୁ ହେଲେ ପ୍ରଥମେ ନିଜକୁ ଶିକ୍ଷିତ ହେବାକୁ ହୁଏ, ନିଜ ସମ୍ବନ୍ଧେ ସଚେତନ ଓ ନିଜ ଉପରେ କର୍ତ୍ତୃତ୍ୱ ଲାଭ କରିବାକୁ ହୁଏ ଯାହାଫଳରେ ନିଜ ପିଲାମାନଙ୍କ ସମ୍ମୁଖରେ କେବେ ବି କୌଣସି ମନ୍ଦ ଉଦାହରଣ ଉପସ୍ଥାପିତ ନହୁଏ । କାରଣ ଉଦାହରଣ ଦ୍ୱାରା ଯେଉଁ ଶିକ୍ଷା ଦିଆଯାଏ ତାହା ବିଶେଷ ଫଳପ୍ରଦ ହୋଇଥାଏ । ଶିଶୁକୁ ଖାଲି ଭଲ ଭଲ କଥା କହି ବିଜ୍ଞତାପୂର୍ଣ୍ଣ ଉପଦେଶ ଦେଲେ ବିଶେଷ କିଛି ଲାଭ ହୁଏ ନାହିଁ ଯଦି ବ୍ୟକ୍ତି ଯାହା ଶିକ୍ଷା ଦେଉଛି ନିଜେ ଶିଶୁ ଆଗରେ ତା'ର ଉଦାହରଣ ହୋଇ

ନପାରେ । ଆନ୍ତରିକତା, ସାଧୁତା, ସ୍ପଷ୍ଟବାଦିତା, ସାହସ, ଅନାସକ୍ତି, ନିଃସ୍ୱାର୍ଥପରତା, ଧୈର୍ଯ୍ୟ, ସହନଶୀଳତା, ଅଧ୍ୟବସାୟ, ଶାନ୍ତି, ସ୍ଥିରତା, ଆତ୍ମସଂଯମ ସମ୍ପର୍କରେ ସୁନ୍ଦର ସୁନ୍ଦର ବକ୍ତୃତା ପରିବର୍ତ୍ତେ ଉଦାହରଣ ଦ୍ୱାରା ଅର୍ଥାତ୍ ନିଜ ଜୀବନରେ ଆଚରଣ ଦ୍ୱାରା ଅନନ୍ତଗୁଣେ ଭଲଭାବେ ଶିକ୍ଷା ଦିଆ ଯାଇପାରେ । ମାତାପିତାଗଣ, ତୁମେମାନେ ଜୀବନରେ ଏକ ଉଚ୍ଚ ଆଦର୍ଶ ରଖ ଓ ସେହି ଆଦର୍ଶ ଅନୁଯାୟୀ ଆଚରଣ କର, ଫଳରେ ତୁମେମାନେ ଦେଖିବ ତୁମର ପିଲା ଅଳ୍ପ ଅଳ୍ପ କରି ଏହି ଆଦର୍ଶକୁ ନିଜ ମଧ୍ୟରେ ରୂପାୟିତ କରୁଛି ଓ ତା' ମଧ୍ୟରେ ଯେଉଁସବୁ ଗୁଣର ବିକାଶ ତୁମେ ଚାହଁ ସେସବୁ ତା'ର ପ୍ରକୃତିରେ ଆପେ ଆପେ ଫୁଟି ଉଠୁଛି । ଶିଶୁପକ୍ଷରେ ତା' ମାତାପିତାଙ୍କୁ ଶ୍ରଦ୍ଧା, ଭକ୍ତି କରିବା ଖୁବ୍ ସ୍ୱାଭାବିକ : ସମ୍ପୂର୍ଣ୍ଣ ଅଯୋଗ୍ୟ ନହେଲେ ସେମାନେ ସେମାନଙ୍କ ପିଲାର ଦୃଷ୍ଟିରେ ଉପଦେବତା ତୁଲ୍ୟ ଯେଉଁମାନଙ୍କୁ ସେ ଯଥାସାଧ୍ୟ ଅନୁକରଣ କରିବାକୁ ଚେଷ୍ଟା କରିଥାଏ । (C.W.M. Vol. 12)

### ସବୁବେଳେ ସତ୍ୟ କହିବା ଭଲ

ଖୁବ୍ କମ୍ ମାତାପିତାଙ୍କୁ ବାଦ୍ ଦେଲେ ଅଧିକାଂଶ ମାତାପିତା ଜାଣନ୍ତି ନାହିଁ ଯେ ସେମାନଙ୍କ ନିଜ ତ୍ରୁଟି-ବିଚ୍ୟୁତି, ଦୁର୍ବଳତା ଏବଂ ଆତ୍ମସଂଯମର ଅଭାବ ସେମାନଙ୍କ ପିଲାମାନଙ୍କ ଉପରେ କିପରି ମାରାତ୍ମକ ପ୍ରଭାବ ବିସ୍ତାର କରେ । ଯଦି ତୁମେ ତୁମ ସନ୍ତାନମାନଙ୍କଠାରୁ ସମ୍ମାନ ପାଇବାକୁ ଇଚ୍ଛାକର ତେବେ ନିଜକୁ ସମ୍ମାନ କରି ଶିଖ ଓ ପ୍ରତି ମୁହୂର୍ତ୍ତରେ ସମ୍ମାନର ଯୋଗ୍ୟ ହୁଅ । କେବେ ବି କର୍ତ୍ତୃତ୍ୱାଭିମାନୀ, ସ୍ୱେଚ୍ଛାଚାରୀ, ଅଧୈର୍ଯ୍ୟ ଅଥବା କ୍ରୋଧଭାବାପନ୍ନ ହୁଅ ନାହିଁ । ତୁମର ପିଲା ଯେତେବେଳେ ତୁମକୁ କୌଣସି ପ୍ରଶ୍ନ କରେ ସେତେବେଳେ ସେ ତୁମ କଥା ବୁଝିପାରିବ ନାହିଁ ବୋଲି ଆଳ କରି ତାକୁ ନିର୍ବୋଧ ଅଥବା ଅର୍ଥହୀନ ଉତ୍ତର ଦିଅ ନାହିଁ । ତୁମେ ଯଦି ଯଥେଷ୍ଟ ଶ୍ରମ ସ୍ୱୀକାର କର ତେବେ ନିଜ କଥାଟିକୁ ନିଶ୍ଚୟ ତୁମେ ସବୁବେଳେ ବୋଧଗମ୍ୟ କରିପାରିବ । ପ୍ରଚଳିତ ଏକ ଧାରଣା ରହିଛି ଯେ ସବୁ ସମୟରେ ସତ୍ୟ କହିବା ଉଚିତ ନୁହେଁ; କିନ୍ତୁ ମୁଁ ଦୃଢ଼ତାର ସହ କହୁଛି ଯେ ସବୁବେଳେ ସତ୍ୟ କହିବା ଭଲ । ତେବେ ଏହାକୁ ଏପରି ଭାବରେ କହିବା ଉଚିତ ଯେପରି ତାହା ଶ୍ରୋତାର ବୋଧଗମ୍ୟ ହୋଇପାରିବ । ଜୀବନର ଆରମ୍ଭରେ ବାର, ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାର ମନ କୌଣସି ନୈର୍ବସ୍ତୁକ ଚିନ୍ତାଧାରା ଓ ବ୍ୟାପକ ଭାବକୁ ଖୁବ୍ କ୍ୱଚିତ୍ ବୁଝିପାରେ । ତେବେ ନିର୍ଦ୍ଦିଷ୍ଟ ଉପମା, ପ୍ରତୀକ ଅଥବା ରୂପକ ଆଦିର ସାହାଯ୍ୟ ନେଇ ଯେଉଁ ଭାବରେ ସେ ଏହା ବୁଝିପାରେ ସେହି ଭାବରେ ତାକୁ ଶିକ୍ଷା ଦିଆଯାଇ ପାରେ । ଯେଉଁମାନେ ମନରେ ଚିରକାଳହିଁ ଶିଶୁ ହୋଇ ରହିଥା'ନ୍ତି ସେମାନଙ୍କୁ ଗୋଟିଏ ବର୍ଣ୍ଣନା, ଗୋଟିଏ ଗଳ୍ପ, ସୁନ୍ଦର ଭାବେ କଥିତ ଗୋଟିଏ କାହାଣୀ ଯେକୌଣସି ପରିମାଣର ତତ୍ତ୍ୱ ବ୍ୟାଖ୍ୟା ଅପେକ୍ଷା ବେଶୀ ଭଲ ଭାବରେ ଶିକ୍ଷା ଦେଇଥାଏ ।

### ଶରୀରର ଶିକ୍ଷା

ସମସ୍ତ ଶାରୀରିକ ଶିକ୍ଷା ଜନ୍ମରୁ ଆରମ୍ଭ ହୋଇ ସାରା ଜୀବନ ଚାଲିବା ଉଚିତ । ଏହି ଶିକ୍ଷା ଆରମ୍ଭ କରିବାକୁ ସମୟ ହୋଇ ନାହିଁ ଅଥବା ଚାଲୁରଖିବାର ସମୟ ଚାଲିଯାଇଛି ବୋଲି ଭାବିବା ଉଚିତ ନୁହେଁ ।

### ଶାରୀରିକ ଶିକ୍ଷାର ତିନୋଟି ପ୍ରଧାନ ଦିଗ ରହିଛି

୧. ଶରୀରର ପ୍ରତ୍ୟେକ କ୍ରିୟା ଉପରେ କର୍ତ୍ତୃତ୍ୱ ତଥା ଶୃଙ୍ଖଳା ସ୍ଥାପନ ।

୨. ଶରୀରର ପ୍ରତ୍ୟେକ ଅଂଶ ତଥା ସେସବୁର ଗତିବୃତ୍ତିର ଏକ ପରିପୂର୍ଣ୍ଣ, ବିଧିବଦ୍ଧ ଏବଂ ସୁସଙ୍ଗତିଯୁକ୍ତ ପୁଷ୍ଟିସାଧନ ।

୩. ଶରୀରରେ କୌଣସି ତ୍ରୁଟି ତଥା ବିକୃତି ଥିଲେ ସେସବୁର ସଂଶୋଧନ ।

ଶିଶୁ ତା'ର ଅଙ୍ଗ ପ୍ରତ୍ୟଙ୍ଗକୁ ବ୍ୟବହାର କରିବାକୁ ସକ୍ଷମ ହେବା ମାତ୍ରେ ତା'ର ଶରୀରର ସକଳ ଅଙ୍ଗର ଏକ ବିଧିବଦ୍ଧ ଓ ସୁଶୃଙ୍ଖଳ ବିକାଶ ନିମନ୍ତେ ପ୍ରତିଦିନ କିଛି କିଛି ସମୟ ବ୍ୟୟିତ ହେବା ଉଚିତ । ପ୍ରତିଦିନ ୨୦ ବା ୩୦ ମିନିଟ୍ ନିଦରୁ ଉଠିବା ପରେ ଏହି କାର୍ଯ୍ୟ ହେଲେ ଭଲ । ଏହିପରି ଅଭ୍ୟାସ କଲେ ଶିଶୁର ପେଶୀ ସକଳର ଯଥାର୍ଥ କ୍ରିୟା ଓ ସାମଞ୍ଜସ୍ୟପୂର୍ଣ୍ଣ ପୁଷ୍ଟି ହୁଏ ଏବଂ ଅସ୍ଥିଗ୍ରନ୍ଥି ତଥା ମେରୁଦଣ୍ଡର ଅନମନୀୟତାରୁ ରକ୍ଷା ମିଳେ, ଯେଉଁ ଅନମନୀୟତା ସାଧାରଣତଃ ଯେତେବେଳେ ଆସିବାର ମନେ କରାଯାଉଥାଏ ତା'ର ବହୁତ ଆଗରୁ ଆସିଯାଇଥାଏ ।

(C.W.M., Vol. 12)

(କ୍ରମଶଃ) ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୩)

ମହେନ୍ଦ୍ର ନାଥ ସ୍ୱାଇଁ

### ପ୍ରଥମ ବିଶ୍ୱଯୁଦ୍ଧର ଛାୟା

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ଦର୍ଶନର କାର୍ଯ୍ୟକାରିଣୀ ଶକ୍ତି ହେଲେ ସ୍ୱୟଂ ଶ୍ରୀମା । ମା' ମାନବ ଜୀବନକୁ ସାମଗ୍ରିକ ଭାବରେ ଗ୍ରହଣ କରିଛନ୍ତି ଏବଂ ସାଧାରଣ ମାନବୀଟିଏ ହୋଇ ସମ୍ମୁଖରେ ଦେଖୁଥିବା ସମାଜ ସହିତ, ସମାଜରେ ଘଟୁଥିବା ଘଟଣାମାନଙ୍କ ସହିତ ନିଜକୁ ସାମିଲ କରି ଦେଇଛନ୍ତି । ସେଥିପାଇଁ ''ଧ୍ୟାନ ଓ ପ୍ରାର୍ଥନା''ରେ ଥିବା କେତେକ ପ୍ରାର୍ଥନାକୁ ତତ୍କାଳୀନ ସମାଜରେ ଘଟୁଥିବା ଘଟଣାବଳିର ପରିପ୍ରେକ୍ଷୀରେ ଓ ଭିତ୍ତିଭୂମି ଉପରେ ଆଲୋଚନା କଲେ ଅତ୍ୟୁକ୍ତି ହେବ ନାହିଁ । ଉଦାହରଣ ସ୍ୱରୂପ ଆମେ ଅଗଷ୍ଟ ୫, ୧୯୧୪ ପ୍ରାର୍ଥନାଟିକୁ ନେଇ ପାରିବା । ଏହି ପ୍ରାର୍ଥନାଟିର ପଞ୍ଚମରୁ ଅଷ୍ଟମ ଅନୁଚ୍ଛେଦରେ ମା' ଲେଖିଛନ୍ତି – ''ହେ ମୋର ପରମ ପ୍ରଭୁ ! ସମୟ ଆସିଛି ତୁମେ ପୁଣି ଥରେ ତୁମ ସାମ୍ରାଜ୍ୟକୁ ତୁମ ଅଧୀନକୁ ନେଇଯାଅ । ତୁମ ରାଜ୍ୟର ଅଧୀଶ୍ୱର ତୁମେ ହୁଅ । ଶକ୍ତି ପ୍ରଦର୍ଶନ କରୁଥିବା ଭୟଙ୍କର ଅପଶକ୍ତିମାନଙ୍କ କବଳରୁ ପୃଥିବୀକୁ ରକ୍ଷା କର । ସେମାନେ ଏହି ପୃଥିବୀକୁ ଦଳିଚକଟି ଦେଉଛନ୍ତି । ଏହି ଅପଶକ୍ତିମାନେ ଆଉ କେହି ନୁହନ୍ତି, ମଣିଷ ଭିତରେ ଥିବା ରକ୍ଷଣଶୀଳ, ନିଷ୍କ୍ରିୟ ହୋଇଥିବା (inert) ଅଜ୍ଞାନ, ଅନ୍ଧକାର ଓ ଦୁଷ୍ଟଇଚ୍ଛା ପୋଷଣ କରୁଥିବା ଶକ୍ତି ସକଳ ।

''ହେ ମୋର ମଧୁମୟ ପ୍ରଭୁ ! ମୋର ଏହି ସତ୍ତା ଜାଜ୍ୱଲ୍ୟମାନ ହୋଇ ଉଠିଛି, ମୋର ସ୍ଥିର ଊର୍ଦ୍ଧ୍ୱଗାମୀ ଉତ୍ସର୍ଗୀକୃତ ପ୍ରେମାଗ୍ନିର ଲେଲିହାନ ଶିଖା ମଧ୍ୟ ଦେଇ; ଏହି ନିବେଦନକୁ ଗ୍ରହଣ କର, ପୃଥିବୀ ତା'ର ପ୍ରତିବନ୍ଧକମାନଙ୍କୁ ଅତିକ୍ରମ କରି ଆଗକୁ ବଢ଼ିଯାଉ ।''

ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ୨୮ ଜୁଲାଇ ୧୯୧୪ ଏବଂ ଶେଷ ହେଲା ୧୧ ନଭେମ୍ବର ୧୯୧୮ରେ । ଏହି ଯୁଦ୍ଧରେ ମିତ୍ରପକ୍ଷ ଏବଂ ଶତ୍ରୁପକ୍ଷରୁ ଅସଂଖ୍ୟ ସୈନିକ ମୃତାହତ ଏବଂ ନିଖୋଜ ହୋଇଥିଲେ । ଏହି ସମୟର ''ଧ୍ୟାନ ଓ ପ୍ରାର୍ଥନା''ରେ ଯେକୌଣସି ପାଠକ ମା'ଙ୍କର ପ୍ରତିକ୍ରିୟାର ପ୍ରକାର ଏବଂ ଗୁଣବତ୍ତାକୁ ଅନୁଧ୍ୟାନ କରିପାରିବେ । ତତ୍କାଳୀନ ଅନ୍ୟାନ୍ୟ ଚିତ୍ରଶିଳ୍ପୀ, କଳାକାର ଏବଂ ବିଜ୍ଞ ବ୍ୟକ୍ତିମାନେ ଯେଉଁ ପ୍ରକାର କଷ୍ଟ ପାଉଥିଲେ, ମା'ଙ୍କ କ୍ଷେତ୍ରରେ ତାହାହିଁ ଘଟିଥିଲା । କିନ୍ତୁ ବ୍ୟତିକ୍ରମ ଥିଲା ମା'ଙ୍କ ଗ୍ରହଣଶୀଳତାର ଅଦ୍ଭୁତ ଢଙ୍ଗ । ଶ୍ରୀଅରବିନ୍ଦଙ୍କ ପରି ମା' ଜାଣୁଥିଲେ ଯେ ଏହି ଜଗତ୍ ହେଉଛି ବିଭିନ୍ନ ଶକ୍ତିମାନଙ୍କର ପରସ୍ପର ମଧ୍ୟରେ ଧକ୍କା ଖାଇବାର ସ୍ଥଳ । ତେଣୁ ସେ ସକଳ ବିପଦ ଆପଦ(crisis)ର ଗଭୀରତା ଭିତରକୁ ପ୍ରବେଶ କରୁଥିଲେ । ଉଦ୍ଦେଶ୍ୟ – ସେହି ସଂଘର୍ଷର (turmoil) ଆବଶ୍ୟକତାକୁ ଜାଣିବା । ମା' ସଂଘର୍ଷକୁ ଉପଭୋଗ (enjoy) କରୁ ନଥିଲେ । ଅନ୍ୟ ପକ୍ଷରେ ସେ ଜାଣିଥିଲେ ସୈନ୍ୟମାନଙ୍କର ଯୁଦ୍ଧ ଓ ସଂଘର୍ଷ ମଧ୍ୟଦେଇ ପରମପ୍ରଭୁ ଲୀଳାଖେଳାରେ ମଜ୍ଜିଛନ୍ତି । କିନ୍ତୁ ସେ ଏତାଦୃଶ ବଳିଦାନର ପ୍ରକୃତିରେ ପରିବର୍ତ୍ତନ ଆଣିବାକୁ ଚାହିଁଛନ୍ତି । ମା'ଙ୍କର ଏହି ସମୟର ପ୍ରାର୍ଥନାଗୁଡ଼ିକ ପ୍ରେରଣା-ପ୍ରଦାନକାରୀ ଉତ୍ସର୍ଗୀକୃତ ଭାବକୁ ନେଇ ଲିଖିତ । ଅଗଷ୍ଟ ୫, ୧୯୧୪ର ପ୍ରାର୍ଥନାଟି ପାଠକଲେ ମନେ ହେବ ମଣିଷ କିଛି ନଜାଣି ଅଚେତନ ଭାବରେ ଯୁଦ୍ଧରେ ବଳି ପଡୁଛି – ନିଜକୁ ଉତ୍ସର୍ଗ କରି ଦେଉଛି । ମା'ଙ୍କର ଇଚ୍ଛାଶକ୍ତି ଏସବୁଥିରେ ଯୋଡ଼ି ହୋଇଯାଇଛି । ପୃଥିବୀରୁ ବିଦାୟ ନେଇ ଯାଉଥିବା ଆତ୍ମାମାନଙ୍କ ପାଇଁ ଯେତେସବୁ ସଂକୀର୍ଣ୍ଣତା ରହିଛି ମା' ସେ ସମସ୍ତଙ୍କୁ ନିଜେ ଗ୍ରହଣ କରିନେଇଛନ୍ତି ଏବଂ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିଛନ୍ତି ।

ବିଦାୟୀ ଆତ୍ମାମାନଙ୍କର ଅକ୍ଷମତାକୁ ବିଶ୍ୱଜନନୀ ଶ୍ରୀମା ଆଦରି ନେଇଛନ୍ତି ଏବଂ ତାଙ୍କର ଶକ୍ତିଶାଳୀ ପ୍ରାର୍ଥନା ଦ୍ୱାରା ସେହି ଅକ୍ଷମମାନଙ୍କୁ ପୃଥିବୀର ମଙ୍ଗଳ ନିମନ୍ତେ ଅଜ୍ଞାନତାର ଭୂମି ଉପରେ କ୍ରିୟାଶୀଳ କରାଇଛନ୍ତି । ଉକ୍ତ ପ୍ରାର୍ଥନାର ଦ୍ୱିତୀୟ ଅନୁଚ୍ଛେଦରେ ମା' ଅପରିପକ୍ୱ ମାନବସମାଜ ଉଦ୍ଦେଶ୍ୟରେ ଯାହା କରିଛନ୍ତି, ତାହା ଏହିପରି –

"Grant that we may be Thy vivifying breath, Thy sweet peace, Thy luminous love

upon the earth amidst our ignorant and sorrowful human brothers." (August 5, 1914)

''ହେ ପ୍ରଭୁ ! ଆମମାନଙ୍କୁ ଏହି ବର ପ୍ରଦାନକର ଯେପରି କି ଆମେମାନେ ତୁମର ପ୍ରେରଣା-ପ୍ରଦାନକାରୀ ନିଃଶ୍ୱାସ ପ୍ରଶ୍ୱାସ ହୋଇଉଠୁ, ଏହି ପୃଥିବୀପୃଷ୍ଠରେ ହୋଇଉଠୁ ତୁମ ମଧୁର ପ୍ରଶାନ୍ତି, ଜ୍ୟୋତିର୍ମୟ ପ୍ରେମ ଆମ ଅଜ୍ଞାନ, ଦୁଃଖୀ ମାନବ ଭ୍ରାତାମାନଙ୍କ ମଧ୍ୟରେ ।''

ମାନବଜାତିକୁ ନିଜର ଭ୍ରାତା ବୋଲି ସମ୍ବୋଧନ କରି ମା' ତାଙ୍କ ହୃଦୟର ବିଶାଳତାକୁ ସୂଚାଇ ଦେଇଛନ୍ତି ।

ଏହି ପ୍ରାର୍ଥନାଟିର ଉପସଂହାରରେ ମା' ତାଙ୍କର ମହିମାନ୍ୱିତ ଢଙ୍ଗରେ ନିଜର ସର୍ବୋତ୍ତମ ଉତ୍ସର୍ଗୀକୃତ ଭାବକୁ ପ୍ରକାଶ କରି କହୁଛନ୍ତି :

"O my sweet Master, my being is ablaze with the ardent flame of the sacrifice of love: accept my offering that the obstacle may be overcome."

''ହେ ମୋର ମଧୁମୟ ପ୍ରଭୁ ! ଉତ୍ସର୍ଗୀକୃତ ପ୍ରେମର ଜାଜ୍ୱଲ୍ୟମାନ ବହ୍ନି ଶିଖାରେ ମୋର ସତ୍ତା ଦାଉ ଦାଉ ହୋଇ ଜଳୁଛି : ମୋର ଏହି ନିବେଦନକୁ ଗ୍ରହଣ କର, ଫଳତଃ ସକଳ ବାଧାବିଘ୍ନ ଦୂର ହୋଇଯାଇପାରେ ।''

ଏହାପରେ ଅଗଷ୍ଟ ୬, ୧୯୧୪ର କଥା । ଉକ୍ତ ପ୍ରାର୍ଥନାଟିରେ ମା' ନିଜର ଆତ୍ମ-ସମୀକ୍ଷା କରିଛନ୍ତି । ମା' କହିଛନ୍ତି, ''ହେ ପ୍ରଭୁ ! ଆମ ଭିତରେ ଏପରି କ'ଣ ଅଭାବ ଅସୁବିଧା, ଭ୍ରାନ୍ତି, ତ୍ରୁଟି ରହିଯାଇଛି, ଯାହାଫଳରେ ଆମମାନଙ୍କର ପ୍ରାର୍ଥନା ଆପଣଙ୍କ ପାଖରେ ପହଞ୍ଚିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି ? ତାହା କ'ଣ ସମ୍ପୂର୍ଣ୍ଣ ଭାବରେ ପୂର୍ଣ୍ଣାଙ୍ଗ ନୁହେଁ ଆପଣଙ୍କୁ ଅଭ୍ୟର୍ଥନା ଜଣାଇବା ପାଇଁ ? ଆମମାନଙ୍କର ଯେତେ ସବୁ ଉତ୍ସର୍ଗୀକୃତ ବଳିଦାନ ତାହା ଆପଣଙ୍କର ଗ୍ରହଣଯୋଗ୍ୟ ହେବାରେ, କୃପା ଦୃଷ୍ଟି ଲାଭ କରିବାରେ ସେମାନେ ବାଧା ସୃଷ୍ଟି କରନ୍ତି ? ଏହି ସତ୍ତା ମଧ୍ୟରେ ତଥାପି ସୀମିତତା, ସଂକୁଚିତ ଭାବ ରହିଯାଉଛି, ଆପଣ କ'ଣ ସେସବୁକୁ ଭାଙ୍ଗି ଚୁରମାର୍ କରିଦେବେ ନାହିଁ ?''

ପୃଥିବୀର ସଙ୍କଟମୟ ଅବସ୍ଥାକୁ ଲକ୍ଷ୍ୟ କରି ମା' ଲେଖିଛନ୍ତି, ''ହେ ପ୍ରଭୁ ! ଆମେ ଜାଣିପାରୁଛୁ ପୃଥିବୀ ସମ୍ମୁଖରେ ଏକ ବିଶାଳକାୟ ସଙ୍କଟ ଦଣ୍ଡାୟମାନ । ଯେଉଁମାନେ ଆପଣଙ୍କର ମଧ୍ୟସ୍ଥ ହୋଇ ଏଠାରେ କାର୍ଯ୍ୟ କରିବାକୁ ସମର୍ଥ ସେମାନେ ସମସ୍ତେ ନିଶ୍ଚିତ ଭାବରେ ପ୍ରସ୍ତୁତ ହୋଇ ଗଲେଣି । ସେମାନେ ଏହି ସଂଘର୍ଷ ଭିତରୁ ମୁଣ୍ଡ ଟେକୁଥିବା ଏକ ବୃହତ୍ତର ସଙ୍ଗତି ଏବଂ ଏହାର ଅନ୍ଧକାରମୟ କୁତ୍ସିତତା ମଧ୍ୟରୁ ଏକ ଦିବ୍ୟତ୍ୱର ସୌନ୍ଦର୍ଯ୍ୟ ପ୍ରତିଷ୍ଠା କରିବାରେ ସମର୍ଥ ହୋଇପାରିବେ । ହେ ପ୍ରଭୁ ! ହେ ଚିରନ୍ତନ ଗୁରୁ, ଆମେମାନେ କୃତାଞ୍ଜଳିପୁଟେ ନିବେଦନ କରୁଛୁ, ଆମମାନଙ୍କର ପ୍ରଚେଷ୍ଟାର ଉତ୍ତର ଦିଅନ୍ତୁ, ଏହାକୁ ଆଲୋକିତ କରନ୍ତୁ, ଆମର ପଥ ନିର୍ଦ୍ଦେଶ କରନ୍ତୁ, ଆମକୁ ଏପରି ଶକ୍ତି ପ୍ରଦାନ କରନ୍ତୁ ଯାହା ଫଳରେ ଆମ ଭିତରେ ଥିବା ସକଳ ପ୍ରକାର ପ୍ରତିବନ୍ଧକକୁ ଆମେ ଭାଙ୍ଗି ଚୁରମାର୍ କରିଦେଇ ପାରିବୁ ଏବଂ ସକଳ ବାଧାବିଘ୍ନକୁ ଅତିକ୍ରମ କରିଯିବୁ ।''

ସର୍ବଶେଷରେ ମା'ଙ୍କ ହୃଦୟ ବିଗଳିତ ହୋଇଯାଇଛି । ଏହି ପ୍ରାର୍ଥନାଟିର ଶେଷ ଅନୁଚ୍ଛେଦରେ ମା' କହୁଛନ୍ତି, ''ହେ ମୋର ମଧୁମୟ ପ୍ରଭୁ ! ମୁଁ ଆପଣଙ୍କ ପାଦପଦ୍ମରେ ଲୋଟିଯାଉଛି – ମୋର ସମଗ୍ର ସତ୍ତା ସମ୍ବେଦନଶୀଳ ହୋଇ ଉଠିଛନ୍ତି ଏବଂ ଅତ୍ୟନ୍ତ ବିନମ୍ରତାର ସହିତ ପ୍ରାର୍ଥନା କରୁଛି... ''ମୋ ବ୍ୟକ୍ତି ସତ୍ତାର ଅସାମର୍ଥ୍ୟ ଭିତରୁ ମୋତେ ମୁକ୍ତି ପ୍ରଦାନ କରନ୍ତୁ ।''

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା**


(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା

(୨) Notes on Prayers and Meditation - Goutam Ghosal

# ଶ୍ରୀମାଙ୍କ ସହ ପ୍ରଥମ ସାକ୍ଷାତ୍

## ମାଧବ ପଣ୍ଡିତ

### (୧୯୪୦)

ମାଧବ ପଣ୍ଡିତ ୧୯୪୦ ମସିହା ଫେବ୍ରୁଆରୀ ମାସରେ ଶ୍ରୀମାଙ୍କୁ ପ୍ରଥମେ ଦର୍ଶନ କରିଥିଲେ । ସେ ତାଙ୍କର ସେହି ଅନୁଭୂତି ବର୍ଣ୍ଣନା କରି କହିଛନ୍ତି :

''ଓଃ ! ସେହି ଅବିସ୍ମରଣୀୟ ମୁହୂର୍ତ୍ତ ! ମୁଁ କେବେହେଲେ ଭୁଲି ପାରିବିନି । ମା'ଙ୍କୁ ଦର୍ଶନ କରି ମୋର ହୃଦୟ ବିଦୀର୍ଣ୍ଣ ହୋଇଯାଇଥିଲା । ମୁଁ ଅନୁଭବ କଲି ସେହି ମୁହୂର୍ତ୍ତରେ ମୋର ହୃଦୟ କାରାଗାରରୁ ଅଶ୍ରୁର ବନ୍ୟା ବୋହି ଯେପରି ସେଠାରେ ପ୍ଲାବିତ ହୋଇଯିବ । ମୁଁ ସ୍ଥିର, ନିଶ୍ଚଳ ଅବସ୍ଥାରେ ଶ୍ରୀମାଙ୍କୁ ଆକୁଳ ନୟନରେ ଚାହିଁ ରହିଥାଏ । ଶ୍ରୀମାଙ୍କର ଧ୍ୟାନସ୍ଥ ଚକ୍ଷୁରୁ ମୋ ଉପରେ ଯେପରି ପ୍ରେମର ଧାରା ବହି ଆସୁଥାଏ । ମୋ ଚକ୍ଷୁରୁ କେବଳ ଅଶ୍ରୁ ନିର୍ଗତ ହେବାକୁ ଲାଗିଲା । ସେହି ମୁହୂର୍ତ୍ତରେ ଶ୍ରୀମା ତାଙ୍କର ସ୍ନେହସୁଧା ଢାଳି ଦେଇ ମୋତେ ପ୍ଲାବିତ କରିଦେଲେ । ତାଙ୍କର ସେହି ଅତି ସୁନ୍ଦର ସୁବର୍ଣ୍ଣ ଶରୀରର ଆକର୍ଷଣୀୟ ନୀଳ ଚକ୍ଷୁ ଭିତର ଦେଇ ଭଗବତ୍ ପ୍ରେମର ଶାନ୍ତିପୂର୍ଣ୍ଣ ପରିପୂର୍ଣ୍ଣତା ମୋ ହୃଦୟରେ ଅନୁକମ୍ପା ଓ ସ୍ନେହ, ସହାନୁଭୂତି ଢାଳି ଦେଉଥିଲା । ତାଙ୍କ ଶରୀରରୁ ଜ୍ୟୋତିଃ ଚାରିଆଡ଼େ ବିଚ୍ଛୁରିତ ହୋଇ ପଡୁଥିଲା ।

''ଶ୍ରୀମା ହେଉଛନ୍ତି ମାନବାକାରରେ ଆବିର୍ଭୂତ ପ୍ରେମର ମୂର୍ତ୍ତିମାନ୍ ରୂପ । ସେ ଥିଲେ ସମସ୍ତ ଆଶ୍ରମବାସୀଙ୍କର ହୃଦୟର ସାମ୍ରାଜ୍ଞୀ, ଯାହାଙ୍କର ଏକ ଦୃପ୍ତ ଚାହାଣି ଆମକୁ ଆମର ଆଧ୍ୟାତ୍ମିକ ଚେତନା, ଆତ୍ମ ସଂଯମତା ବୃଦ୍ଧି କରିବାରେ ପ୍ରେରଣା ଦେଉଥିଲା । ଶ୍ରୀମାଙ୍କର ଭାଷା ଥିଲା କେବଳ ପ୍ରେମର ଭାଷା । ତାହାରି ମାଧ୍ୟମରେ ସେ ସମସ୍ତଙ୍କ ହୃଦୟରେ ଖୁବ୍ ଉଚ୍ଚସ୍ଥାନ ଅଧିକାର କରିଥିଲେ । ତାଙ୍କର ନିର୍ଦ୍ଦେଶ ଆମକୁ ସନ୍ମାର୍ଗରେ ଯିବା ପାଇଁ ଓ କୌଣସି ମହତ୍ କାର୍ଯ୍ୟ କରିବା ପାଇଁ ବେଶ୍ ଉତ୍ସାହ ଦେଉଥିଲା । ଶ୍ରୀମାଙ୍କ ଉଦ୍ଦେଶ୍ୟରେ କିଛି କାର୍ଯ୍ୟ କରିଲେ, ତାଙ୍କର ଆଦେଶ ପାଳନ କଲେ ଓ ତାଙ୍କଠାରୁ ପଦେ କଥା ଶୁଣିଲେ ହୃଦୟ ଉଲ୍ଲସିତ ହୋଇଯାଏ ଓ ଏକ ଅଦ୍ଭୁତ ଅନୁଭୂତି ଉପଲବ୍ଧ ହୋଇଥାଏ ।

''ଶ୍ରୀମା ମୋ ହୃଦୟରେ ଥିବା ଅଜ୍ଞତାକୁ ଖୋଳିତାଡ଼ି ବାହାର କରି ଫୋପାଡ଼ି ଦେଇଥିଲେ ଏବଂ ହୃଦୟ କନ୍ଦରରେ ଦିବ୍ୟାଲୋକର ଏକ ଝଲକ ପ୍ରଦାନ କରିଥିଲେ । ତାଙ୍କର କୋମଳ ସ୍ନେହ ଓ ଆଦର ଯତ୍ନ, ଉପଦେଶ ମୋ ମନ ଭିତରେ ଥିବା 'ଅହଂ'ର ପରଦାକୁ ଦୂରକୁ ହଟାଇ ଦେଇଥିଲା । ତାଙ୍କର ପ୍ରେମଭରା ଦୃଷ୍ଟିପାତରେ ଏଭଳି ମୋହିନୀ ଶକ୍ତି ଥିଲା ଯେ ମୁଁ ମୋର ଅସ୍ତିତ୍ୱ ହରେଇ ଦେଇଥିଲି ।

''ପ୍ରତିଦିନ ଶ୍ରୀମା ମୋ ଭଳି ଅବୋଧ, ଅବୁଝା ଶିଶୁର ମଥା ତାଙ୍କ କୋଳରେ ଧରି କେତେ ଯେ ଆଶୀର୍ବାଦ ଢାଳି ଦେଇଛନ୍ତି ତାହାର କଳନା ନାହିଁ । ମୋ ଚେତନାର ପରିବର୍ତ୍ତନ କେବଳ ତାଙ୍କର କରୁଣା ପୂର୍ଣ୍ଣ ଆଶୀର୍ବାଦ ଦ୍ୱାରାହିଁ ସମ୍ଭବ ହୋଇଥିଲା । ସେ ସବୁ ଦିନର ଅଭୁଲା ସ୍ମୃତି ଏବେ ବି ମନେ ପଡ଼ିଲେ ମୋ ଦେହରେ ଶିହରଣ ଜାଗି ଉଠେ ।''

ସଂଗ୍ରହ ଓ ଉପସ୍ଥାପନା : ପ୍ରୀତି ପଟ୍ଟନାୟକ ❑

# ସମାଧି ଓ ତା'ର ବିଶେଷତ୍ୱ

## (୧୨)

### ନିର୍ମଳ ଚନ୍ଦ୍ର ସାହୁ

ଗତ ଡିସେମ୍ବର ୨୦୧୫ ସଂଖ୍ୟାରେ ସମାଧି ଓ ଆଶ୍ରମ ପରିବେଶରେ ପ୍ରକୃତରେ ଭଗବତ୍-ସ୍ନାନ କହିଲେ କ'ଣ ବୁଝାଏ ସେ ସମ୍ପର୍କରେ ମା'ଙ୍କ ବାଣୀ ଉଲ୍ଲେଖ କରି କୁହାଯାଇଥିଲା : ''ସେଦିନ ଯାହାକୁ ମୁଁ ଭଗବତ୍-ସ୍ନାନ ବୋଲି କହିଥିଲି, ଯାହା ମୁଁ ଦେଖିଲି ତାହା କହିଥିଲି । ବାତାବରଣ ଏକେବାରେ ଭରପୂର, ଶ୍ୱାସରୁଦ୍ଧ କଲା ଭଳି ଏକ ଦିବ୍ୟ-ଉପସ୍ଥିତି (ଏହାକୁ ଏକ 'ସ୍ପନ୍ଦନ' ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ – ସ୍ପନ୍ଦନ ଅପେକ୍ଷା ଆହୁରି କିଛି ଅଧିକ – ଏକ ଦିବ୍ୟ-ଉପସ୍ଥିତି ।''

ବିଷୟ ବସ୍ତୁଟିକୁ ଯେତେଦୂର ସମ୍ଭବ, ଗଭୀର ଭାବରେ ଆହୁରି ଆଗକୁ ନେଇଯିବା ପାଇଁ ବିନମ୍ର ଚେଷ୍ଟା କରାଯାଉ :

#### ସମାଧିରେ ଶ୍ରୀଅରବିନ୍ଦଙ୍କ ଶାଶ୍ୱତ ଦିବ୍ୟ-ଉପସ୍ଥିତି

ମା' କହନ୍ତି : ''ତୁମେ ଯଦି କୌଣସି ଅସୁବିଧାରେ ପଡ଼ିଥାଅ ଏବଂ ଏକ ଉତ୍ତର ଚାହଁ ଏହା ଯେକୌଣସି ଅସୁବିଧା ହୋଇଥାଇପାରେ, କିଂବା ତୁମେ ଯଦି ଅସ୍ୱସ୍ତି ଅନୁଭବ କରୁଥାଅ କିଂବା ଏମିତି କୌଣସି କଥା ଯାହା ତୀବ୍ର ପୀଡ଼ାଦାୟକ କିଂବା ହୁଏତ ତୁମେ ଏକ ଭୁଲ୍ କାର୍ଯ୍ୟ କରିଛ ଯାହା ତୁମକୁ ଯାତନା ଦେଉଛି – ଧରି ନିଆଯାଉ ଯେ ତୁମେ ରାଗି ଯାଇଛ ଓ ଅସନ୍ତୋଷ ଅନୁଭବ କରୁଛ, ଯଦିଓ ଏହା ଏକେବାରେ ଏକ ଗୁରୁତ୍ୱହୀନ ସାଧାରଣ କଥା – ମୂଲ୍ୟହୀନ, ହୁଏତ ଏମିତି ଏକ କଥା ଯାହାର ହେତୁ ମଧ୍ୟ ତୁମେ ଜାଣିନାହଁ କିଂବା ଯାହା ନହେବାର କଥା ଅଥଚ ହୋଇଯାଇଛି, ସେସମୟରେ ଯଦି ତୁମେ ଏହି ଦୁଃଖଦାୟକ ଅବସ୍ଥାରୁ ମୁକ୍ତ ହେବାକୁ ଚାହଁ, ସିଧାସଳଖ ସମାଧିକୁ ଯାଅ, ମୁଣ୍ଡ ନୁଆଁଇ, ମଥା ଛୁଆଇଁ ସ୍ପଷ୍ଟ ଭାବେ ଯାହା ସବୁ କହିବାର ଅଛି ବିନା ଦ୍ୱିଧାରେ ଓ ନିଃସନ୍ଦେହରେ ଶ୍ରୀଅରବିନ୍ଦଙ୍କୁ କୁହ ଯେମିତି ମୋ ପାଖକୁ ଆସି କହିଥାଅ ଏବଂ ତୁମେ ବହୁଥର ଦେଖିଛ, ଅନୁଭବ କରିଛ, କେମିତି ତୁମ ଅସୁବିଧାଗୁଡ଼ିକ ମୋତେ କହିଲା ମାତ୍ରେ ଅନ୍ତର୍ଦ୍ଧାନ ହୋଇଥାଏ, ସମ୍ପୂର୍ଣ୍ଣ ଲୋପ ହୋଇଯାଏ ।

(.... come directly to Samadhi and bow down your head at the Samadhi and speak frankly to Sri Aurobindo all that you have to say without hesitation, without doubt, as you come to tell me – and you have seen so many times that your difficulties have disappeared at once, vanished completely the moment you spoke to me...)

[Ref. All India Magazine, Dec. 2015, P. 28]

ଠିକ୍ ସେହିପରି, ତୁମେ ଶ୍ରୀଅରବିନ୍ଦଙ୍କୁ କହିବା ଉଚିତ; ଏମିତି – (ମା' ମଥା ନୁଆଇଁ ଦେଖାଇଲେ) – ଅସୁବିଧାରୁ ମୁକ୍ତ ହେବା ପାଇଁ ସମାଧିରେ ମଥା ଛୁଆଇଁ କୁହ । କିଂବା (ହୃତ୍‌କେନ୍ଦ୍ରରୁ ଉର୍ଦ୍ଧ୍ୱକୁ ଆରୋହଣ କରୁଥିବା ପ୍ରାର୍ଥନାର ଏକ ଭଙ୍ଗୀ ଦେଖାଇ) ସତ୍ତାର ଗଭୀରରେ ଏକାଗ୍ର ହୋଇ ଏକ ନିଷ୍କାପଟ ପ୍ରାର୍ଥନା କର । ମୁଁ ନିଶ୍ଚିତଭାବେ କହିପାରିବି ଯେ ସେ (ଶ୍ରୀଅରବିନ୍ଦ) ତୁମ ପ୍ରାର୍ଥନାଟି ଶୁଣିବେ ଓ ଉତ୍ତର ଦେବେ । ନିଃସନ୍ଦେହରେ ତୁମେ ତାଙ୍କ ସହ ବର୍ତ୍ତମାନ ଯୋଗାଯୋଗ କରିପାରିବ । ଅନେକେ ତାଙ୍କ ସହ ଯୋଗାଯୋଗ କରି ଉତ୍ତର ପାଇଛନ୍ତି । ସେ ବର୍ତ୍ତମାନ ଆମ ପାଇଁ ସହଜଲଭ୍ୟ ଏବଂ ଅଧିକ ସକ୍ରିୟ ହୋଇଛନ୍ତି । ତୁମେ ନିଶ୍ଚୟ ବୁଝିପାରୁଥିବ ଯେ ଆଉ ଅପେକ୍ଷା କରିବାର ଆବଶ୍ୟକତା ନାହିଁ ।...

ଏହି ଉପାୟଟି ବେଶ୍ ସୁବିଧାଜନକ, ପ୍ରତ୍ୟକ୍ଷ ଏବଂ ସହଜ ଲଭ୍ୟ ।'' [Ref. ibid, P. 28-29]

#### ବର୍ତ୍ତମାନ ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟ ସହଜଲଭ୍ୟ

ମା'ଙ୍କ ଉତ୍ତର :

''ଯଦି କିଛି ଅସୁବିଧା ହୋଇଥାଏ ଏବଂ ତୁମେ ଏହାର

କାରଣ ଜାଣିବାକୁ ଚାହଁ କିଂବା ତୁମେ କୌଣସି ଏକ ଦୁର୍ବଳତାରୁ କିଂବା ରୋଗରୁ ମୁକ୍ତ ହେବାକୁ ଚାହଁ, ଶୁଦ୍ଧତା ଚାହଁ, କୌଣସି ବାଧାବିଘ୍ନର ସମାଧାନ ଚାହଁ, ଯେକୌଣସି ପ୍ରଶ୍ନର ଉତ୍ତର ଚାହଁ ତେବେ ସମାଧିକୁ ଯାଅ ଏବଂ ଶ୍ରୀଅରବିନ୍ଦଙ୍କୁ କୁହ – ତୁମେ ଖାଲି ତାଙ୍କ ଉତ୍ତର ପାଇବ ନାହିଁ; ତତ୍‌ସଙ୍ଗେ ତାଙ୍କର ଆଶୀର୍ବାଦ ଅନୁକମ୍ପା, ଶାନ୍ତି ଓ ଆଲୋକ ମଧ୍ୟ ପାଇବ । ତୁମେ ତାଙ୍କ ସର୍ବଶକ୍ତିମାନ୍ ପ୍ରେମରେ ବୁଡ଼ିଯିବ, ଅଧିକୃତ ହୋଇଯିବ । ଥରୁଟିଏ ଯଦି ନିଜକୁ ତାଙ୍କ ଚରଣରେ ଦେଇଦିଅ ତା'ହେଲେ ସମସ୍ତ ଆକସ୍ମିକ ଦୁର୍ଘଟଣାରୁ ସୁରକ୍ଷିତ ରହିବ । ଏ ହେଲା ତାଙ୍କ ଉପସ୍ଥିତିର ପ୍ରଭାବ । ଯେଉଁମାନେ ସରଳ, ନିଷ୍କାପଟ ଓ ବିନମ୍ର ସେମାନଙ୍କ ପାଖରେ ଶ୍ରୀଅରବିନ୍ଦ ନିଜକୁ ପ୍ରକଟ କରନ୍ତି । ସେ ସେଠାରେ (ସମାଧିରେ) ସଦା ଜାଗ୍ରତ୍ ଏବଂ ବିଶ୍ୱର ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରଣ କରୁଛନ୍ତି ।...''

[Ref. ibid, P. 29]

ଏ ସମ୍ପର୍କରେ ଶ୍ରୀମା ଦେଇଥିବା ଆଶା ଓ ଆଶ୍ୱାସନା ଭରା ଏକ ବାଣୀ ଉଲ୍ଲେଖ କରାଯାଇପାରେ :

''I don't forget what Sri Aurobindo said – declared (in writing) : that in 1967 the supramental Power will be behind all the earth's governments. Whether it's these people or those or whoever, they will be directly, may be not consciously, but directly under the influence of supramental forces, which will make them do what has to be done. And so, of course, the first result will be a kind of worldwide collaboration – he explicitly told me that, and he wrote it down. That's what he had seen.''

[Ref. The Mother : Conversations with a disciple : Nov. 20, 1962]

ଅର୍ଥାତ୍ ଶ୍ରୀଅରବିନ୍ଦ ଯାହା କହିଥିଲେ ମୁଁ ଭୁଲିଯାଇନି – ସେ (ଲିଖିତ) ଘୋଷଣା କରିଥିଲେ : ୧୯୬୭ ମସିହାରୁ, ପୃଥିବୀର ସମସ୍ତ ସରକାରଙ୍କ ପଶ୍ଚାତରେ ଅତିମାନସ ଶକ୍ତି କାର୍ଯ୍ୟ କରିବ । ଏଇ ବ୍ୟକ୍ତି କିଂବା ସେଇ ବ୍ୟକ୍ତି – ଯିଏ ବି ହୋଇଥାଉନା କାହିଁକି, ସମସ୍ତେ ଏହାର ପ୍ରତ୍ୟକ୍ଷ ପ୍ରଭାବରେ ପ୍ରଭାବିତ ହେବେ – ସଚେତନଭାବେ ହୁଏତ ହୋଇ ନପାରେ, କିନ୍ତୁ ସିଧାସଳଖ ଅତିମାନସ ଶକ୍ତିର ପ୍ରଭାବରେ ପ୍ରଭାବିତ ହେବେ ଏବଂ ଯାହା କରଣୀୟ ତାହାହିଁ କରିବେ । ଏହାର ସର୍ବ ପ୍ରଥମ ଫଳାଫଳ ରୂପେ ଦେଖାଦେବ ଏକ ବିଶ୍ୱଗତ ସହଯୋଗ – ଖୁବ୍ ସ୍ପଷ୍ଟଭାବେ ସେ ମୋତେ ଏହା କହିଥିଲେ,– ଏକ ଦିବ୍ୟଦୃଷ୍ଟିରେ ଦେଖି ।

## ସମାଧି : ଧ୍ୟାନ ନିମନ୍ତେ ଏକ ପବିତ୍ର ସ୍ଥାନ

ମା'ଙ୍କ ଉକ୍ତିର ମର୍ମାର୍ଥ ଏହିପରି : ମୁଁ ଯେତେବେଳେ ସମାଧିକୁ ଚାହେଁ ଏବଂ କ'ଣ ସେଠାରେ ହେଉଛି ଦେଖେ, ଆଶ୍ଚର୍ଯ୍ୟ ହୁଏ ସେଠାରେ ଏକ ଅତ୍ୟୁଜ୍ଜ୍ୱଳ ଆଲୋକର ସ୍ତମ୍ଭ ଦେଖି, ଯାହା ଏକ ତେଜପୂର୍ଣ୍ଣ ରୂପାନ୍ତରକାରିଣୀ ଶକ୍ତି ଦ୍ୱାରା ସ୍ପନ୍ଦିତ ହେଉଛି । ଏହା ଉର୍ଦ୍ଧ୍ୱମୁଖୀ ହେଉଛି – (ମା' ତାଙ୍କ ହସ୍ତ ଦ୍ୱାରା ଏକ ଉର୍ଦ୍ଧ୍ୱାୟନ ଭଙ୍ଗୀ କଲେ) ଯାହା ସମାଧିର ଲମ୍ବ ଓ ପ୍ରସ୍ଥ ଆକାରରେ ଏକ ଦୀପ୍ତିମୟ ବିଦ୍ୟୁତ୍ ଆଲୋକର ପ୍ରବାହ ଭଳି ଉର୍ଦ୍ଧ୍ୱାୟିତ ହେଉଛି । ଏହା ହେଲା ନୂତନ ଆଲୋକର ଜଡ଼ ସ୍ତରରେ ଅଭିବ୍ୟକ୍ତି... (New Light materialising)...

ରାତିରେ ଯେତେବେଳେ ସବୁକିଛି ଶାନ୍ତ, ନୀରବ ସେତେବେଳେ କେତେଗୁଡ଼ିଏ ସତ୍ତା (Entities) ସମାଧି ପରିବେଶକୁ ପରିଷ୍କାର କରନ୍ତି । ଲୋକେ ଛାଡ଼ି ଦେଇ ଯାଇଥିବା ମିଥ୍ୟା, ବାସନା-କାମନା, ଅସ୍ଥିରତା, ସମସ୍ତ ପ୍ରକାର ଅଭିଯୋଗ, ଅଶୁଭ ଇଚ୍ଛା, ପୀଡ଼ା, ବ୍ୟାଧି ଇତ୍ୟାଦିର କଳୁଷିତ ଗଠନସବୁକୁ ତଥା ତତ୍ ସଙ୍ଗେ ସଙ୍ଗେ ଅପଶକ୍ତିଙ୍କ ସୃଷ୍ଟ ସମସ୍ତ ପ୍ରକାର ମଇଳା ପରିଷ୍କାର କରି ସ୍ଥାନଟିକୁ ଶାନ୍ତ ଏବଂ ପ୍ରୀତିକର କରିଥା'ନ୍ତି । ସେମାନେ ତାଙ୍କର ଗଭୀର ପ୍ରେମ ଦ୍ୱାରା ଶୁଦ୍ଧୀକରଣର କାର୍ଯ୍ୟଟିକୁ ସମ୍ପାଦନ କରନ୍ତି ଯଦ୍ଦ୍ୱାରା ଶ୍ରୀଅରବିନ୍ଦଙ୍କ ଉପସ୍ଥିତି ଅନୁଭବ କରାଯାଇ-ପାରେ ।

ଏହା ଧ୍ୟାନ ପାଇଁ ଏକ ପବିତ୍ର ସ୍ଥାନ, ଗପ-ସପ ପାଇଁ ନୁହେଁ । ସମାଧି ପରିବେଶରେ କଥାବାର୍ତ୍ତା ଆଦୌ କରିବା ଉଚିତ ନୁହେଁ କାରଣ ତା' ଦ୍ୱାରା ବାତାବରଣ ଅଶାନ୍ତ ହୋଇଥାଏ । ସାରା ପୃଥିବୀର ଭାର ସୂକ୍ଷ୍ମଭାବେ ବହନ କରି ସେ ''ମହାସମାଧି''ରେ ତାଙ୍କ ମହିମାନ୍ୱିତ ଶରୀରରେ ଉପସ୍ଥିତ ରହିଛନ୍ତି – କ୍ରମଶଃ ତାଙ୍କ ଦିବ୍ୟ-ଚେତନାକୁ ଅଭିବ୍ୟକ୍ତ

କରୁଛନ୍ତି, ଯଦିଓ ଦିବ୍ୟ-ଅବତରଣ ଆଂଶିକଭାବେ ପରଦାର ଅନ୍ତରାଳରେ ଘଟୁଛି ।

[Ref. AIM, December 15, P. 30-31]

ପ୍ରକୃତରେ ସମାଧି ଏମିତି ଏକ ପବିତ୍ର ସ୍ଥାନ ଯେଉଁଠି ଆମେ ଆନ୍ତର ଆଧ୍ୟାତ୍ମିକ ଶାନ୍ତି (Inner spiritual peace) ଏବଂ ଆତ୍ମ-ଉପଲବ୍ଧି ଲାଭ କରିପାରିବା, ବହୁ ଭକ୍ତ ଏହାର ସ୍ୱାଦ ପାଇଛନ୍ତି ଓ ପାଉଛନ୍ତି ।

### ସମାଧି ପୀଠରେ ପ୍ରଚଣ୍ଡ ଘନୀଭୂତ ଶକ୍ତିର ସ୍ପନ୍ଦନ

ଆଶ୍ରମବାସିନୀ 'ଏମ୍' ତାଙ୍କର ଏକ ଅନୁଭୂତି ବର୍ଣ୍ଣନା କରି କହିଲେ : ''ନଳିନୀଦା'ଙ୍କର ଭୋର ୪ଟା ବେଳେ ଚା' ପିଇବାର ଅଭ୍ୟାସ ଥିଲା । ତାଙ୍କ ସେବିକା ଅନିମା ଦି' ଅସୁସ୍ଥ ଥିବା ହେତୁ, ଚା' କରି ଯଥା ସମୟରେ ନଳିନୀଦା'ଙ୍କୁ ଦେବା ପାଇଁ ଜଣେ ଉପଯୁକ୍ତ ସାଧକଙ୍କୁ ଖୋଜା ଚାଲିଥିଲା ବେଳେ ମୁଁ ସ୍ୱେଚ୍ଛାକୃତଭାବେ ଏ ସୁଯୋଗ ନେବାକୁ ଚାହିଁଲି...

''ମୁଖ୍ୟ ଆଶ୍ରମ ଭିତରେ ରହୁଥିବା ଜନୈକ ସାଧକଙ୍କ ସହ ମୋର ଭଲ ଜଣାଶୁଣା ଥିଲା । ଆଶ୍ରମର ମୁଖ୍ୟ ଫାଟକ ରାତ୍ରି ୧୦.୩୦ରୁ ଭୋର ୫ଟା ପର୍ଯ୍ୟନ୍ତ ବନ୍ଦ ରୁହେ । ଆଶ୍ରମ ପଛପଟ ଦରଜା ଭୋର ୩ଟା ବେଳକୁ ମୋ ପାଇଁ ଖୋଲି ଦେବାର ଦାୟିତ୍ୱ ସାଧକ ମହାଶୟ ବହନ କଲେ ।

''ଚା' ତିଆରି କରିବା ପୂର୍ବରୁ ପ୍ରାୟ ଭୋର ୩ଟାରୁ ୪ଟା ଭିତରେ ମୁଁ ସମାଧି ପୀଠରୁ ଅଳ୍ପ ଦୂରରେ ବସି ସମାଧିକୁ ଚାହିଁ ଧ୍ୟାନ କରିବାକୁ ଆରମ୍ଭ କଲି । ସେଇ ସମୟରେ ସମାଧି ପୀଠରୁ ନିର୍ଗତ ପ୍ରଚଣ୍ଡ ଘନୀଭୂତ ଦିବ୍ୟ-ଉପସ୍ଥିତିର ସ୍ପନ୍ଦନ ମୁଁ ଅନୁଭବ କଲି । ସମାଧି ଏକେବାରେ ଜୀବନ୍ତ, ଦୀପ୍ତିମୟ ଓ ଶକ୍ତିମୟ ମନେ ହେଉଥିଲା । କାଳେ ପ୍ରଚଣ୍ଡ ଶକ୍ତିର କ୍ରିୟାକୁ ହୁଏତ ମୁଁ ସହ୍ୟ କରିପାରିବି ନାହିଁ, ହୁଏତ କିଛି ଅସୁବିଧା ଘଟିପାରେ ଭାବି ସାହସ ହେଲା ନାହିଁ ସମାଧି ପୀଠକୁ ଯାଇ ମଥାଛୁଆଁଇ ପ୍ରଣାମ କରିବାକୁ ।''

ରାତ୍ରିରେ ସମାଧି ପରିବେଶ ପରିଷ୍କାର କରୁଥିବା ଯେଉଁ ସତ୍ତାମାନଙ୍କ କଥା ମା' କହିଛନ୍ତି, ଖୁବ୍ ସମ୍ଭବତଃ ସେମାନଙ୍କ ଶୁଦ୍ଧୀକରଣର କାର୍ଯ୍ୟଟି 'ଏମ'ଙ୍କ ଧ୍ୟାନ ପୂର୍ବରୁ ସମ୍ପାଦିତ ହୋଇ ସାରିଥିଲା ।

ଶାନ୍ତ, ନୀରବ, ନିସ୍ତବ୍ଧ, ଶୁଦ୍ଧ ଓ ପବିତ୍ର ବାତାବରଣରେ ଶ୍ରୀଅରବିନ୍ଦଙ୍କ ପ୍ରଚଣ୍ଡ ଦିବ୍ୟ-ଉପସ୍ଥିତିର ତୀବ୍ରତା, ଘନୀଭୂତତା ଓ ପ୍ରଚଣ୍ଡତାର ପ୍ରକଟନ ଏକ ସ୍ୱାଭାବିକ କଥା । ଶାନ୍ତି, ଶକ୍ତି, ଆଲୋକ ଓ ଆନନ୍ଦର ଉତ୍ସ ହେଲା ଦିବ୍ୟ-ଉପସ୍ଥିତି ।

### ନିଷ୍ପାପର ଆସ୍ପୃହାର ତତ୍କ୍ଷଣାତ୍ ଉତ୍ତର

୨୪ ବର୍ଷର ଜନୈକ ଯୁବ ଇଞ୍ଜିନିୟରଙ୍କର ସମାଧି ପ୍ରତି ଶ୍ରଦ୍ଧା ଓ ଆକର୍ଷଣ ଏକେବାରେ ଗଭୀର । ଆଶ୍ରମ ପରିବେଶରେ ଦୁର୍ଗାପୂଜା ଅବସରରେ ରହିବା ପାଇଁ ଆସି ପଣ୍ଡିଚେରୀରେ ପହଞ୍ଚିଲେ । ସମାଧି ସମ୍ପର୍କରେ ତାଙ୍କର ଏକ ସୁନ୍ଦର ଅନୁଭୂତିର କଥା ସେ ମୋତେ କହୁଥିଲେ । ଦିନେ ସକାଳ ୮ଟା ସମୟରେ ଶ୍ରୀଅରବିନ୍ଦଙ୍କ ସମାଧିର ପଶ୍ଚିମ ପଟ ପ୍ରସାରିତ ଅଂଶର ମଝିରେ ଏକ ଖାଲି ସ୍ଥାନ ସେ ଲକ୍ଷ୍ୟ କଲେ ଯେଉଁଠି ଫୁଲ ସଜା ହୋଇ ନଥିଲା; ଯଦିଓ ଆଖପାଖରେ ବିଭିନ୍ନ ଫୁଲ ପ୍ରଚୁର ପରିମାଣରେ ସଜାହୋଇଥିଲା ।

ହଠାତ୍ ତାଙ୍କ ଭିତରେ ଏକ ଆସ୍ପୃହା ଜାଗି ଉଠିଲା, ସେ ଭାବିଲେ – ମେଞ୍ଚା ମେଞ୍ଚା ଫୁଲ ଗଦାରୁ କିଛି ଫୁଲ ନେଇ ଖାଲି ସ୍ଥାନଟିରେ ସଜାଇ ଦେଲେ ଭାରି ଭଲ ହୁଅନ୍ତା । ପର ମୁହୂର୍ତ୍ତରେ ଭାବିଲେ, 'ସଜା ହୋଇଥିବା ଫୁଲ ଏପଟସେପଟ କରିବା ମନା ।' ସେ ପୁଣି କହିଲେ, ''ଠିକ୍ ସେତିକିବେଳେ ଜଣେ ମେଞ୍ଚାଏ ନାଲି ମନ୍ଦାର ମୋ ହାତରେ ଧରାଇ ଦେଇ (ଅଙ୍ଗୁଳିରେ ଖାଲି ସ୍ଥାନ ଦେଖାଇ) ଧୀରେ କହିଲେ : 'ସେଠି ସଜାଇ ଦିଅ ।' ମୋ ପାଇଁ ମା' ନିଜେ ସବୁ ବ୍ୟବସ୍ଥା କରି ଦେଉଥିବା ପରି ଅନୁଭବ କଲି । ଆନନ୍ଦର ସୀମା ରହିଲା ନାହିଁ । ଆପେ ଆପେ ଆଖିରୁ ଦୁଇ ଟୋପା ଆନନ୍ଦାଶ୍ରୁ ଝରି ପଡ଼ିଲା ।''

❑❑❑

# ଶାଶ୍ୱତ ସମୟ
## (୩)
## ସୂର୍ଯ୍ୟକାନ୍ତି ମହାନ୍ତି

ସମୟକୁ ନେଇ ପୃଥିବୀର ବିଭିନ୍ନ ଦେଶରେ ଆକର୍ଷଣୀୟ କାହାଣୀମାନ ରହିଛି । ସେଥିମଧ୍ୟରୁ ଜାପାନ ଦେଶର ଏହି କିଂବଦନ୍ତୀ ''ସମୁଦ୍ରତଳର ଏକ ରାଜ୍ୟ'' ଅତ୍ୟନ୍ତ ଚିତ୍ତାକର୍ଷକ ଅଟେ ।

ଦିନେ ସମୁଦ୍ର କୂଳରେ ପିଲାମାନେ ଖେଳୁଥିବା ବେଳେ ଛୋଟ କଇଁଛଟିଏ ଦେଖିଲେ । ସେମାନେ ତାକୁ ନେଇ ଅନେକ ପ୍ରକାର ଖେଳ ଖେଳିଲେ । ତା'କୁ ଧରି ଓଲଟାଇଲେ, ବାଲିରେ ପୋତିଲେ ଏବଂ ପରସ୍ପର ଭିତରେ ଫୋପଡ଼ା ଫୋପଡ଼ି କରି ଚିତ୍କାର କରିବାକୁ ଲାଗିଲେ ।

ଏହି ସମୟରେ କିଛି ଦୂରରେ ଉରାସୀମା ଟାରୋ ନାମକ ଏକ ବାଳକ ସମୁଦ୍ରରୁ ମାଛ ଧରୁଥିଲା । ସେ ପିଲାମାନଙ୍କର ହୋହଲ୍ଲା ଶୁଣି ସେମାନଙ୍କ ନିକଟକୁ ଆସି ଛୋଟ କଇଁଛର ଦୟନୀୟ ଅବସ୍ଥା ଦେଖି ପିଲାମାନଙ୍କୁ କହିଲା, ''ଦୟାକରି ଏ କଇଁଛକୁ ଏପରି କଷ୍ଟ ଦିଅ ନାହିଁ । ମୋତେ ଯଦି ଏହାକୁ ଦେଇଦେବ, ମୁଁ ତୁମକୁ ମାଛ ଦେବି ।''

ପିଲାମାନେ ତା'କୁ ମାଛ ବଦଳରେ କଇଁଛକୁ ଦେଇଦେଲେ । ଉରାସୀମା ଦୟାଳୁ ଥିଲା । ସେ କଇଁଛକୁ ନେଇ ସମୁଦ୍ରରେ ଛାଡ଼ିଦେଲା । କଇଁଛ ଖୁସିରେ ପହଁରି ପହଁରି ପାଣି ଭିତରେ ଲୁଚିଗଲା । ଏହା ଦେଖି ଉରାସୀମା ଖୁବ୍ ଖୁସି ହେଲା ।

କିଛିବର୍ଷ ବିତିଗଲା । ଦିନକର ଘଟଣା । ସବୁଦିନ ପରି ସେଦିନ ବି ଯୁବକ ଉରାସୀମା ସମୁଦ୍ରରୁ ମାଛ ଧରୁଥିଲା । ଏହି ସମୟରେ ପାଣିରୁ ହଠାତ୍ ଏକ ବିରାଟ କଇଁଛ ବାଲି ଉପରକୁ ଉଠି ଆସିବାର ଦେଖିଲା । କଇଁଛଟି ତା' ବଡ଼ ବଡ଼ କଳା ଆଖିରେ ଅନାଇ କହିଲା, ''ମୁଁ ସେହି କଇଁଛ ଯାହାକୁ ତୁମେ କିଛି ବର୍ଷ ପୂର୍ବେ ରକ୍ଷା କରିଥିଲ । ତୁମର ଉଦାରତା ପାଇଁ ମୁଁ ତୁମ ନିକଟରେ କୃତଜ୍ଞ । ସମୁଦ୍ରତଳେ ଥିବା ରାଜ୍ୟ ପରିଦର୍ଶନ କରିବା ପାଇଁ ମୁଁ ତୁମକୁ ନିମନ୍ତ୍ରଣ କରୁଛି ।''

ଉରାସୀମା ବିସ୍ମୟଭରା ଚାହାଣିରେ କହିଲା, ''ଏହା ମୋର ଅନେକ ଦିନର ସ୍ୱପ୍ନ । ଏସବୁ ଦେଖିବାକୁ ମୁଁ ବହୁତ ଆଗ୍ରହୀ ।''

କଇଁଛ କହିଲା, ''ଆସ, ବିଳମ୍ବ କର ନାହିଁ । ମୋ ପିଠିରେ ବସ । ତୁମେ ଆମ ରାଜ୍ୟରେ ନିରାପଦରେ ରହିବ ।''

ଉରାସୀମାକୁ ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା । କଇଁଛ ପିଠିରେ ବସି ସେ ଧୀରେ ଧୀରେ ପାଣି ଭିତରକୁ ଚାଲିଗଲା । ମାତ୍ର ତା'କୁ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କିଛି ଅସୁବିଧା ହେଲା ନାହିଁ । ଅନେକ ଜଳଜୀବଙ୍କୁ ଅତିକ୍ରମ କରି କଇଁଛ କ୍ଷିପ୍ରଗତିରେ ଛୁଟି ଚାଲିଲା ସମୁଦ୍ରର ଗଭୀରରୁ ଗଭୀରତର ଜଳରାଶି ଆଡ଼େ ।

ଉରାସୀମା ଏ ଦୃଶ୍ୟ ଉପଭୋଗ କରୁଥାଏ । ଶେଷରେ ସେମାନେ ସମୁଦ୍ରର ନିମ୍ନଦେଶରେ ରହସ୍ୟମୟ ନୀଳ ଆଲୋକରେ ଝଲମଲ କରୁଥିବା ଏକ ରାଜପ୍ରାସାଦର ଦ୍ୱାର ଦେଶର ନିକଟବର୍ତ୍ତୀ ହେଲେ । ଏହାର କାନ୍ଥମାନ ଥିଲା ମଣିମୁକ୍ତାରେ ତିଆରି । ତରଙ୍ଗାୟିତ ସାମୁଦ୍ରିକ ଉଦ୍ଭିଦର ଉଦ୍ୟାନ ପରିବେଷ୍ଟନ କରିଥିଲା ରାଜପ୍ରାସାଦକୁ ।

ଉରାସୀମା ପ୍ରବେଶ କଲା ଏକ ସୁସଜ୍ଜିତ ବୃହତ୍ କକ୍ଷରେ । ଦେଖିଲା ଏକ କମନୀୟ ସୁଶ୍ରୀ କନ୍ୟା । ତା' ଲମ୍ବା କେଶ ସାଗର ଲହରୀର ଗତି ସହିତ ସମତାଳରେ ଦୋହଲୁଥିଲା । ତା' ଚକ୍ଷୁଦ୍ୱୟ ଥିଲା ମଣି ପରି ଉଜ୍ଜ୍ୱଳ । ମୁଖମଣ୍ଡଳ ଥିଲା ପ୍ରଶାନ୍ତ ଓ ବିନମ୍ର ଯାହା ଉରାସୀମା କେବେ ବି ଦେଖି ନଥିଲା ।

ଏକ ମୃଦୁ ଝରଣାର ଝର ଝର ନାଦ ପରି ସେହି ସୁଶ୍ରୀ କନ୍ୟା ମୁଖରୁ କିଛି ଶବ୍ଦ ବାହାରି ଆସିଲା, ''ମୁଁ ରାଜକୁମାରୀ ଓଟୋହାଇମ୍ । ଏକଦା ତୁମେ ଛୋଟ କଇଁଛଟିକୁ ସାହାଯ୍ୟ କରିଥିଲ ବୋଲି ମୁଁ ତୁମକୁ ଧନ୍ୟବାଦ ଦେବାକୁ ଚାହେଁ । ତୁମର ଅବସର ସମୟରେ ଏ ରାଜ୍ୟରେ ବୁଲାବୁଲି କରି ଉପଭୋଗ କର ।''

ଏକ ସୁଶୋଭିତ ଆସନରେ ବସିବାକୁ ଅନୁରୋଧ କରି କୁଞ୍ଚନଯୁକ୍ତ ପଙ୍ଖାଟିଏ ହଲାଇ ଦେଲା । ହଠାତ୍ ବିଭିନ୍ନ ପ୍ରକାର ଛୋଟ ମାଛମାନେ ନାଚିବାକୁ ଆରମ୍ଭ କରିଦେଲେ । ଉରାସୀମା ଆନନ୍ଦରେ ବିହ୍ୱଳିତ ହୋଇଉଠିଲା । ସେ ମାଛମାନଙ୍କର ନାଚକୁ ଆନନ୍ଦରେ ଉପଭୋଗ କଲା । ତା'ପରେ ତା'କୁ ସୁସ୍ୱାଦୁ ଖାଦ୍ୟ

ପରଷା ହେଲା ଏବଂ ପରେ ପରେ ନରମ ଶେଯରେ ସେ ବିଶ୍ରାମ ନେଲା ।

ପରବର୍ତ୍ତୀ ଦିନର ସକାଳ । ଓଟୋହାଇମ୍ ଲଳିତ ମଧୁର କଣ୍ଠରେ ବର୍ଣ୍ଣନା କରିଚାଲିଲା କିପରି ଏ ରହସ୍ୟମୟ ସମୁଦ୍ର – ଝଡ଼, ବର୍ଷା ଓ ନଦୀର ଗତିପଥକୁ ନିୟନ୍ତ୍ରଣ କରେ, କିପରି ବାୟୁମଣ୍ଡଳର ଚାପ ଓ ତାପର ଭାରସାମ୍ୟ ରକ୍ଷା କରେ ଇତ୍ୟାଦି ଅନେକ ଅନେକ ଘଟଣା ।

ଉରାସୀମା ଏକ ସ୍ୱପ୍ନ ଜଗତରେ ବିଚରଣ କରୁଥିବା ପରି ଅନୁଭବ କରୁଥିଲା । ଅନେକ ରହସ୍ୟ ଓ ବିସ୍ମୟ ମଧ୍ୟରେ ବେଶ୍ କିଛି ମାସ କଟିଗଲା । ଏହା ଭିତରେ ଓଟୋହାଇମ୍ ଏବଂ ଉରାସୀମା ପରସ୍ପରକୁ ଶ୍ରଦ୍ଧା କରୁଥା'ନ୍ତି । କିଛି ସମୟ ପରେ ସେମାନଙ୍କର ରାଜକୀୟ ବିବାହର ଆୟୋଜନ କରାଗଲା ।

ଉରାସୀମା କହିଲା, ''ମୋ ବିବାହ ପୂର୍ବରୁ ମୁଁ ଥରେ ଆମ ଘର ଆଡ଼େ ବୁଲି ଆସିବାକୁ ଚାହୁଁଛି । ଆମର ରାଜକୀୟ ବିବାହ ବିଷୟରେ ମୋର ଭାଇ ଜାଣିବା ଦରକାର ।'' ଏହା ଶୁଣି ଓଟୋହାଇମ୍‌ର ମୁଖ ମଳିନ ପଡ଼ିଗଲା । ସେ ଅନୁରୋଧ କରିବା ଭଙ୍ଗୀରେ କହିଲା, ''କିନ୍ତୁ ତୁମେ ନିଶ୍ଚୟ ଫେରିଆସିବ ।''

''ଅବଶ୍ୟ । ତୁମେ ଅନ୍ୟ କିଛି ଭାବିବା ଆଗରୁ ମୁଁ ଫେରିଆସିବି ।'' ଉରାସୀମା କହିଲା ।

ତା'ପରେ ଓଟୋହାଇମ୍ ଉରାସୀମାକୁ ଏକ ବାର୍ନିସ୍ ଦିଆ କାଠ ବାକ୍ସ ଦେଲା ଏବଂ କହିଲା, ''ଏହା ଭିତରେ ତୁମ ପାଇଁ କିଛି ଜିନିଷ ଅଛି । ମାତ୍ର ମୋତେ ଭେଟିବା ପୂର୍ବରୁ କେବେ ବି ଏହାକୁ ଖୋଲିବ ନାହିଁ । ଯଦି ମୋତେ ଭଲପାଅ, ତେବେ କଥା ଦିଅ, ଏହାକୁ କେବେ ବି ଖୋଲିବ ନାହିଁ ।''

''ହେଲା, କଥା ଦେଉଛି । ତୁମେ ମୋଟେ ବ୍ୟସ୍ତ ହୁଅ ନାହିଁ ।'' ଏହା କହିବା ପରେ ସେହି ବିରାଟ କଇଁଛଟି ଉରାସୀମାକୁ ସମୁଦ୍ରକୂଳ ଆଡ଼େ ନେଇ ଆସିଲା । ଓଟୋହାଇମ୍ ଦୃଶ୍ୟପଟରୁ ଅନ୍ତର୍ହିତ ହେବା ପର୍ଯ୍ୟନ୍ତ ଉରାସୀମା ହାତ ହଲାଇ ହଲାଇ ବିଦାୟ ଦେଉଥିଲା ।

ପୁଣି ଥରେ କୂଳରେ ପହଞ୍ଚିଲା ଉରାସୀମା । କଇଁଛକୁ ବିଦାୟ ଦେଇ ନିଜ ଗ୍ରାମ ଆଡ଼େ ଅଗ୍ରସର ହେଲା । ଦେଖିଲା ଅନେକ ପରିବର୍ତ୍ତନ । ଏଇ ମାସ କେଇଟି ଅନୁପସ୍ଥିତିରେ ନୂଆ ନୂଆ କୋଠା ତିଆରି ହୋଇଯାଇଛି । ଗାଁର ବହୁତ ଉନ୍ନତି ହୋଇଛି । ତା'କୁ ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା । ଏତେ କମ୍ ସମୟ ଭିତରେ ଏତେ ପରିବର୍ତ୍ତନ କିପରି ହୋଇପାରିଛି । କିନ୍ତୁ ସେ ଏ ଗାଁର ସମସ୍ତଙ୍କୁ ଜାଣିଥିବା ସତ୍ତ୍ୱେ ତା'କୁ ଚିହ୍ନି ପାରିବା ଭଳି କାହାରିକୁ ସେ ଦେଖିଲା ନାହିଁ ।

ସେ ତା' ଭାଇ ସହ ଯେଉଁଠି ବାସ କରୁଥିଲା, ସେ ସ୍ଥାନରେ ଏକ ବିରାଟ ଘର ଦେଖି ବିସ୍ମିତ ହେଲା । ଦ୍ୱାର ସମ୍ମୁଖରେ ଜଣେ ଯୁବକ ଛିଡ଼ା ହୋଇଥିବାର ଦେଖି ତା'କୁ ପଚାରିଲା, ''ମୁଁ ଉରାସୀମା ଟାରୋର କୁଡ଼ିଆ ଖୋଜୁଛି । ମୋତେ ସାହାଯ୍ୟ କରିପାରିବ କି ?''

ଯୁବକ ବିସ୍ମୟଭରା ଆଖିରେ ଅନାଇ କହିଲା, ''ଉରାସୀମା ଟାରୋ ! ବହୁବର୍ଷ ଆଗେ ସେ ସମୁଦ୍ର ଗର୍ଭରେ ହଜି ଯାଇଥିଲେ ବୋଲି ତୁମେ କ'ଣ ଶୁଣି ନାହଁ ? ତାଙ୍କ ଭାଇ ଯେ କି ମୋ ଜେଜେବାପା, ଏ ଘରେ ବାସ କରନ୍ତି । ମୁଁ ତାଙ୍କୁ କହିବି କି କେହି ଜଣେ ତାଙ୍କୁ ଦେଖା କରିବାକୁ ଚାହୁଁଛି ?''

ଉରାସୀମା ମୁଣ୍ଡ ହଲେଇ ମନା କଲା । କିନ୍ତୁ ସେ ବଡ଼ ବିଭ୍ରାନ୍ତିକର ପରିସ୍ଥିତିରେ ପଡ଼ିଲା । ଭାବିଲା, ''ବର୍ତ୍ତମାନ ଏଠାରୁ ମୁଁ ଶୀଘ୍ର ଚାଲିଯିବା ଦରକାର ।''

ଭାରାକ୍ରାନ୍ତ ମନରେ ପୁଣି ଥରେ ସେ ଫେରିଆସିଲା ସମୁଦ୍ର କୂଳକୁ । ସମୁଦ୍ର ତଳର ମାତ୍ର କେଇଟି ମାସର ସମୟ କିପରି ସମାନ ହେବ ସ୍ଥଳଭାଗରେ ଜଣକର ପୂରାପୂରି ପରିଣତ ଜୀବନର ବୟସ ସହ ! ପ୍ରତ୍ୟେକଟି କଥା ଲାଗୁଛି ବିଚିତ୍ର । ଓଟୋହାଇମ୍ କ'ଣ ମୋତେ ସମ୍ମୋହିତ କରିଛି ? ଏଇ ଛୋଟ ବାକ୍ସରେ ସେ କ'ଣ ରଖିଛି ଯେ ମୁଁ ତାକୁ ବୋହୁଛି ? ଏହିପରି ଅନେକ ପ୍ରଶ୍ନ ଉରାସୀମାକୁ ବିବ୍ରତ କଲା ।

ସେ ସେହି ବାକ୍ସଟିକୁ ଖୋଲିବାକୁ ସ୍ଥିର କଲା । ମାତ୍ର ତା' ଶପଥ କଥା ମନେ ପକାଇ ସାମାନ୍ୟ ସଙ୍କୁଚିତ ହେଲା । ତଥାପି ବି ନିଜକୁ ସ୍ଥିର ରଖିପାରିଲା ନାହିଁ । ଥର ଥର ହାତରେ ବାକ୍ସର ଢାଙ୍କୁଣୀ ଖୋଲିଦେଲା ।

ତା' ମଧ୍ୟରୁ ବାହାରି ଆସିଲା ଏକ ଧୂମ୍ରକୁଣ୍ଡଳୀ, ଯାହା ଥିଲା ତା'ର ପାର୍ଥିବ ବୟସ । ଏହି ଧୂମ୍ରକୁଣ୍ଡଳୀ ତା'କୁ ପରିବେଷ୍ଟନ କଲା । ଯୁବକ ଉରାସୀମା ପରିଣତ ହେଲା ବୃଦ୍ଧ ଉରାସୀମାରେ ।

ଶୂନ୍ୟ ଦୃଷ୍ଟିରେ ସେ ଅନାଇଲା ଶୂନ୍ୟ ବାକ୍ସ ଆଡ଼େ । ଚିରଦିନ ପାଇଁ ହରାଇଲା ତା' ଯୌବନାବସ୍ଥାକୁ ଏବଂ ଓଟୋହାଇମ୍‌କୁ ମଧ୍ୟ । ନିରାଶାରେ ସେ ବାଲିରେ ବସି ପଡ଼ିଲା । ତା' ନିଜର ବିଶ୍ୱାସହୀନ କାମର ଅନୁଶୋଚନାରେ ଭାଙ୍ଗି ପଡ଼ିଲା । ସେଇଠି ସେପରି ଅବସ୍ଥାରେ ତିନିଦିନ ବିତିଗଲା ।

ଶେଷରେ ଦିନେ ସୂର୍ଯ୍ୟୋଦୟ ସମୟରେ ବାଲିରୁ ଉଠି ଛିଡ଼ା ହେଲା । ଭାବିଲା, ''ଯାହା ହୋଇଯାଇଛି, ହୋଇଯାଇଛି । ଏବେ ମୁଁ ଘରକୁ ଯିବି । ମୋ ଭାଇ ପାଖକୁ ଯିବି । ସମୁଦ୍ର ତଳ ରାଜ୍ୟ ବିଷୟରେ ତା'କୁ କହିବି । ସେ ଓ ଅନ୍ୟମାନେ ଏହା ଶୁଣିବାକୁ ଇଚ୍ଛା କରିବେ ।''

ତା'ପରେ ସେ ତାହାହିଁ କଲା । ଲୋକମାନେ ଉତ୍କଣ୍ଠିତ ଭାବରେ ଉରାସୀମାର ଏହି ବିସ୍ମୟଭରା ଅନୁଭୂତିର ସତ୍ୟ କାହାଣୀ ଶୁଣି ଅସୀମ ସମୁଦ୍ରର ବିପୁଳ ଜଳରାଶି ଆଡ଼େ ବିସ୍ଫାରିତ ଚକ୍ଷୁରେ ଅନାଇ ରହିଲେ ।

ଜାପାନ ସରକାରଙ୍କର ଡାକ ବିଭାଗ ଏହି କିଂବଦନ୍ତୀ ଉପରେ ଆଧାରିତ ତିନିପ୍ରକାରର ସୁନ୍ଦର, ରଙ୍ଗିନ ଡାକଟିକଟ (Nippon Postal Stamp) ୧୯୭୫ ମସିହାରେ ପ୍ରକାଶିତ କରିଥିଲେ ଏବଂ ପ୍ରତ୍ୟେକଟିର ଦାମ୍ (denomination) ରଖାଯାଇଥିଲା ୨୦ ୟେନ୍ (yen)* । ଏହି ତିନୋଟି ଡାକଟିକଟ ମଧ୍ୟରୁ ପ୍ରଥମଟିରେ ଅଛି ବାଳକ ଉରାସୀମା ଛୋଟ କଇଁଛଟିକୁ ସମୁଦ୍ରରେ ଛାଡ଼ି ଦେବାର ଦୃଶ୍ୟ, ଦ୍ୱିତୀୟଟିରେ – ସମୁଦ୍ର ତଳେ ଥିବା ରାଜ୍ୟର ଏକ ସୁରମ୍ୟ ରାଜପ୍ରାସାଦର ଦୃଶ୍ୟ ଏବଂ ତୃତୀୟଟିରେ – ସମୁଦ୍ର କୂଳ ବାଲିରେ ବସିଥିବା ବୃଦ୍ଧ ଉରାସୀମା ଏବଂ ତା' ସମ୍ମୁଖରେ ଖୋଲାଥିବା ଏକ ଛୋଟ ବାକ୍ସରୁ ଧୂଆଁ ବାହାରିବାର ଦୃଶ୍ୟ ।

(ସମାପ୍ତ)

❑❑❑

* ୟେନ୍ (Yen) ହେଉଛି ଜାପାନ ଦେଶର ଅର୍ଥ ବ୍ୟବସ୍ଥା (monetary system) 1 Yen = 100 Sen = 1000 Rin

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟଶଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଇଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି । ଯଦି ପତ୍ରିକାର ପୁରୁଣା ଗ୍ରାହକ ହୋଇଥା'ନ୍ତି ନିଜର ନାମ ସହ ଗ୍ରାହକ ନମ୍ବର ଲେଖିବା ଆବଶ୍ୟକ ।

କୌଣସି କାରଣରୁ ଗ୍ରାହକମାନେ ନବପ୍ରକାଶ ପାଇ ନଥିଲେ ତା'ର ପରବର୍ତ୍ତୀ ମାସର ପହିଲାଠାରୁ ପାଞ୍ଚ ତାରିଖ ମଧ୍ୟରେ ସକାଳ ୮.୩୦ରୁ ୧୧.୩୦ ମଧ୍ୟରେ ନବଜ୍ୟୋତି କାର୍ଯ୍ୟାଳୟକୁ ୦୪୧୩-୨୨୩୩୬୩୩ ଏହି ଫୋନ୍ ଯୋଗେ ଗ୍ରାହକ ନମ୍ବର ସହ ଜଣାଇ ଦେଲେ, ଆମ ପାଖରେ ପତ୍ରିକାଟି ମହଜୁଦ ଥିଲେ ପଠାଇବାକୁ ପ୍ରଯତ୍ନ କରିବୁ ।

**– ନବଜ୍ୟୋତି କାର୍ଯ୍ୟାଳୟ**

| ପତ୍ରିକାର ନାମ | ଖଣ୍ଡ ପ୍ରତି ମୂଲ୍ୟ | ବାର୍ଷିକ ଦେୟ | ଆଜୀବନ ଦେୟ (୨୦ ବର୍ଷ ପାଇଁ) |
|---|---|---|---|
| **ନବପ୍ରକାଶ** | ୧୫ ଟଙ୍କା | ୧୫୦ ଟଙ୍କା | ୧୫୦୦ ଟଙ୍କା |
| **ନବଜ୍ୟୋତି** | ୨୦ ଟଙ୍କା | ୮୦ ଟଙ୍କା | ୮୦୦ ଟଙ୍କା |

# ଆମ ସ୍ୱାସ୍ଥ୍ୟ

## (୧୬)

**ଭୋଳେଶ୍ୱର ଭୂୟାଁ**

ଆମେ ଗୋଡ଼ର ପ୍ରଧାନ ବ୍ୟାୟାମ ବିଷୟରେ ଆଲୋଚନା କରି ସାରିଛୁ । ଚାଲିବା, ଦୌଡ଼ିବା ଓ ବୈଠକ ଆଦି ହେଲା ଗୋଡ଼ର ପ୍ରଧାନ ବ୍ୟାୟାମ । ଏହାପରେ ଆମେ ଗୋଡ଼ର ଷ୍ଟ୍ରେଚିଂ (ଗୋଡ଼ର ମାଂସପେଶୀକୁ ଟାଣିବା) ବ୍ୟାୟାମ ବିଷୟରେ ଆଲୋଚନା କରିବୁ । ଆମେ ଆଗରୁ କହିଛୁ ହାଡ଼କୁ ତା'ର ଯଥା ସ୍ଥାନରେ ମଜଭୁତ ଭାବରେ ଧରି ରଖିବା ପାଇଁ ଏହାର ଚତୁଃପାର୍ଶ୍ୱରେ ଥିବା ମାଂସପେଶୀକୁ ଶକ୍ତିଶାଳୀ କରିବାକୁ ହେବ । ଗୋଡ଼ରେ ଥିବା ବିଭିନ୍ନ ହାଡ଼ ଶରୀରର ଭାର ବହନ କରି ଆମକୁ ଗତିଶୀଳ କରିଥାଏ । ଏହିସବୁ ହାଡ଼କୁ କ୍ରିୟାଶୀଳ କରିବା ପାଇଁ ଏହାର ଚତୁଃପାର୍ଶ୍ୱରେ ଶହ ଶହ ମାଂସପେଶୀ କାମ କରିଥାଆନ୍ତି । ଏଥିମଧ୍ୟରୁ ଏକ ଛୋଟ ମାଂସପେଶୀ ତା'ର କାମ କରିବାରେ ଅକ୍ଷମ ହେଲେ ଆମେ ଚାଲିବାକୁ ଅକ୍ଷମ ହେଉ ଏବଂ ତଳେ ପଡ଼ିଯାଉ । ତେଣୁ ଏହିସବୁ ମାଂସପେଶୀର ବ୍ୟାୟାମ କରି ଏସବୁକୁ ଶକ୍ତିଶାଳୀ କରିବାକୁ ହେବ ।

### ପାଦ ମାଂସପେଶୀର ବ୍ୟାୟାମ :

(୧) ଗୋଡ଼ ଲମ୍ୱାଇ ବସ । ପାଦର ଅଙ୍ଗୁଳିକୁ ଆଗକୁ ମୋଡ଼ ଓ (୨, ୩ ସେକେଣ୍ଡ) ପରେ ଏହାକୁ ଖୋଲି ପୂର୍ବ ସ୍ଥାନକୁ ଆଣ । ଏହିପରି ଭାବରେ ଏହି ବ୍ୟାୟାମକୁ ୧୦ ରୁ ୧୫ ଥର କର ।

(୨) ପାଦ ଲମ୍ୱାଇ ବସିବା ଅବସ୍ଥାରେ ପାଦ ଦୁଇଟିକୁ ଯେତେ ପାର ଆଗକୁ ଟାଣ ଓ ପରେ ଯେତେ ପାର ପଛକୁ ଆଣ । ଏହିପରି ଭାବରେ ଏହି ବ୍ୟାୟାମକୁ ୧୦ରୁ ୧୫ ଥର କର ।

(୩) ଦୁଇ ପାଦକୁ ଗୋଇଠି ଖଞ୍ଜାରେ ବାମକୁ ଥରେ ଓ ଡାହାଣକୁ ଥରେ ବଡ଼ ବୃତ୍ତରେ ଘୂରାଅ । ଏହିପରି ଏହାକୁ ୧୦ରୁ ୧୫ ଥର କର ।

(୪) କୌଣସି ପାରାପେଟ୍ (୩ ଫୁଟ ଉଚ୍ଚା)କୁ ହାତରେ ଭରା ଦେଇ ଛିଡ଼ା ହୁଅ । ତୁମର ଦୁଇ ପାଦ ପାରାପେଟ୍‌ରୁ ପ୍ରାୟ ତିନିଫୁଟ ଦୂରରେ ରହିବ । ଏହି ଅବସ୍ଥାରେ ଦୁଇ ଗୋଇଠି ଭୂମିକୁ ଲାଗିବ ନାହିଁ । ଏଥର ବାମ ଗୋଡ଼ ଆଣ୍ଠୁରୁ ମୋଡ଼ି ଡାହାଣ ପାଦର ଗୋଇଠିକୁ ଆଣ୍ଠୁ ସିଧା ରଖି ଗୋଇଠିକୁ ଭୂମିରେ ସ୍ପର୍ଶ କରିବାକୁ ଚେଷ୍ଟା କର । ଏହିପରି ଅନ୍ୟ ପାଦ ବଦଳାଇ କର । ଏହିପରି ୨୦ରୁ ୩୦ ଥର କର ।

ଏଥର ଆମେ ଗୋଡ଼ର ଚାରିପାଖରେ ଥିବା ମାଂସପେଶୀର ବ୍ୟାୟାମ ବିଷୟରେ ଆଲୋଚନା କରିବୁ । ଗୋଡ଼ର ଆଗ ଓ ପଛ, ବାହାର ଓ ଭିତର ଅଂଶର ମାଂସପେଶୀର ବ୍ୟାୟାମ କରିବାକୁ ହେବ ।

### ଗୋଡ଼ର ବାହାର ମାଂସପେଶୀର ବ୍ୟାୟାମ :

ଭୂମିରେ ମସିଣା ବିଛାଇ ତା' ଉପରେ ବିଷ୍ଣୁଙ୍କ ଅନନ୍ତ ଶୟନ ପରି ଆସନ କର । ଅର୍ଥାତ୍ ଡାହାଣ କଡ଼କୁ ଢଳି ଡାହାଣ ହାତର ପାପୁଲିରେ ମଥାକୁ ରଖି ବାମ ହାତର ପାପୁଲିକୁ ମୁହଁ ପାଖରେ ଭୂମିରେ ରଖି ଶୟନ କର । ଏଥର ବାମ ପାଦକୁ ସିଧା ଭାବରେ (ଆଣ୍ଠୁକୁ ନବଙ୍କାଇ) ପାଦର ଅଗ୍ରଭାଗକୁ ଆଗକୁ ଟାଣି ପାଦକୁ ଧୀରେ ଧୀରେ ଉପରକୁ ଯେତେ ପାର ଉଠାଅ । ପୁଣି ଧୀରେ ଧୀରେ ତଳକୁ ଆଣ, ଯେପରି ବାମ ପାଦ ଡାହାଣ ପାଦକୁ ନଛୁଏଁ । ପୁଣି ଉପରକୁ ଉଠାଅ । ଏହିପରି ୨୦ରୁ ୩୦ ଥର ପାଦ ଉଠାଅ । ଏଥର ବାମ ପାଖକୁ ଢଳି ବାମ ହାତର ପାପୁଲିରେ ମଥାକୁ ରଖି ଡାହାଣ ହାତର ପାପୁଲିକୁ ମୁହଁ ପାଖରେ ଭୂମିରେ ରଖି ଶୟନ କର ଏବଂ ଡାହାଣ ପାଦକୁ ପୂର୍ବରୁ ବର୍ଣ୍ଣନା କରିବା ପରି ୨୦ରୁ ୩୦ଥର ଉଠାଅ ।

### ଗୋଡ଼ର ଭିତର ମାଂସପେଶୀର ବ୍ୟାୟାମ :

ଗୋଡ଼କୁ ସିଧା ଭାବରେ ଯେତେ ପାର ଫାଙ୍କ କରି ବସ । ଦୁଇ ହାତ ସମ୍ମୁଖରେ ସିଧା ଭାବରେ ରଖି ଭୂମିକୁ ସ୍ପର୍ଶ

କରି ମୁଣ୍ଡକୁ ଯେତେ ପାର ସମ୍ମୁଖକୁ ନୁଆଁଅ । ପୁଣି ମୁଣ୍ଡ ଉଠାଇ ବସ । ଏହିପରି ୧୦ରୁ ୧୨ ଥର କର ।

### ଗୋଡ଼ର ପଛ ମାଂସପେଶୀର ବ୍ୟାୟାମ :

ପଶ୍ଚିମୋତ୍ତାନାସନ କରିବା ଦ୍ୱାରା ଗୋଡ଼ର ପଛ ଅଂଶର ମାଂସପେଶୀ ଶକ୍ତିଶାଳୀ ହୋଇଥାଏ । ଏହାଛଡ଼ା ଅଟା ଚକି ପେଷିବା ଭଳି ବ୍ୟାୟାମ କଲେ ଗୋଡ଼ର ପଛ ମାଂସପେଶୀର ବ୍ୟାୟାମ ହୋଇଥାଏ । ଏଥିପାଇଁ ପ୍ରଥମେ ଗୋଡ଼ ଲମ୍ବାଇ, ଗୋଡ଼ ଯୋଡ଼ି ବସ । ଦୁଇ ହାତର ଅଙ୍ଗୁଳିକୁ ଛନ୍ଦି ସିଧା ଭାବରେ ସମ୍ମୁଖରେ ଧର । ଏଥର ଅଟା ଚକି ଘୂରାଇବା ପରି ହାତ ଆଗକୁ ଓ ପଛକୁ, ଡାହାଣରୁ ଓ ବାମକୁ ଘୂରାଅ । ଏହିପରି ୧୦ରୁ ୧୫ ଥର ଘୂରାଅ ।

### ଜଂଘର ଉପରପଟ ମାଂସପେଶୀର ବ୍ୟାୟାମ :

ଡାହାଣ ଗୋଡ଼ ଲମ୍ବ କରି ବସ ଓ ବାମ ଗୋଡ଼ ପଛ ଆଡ଼କୁ ଆଣ୍ଠୁରୁ ମୋଡ଼ି ରଖ । ବାମ ହାତରେ ବାମ ଗୋଡ଼ର ପାଦକୁ ଧର ଓ ଗୋଡ଼କୁ ଉପରକୁ ଟେକି ରଖ । ବାମ ହାତରେ ପାଦକୁ ଧରି ପଛକୁ ଟାଣ । ଏହି ଅବସ୍ଥାରେ ୫ରୁ ୧୦ ସେକେଣ୍ଡ ରହି ପୁଣି ଟାଣି ଢିଲା କର । ଏହିପରି ୧୦ରୁ ୧୨ ଥର ଟାଣ । ସନ୍ତୁଳନ ରକ୍ଷା କରିବା ପାଇଁ ଡାହାଣ ହାତର ପାପୁଲିକୁ ଡାହାଣ ପଟ ଜଂଘ ପାଖରେ ରଖ । ଏଥର ପାଦ ବଦଳାଇ ଡାହାଣ ପାଦକୁ ଡାହାଣ ହାତରେ ଧରି ପଛକୁ ଟାଣ । ପାଦକୁ ଟାଣିବା ସମୟରେ ଜଂଘ ସମ୍ମୁଖ ଅଂଶର ମାଂସପେଶୀ ଉପରେ ଟାଣ ପଡ଼େ । ଏହା ଦ୍ୱାରା ଏହି ମାଂସପେଶୀ ସବଳ ହୁଏ ।

ଏହିସବୁ ଗୋଡ଼ର ବ୍ୟାୟାମ କଲା ପରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଅଂଶର ମାଂସପେଶୀରେ ବ୍ୟାୟାମ ହୋଇ ନଥାଏ ତାହା ହେଲା 'Calf' ର ମାଂସପେଶୀ । ନଳିଗୋଡ଼ (ଆଣ୍ଠୁର ତଳ ଅଂଶ)ର ପଛପଟେ ଯେଉଁ ମାଂସପେଶୀ ଥାଏ ତାକୁ Calf (ଗୋଡ଼ ପେଣ୍ଡା) କୁହାଯାଏ । ଏହି ମାଂସପେଶୀ ସବଳ ନହେଲେ ଗୋଡ଼ ସର୍ବଦା ଦୁର୍ବଳ ରହେ । ଏପରିକି ଅଧିକାଂଶ ବ୍ୟାୟାମ-ବିତ୍ ତଥା ଖେଳାଳି ଏହି ମାଂସପେଶୀର ବ୍ୟାୟାମର ଅବହେଳା କରି ଥାଆନ୍ତି । ତେଣୁ ସେମାନଙ୍କର ଏହି ମାଂସପେଶୀର ବିକାଶ ସବଳ ହୋଇ ନଥାଏ ।

### କାଫ୍ (Calf) ମାଂସପେଶୀର ବ୍ୟାୟାମ :

କୌଣସି ଶିଡ଼ିର ଏକ ପାହାଚର ଧାରରେ ପାଦର ଅଗ୍ରଭାଗ (ଅଙ୍ଗୁଳି) ରଖି Hand railକୁ ଧରି ଗୋଇଠିକୁ ତଳକୁ ନିଅ ଓ ଯେତେ ପାର ଉପରକୁ ଉଠାଅ । ଏହିପରି ୨୦ରୁ ୩୦ ଥର କର । ଏହା ଗୋଡ଼ର ପେଣ୍ଡା ପାଇଁ ଭଲ ବ୍ୟାୟାମ । ଏହାଛଡ଼ା ପାଦ ଅଙ୍ଗୁଳିରେ ସାଇକେଲ ଚଳାଇବା, ଦୌଡ଼ିବା, ସ୍କିପିଂ କରିବା, ଶିଢ଼ି ଚଢ଼ିବା ଦ୍ୱାରା ମଧ୍ୟ ଗୋଡ଼ ପେଣ୍ଡାର ବ୍ୟାୟାମ ହୋଇଥାଏ । ଫଳରେ ଗୋଡ଼ ପେଣ୍ଡାର ମାଂସପେଶୀ ପରିବର୍ଦ୍ଧିତ ଓ ସୁସ୍ଥ, ସବଳ ହେଲେ ଚାଲିବା ଓ ଦୌଡ଼ିବା ସମୟରେ ଜଣେ ସହଜରେ ଥକି ଯାଏନି ।

ଶେଷରେ ଗୋଡ଼ର ଅଣ୍ଠା ସହିତ ଜଡ଼ିତ ହୋଇଥିବା ମାଂସପେଶୀ ବିଷୟରେ ଆଲୋଚନା କରିବା । କାରଣ ଏହି ମାଂସପେଶୀକୁ ଯଦି ସୁସ୍ଥ ଓ ସବଳ ନକରୁ ତେବେ ଗୋଡ଼ ଶରୀରର ଭାର ବହନ କରି ଆମକୁ ଦୀର୍ଘ ଦିନ ସଚଳ ରଖି ପାରିବ ନାହିଁ । ଯଦି ଏହି ମାଂସପେଶୀ ଦୁର୍ବଳ ହୁଏ ତେବେ ଅଣ୍ଠାର ହାଡ଼କୁ ତା'ର ନିଜ ସ୍ଥାନରେ ଯଥାର୍ଥ ଭାବରେ ଧରି ରଖି ହୁଏ ନାହିଁ । ତେଣୁ ବୃଦ୍ଧ ଅବସ୍ଥାରେ ଟିକିଏ ଧକ୍କା ଖାଇ ପଡ଼ିଗଲେ ଅଣ୍ଠା ହାଡ଼ ଭାଙ୍ଗି ଯାଏ ଏବଂ ଆମ ଜୀବନର ବାକି ସମୟ ଶଯ୍ୟାଶାୟୀ ହୋଇ କଟାଇବାକୁ ପଡ଼େ ।

### ଅଣ୍ଠା ସହିତ ଜଡ଼ିତ ଥିବା ମାଂସପେଶୀର ବ୍ୟାୟାମ :

୧. ଚିତ୍ ହୋଇ ଶୋଇଯାଅ । ଦୁଇ ହାତର ଅଙ୍ଗୁଳିକୁ ଛନ୍ଦି ମୁଣ୍ଡ ତଳେ ରଖ । ମୁଣ୍ଡକୁ ଟାଣି ଟିକିଏ ଉପରକୁ ଟେକି ଧର । ଏଥର ଗୋଡ଼ ଦୁଇଟିକୁ ଆଣ୍ଠୁରୁ ଭାଙ୍ଗି ଛାତି ପାଖକୁ ଆଣ । ପରେ ପାଦକୁ ଶରୀରର ଦୁଇ ଦିଗକୁ ନେଇ ଆଣ୍ଠୁକୁ ସିଧା କରି ପରସ୍ପରକୁ ଯୋଡ଼ । ଗୋଡ଼ ତଳେ ନ ଛୁଁଇବା ଭଲ । ପୁଣି ଏହି ବ୍ୟାୟାମ ଦୋହରାଅ ୧୦ ରୁ ୧୨ ଥର । ଏହାପରେ କିଛି ସମୟ ବିଶ୍ରାମ ନେଇ ଗୋଡ଼କୁ ଓଲଟା ଦିଗରେ ଘୂରାଅ । ଅର୍ଥାତ୍ ପ୍ରଥମେ ଗୋଡ଼କୁ ଫାଙ୍କ କରି ଆଣ୍ଠୁକୁ ମୋଡ଼ି ପାଦକୁ ଯୋଡ଼ ଏବଂ ଆଣ୍ଠୁ ସିଧା କରି ପୂର୍ବ ସ୍ଥାନକୁ ଆଣ । ଏଥର ପାଦ ଯେପରି ଭୂମିରେ ନଲାଗେ । ଏହିପରି ଏହି ବ୍ୟାୟାମକୁ ୧୦ରୁ ୧୨ ଥର କରିପାର ।

୨. ଛିଡ଼ା ହୋଇ ଗୋଡ଼କୁ ଗୋଟିକ ପରେ ଅନ୍ୟ

ଗୋଟିକୁ ଆଗକୁ ଝୁଲାଅ । ଗୋଡ଼ ଆଣ୍ଠୁରୁ ସିଧା ରହିବ ଏବଂ ଗୋଡ଼ ବ୍ୟକ୍ତିର କାନ୍ଧ ଉଚ୍ଚତାକୁ ଆସିବା ଦରକାର । ଗୋଡ଼ର ପାଦକୁ ହାତ ପାପୁଲିରେ ଛୁଇଁବାକୁ ଚେଷ୍ଟା କର । ଏହା ଦ୍ୱାରା ଅଣ୍ଟା ଖଞ୍ଜାର ମାଂସପେଶୀ ସୁସ୍ଥ ଓ ସବଳ ରହେ ।

୩. ଛିଡ଼ା ହୋଇ ଗୋଟିକ ପରେ ଗୋଟିଏ ଗୋଡ଼କୁ ପଛକୁ ଝୁଲାଅ । ଏହିପରି ଦୁଇ ଗୋଡ଼କୁ ୧୦ରୁ ୧୨ଥର ଝୁଲାଅ ।

୪. ଚିତ୍ ହୋଇ ଶୋଇ ଯାଅ । ହାତ ଦୁଇଟିକୁ ଅଙ୍ଗୁଳିରେ ଛନ୍ଦି ମଥା ତଳେ ରଖ । ମଥାକୁ ଟିକିଏ ଉଠାଇ ଟେକି ଧର । ଦୁଇ ପାଦକୁ ସିଧା ରଖି ଭୂମିରୁ ୬ରୁ ୯ ଇଞ୍ଚ ଉପରକୁ ଟେକି ଧର । ଏଥର ଡାହାଣ ପାଦକୁ ବାମ ଗୋଡ଼ ଉପର ଦେଇ ଯେତେ ପାର ବାମକୁ ଆଣ । କଇଞ୍ଚି ପରି ଅନ୍ୟ ଗୋଡ଼ ବଦଳାଇ କର । ଏହିପରି ୧୦ରୁ ୧୫ ଥର କର । ଏହା ଦ୍ୱାରା ଜଂଘ ମୂଳର ମାଂସପେଶୀ ଶକ୍ତିଶାଳୀ ହୁଏ ।

**୫. ପ୍ରଜାପତିର ଡେଣା ଭଳି ବ୍ୟାୟାମ :**

ଦୁଇଗୋଡ଼ ଲମ୍ବାଇ ବସ । ଏଥର ଆଣ୍ଠୁକୁ ଭାଙ୍ଗି ଦୁଇ ହାତରେ ପାଦର ଅଗ୍ରଭାଗକୁ ଟାଣି ଧରି ଦୁଇ ପାଦର ଗୋଇଠିକୁ ଯେତେ ପାର ଜଂଘ ମୂଳକୁ ଆଣ । ଏଥର ଆଣ୍ଠୁ ଦୁଇଟିକୁ ପ୍ରଜାପତିର ଡେଣା ପରି ହଲାଅ ଅର୍ଥାତ୍ ଉପର-ତଳ କର । ଏହିପରି ୩୦ରୁ ୪୦ ଥର ହଲାଅ । ଏଥର ମୁଣ୍ଡକୁ ନୁଆଁଇ କପାଳକୁ ପାଦରେ ଛୁଇଁବାକୁ ଚେଷ୍ଟା କର । ଏହି ଅବସ୍ଥାରେ ୧୦ରୁ ୧୫ ସେକେଣ୍ଡ ରୁହ ।

*

‘‘ମନସ୍ତାତ୍ତ୍ୱିକ କ୍ରିୟାଶୀଳତା ଏକ ପ୍ରକାର କସରତ (gymnastics) ହୋଇଥାଏ । ଶାରୀରିକ କସରତର ମୂଲ୍ୟ କ’ଣ ? ଏହା ଶରୀରର ମାଂସପେଶୀର ଉତ୍କର୍ଷ କରିଥାଏ, ତାହାକୁ ଶକ୍ତିଶାଳୀ, ନମନୀୟ ଏବଂ ସକ୍ଷମ କରିଥାଏ । କିନ୍ତୁ କେବଳ ଏହାର ଉତ୍କର୍ଷ କରିବା, ଯେତେ ସମ୍ଭବ ସେତେ ବୃଦ୍ଧି କରିବା ବା କେବଳ ମାଂସପେଶୀ ବହୁଳ ଶରୀର ପାଇ ଆନନ୍ଦ ପାଇବା ଏହାର ପରିକଳ୍ପନା ନୁହେଁ, ବରଂ ଏହା ଶାରୀରିକ କସରତର ଲକ୍ଷ୍ୟରେ ବିଫଳତା ଆଣିଥାଏ । ଏହାର ଲକ୍ଷ୍ୟ ହେଲା ମାଂସପେଶୀର ଉତ୍କର୍ଷ ସାଧନ, ଏହାକୁ ଶକ୍ତିଶାଳୀ କରିବା, ଶରୀରର ସମସ୍ତ ଅବୟବକୁ ରୂପ ଦେବା ଏବଂ ଏହାକୁ ସମଞ୍ଜସତାର ସହିତ ପରିଚାଳନା କରି ସମ୍ପୂର୍ଣ୍ଣ ଶରୀରକୁ ସୌନ୍ଦର୍ଯ୍ୟ ଓ ଦକ୍ଷତା ପ୍ରଦାନ କରିବା ।’’

ଶ୍ରୀମା - (On Physical Education, P. 238)

(କ୍ରମଶଃ) ❑

## ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ

ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଜଳସେଚନ ବସତି, ପୋ. ଜୟପୁର, ଜି. କୋରାପୁଟ, ପିନ୍ – ୭୬୪ ୦୦୪, ମୋବାଇଲ : ୯୪୩୯୪୭୭୩୧୧, ୬୮୫୪୨୫୧୯୫୮ ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମନ୍ତେ B. Sc. (PCM) B.Ed., B. Sc. (CBZ) B.Ed. ସଙ୍ଗୀତ ଓ ନୃତ୍ୟକଳା ତଥା ପି.ଇ.ଟି.ରେ ଶିକ୍ଷାଗତ ଯୋଗ୍ୟତା ଥାଇ କେତେଜଣ ମାତୃପ୍ରେମୀ ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

# ଅଗଣାରେ ବାସ, ବିତରେ ସୁବାସ

## ଧର୍ମକୁମାର ଶତପଥୀ

ଆମ ଭାରତ ହେଉଛି ସାଧୁ, ସନ୍ଥ, ମହାପୁରୁଷଙ୍କ ଦେଶ । ଭିନ୍ନ ଭିନ୍ନ ସମୟରେ ଅବତାରପୁରୁଷମାନେ ଆମ ଭାରତରେ ଅବତାର ଗ୍ରହଣ କରିଛନ୍ତି ଦିଗ୍‌ଭ୍ରଷ୍ଟ, ପଥଚ୍ୟୁତ ମଣିଷକୁ ସତ୍ୟ-ନ୍ୟାୟର ପନ୍ଥା ଓ ପଥ ପ୍ରଦର୍ଶନ କରିବାକୁ । ପ୍ରତିବଦଳରେ ଏମାନେ ଯେଉଁ କଠୋର ତପସ୍ୟା ଓ ସଂଘର୍ଷର ସମ୍ମୁଖୀନ ହୋଇଥା'ନ୍ତି ତାହା ପରବର୍ତ୍ତୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଏ । ଏହି ମହାପୁରୁଷ, ସାଧୁସନ୍ଥମାନଙ୍କ ମଧ୍ୟରୁ କେହି କେହି ପିଲାଟି ଦିନରୁ ନିଜର ଅନ୍ତର୍ନିହିତ ଗୁଣ ବଳରେ ଦେଶ-ଦଶରେ ମହତ୍ତ୍ୱ ପ୍ରତିଷ୍ଠା କରିଥା'ନ୍ତି, ଆଉ କେହି କେହି ପରବର୍ତ୍ତୀ ଜୀବନରେ (ସାମାନ୍ୟ ବିଳମ୍ବରେ) ପାରିପାର୍ଶ୍ୱିକ ପରିସ୍ଥିତିରେ ଅନୁପ୍ରାଣିତ ହୋଇ ଅଥବା ସାଥୀ ସହପାଠୀଙ୍କ ଗହଣରୁ ଶିକ୍ଷା ପାଇ ମହତ୍ ଉଦ୍ଦେଶ୍ୟ ସାଧନରେ ବ୍ରତୀ ହୋଇଥା'ନ୍ତି, ନିଜକୁ ଉତ୍ସର୍ଗ କରିଥା'ନ୍ତି ।

ଏଇ ଧରଣର ମହାପୁରୁଷ, ଯେଉଁମାନେ ପିଲାଟି ଦିନରୁ ନିଜର ଦୃଢ଼ ମାନସିକତା ବଳରେ ନୀତି, ଆଦର୍ଶକୁ ପାଥେୟ କରି ପରବର୍ତ୍ତୀ ସମୟରେ ସମସ୍ତଙ୍କର ନମସ୍ୟ ହୋଇଥା'ନ୍ତି, ମହାନ୍ ବ୍ୟକ୍ତିତ୍ୱରେ ଉତ୍ତୀର୍ଣ୍ଣ ହୋଇଥା'ନ୍ତି, ଆମେ ସେମାନଙ୍କୁ ''ତୁଳସୀ ଧର୍ମୀ'' କହୁ । କାରଣ ତୁଳସୀ ଦୁଇପତ୍ରରୁ ଛୋଟ ଚାରା ଅବସ୍ଥାରେହିଁ ବାସିବା ଆରମ୍ଭ କରିଥାଏ । ଆମେ କହୁ : ''ତୁଳସୀ ଦୁଇ ପତ୍ରରୁ ବାସେ, ବିଛୁଆତି ଦୁଇ ପତ୍ରରୁ କୁଣ୍ଡାଇ ହୁଏ ।''

ପୁଣି ଏହି ମହାପୁରୁଷମାନେ ସତ୍ୟ, ନ୍ୟାୟର ପ୍ରତିଷ୍ଠା ସକାଶେ ସଂଘର୍ଷରତ ଥିଲା ବେଳେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ସାମନା କରିଥା'ନ୍ତି । ସେତେବେଳେ ଏମାନଙ୍କର ଦୃଢ଼ ମନୋବଳ ଓ ଧୈର୍ଯ୍ୟର ପରୀକ୍ଷା ହୋଇଥାଏ । ଏମାନେ ବିଭିନ୍ନ କଠୋର ପ୍ରତିବନ୍ଧକ, ପରିବେଶ, ପ୍ରତିକୂଳତାରେ ମଧ୍ୟ ଧୈର୍ଯ୍ୟହରା ବା ଆଦର୍ଶରୁ ବିଚ୍ୟୁତ ହୋଇ ନଥା'ନ୍ତି । ସେପରି ସ୍ଥଳରେ ଏକ ତୁଳନା ଦେଇ କୁହାଯାଏ, ମହତ୍ ଲୋକମାନଙ୍କର ମହତ୍ତ୍ୱ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନଷ୍ଟ ହୁଏ ନାହିଁ । ଯେପରି –ମଶାଣି ଭୂଇଁରେ ତୁଳସୀ ଗଛଟିଏ ଯଦି ଉତ୍ପନ୍ନ ହୁଏ, ତେବେ ବି ସିଏ କୁତ୍ସିତ ବାସ ପାଏ ନାହିଁ, ବରଂ ତା'ର ସୁଗନ୍ଧ ଅତୁଟ ରହିଥାଏ ।

ଏଠାରେ ଆମେ ତୁଳସୀ ସମ୍ପର୍କରେ ଦୁଇଟି ତୁଳନା ପାଇଲେ, ଯାହା ଆମ ସମାଜକୁ ନେଇ, ସମାଜର ମହତ୍ ଲୋକଙ୍କ ଉଦ୍ଦେଶ୍ୟରେ କଥିତ । ଏକ ଗୁଳ୍ମ ଜାତୀୟ ଉଦ୍ଭିଦ ହେଲେ ମଧ୍ୟ ତୁଳସୀ ଗଛର ମହତ୍ତ୍ୱ ଖୁବ୍ ଊର୍ଦ୍ଧ୍ୱରେ । ମହତ୍ ସହିତ ତୁଳନୀୟ ଦ୍ରବ୍ୟ ଯେ କେତେ ମହତ୍ତର ତାହା ଏଥିରୁ ଅନୁମେୟ ।

ହିନ୍ଦୁମାନଙ୍କ ପାଇଁ ତୁଳସୀ ପରି ଆଉ କେତେକ ଗଛ ଅଥବା ଗଛର ପତ୍ର, ଫୁଲ ଇତ୍ୟାଦି ଅଧ୍ୟାତ୍ମ ଜଗତରେ ଅନେକ ମହତ୍ତ୍ୱ ରଖେ । ଏହି ସବୁ ଗଛର ପତ୍ର, ଫୁଲର ପବିତ୍ରତାରେ ହିନ୍ଦୁରମଣୀମାନେ ନିଜକୁ ଖୁବ୍ ଉଚ୍ଚତର, ପବିତ୍ର ଏବଂ ଦିବ୍ୟ-ଚେତନା ମଗ୍ନ ହେବା ପରି ଜ୍ଞାନ କରିଥା'ନ୍ତି । ସେହିପରି ବୈଷ୍ଣବମାନଙ୍କ ପାଇଁ ତୁଳସୀ ଜଟ ଓ ପତ୍ର ଅତ୍ୟନ୍ତ ପବିତ୍ର ବୋଲି ବୁଝାଯାଏ । ବିଷ୍ଣୁ ଉପାସନା ପାଇଁ ତୁଳସୀ ଏକ ମହତ୍ତମ ଦ୍ରବ୍ୟ ହୋଇଥାଏ, ବିଶେଷ କରି ବିଷ୍ଣୁ ମନ୍ଦିର ଅଥବା ବିଷ୍ଣୁ ପ୍ରତିମାଙ୍କ ପାଖରେ ।

ତୁଳସୀ ପତ୍ର ନିମଜ୍ଜିତ ଜଳକୁ 'ତୁଳସୀ ତୀର୍ଥ' କୁହାଯାଏ । ଏହାକୁ ବିଷ୍ଣୁଙ୍କ ପ୍ରସାଦଭାବେ ମାନ୍ୟ କରାଯାଏ । ଏକାଦଶୀ ଉପାସନାର ଅନ୍ତ ହୁଏ ଦ୍ୱାଦଶୀ ଦିନ 'ତୁଳସୀ ତୀର୍ଥ' ସେବନ କରି ।

ହିନ୍ଦୁମାନେ ଜୀବନର ଅନ୍ତିମ କ୍ଷଣରେ ସୁଦ୍ଧା ତୁଳସୀ ସେବନ କରିଥା'ନ୍ତି । ଗଙ୍ଗା ଜଳ ସହିତ ତୁଣ୍ଡରେ ତୁଳସୀ ପତ୍ରଟିଏ ଦେଲେ ମଣିଷଟିଏ ମୃତ ପ୍ରାୟ ଅବସ୍ଥାରେ, ଅତ୍ୟନ୍ତ ପବିତ୍ରଭାବେ, ସୁଖରେ ସ୍ୱର୍ଲୋକରେ ବାସ କରେ – ଏ ବିଶ୍ୱାସ ତା'ର ପରବର୍ତ୍ତୀ ଦାୟାଦମାନଙ୍କର ରହିଥାଏ ଏବଂ ଏପରି କରି ସେମାନେ ନିଜକୁ କୃତାର୍ଥ, ଧନ୍ୟ ମନେ କରିଥା'ନ୍ତି ।

ଆମ ଚଳଣି ଓ ପରମ୍ପରାରେ ତୁଳସୀକୁ ଏକ ଉଚ୍ଚତର ମାନ୍ୟ ଦିଆଯାଏ । ସ୍ତ୍ରୀ ଲୋକମାନେ ପ୍ରତିଦିନ ଶୁଚିସ୍ନାତ ହୋଇ ତୁଳସୀ ମୂଳରେ ପୂଜା ଦେବାର ବିଧି ରହିଛି । ଏଣୁ ପ୍ରତ୍ୟେକ ହିନ୍ଦୁ ଗୃହର ଅଗଣାରେ ତୁଳସୀ ଚଉରାଟିଏ ନିଶ୍ଚୟ ଦେଖାଯାଏ । ତାହା ପୁଣି ସୁନ୍ଦର, ସୁଦୃଶ୍ୟ, ପରିଷ୍କାର, ପରିଚ୍ଛନ୍ନ ଭାବରେ । ଏକ ଦୀର୍ଘ ସାଂସାରିକ ସୁଖ-ସ୍ୱାଚ୍ଛନ୍ଦ୍ୟର ପ୍ରଗତି ଓ ସମ୍ପଦରେ

ଭରପୂର ଜୀବନଟିଏ କାମନା କରାଯାଏ ତୁଳସୀ ଦେବୀଙ୍କଠାରେ ।

ବିଷ୍ଣୁ ପୁରାଣ, ଶିବ ପୁରାଣ, ପଦ୍ମ ପୁରାଣ ଓ ତୁଳସୀ ରାମାୟଣରେ ତୁଳସୀର ମହାନ୍ ମହିମା ବର୍ଣ୍ଣନା କରାଯାଇଛି । ସେସବୁ ପାଠକ ଓ ଶ୍ରୋତାଙ୍କୁ ଅପାର ଆନନ୍ଦ ଓ ଅଧ୍ୟାତ୍ମ ଜ୍ଞାନର ଅପରିସୀମ ମହତ୍ତ୍ୱରେ ଉଦ୍‌ବୁଦ୍ଧ ରଖିଥାଏ ।

ପଦ୍ମ ପୁରାଣରେ ବର୍ଣ୍ଣିତ ହୋଇଛି ତୁଳସୀର ଜନ୍ମ ବୃତ୍ତାନ୍ତର ସେହି ମହାନ୍ କାହାଣୀ ।

ସତ୍ୟ ଯୁଗରେ ଜଣେ ଅସୁର ଥିଲା । ନାମ ତା'ର ଜଳନ୍ଧର । ଦୀର୍ଘ ଦିନ ଧରି ସିଏ ତପସ୍ୟାରେ ମଗ୍ନ ରହି ବ୍ରହ୍ମା ଓ ଶିବଙ୍କଠାରୁ ଅନେକ ବର ପ୍ରାପ୍ତ ହେଲା । ସେ ଧନରେ କୁବେରଙ୍କ ସମକକ୍ଷ ଓ ଶକ୍ତିରେ ଶିବଙ୍କ ସମକକ୍ଷ ହୋଇ ପାରିଥିଲା । ଫଳରେ ତା'ର କର୍ତ୍ତୃତ୍ୱ ତିନି ଲୋକରେ ବ୍ୟାପ୍ତ ଥିଲା । ଜଣେ ପରାକ୍ରମଶାଳୀ ପ୍ରତାପୀ ରାଜା ରୂପେ ତା'ର ହାତପାଆନ୍ତାରେ ଥିଲା ଜୀବନର ସକଳ ସୌଭାଗ୍ୟ ଓ ବିଳାସ । ଦେବତା ଓ ତପସ୍ୱୀମାନେ ତା' ଦ୍ୱାରା ଅକଥନୀୟ ଦୁର୍ଦ୍ଦଶା ଓ ନିର୍ଯାତନା ଭୋଗୁଥିଲେ । ଅସୁର ଜଳନ୍ଧରର ପ୍ରତାପ ସୀମା ପାର ହୋଇଯାଉଥିଲା ।

ଇତି ମଧ୍ୟରେ ଲାଗିଗଲା ଦେବାସୁରଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ । ସମୁଦ୍ର ମନ୍ଥନରୁ ଶ୍ରୀ ମହାଲକ୍ଷ୍ମୀ ଏକ ଉଜ୍ଜ୍ୱଳମୟ ଦୀପ୍ତିରେ ଆବିର୍ଭୂତା ହେଲେ । ଏଣୁ ସେ ହେଲେ କ୍ଷୀରାବ୍ଧିତନୟା । ତାଙ୍କର ଅପରିସୀମ ସୌନ୍ଦର୍ଯ୍ୟରେ ମୁଗ୍ଧ, ତନ୍ମୟ ହୋଇ ସମସ୍ତେ ତାଙ୍କ ପାଣିପ୍ରାର୍ଥୀ ହେବାକୁ ବ୍ୟଗ୍ର ହେଲେ । ଜଳନ୍ଧର ମଧ୍ୟ ସେଥିରୁ ବାଦ୍ ଗଲା ନାହିଁ । ମାତ୍ର ମହାଲକ୍ଷ୍ମୀ ଶ୍ରୀବିଷ୍ଣୁଙ୍କୁ ଛାଡ଼ି ଅନ୍ୟ କାହାକୁ ବା କାହିଁକି ବରଣ କରନ୍ତେ ।

ଜଳନ୍ଧର ହତାଶ ହେଲା । କ୍ରମଶଃ ସେ ଜିଦ୍‌ଖୋର ହୋଇ ଉଠିଲା । ମନକୁ ଦୃଢ଼ କରି କଠୋର ତପସ୍ୟାରେ ନିମଗ୍ନ ରହିଲା । ଏଥର ତା'ର ଉପାସ୍ୟ ହେଲେ ବ୍ରହ୍ମା । ଗୋଟିଏ ଗୋଡ଼ରେ ଦଣ୍ଡାୟମାନ ରହି ହାତ ଯୋଡ଼ି ସିଏ ଏକ ଧ୍ୟାନରେ 'ଓମ୍ ବ୍ରହ୍ମଣେ ନମଃ' ମନ୍ତ୍ରକୁ ଜପ କଲା । ଭୁଲିଗଲା ପାରିପାର୍ଶ୍ୱିକ ପରିସ୍ଥିତି, ଭୁଲିଗଲା ବଞ୍ଚିବାର ସାମାନ୍ୟ ଆବଶ୍ୟକତା, ଭୁଲିଗଲା ସମୟ ଜ୍ଞାନ । ବ୍ରହ୍ମା ଆସି ଜଳନ୍ଧର ସମ୍ମୁଖରେ ହାଜର ହେଲେ ଓ ଏ କଠୋର ତପସ୍ୟାର କାରଣ ଜିଜ୍ଞାସା କଲେ । ଅସୁର ଯେ ମହାଲକ୍ଷ୍ମୀଙ୍କ ତୁଲ୍ୟ ଜଣେ ସର୍ବଗୁଣସମ୍ପନ୍ନା ସୁନ୍ଦରୀ ସହଧର୍ମିଣୀଟିଏ ଚାହୁଁଛି, ଏହା ଜାଣି ଅବିକଳ ମହାଲକ୍ଷ୍ମୀଙ୍କ ଭଳି ବ୍ରହ୍ମା ଜଣେ ଅନିନ୍ଦ୍ୟ ସୁନ୍ଦରୀ ଲଳନାଟିଏ ତିଆରି କରିଦେଲେ । ତା'ର ନାମ ଦେଲେ ବୃନ୍ଦାବତୀ । ସିଏ ଜଳନ୍ଧରର ପାଣି ଗ୍ରହଣ କଲା ।

ସେମାନେ କିଛିଦିନ ସଂସାର କଲେ । ଏହାପରେ ଖଳବୁଦ୍ଧି ଜଳନ୍ଧର ଅମରତ୍ୱ ପ୍ରାପ୍ତି ପାଇଁ ପୁଣି ତପସ୍ୟାରତ ହେଲା । ଭଗବାନ୍ ତା'ର ଅଭୀଷ୍ଟ କଥା ପଚାରି ଜାଣିଲେ ଯେ, ସେ ଅମରତ୍ୱ ପ୍ରାପ୍ତି ଚାହେଁ । ଏହା କିପରି ସମ୍ଭବ ? ମର୍ତ୍ତ୍ୟମଣ୍ଡଳରେ ଜନ୍ମ ହୋଇଛି ଯେଣୁ ତାକୁ ଅବଶ୍ୟ ଦିନେ ମରିବାକୁ ହେବ । ପରିବର୍ତ୍ତରେ ଭଗବାନ୍ ସେହି ସର୍ତ୍ତ ରଖିଲେ, ଯାହା ହିରଣ୍ୟକଶିପୁ ଓ ଅନ୍ୟ ଅସୁରମାନଙ୍କ କ୍ଷେତ୍ରରେ ହୋଇଛି ।

ଜଳନ୍ଧର ତା' ସ୍ତ୍ରୀ ଉପରେ ଗଭୀର ବିଶ୍ୱାସ ରଖିଥିଲା । ବୃନ୍ଦାବତୀର ପତିବ୍ରତା ଧର୍ମ ଓ ପବିତ୍ରତା ଥିଲା ଅନନ୍ୟ, ଅସାଧାରଣ । ଯେତେଦିନ ପର୍ଯ୍ୟନ୍ତ ବୃନ୍ଦାବତୀ ଏହି ପବିତ୍ର ଧର୍ମରେ ବ୍ରତୀ ହୋଇଥିବ, ସେତେଦିନ ପର୍ଯ୍ୟନ୍ତ ଜଳନ୍ଧରର ମୃତ୍ୟୁ ନାହିଁ । ସୁତରାଂ ବୃନ୍ଦାବତୀ ପତିବ୍ରତା ଧର୍ମରୁ କ୍ଷଣେ ବି ବିଚ୍ୟୁତ ହେଲେ ଜଳନ୍ଧରର ମୃତ୍ୟୁ ଅନିବାର୍ଯ୍ୟ – ଏହି ସର୍ତ୍ତ ରଖିଲେ ଭଗବାନ୍ । ଏଣୁ ବୃନ୍ଦାବତୀର ପତିବ୍ରତା ଧର୍ମକୁ ନେଇ ତା'ର ଖୁବ୍ ଗର୍ବ । ତା'ର ପତ୍ନୀ ମଧ୍ୟ ପୂର୍ଣ୍ଣ ପ୍ରାଣରେ ପତିପରାୟଣା ଓ କର୍ତ୍ତବ୍ୟନିଷ୍ଠା ରହି ସ୍ୱାମୀ ସେବାରେ ମନୋନିବେଶ କରୁଥା'ନ୍ତି । ଏଣୁ ପ୍ରକାରାନ୍ତେ ସେ ଜ୍ଞାନ କଲା ଯେ, ସେ ମୃତ୍ୟୁକୁ ଜୟ କରିପାରିଛି । ତା'ର ମୃତ୍ୟୁ ନାହିଁ । ସେ ଅମର ।

ତେଣେ ବୃନ୍ଦାବତୀ ମଧ୍ୟ ଅତ୍ୟନ୍ତ ଶୁଚିସ୍ନାତ ସହକାରେ ପତିବ୍ରତା ନିୟମରେ ବ୍ରତୀ ଥିଲେ । ଜଣେ ଧର୍ମପ୍ରାଣା ନାରୀ ରୂପେ ସେ ଥିଲେ ଅନନ୍ୟା ଏବଂ ତାଙ୍କର ଗଭୀର ପ୍ରଦେଶରୁ ସେ ବିଷ୍ଣୁଙ୍କ ଆରାଧନା କରୁଥିଲେ, ଯେହେତୁ ବ୍ରହ୍ମାହିଁ ତାଙ୍କୁ ସୃଷ୍ଟି କରିଥିଲେ ମହାଲକ୍ଷ୍ମୀଙ୍କର ଏକ ଭିନ୍ନ ରୂପରେ ତାଙ୍କ ସମତୁଲ କରି ।

ଏଣେ ଜଳନ୍ଧରର ପ୍ରକୋପ ଅଧିକରୁ ଅଧିକତର ହୋଇ ଉଠିଲା । ସେ କ୍ରମଶଃ ଦେବ ଓ ଋଷିମାନଙ୍କ ଉପରେ ତା'ର କ୍ରୋଧ ଓ କର୍ତ୍ତୃତ୍ୱ ଜାହିର କରି ବସିଲା । ନ୍ୟାୟ, ଅନ୍ୟାୟ ଜ୍ଞାନ ତା'ର ହଜିଗଲା । ସେ ହେଲା ଉଦ୍‌ଭ୍ରାନ୍ତ, ପଥଚ୍ୟୁତ । ଜଳନ୍ଧରର ଉତ୍ପୀଡ଼ନ ଓ ନିର୍ଯାତନାରେ ଦେବ ଓ ଋଷିଗଣ ତ୍ରାହି ତ୍ରାହି

ଡାକ ଦେଲେ । ଅନନ୍ୟୋପାୟ ହୋଇ ସେମାନେ ଯାଇ ବିଷ୍ଣୁଙ୍କ ଶରଣପ୍ରାର୍ଥୀ ହେଲେ । ଏଭଳି ସଂକଟାପନ୍ନ ସମୟରେ ଉପାୟ କ'ଣ ? ବିଷ୍ଣୁ ଚିନ୍ତାଗ୍ରସ୍ତ ହେଲେ । ଇତି ମଧ୍ୟରେ ସେଠାରେ ଉପସ୍ଥିତ ହେଲେ ଶିବ ଏବଂ ସେହିଁ ଶରଣାର୍ଥୀମାନଙ୍କୁ ଅଭୟ ଦେଲେ ଯେ, ତାଙ୍କ ହାତରେହିଁ ଜଳନ୍ଧରର ମୃତ୍ୟୁ ହେବ । ଯେତେବେଳେ ଜଳନ୍ଧର ଏ ବିଷୟ ଜାଣିଲା ଶିବ ଦେବଗଣଙ୍କୁ ଆଶୀର୍ବଚନ ଦେଇଛନ୍ତି, ସେ ଆହୁରି ଉଦ୍ଧତ ହୋଇ ଉଠିଲା । କାରଣ ସେ ଜାଣେ ତାଙ୍କର ବରପ୍ରାପ୍ତିରୁ ତା'ର ବିନାଶ ନାହିଁ । ସେ ଅବିନାଶୀ ।

ବିଷ୍ଣୁ ଏବେ ହୃଦ୍‌ବୋଧ କଲେ ଯେ, ଜଳନ୍ଧରକୁ ନିପାତ କରିବାକୁ ହେଲେ ତାଙ୍କୁହିଁ ଏକ ଭୂମିକା ତୁଲାଇବାକୁ ହେବ । ଅବଶ୍ୟ ଯୁଗଧର୍ମ (ବିଶ୍ୱର ମଙ୍ଗଳ) ସ୍ଥାପନ ପାଇଁ ସେ ଶିବଙ୍କୁ ସହାୟକ ହେବେ । ଯଦିଓ ଏ କାର୍ଯ୍ୟପାଇଁ ସେ ନିଜେ ସ୍ୱଧର୍ମ (ନିଜର ମଙ୍ଗଳ)ରେ ଅନଧିକାର ପ୍ରବେଶ କରିଯାଉଛନ୍ତି ।

ବିଷ୍ଣୁ ଜାଣନ୍ତି, ଯେତେବେଳପର୍ଯ୍ୟନ୍ତ ବୃନ୍ଦାବତୀ ନିୟମନିଷ୍ଠାରେ ରହି ପତିବ୍ରତା ଧର୍ମରେ ତଲ୍ଲୀନ ଥିବେ, ସେପର୍ଯ୍ୟନ୍ତ ଜଳନ୍ଧରର ବିନାଶ ନାହିଁ । ସେ ଅଜେୟ, ଅମର ରହିଥିବ । କେଉଁ ଉପାୟରେ ବୃନ୍ଦାବତୀଙ୍କୁ ଏଇ ଧର୍ମରୁ ଅନ୍ତତଃ କିଛି ମୁହୂର୍ତ୍ତପାଇଁ ମତିଭ୍ରଷ୍ଟ, ବିଚ୍ୟୁତ କରାଯାଇ ପାରିବ ? ଏହା ଅତ୍ୟନ୍ତ ଏକ ଦୁରୂହ କାର୍ଯ୍ୟ । ତଥାପି ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ପାଇଁ, ଧର୍ମ ସଂସ୍ଥାପନ ନିମିତ୍ତ ତାଙ୍କୁହିଁ ଏହା କରିବାକୁ ପଡ଼ିବ । ସେ ଏହାର ଦୃପ୍ତ ଘୋଷଣା କରିଛନ୍ତି ଓ କରୁଛନ୍ତି ।

ଇତିମଧ୍ୟରେ ଜଳନ୍ଧର ଓ ଶିବଙ୍କ ମଧ୍ୟରେ ପ୍ରଚଣ୍ଡ ଯୁଦ୍ଧ ଲାଗିଗଲାଣି । ଜଣେ କର୍ତ୍ତବ୍ୟନିଷ୍ଠା ପତ୍ନୀ ହିସାବରେ ବୃନ୍ଦାବତୀ ଜାଣନ୍ତି ତାଙ୍କର ପତିବ୍ରତା ଧର୍ମରେ ସ୍ୱାମୀଙ୍କର କେତେ ମଙ୍ଗଳ, କେତେ ହିତ ନିହିତ । ଚିନ୍ତାଗ୍ରସ୍ତା ହୋଇ ସିଏ ବସିଗଲେ ଭଗବାନ୍ ବିଷ୍ଣୁଙ୍କୁ ପୂଜା କରିବାରେ । ତେଣେ ଚକ୍ରୀ ବିଷ୍ଣୁ ହାଜର ହେଲେ ବୃନ୍ଦାଙ୍କ ସମ୍ମୁଖରେ ସ୍ୱୟଂ ବିଷ୍ଣୁରୂପରେ ନୁହେଁ ବରଂ ଜଳନ୍ଧର ବେଶରେ । ମୁହୂର୍ତ୍ତକ ପାଇଁ ବୃନ୍ଦାବତୀଙ୍କର ହୃଦ୍‌ବୋଧ ହେଲା ଯେ, ତାଙ୍କ ଭର୍ତ୍ତା ଯୁଦ୍ଧ ପରିତ୍ୟାଗ କରିଛନ୍ତି ଓ ଶିବଙ୍କ ସହିତ ଯୁଦ୍ଧରତ ନରହି ତାଙ୍କ ପାଖକୁ ଧାଇଁ ଆସିଛନ୍ତି । ଏଣୁ ସେ ସ୍ୱାମୀଙ୍କ ସହ ହାସ୍ୟ, ପରିହାସ ତଥା ଅନ୍ତରଙ୍ଗ ଆଳାପରେ ମଗ୍ନ ରହିଲେ । ସ୍ୱାମୀ କିନ୍ତୁ ଥିଲେ ଛଦ୍ମବେଶୀ ବିଷ୍ଣୁ; ବାସ୍, ସେହି ମୁହୂର୍ତ୍ତରେ ଶିବ ଜଳନ୍ଧରକୁ ଯୁଦ୍ଧଭୂମିରେ ଧରାଶାୟୀ କରିଦେଲେ ।

ପରେ ପରେ ଅବଶ୍ୟ ବୃନ୍ଦାବତୀ ଅନୁଭବ କଲେ ଯେ ଏହା ଏକ ମାୟାର ଖେଳ । ତାଙ୍କ ମାନସିକ ସ୍ଥିତି ମଧ୍ୟରେ ପୂର୍ବବତ୍ ସେହି ଅନିର୍ବାପିତ ପତିଭକ୍ତିର ଶିଖାକୁ ଅତୁଟ, ଶୁଦ୍ଧ ରଖିଲେ । କିନ୍ତୁ ଧର୍ମର ନିୟମ ଅନୁସାରେ ସେଇ କେତୋଟି ମୁହୂର୍ତ୍ତ ଯେ ବୃନ୍ଦାବତୀଙ୍କ ମତି ବିଚଳିତ କଲା, ସ୍ୱଧର୍ମ ପଥରୁ ବିଚ୍ୟୁତ ହେଲା ଓ ପତିବ୍ରତାର ରୀତି ସ୍ଖଳିତ ହେଲା; ଯଦିଓ ଅପ୍ରତ୍ୟାଶିତରେ, ଅଜ୍ଞାତରେ ଯାହା ତାଙ୍କ ସ୍ୱାମୀଙ୍କ ପ୍ରତି ଅନିଷ୍ଟକରହିଁ ହେଲା ।

ବୃନ୍ଦାବତୀ ତାଙ୍କ ବିଚଳିତତାକୁ ବୁଝିପାରିଲେ । କପଟାଚାରୀ ବିଷ୍ଣୁଙ୍କ ମାୟାକୁ ବି ଠିକ୍ ଠିକ୍ ଧରିପାରିଲେ । ସେ ବିଷ୍ଣୁଙ୍କୁ ଅଭିଶାପ ଦେଲେ, ''ହେ କପଟି ! ମାୟାବି ! ତୁମେ ଏକ କୌଶଳ ରଚନା କରି ମୋତେ ଚିରଦିନ ପାଇଁ ମୋ ସ୍ୱାମୀଙ୍କଠାରୁ ଅଲଗା କରିଦେଲ । ମନେରଖ, ତୁମେ ମଧ୍ୟ ତୁମ ପ୍ରେୟସୀ ଭାର୍ଯ୍ୟାଠାରୁ ଅଲଗା ହୋଇ ରହିବ ଓ ମୋ ପରି ସମଦଶା ଭୋଗ କରିବ । ତୁମର ଏହି ମାୟାଖେଳର ଫଳସ୍ୱରୂପ ଏ ଅଭିଶାପରେ ଅଭିଶପ୍ତ ହୁଅ ।''

କ୍ରୋଧ ଜର୍ଜରିତା, ଶୋକାତୁରା ନାରୀର ଅନ୍ତରର ଉତ୍ତପ୍ତ ଫୁତ୍କାର ନିଆଁଠାରୁ ବଳି ତେଜୀୟାନ୍ । ଅଶାନ୍ତି, ଅତୃପ୍ତିର ଦାବାନଳ ସବୁବେଳେ ଫଳବତୀ ହୋଇଥାଏ । ବିଷ୍ଣୁ ତାଙ୍କ ପରବର୍ତ୍ତୀ ଅବତାର (ରାମ)ରେ ପ୍ରାଣପ୍ରିୟା ସୀତାଙ୍କଠାରୁ ବିଚ୍ଛେଦ ହୋଇଥିଲେ ବନବାସ ସମୟରେ ।

ଆଦର୍ଶ ପତିବ୍ରତାର ଧର୍ମପାଳନ କରି ସତୀଦେବୀଙ୍କ ପରି ବୃନ୍ଦାବତୀ ମଧ୍ୟ ସ୍ୱାମୀଙ୍କ ଚିତାଗ୍ନିରେ ଝାସଦେଲେ । ଏହାପରେ ବିଷ୍ଣୁ ସାରା ଜଗତକୁ ନିଜ ଭକ୍ତିର ଗୁଣାଦର୍ଶ ଘୋଷଣା କରିବାପାଇଁ ଚିନ୍ତା କଲେ । ସେ ବୃନ୍ଦାବତୀଙ୍କ ଶରୀରକୁ ଏକ ନଦୀର ରୂପଦେଇ ନିଜଶକ୍ତିକୁ ସେଇ ନଦୀକୂଳରେ ଏକ ଗଛର ରୂପଦେଲେ । ସେଇ ନଦୀ ହେଲା ଗଣ୍ଡକୀ ଓ ଗଛ ହେଲା ତୁଳସୀ । ନିଜ କରୁଣାର କବଚରେ ସେହି ଗଛକୁ ସୁରକ୍ଷା ଦେବା ସକାଶେ ସେ ଏକ କଳା ଚିକ୍କଣ ଗୋଲାକାର ପଥରର ରୂପ ଗ୍ରହଣ କଲେ, ଯାହା ହେଲା ଶାଳଗ୍ରାମ ।

ଏହିପରି ଶାଳଗ୍ରାମ ରୂପରେ ବିଷ୍ଣୁ ଓ ତୁଳସୀ ରୂପରେ ବୃନ୍ଦାବତୀ ପରସ୍ପର ଘନିଷ୍ଠ ଓ ଅବିଚ୍ଛେଦ୍ୟ ହୋଇ ରହିଲେ ।

ଅନ୍ୟ କୌଣସି ସାଧାରଣ ପତ୍ର ପରି ତୁଳସୀକୁ ଗଛରୁ ଛିଣ୍ଡାଯାଏ ନାହିଁ । ଏଥିପାଇଁ କିଛି ବିଧି, ବିଧାନ ପାଳନ କରାଯାଏ । ଏଥିରୁ ତୁଳସୀର ପବିତ୍ର ମାନ୍ୟତା ଅନୁମାନ

କରାଯାଇପାରେ । ଏହି ଗଛ ଓ ଏହାର ଚାରିପାଖକୁ ପରିଷ୍କାର ରଖାଯାଏ । ଶୁଦ୍ଧ ଜଳରେ ଧୁଆଯାଏ । ଚଉରାରେ ଜଳଦାନ କରି ଅଳ୍ପ କେତୋଟି ପତ୍ର ଛିଣ୍ଡାଯାଏ । କୁହାଯାଏ – ''ହେ ତୁଳସୀ ମାତା ! ମୁଁ ତୁମ ପତ୍ରକୁ ନେଇ ବିଷ୍ଣୁ ପୂଜାରେ ଲଗାଇବି । ମୋତେ ଅନୁମତି ଦିଅ, ଆଶୀର୍ବାଦ କର ।''

ରାତିବେଳା ତୁଳସୀପତ୍ର ଛିଣ୍ଡାଯାଏ ନାହିଁ । ବ୍ୟକ୍ତିଗତ ସ୍ୱାସ୍ଥ୍ୟର ସୁରକ୍ଷା, ମନ ଓ ଶରୀରର ଶୁଦ୍ଧତା ଏବଂ ଭଗବାନ୍ ବିଷ୍ଣୁଙ୍କ ପ୍ରତି ଭକ୍ତି ପ୍ରଦର୍ଶନ ହେଉଛି ତୁଳସୀ ପୂଜାର ଉଦ୍ଦେଶ୍ୟ ।

ତୁଳସୀ ଉପାସନାରେ ସାଧାରଣତଃ କିଛି ମନ୍ତ୍ରପାଠ କରାଯାଇଥାଏ । ସେହି ମନ୍ତ୍ରର ବକ୍ତବ୍ୟ ଏହିପରି : ''ହେ ତୁଳସି ! ତୁମେ ସ୍ୱର୍ଗୀୟ ଅମୃତରୁ ସୃଷ୍ଟ । ତୁମେ ସର୍ବଦା ବିଷ୍ଣୁପ୍ରିୟା ଅଟ । ତୁମେ ଶୁଦ୍ଧତା ଓ ପ୍ରଗତିର ପ୍ରତୀକ । ବିଷ୍ଣୁ ଉପାସନା ପାଇଁ ତୁମେ ଅଭିପ୍ରେତ, ମୋତେ ଆଶୀର୍ବାଦ କର ।

''ହେ ତୁଳସି ! ତୁମେ ମୋକ୍ଷ ଓ ଅମୃତତ୍ୱ ପ୍ରାପ୍ତିର ହେତୁ ଅଟ । ମଣିଷର ଆବିଳ, ଅଶୁଦ୍ଧ ମନରେ ଶୁଦ୍ଧତା ଭରିବା ପାଇଁ ତୁମରି ଉଦ୍ଭବ । ତୁମେ ସ୍ୱର୍ଗୀୟ, ତୁମେ ମହାନ୍, ତୁମେ ଶ୍ରେଷ୍ଠ, ତୁମେ ପୂଜ୍ୟ । ତୁମ ଆଶୀର୍ବାଦ ଆମ ଉପରେ ଝରି ପଡୁ ।

''ହେ ତୁଳସି ! ତୁମେ ବ୍ରହ୍ମାଙ୍କର ଅମୃତ ସୃଷ୍ଟି । ତୁମେ ବିଷ୍ଣୁଙ୍କ ମନୋହରିଣୀ । ତୁମେ ସକଳ ବନସ୍ପତି ମଧ୍ୟରେ ଶ୍ରେଷ୍ଠ । ତୁମରି ଆଶୀର୍ବାଦହିଁ ଆମର ଏକାନ୍ତ କାମ୍ୟ ।'' ଇତ୍ୟାଦି ।

ସାଧାରଣତଃ ତୁଳସୀ ଦୁଇ ପ୍ରକାରର; କଳା ତୁଳସୀ ଓ ସବୁଜ ତୁଳସୀ । କଳା ତୁଳସୀକୁ କୃଷ୍ଣ ତୁଳସୀ ଓ ଶ୍ୟାମଳ ତୁଳସୀକୁ ରାମ ତୁଳସୀ ମଧ୍ୟ କୁହାଯାଏ । କୃଷ୍ଣ ଅବତାରରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ଲୀଳାଭୂମି ଥିଲା ବୃନ୍ଦାବନ । ବୃନ୍ଦାବନ ହେଉଛି ବୃନ୍ଦାର ବନ ଅର୍ଥାତ୍ ତୁଳସୀର ଅରଣ୍ୟ । ପୂର୍ବ ଭାରତରେ ବୃନ୍ଦାବନ ସହର ନିକଟରେ ରହିଛି ମଥୁରା – ପ୍ରଭୁ କୃଷ୍ଣଙ୍କ ପବିତ୍ର ଜନ୍ମଭୂମି । ବୃନ୍ଦାବନରେ ଅନେକ ଶ୍ରୀକୃଷ୍ଣ ମନ୍ଦିର ରହିଛି । ଏଠାରେ ତୁଳସୀକୁ ଏକ ପବିତ୍ର ପ୍ରିୟତମ ଦ୍ରବ୍ୟ ରୂପେ ମାନ୍ୟତା ଦିଆଯାଏ ।

ତୁଳସୀକୁ କେହି କେହି ସୁରସ କହନ୍ତି । ବିଷାକ୍ତ ସାପ କାମୁଡ଼ିଲେ ତା'ର ବିଷକୁ କାଟିବା ଓ ଶକ୍ତିହୀନ (Neutralise) କରିବା ପାଇଁ ତୁଳସୀ ରସ ପିଆଯାଏ । ଏହା ପୁଣି ସୁଲଭ ଓ ସହଜରେ ସବୁ ସ୍ଥାନରେ ଲବ୍ଧ ହୋଇଥାଏ । ଆଉ କେହି କେହି ଏହାକୁ ସୁଲଗ୍ନି ମଧ୍ୟ କହିଥା'ନ୍ତି । କାରଣ ଏହା ଅତି କ୍ଷିପ୍ର ଭାବରେ ଶରୀରରୁ ଯନ୍ତ୍ରଣା ଲାଘବ କରିଥାଏ । ଲାଟିନ୍ ଭାଷାରେ ଏହାର ନାମ Ocimum sanctum ଓ ଇଂରାଜୀରେ ଏହାକୁ Basil – ମଶା ନିବାରକ ଗଛ କୁହାଯାଏ ।

ଆୟୁର୍ବେଦରେ ତୁଳସୀ ଏକ ଅତ୍ୟନ୍ତ ଆବଶ୍ୟକୀୟ ପଦାର୍ଥ । ଥଣ୍ଡା, କାଶ, ସର୍ଦ୍ଦି ପାଇଁ ଏହାର ରସ ବିଶେଷ ଉପକାରୀ । ଏହାକୁ ବିଭିନ୍ନ ରୋଗର ନିଦାନରୂପେ ବ୍ୟବହାର କରାଯାଏ । ପେଟ ରୋଗ, ଝାଡ଼ାରୋଗ ଏପରିକି ପରିସ୍ରାଜନିତ ବିଭିନ୍ନ ଯନ୍ତ୍ରଣା ପାଇଁ ଏହା ଏକ ଅବ୍ୟର୍ଥ ଔଷଧ ରୂପେ ବ୍ୟବହାର କରାଯାଏ । ଶରୀରର ବଦହଜମି, ବାନ୍ତି, ହୃଦ୍‌ରୋଗ ଓ ଆଣ୍ଠୁ ଗଣ୍ଠିର ଯନ୍ତ୍ରଣା ତଥା ଶ୍ୱାସକ୍ରିୟା ଜନିତ କଷ୍ଟକୁ ଏହା ଲାଘବ କରିଥାଏ । ଅନେକ ଦୀର୍ଘସ୍ଥାୟୀ (Chronic) ରୋଗ ମଧ୍ୟ ତୁଳସୀ ରସ ଦ୍ୱାରା ଦୂର ହୋଇଥାଏ ।

❑❑❑

ଭକ୍ତି ଏକ ଅନୁଭୂତି ନୁହେଁ, ଏହା ହୃଦୟ ଓ ଆତ୍ମାର ଏକ ଅବସ୍ଥା । ଏହି ଅବସ୍ଥା ସେତିକିବେଳେ ଆସିଥାଏ ଯେତେବେଳେ ଚୈତ୍ୟପୁରୁଷ ଜାଗ୍ରତ୍ ଓ ପ୍ରଭାବଶାଳୀ ଥାଆନ୍ତି ।

– ଶ୍ରୀଅରବିନ୍ଦ

ପୃଥିବୀର କେତେକ ବିଶିଷ୍ଟ ଦାର୍ଶନିକ :

# ଆଧୁନିକ ଦାର୍ଶନିକଗଣ

## (୨)


## ଶ୍ରୀପତି ଦାସ


[ଏହି ପ୍ରବନ୍ଧଗୁଡ଼ିକ Clifford Sawhneyଙ୍କ ଲିଖିତ "The World's Greatest Seers & Philosophers" ପୁସ୍ତକର ଅବଲମ୍ବନରେ ଲିଖିତ । – ଲେଖକ ।]

### ଇମାନୁଏଲ କାଣ୍ଟ୍
### IMMANUEL KANT (1724-1804)

### ଅଧ୍ୟାତ୍ମବାଦର ଦର୍ଶନ :

ଜର୍ମାନ ଦାର୍ଶନିକ ଇମ୍‌ମାନୁଏଲ୍ କାଣ୍ଟ୍ ଆଧୁନିକ ଯୁଗର ମୁଖ୍ୟତମ ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ ବୋଲି ବିବେଚିତ ହୁଅନ୍ତି । ସେ ୨୨ ଏପ୍ରିଲ ୧୭୨୪ ଖ୍ରୀଷ୍ଟାବ୍ଦରେ ଆଧୁନିକ ରୁଷିଆର ପୂର୍ବ ପ୍ରୁସିଆରେ ଥିବା କୋନିଗ୍‌ସ୍‌ବର୍ଗ ନାମକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ । ସେ କୋଲେଜିଅମ୍ ଫ୍ରେଡେରିସିଆନମ୍‌ଠାରେ କୋନିଗ୍‌ସ୍‌ବର୍ଗ ବିଶ୍ୱବିଦ୍ୟାଳୟରେ ଶିକ୍ଷାପ୍ରାପ୍ତ କରିଥିଲେ । ସେହି ମହାବିଦ୍ୟାଳୟରେ ପ୍ରାଚୀନ ଗ୍ରୀକ୍ ଓ ରୋମୀୟ କଳା ଓ ସାହିତ୍ୟ ସମ୍ବନ୍ଧେ ଏବଂ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ଓ ଗଣିତଶାସ୍ତ୍ର ସମ୍ବନ୍ଧେ ସେ ଅଧ୍ୟୟନ କରିଥିଲେ । ତାଙ୍କର ଶିକ୍ଷକ ମାର୍ଟିନ୍ ନୁଜେନ୍ (Martin Knutzen)ଙ୍କ ମାଧ୍ୟମରେ ସେ ଉଲ୍‌ଫ୍ (Wolff)ଙ୍କ ଦର୍ଶନ ଓ ନିଉଟନ୍ (Neauton)ଙ୍କ ପଦାର୍ଥ ବିଜ୍ଞାନ ସମ୍ବନ୍ଧେ ଶିକ୍ଷାଲାଭ କରିଥିଲେ ।

୧୭୪୬ ଖ୍ରୀଷ୍ଟାବ୍ଦରେ ତାଙ୍କ ପିତାଙ୍କ ମୃତ୍ୟୁ ପରେ ଆର୍ଥିକ ଦୁରବସ୍ଥା ହେତୁ ବିଶ୍ୱବିଦ୍ୟାଳୟରେ ଅଧିକ ପଢ଼ାପଢ଼ି ନକରିବାକୁ ବାଧ୍ୟ ହୋଇଥିଲେ । ପରବର୍ତ୍ତୀ ନଅ ବର୍ଷ ସେ ଏକ ଘରୋଇ ଶିକ୍ଷକଭାବେ କାର୍ଯ୍ୟ କରି ଜୀବିକାନିର୍ବାହ କରିଥିଲେ । ଜଣେ ବନ୍ଧୁଙ୍କର ବିଶେଷ ସହାୟତା ଫଳରେ ୧୭୫୫ ଖ୍ରୀଷ୍ଟାବ୍ଦରେ ସେ କୋନିଗ୍‌ସ୍‌ବର୍ଗ (Konigsberg) ସହରକୁ ଯାଇ ସେଠାରେ ପୁଣି ତାଙ୍କର ଅଧ୍ୟୟନ ଆରମ୍ଭ କଲେ ଏବଂ ବିଶ୍ୱବିଦ୍ୟାଳୟର ସର୍ବୋତ୍ତମ ଉପାଧି ପ୍ରାପ୍ତ ହେଲେ । ତତ୍ପରେ ସେଠାରେ ସେ ୧୫ ବର୍ଷ ପର୍ଯ୍ୟନ୍ତ ଶିକ୍ଷାଦାନ କରିଥିଲେ । ପ୍ରାରମ୍ଭରେ ସେ ବିଜ୍ଞାନ ଓ ଗଣିତଶାସ୍ତ୍ର ଶିକ୍ଷା ଦେଉଥିଲେ । ତତ୍ପରେ ସେ ଦର୍ଶନର ପ୍ରାୟ ସକଳ ଶାଖାରେ ଶିକ୍ଷାଦାନ କରି ତାଙ୍କ ଜ୍ଞାନର ପରିସର ବୃଦ୍ଧି କରିଥିଲେ ।

୧୭୫୫ରୁ ୧୭୭୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେ ସେହି ବିଶ୍ୱବିଦ୍ୟାଳୟରେ ବିନା ବେତନରେ ଅଧ୍ୟାପକ ହୋଇଥିଲେ । ଏହି ସମୟ ମଧ୍ୟରେ ତାଙ୍କର ଶିକ୍ଷାଦାନ ତାଙ୍କୁ ଏକ ବିଶିଷ୍ଟ ଦାର୍ଶନିକରେ ପରିଣତ କରିଥିଲା । ୧୭୭୦ ଖ୍ରୀଷ୍ଟାବ୍ଦରେ ସେ ନ୍ୟାୟଶାସ୍ତ୍ର ଓ ଆଧ୍ୟାତ୍ମିକ ଶାସ୍ତ୍ରର ଅଧ୍ୟାପକ ରୂପେ ନିଯୁକ୍ତ ହୋଇଥିଲେ । ପରବର୍ତ୍ତୀ ୨୭ ବର୍ଷ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟରେ ସେହି ସମାନ ବିଷୟରେ ସେ ଅଧ୍ୟାପନା କରି ଚାଲିଥିଲେ ।

ପ୍ରାଥମିକ ଅବସ୍ଥାରେ ଦାର୍ଶନିକ ଲିବ୍‌ନିଜ୍ (Leebnitz) ଓ ଉଲ୍‌ଫ୍ (Wolff) କାଣ୍ଟ୍‌ଙ୍କୁ ପ୍ରଭାବିତ କରିଥିଲେ । ପରେ ସେ ଡେଭିଡ୍ ହ୍ୟୁମ୍ (David Hume)ଙ୍କ ଲିଖିତ ବିଭିନ୍ନ ଶାସ୍ତ୍ର ଓ ଇଂରାଜୀରେ ପ୍ରତ୍ୟକ୍ଷବାଦ(Empiricism)ର ଅଧ୍ୟୟନ କରିଥିଲେ । ତତ୍ପରବର୍ତ୍ତୀ ବର୍ଷଗୁଡ଼ିକରେ କାଣ୍ଟ୍ ତାଙ୍କ ନିଜସ୍ୱ ଦର୍ଶନର ବିକାଶ ଘଟାଇଥିଲେ ଯହିଁରେ ସେ ମାନବ-ଜ୍ଞାନର ମନ ଓ ଚେତନାର ତତ୍ତ୍ୱ ଏବଂ ସେସବୁର ନୈତିକ ଆଚରଣ ଓ ସୌନ୍ଦର୍ଯ୍ୟବୋଧ ସମ୍ବନ୍ଧେ ଚର୍ଚ୍ଚା କରିଥିଲେ ।

### ବିଶ୍ଳେଷଣକାରୀ ଓ ସମନ୍ୱୟ-ସାଧନକାରୀ ଦର୍ଶନ :

କାଣ୍ଟ୍‌ଙ୍କ ଦର୍ଶନର ମୁଖ୍ୟ ମତବାଦ ୧୭୮୧ ଖ୍ରୀଷ୍ଟାବ୍ଦରେ ତାଙ୍କର ଏକ ଗ୍ରନ୍ଥ (Critique of pure Reason)ରେ ପ୍ରକାଶିତ ହୋଇଥିଲା ଯହିଁରେ ସେ ମାନବ-ଜ୍ଞାନର ଭିତ୍ତିକୁ ପରୀକ୍ଷା କରିଥିଲେ । କାଣ୍ଟ୍‌ଙ୍କର ଏହି ଧାରଣା ଥିଲା ଯେ ଚିନ୍ତାର

ଦୁଇଟି ରୀତି ଅଛି – ବିଶ୍ଳେଷଣକାରୀ ଓ ସମନ୍ୱୟସାଧନକାରୀ । ବିଶ୍ଳେଷଣକାରୀ ବିଚାରକୁ ପରବର୍ତ୍ତୀ ବାକ୍ୟରେ ସ୍ପଷ୍ଟ କରାଯାଇଛି । ‘‘କଳା ଚିତାବାଘ ହେଉଛି ଚିତା ବାଘ ।’’ ଏହି ବାକ୍ୟର ଅର୍ଥ ସୁସ୍ପଷ୍ଟ କାରଣ ଏହି ବାକ୍ୟର ବିପରୀତ ଆଦୌ ସତ୍ୟ ହୋଇ ନପାରେ । ଅନ୍ୟ ପକ୍ଷରେ ସମନ୍ୱୟକାରୀ ପ୍ରସ୍ତାବ ହେଉଛି ତାହା, ଯାହାକୁ ଶୁଦ୍ଧ ବିଶ୍ଳେଷଣରୁ ଅନୁମାନ କରାଯାଇପାରେ ନାହିଁ । ଉଦାହରଣସ୍ୱରୂପ : ‘‘ଚିତାବାଘଟି ହେଉଛି କଳା ରଙ୍ଗର ।’’ ଏହି ପ୍ରସ୍ତାବିତ ବାକ୍ୟଟିର ଭିତ୍ତି ବିଶ୍ୱଗତ ଅଭିଜ୍ଞତା ଉପରେ ପ୍ରତିଷ୍ଠିତ ଏବଂ ସମନ୍ୱୟକାରୀ ।

ପୁନଶ୍ଚ ପ୍ରସ୍ତାବଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ : ଅଭିଜ୍ଞତାସିଦ୍ଧ ଏବଂ ଅନୁଭୂତିସିଦ୍ଧ । ପ୍ରଥମଟି ନିର୍ଭର କରେ ଇନ୍ଦ୍ରିୟର ପ୍ରତ୍ୟକ୍ଷ ଜ୍ଞାନ ଉପରେ ଏବଂ ଦ୍ୱିତୀୟଟି ମୂଳତଃ ଯଥାର୍ଥ ଭାବରେ ଅଭ୍ରାନ୍ତ ଏବଂ ଇନ୍ଦ୍ରିୟର ପ୍ରତ୍ୟକ୍ଷ ଜ୍ଞାନ ଉପରେ ନିର୍ଭର କରେ ନାହିଁ । ‘‘ଚିତାବାଘ ହେଉଛି କଳା’’ – ଏହା ହେଉଛି ଏକ ଅନୁଭୂତିସିଦ୍ଧ ଜ୍ଞାନ । ଯେତେବେଳେ ‘‘ଦୁଇ ଯୁକ୍ତ ଦୁଇ ଚାରି’’ ହେଉଛି ତାହା ମଧ୍ୟ ଏକ ଅନୁଭୂତିସିଦ୍ଧ ଜ୍ଞାନ । କାଣ୍ଟ୍ ମନେ କରିଥିଲେ ଯେ ଅନୁଭୂତି-ସିଦ୍ଧ ବିଚାରକୁ ସମନ୍ୱିତ ଜ୍ଞାନରେ ପରିଣତ କରାଯାଇପାରେ । ଏହା ଏକ ଦାର୍ଶନିକ ସିଦ୍ଧାନ୍ତ ଯାହା ହେଉଛି ଅନ୍ତର୍ଜ୍ଞାନ ଉପଲବ୍ଧି । କାଣ୍ଟ୍ ଦେଖିଲେ ଯେ ଏହା ସମ୍ଭବପର କାରଣ ଆମ ଭୌତିକ ଜଗତର ଘଟଣାବଳୀ ମୂଳତଃ ଅଜ୍ଞାତ । ଦେଶ ଓ କାଳ ସଦୃଶ ସ୍ୱଭାବତଃ ବସ୍ତୁସମୂହର କୌଣସି ଅସ୍ତିତ୍ୱ ନାହିଁ, କେବଳ ମନର ଅଂଶଭାବେ ସ୍ୱତଃ ସେଗୁଡ଼ିକ ତିଷ୍ଠି ରହନ୍ତି ଯାହାଦ୍ୱାରା ପ୍ରତ୍ୟକ୍ଷ ଜ୍ଞାନର ମାନ ନିର୍ଣ୍ଣୟ କରାଯାଇପାରେ ।

ପୁନଶ୍ଚ କାଣ୍ଟ୍ ଭାବିଲେ ଯେ ମନ କେବଳ ଏହାର ଅନୁଭୂତିକୁ ରୂପାୟିତ କରିବାକୁ ଚାହିଁଥାଏ । କିନ୍ତୁ ନ୍ୟାୟତଃ ଅଭିଜ୍ଞତା ପୂର୍ବରୁ ଏହା ଆସିଥାଏ । ଏହି ପ୍ରକାର ଅନୁଭୂତି ବାସ୍ତବତଃ ଅନ୍ତର୍ଜ୍ଞାନଲବ୍ଧ ଅନୁଭୂତି । ଅର୍ଥାତ୍ ଏହା ସକଳ ଅଭିଜ୍ଞତାକୁ ଅତିକ୍ରମ କରିଯାଏ । ଯଦିଓ ଏହି ପ୍ରକାର ତତ୍ତ୍ୱ ସକଳ ଅଭିଜ୍ଞତାକୁ ଅତିକ୍ରମ କରିଥାଏ, ସେସବୁ ବସ୍ତୁସକଳର ପ୍ରକୃତିକୁ ପ୍ରଭାବିତ କରିପାରେ ନାହିଁ ।

କାଣ୍ଟ୍ ଯୁକ୍ତି କରିଥିଲେ ଯେ ଅଭିଜ୍ଞତାର ଆଧାର ହେଉଛି ସୀମିତ ମାନୁଷୀ ଜ୍ଞାନ ଏବଂ ମାନୁଷୀ ମନ ଅଭିଜ୍ଞତାର ଊର୍ଦ୍ଧ୍ୱକୁ ଯାଇପାରେ ନାହିଁ ଏବଂ ଚରମ ସତ୍ୟକୁ ଉପଲବ୍ଧି କରିପାରେ ନାହିଁ । ଏହାହିଁ କାଣ୍ଟ୍ଙ୍କ ଦର୍ଶନର ସାରକଥା ଯାହାକୁ ସେ ତାଙ୍କର ତିନୋଟି ପୁସ୍ତକରେ ପ୍ରକାଶ କରିଥିଲେ । (୧) ଶୁଦ୍ଧ ଜ୍ଞାନର ସମୀକ୍ଷା (Critique of Pure Reason), ଯାହା ୧୭୮୧ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲା । (୨) ବ୍ୟବହାରିକ ଜ୍ଞାନର ସମୀକ୍ଷା (Critique of Practical Reason) ଯାହା ୧୭୮୮ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲା । (୩) ଶୁଦ୍ଧ ବିଚାର ଶକ୍ତିର ସମୀକ୍ଷା (Critique of Judgement) ଯାହା ୧୭୯୦ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲା ।

ଏହିସବୁ କାର୍ଯ୍ୟରେ କାଣ୍ଟ୍ ବିଜ୍ଞାନ ଓ ଧର୍ମ – ଏହି ଦୁଇଟି ଭାଗକୁ ନେଇ ବିଚାର କଲେ ଯେ ବିଶ୍ୱ ଦୁଇଟି ସ୍ତରରେ ତିଷ୍ଠି ରହିଛି । (୧) ଯାହା ଇନ୍ଦ୍ରିୟ ଦ୍ୱାରା ବୋଧଗମ୍ୟ ନୁହେଁ ଏବଂ ଯାହା ଇନ୍ଦ୍ରିୟ ଦ୍ୱାରା ବୋଧଗମ୍ୟ ଏବଂ ଯାହାର ଭୌତିକ ଅଧ୍ୟୟନ ସମ୍ଭବପର । ସେ କହିଥିଲେ ଯେ ଆତ୍ମା ଓ ଈଶ୍ୱର କେବଳ ବିଶ୍ୱାସ ଦ୍ୱାରା ବୋଧଗମ୍ୟ ହୋଇଥା'ନ୍ତି; ବୈଜ୍ଞାନିକ ଅଧ୍ୟୟନ ଦ୍ୱାରା ନୁହେଁ ।

କାଣ୍ଟ୍ଙ୍କ ଅନ୍ତର୍ଜ୍ଞାନ ସମ୍ବନ୍ଧୀୟ ଦର୍ଶନ ହେଉଛି କେତେକ ମତବାଦର ମିଶ୍ରଣ । ପ୍ରଥମତଃ ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରମାଣ ସାପେକ୍ଷ ନୁହେଁ ଏବଂ ଦ୍ୱିତୀୟତଃ ଏହା ଅଭିଜ୍ଞତାସିଦ୍ଧ । କାରଣ ସକଳ ଜ୍ଞାନ ଅଭିଜ୍ଞତାରୁ ଉତ୍ପନ୍ନ ଏବଂ ଅନ୍ତର୍ନିହିତ । ପୁନଶ୍ଚ ଏହା ଯୁକ୍ତିଯୁକ୍ତ କାରଣ ଏହା ଅଭିଜ୍ଞତାସିଦ୍ଧ ଜ୍ଞାନକୁ ଅକ୍ଷୁଣ୍ଣ ରଖେ ।

ବହୁବର୍ଷଧରି ପ୍ରଚଳିତ ଧର୍ମର ପରମ୍ପରାକୁ ସ୍ୱୀକାର କରୁନଥିବା କାଣ୍ଟ୍ଙ୍କ ଧର୍ମୀୟ ଶିକ୍ଷା କେତେକ ବିରୋଧ ସୃଷ୍ଟି କରିଥିଲା । ପ୍ରଥମତଃ ସେସବୁ ଆଶ୍ଚର୍ଯ୍ୟଜନକ ସତ୍ୟ ଉପରେ ପ୍ରତିଷ୍ଠିତ ନହୋଇ ଯୁକ୍ତିଯୁକ୍ତ ସତ୍ୟ ଉପରେ ପ୍ରତିଷ୍ଠିତ ହୋଇଥିଲା । ତାଙ୍କର ଏହି ବିଶ୍ୱାସ ପ୍ରୁସିଆର ସରକାରଙ୍କୁ ବିଚଳିତ କରିଥିଲା । ୧୭୯୨ ଖ୍ରୀଷ୍ଟାବ୍ଦରେ ପ୍ରୁସିଆର ରାଜା ଫ୍ରେଡ୍‌ରିକ୍ ଉଇଲିୟମ-୨ ଧର୍ମ ସମ୍ବନ୍ଧେ ଶିକ୍ଷା ଦେବା ବା ଲେଖିବା ନିମିତ୍ତ ତାଙ୍କୁ ବାରଣ କରିଥିଲେ ।

ତାହାର ପରବର୍ତ୍ତୀ ପାଞ୍ଚ ବର୍ଷ ରାଜାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ବାରଣକୁ କାଣ୍ଟ୍ ସ୍ୱୀକାର କରିଥିଲେ । କିନ୍ତୁ ରାଜାଙ୍କ ମୃତ୍ୟୁ ପରେ ସେ ତାଙ୍କର ମତବାଦକୁ ପୁନଶ୍ଚ ପ୍ରଚାର କରିଥିଲେ ।

## ଅନ୍ୟାନ୍ୟ କାର୍ଯ୍ୟ :

ଦର୍ଶନ ବ୍ୟତୀତ ଅନ୍ୟାନ୍ୟ ବିଷୟରେ ମଧ୍ୟ କାଣ୍ଟ୍ ବହୁ ପୁସ୍ତକ ଲେଖିଥିଲେ । ତନ୍ମଧ୍ୟରେ ଏକ ବିଶିଷ୍ଟ ବିଜ୍ଞାନ ପୁସ୍ତକ

ଥିଲା । ତାହା ୧୭୫୫ ଖ୍ରୀଷ୍ଟାବ୍ଦରେ ଲିଖିତ ହୋଇଥିଲା ଏବଂ ତାହାର ନାମ ଥିଲା ‘‘ସାଧାରଣ ପ୍ରାକୃତିକ ଇତିହାସ ଏବଂ ସ୍ୱର୍ଗର ତତ୍ତ୍ୱ (General Natural History of the Heaven) । ଏହି ପୁସ୍ତକରେ ସେ ଏକ ତତ୍ତ୍ୱ ପ୍ରକାଶ କରିଥିଲେ ଯାହା ହେଉଛି ଏହି ଯେ ବିଶ୍ୱ ଆକାଶର ଏକ ଘୂର୍ଣ୍ଣାୟମାନ ଚରଖାରୁ ଉତ୍ପନ୍ନ ହୋଇଥିଲା । ପରବର୍ତ୍ତୀ କାଳରେ ପିଏର୍ ଦ ଲାପ୍ଲାସ୍ (Pierre de Laplace) ମଧ୍ୟ ସ୍ୱାଧୀନଭାବେ ଏକହିଁ ପ୍ରକାର ପରିକଳ୍ପନାର ବିକାଶ ଘଟାଇଥିଲେ । ତାଙ୍କର ଅନ୍ୟ ଲେଖାଗୁଡ଼ିକର ଅନ୍ତର୍ଭୁକ୍ତ ଥିଲା Prolegomena to Any Future Metaphysics ଯାହା ୧୭୮୩ ଖ୍ରୀଷ୍ଟାବ୍ଦରେ ଲିଖିତ ହୋଇଥିଲା । ଅନ୍ୟ ଏକ ଲେଖା ଥିଲା Metaphysical Rudiments of Natural Philosophy ଯାହା ୧୭୮୬ ଖ୍ରୀଷ୍ଟାବ୍ଦରେ ଲିଖିତ ହୋଇଥିଲା । ଅନ୍ୟ ଏକ ଲେଖା ଥିଲା Critique of Judgement (୧୭୯୦ ଖ୍ରୀଷ୍ଟାବ୍ଦରେ ଲିଖିତ) ଏବଂ ଅନ୍ୟଟି ଥିଲା Religion Within the Boundaries of Pure Reason (୧୭୯୩ ଖ୍ରୀଷ୍ଟାବ୍ଦରେ ଲିଖିତ) ।

ତା’ପରେ ସେ ୧୭୯୭ ଖ୍ରୀଷ୍ଟାବ୍ଦରେ ଲେଖିଥିଲେ Metaphysics of Ethics, ଯହିଁରେ ସେ ନୈତିକ ଆଚରଣ ସମ୍ବନ୍ଧେ ବର୍ଣ୍ଣନା କରିଥିଲେ । ତାହାର ଭିତ୍ତି ଥିଲା ଏହି ଯେ ନୈତିକତା ହେଉଛି ବିଶ୍ୱାସ ଉପରେ ପ୍ରତିଷ୍ଠିତ ଯୁକ୍ତି ଯାହା ନୈତିକତାର ଅନ୍ତିମ କ୍ଷମତା । ୧୭୮୮ ଖ୍ରୀଷ୍ଟାବ୍ଦରେ ସେ ବ୍ୟକ୍ତିର ମୌଳିକ ସ୍ୱାଧୀନତା ସମ୍ବନ୍ଧେ Critique of Practical Reason ପୁସ୍ତକରେ ଲେଖିଥିଲେ । ଏହି ସ୍ୱାଧୀନତାକୁ ଅରାଜକତାର ନିୟମହୀନ ସ୍ୱାଧୀନତା ସହିତ ସମାନ ବୋଲି ବୁଝିବା ଉଚିତ ନୁହେଁ । ଏହା ସ୍ୱାୟତ୍ତ-ଶାସନର ସ୍ୱାଧୀନତା ଯାହା ସଚେତନଭାବେ ଯୁକ୍ତି ଉପରେ ପ୍ରତିଷ୍ଠିତ ସ୍ୱାଧୀନତାକୁ ସ୍ୱୀକାର କରେ । ୧୭୯୫ ଖ୍ରୀଷ୍ଟାବ୍ଦରେ ଲିଖିତ Perpetual Peace ପୁସ୍ତକରେ ସେ ସାଧାରଣତନ୍ତ୍ର ରାଜ୍ୟ ଓ ବିଶ୍ୱଗତ ସଂଘବଦ୍ଧ ରାଷ୍ଟ୍ର ସମ୍ବନ୍ଧେ ଲେଖିଥିଲେ । କାଣ୍ଟଙ୍କର ଦାର୍ଶନିକ ତତ୍ତ୍ୱ ବିଶେଷଭାବେ ଜର୍ମାନ ଦାର୍ଶନିକ ହେଗେଲ୍ (Hegel) ଓ କାର୍ଲମାର୍କସ୍ (Karl Marx)ଙ୍କ ଦର୍ଶନକୁ ପ୍ରଭାବିତ କରିଥିଲା ।

୧୭୯୭ ଖ୍ରୀଷ୍ଟାବ୍ଦରେ କାଣ୍ଟ୍ କୋନିସ୍‌ବର୍ଗ ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ । ଏହାର ବର୍ଷକ ପରେ ସେ ତାଙ୍କର ଧର୍ମୀୟ ମତବାଦର ସାରାଂଶ ପ୍ରକାଶ କରିଥିଲେ । ୧୮୦୪ ଖ୍ରୀଷ୍ଟାବ୍ଦର ଫେବ୍ରୁଆରୀ ୧୨ ତାରିଖରେ ଜର୍ମାନ ଦାର୍ଶନିକମାନଙ୍କ ମଧ୍ୟରୁ ଜଣେ ବିଶେଷ ପ୍ରଭାବଶାଳୀ ଦାର୍ଶନିକ (ଇମ୍‌ମାନୁଏଲ୍ କାଣ୍ଟ) ପୃଥିବୀପୃଷ୍ଠରୁ ବିଦାୟ ନେଇଥିଲେ । ତାଙ୍କ ପଶ୍ଚାତରେ ସେ ରଖିଗଲେ ଏପରି ଏକ ଅଲିଭା ସଙ୍କେତ ଯାହା ଆଗାମୀ ଯୁଗର ସକଳ ଦାର୍ଶନିକଙ୍କୁ ବିଶେଷଭାବେ ପ୍ରଭାବିତ କରିବ ।

❑❑❑

## ୫ ଡିସେମ୍ବର, ୨୦୧୬ରେ ଆଶ୍ରମରେ ବିତରିତ ବାଣୀ

To express our gratitude to Sri Aurobindo we can do nothing better than to be a living demonstration of his teaching.

The Mother

ଶ୍ରୀଅରବିନ୍ଦଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ଆମେ ତାଙ୍କ ଶିକ୍ଷାର ଜୀବନ୍ତ ଦୃଷ୍ଟାନ୍ତ ହେବାଠାରୁ ଅଧିକ ଉତ୍ତମ କିଛି କରି ପାରିବା ନାହିଁ ।

ଶ୍ରୀମା

# ''ପ୍ରେମ'' – ଏକ ବିଶ୍ୱଶକ୍ତି

## ମଦନ ମୋହନ ପ୍ରଧାନ

''ପ୍ରେମ''କୁ ଆମେ ସାଧାରଣ ଭାଷାରେ ''ଭଲ ପାଇବା'' ଅର୍ଥରେ ବୁଝିଥାଉ । ପ୍ରେମ ଏକ ଯାନ୍ତ୍ରିକ ଆଚରଣ ନୁହେଁ । ଅନାବିଳ ମାନୁଷୀ ପ୍ରେମର ଭାବଧାରାକୁ ମନ ଦ୍ୱାରା ବୁଝି ହୁଏ ନାହିଁ କି ବର୍ଣ୍ଣନା କରି ହୁଏ ନାହିଁ । ପ୍ରେମ ଏକ ଅନୁଭବର ବ୍ୟାପାର । ପ୍ରେମକୁ ନେଇ ବିଭିନ୍ନ ସାହିତ୍ୟରେ ବିଭିନ୍ନ ଢଙ୍ଗରେ ବର୍ଣ୍ଣନା କରାଯାଇଛି । ଇନ୍ଦ୍ରିୟବୋଧ ସମ୍ପର୍କିତ ପ୍ରେମ, ରୋମାଣ୍ଟିକ ପ୍ରେମ, ମାନବଧର୍ମୀ ପ୍ରେମ, ଆଧ୍ୟାତ୍ମିକ ପ୍ରେମ– ଏହିପରି ବିଭିନ୍ନ ସ୍ତରରେ ପ୍ରେମର ଅବତାରଣା କରାଯାଇଥାଏ । ମାଆ ଛୁଆକୁ ଭଲପାଏ, ଛୁଆ ମାଆକୁ ଭଲପାଏ । ମାଆର ବାସଲ୍ୟ ମମତାକୁ ତୁଳନା କରି ହେବ ନାହିଁ । ଏହି ପ୍ରେମରେ ନଥାଏ ସ୍ୱାର୍ଥ, କେବଳ ଥାଏ ଦେଇ ଦେବାର ପ୍ରବୃତ୍ତି । ଏହାକୁ ଅନ୍ୟ ଜଣେ ସହଜରେ ଓ ସ୍ୱାଭାବିକ ଭାବରେ ହାସଲ କରିପାରିବ ନାହିଁ । ମାତ୍ର ଏହି ଭଲପାଇବା ଭିତରେ କ୍ରମେ ଏକ ବନ୍ଧନ ସୃଷ୍ଟି ହୁଏ । ଛୁଆଟି ବଢ଼ିବା ସଙ୍ଗେ ସଙ୍ଗେ ମାଆ ଛୁଆକୁ ନିଜର ସମ୍ପତ୍ତି ଭାବେ । ଛୁଆ ଯେତେ ବଡ଼ ହେଉ ପଛେ ସେ ଅକ୍ତିଆରରେ ରହୁ ବୋଲି ମାଆ ମଧ୍ୟରେ ଏକ ଇଚ୍ଛା ଜାଗ୍ରତ୍ ହୁଏ । ପୁଅ ବୋହୂ କଥାରେ ଚାଲିଲେ ମାଆ ମନରେ ଦୁଃଖ ହୁଏ । ଏମିତି ବି ଅନେକ ସମୟରେ ଦେଖାଯାଏ ମାଆ ଶାଶୂ ରୂପରେ ବୋହୂ ଉପରେ ଦାଉ ସାଧିବାକୁ ପଛାଏ ନାହିଁ । ଏପରି ମାନସିକତାରେ ଅନାବିଳ ମାତୃପ୍ରେମରେ ଆବିଳତା ପ୍ରବେଶ କରେ । ପ୍ରେମର ସହଜାତ ପ୍ରକୃତି ମୁକ୍ତି । ପ୍ରେମ ଯେତିକି ଯେତିକି ବିସ୍ତାରିତ ହୁଏ, ବନ୍ଧନର ପିଞ୍ଜରା ସେତିକି ସେତିକି ଢିଲା ହୋଇଯାଏ, ପିଞ୍ଜରା ଖୋଲିଯାଏ ଏବଂ ପ୍ରେମ ବିହଙ୍ଗ ପରି ମୁକ୍ତ ଆକାଶକୁ ଉଡ଼ିଯାଏ । ପ୍ରେମର କଳେବର କ୍ଷୁଦ୍ର ହୋଇପାରେ, ବିସ୍ତୃତ ହୋଇପାରେ ଏବଂ ବିଶ୍ୱବ୍ୟାପୀ ହୋଇପାରେ । ପ୍ରେମିକ ପ୍ରେମିକାକୁ ଭଲପାଏ, ପ୍ରେମିକା ପ୍ରେମିକକୁ ଭଲପାଏ । ଗଉଡ଼ ଗାଈବାଛୁରୀକୁ ଭଲପାଏ, ଗାଈବାଛୁରୀ ଗଉଡ଼କୁ ଭଲ ପାଆନ୍ତି । ପଶୁ ହେଲେ ବି ସ୍ନେହପୂର୍ଣ୍ଣ ସ୍ପନ୍ଦନକୁ ସେମାନେ ଜାଣି ପାରନ୍ତି । ମାଳୀ ତା' ବଗିଚାରେ ଗଛମାନଙ୍କୁ ଭଲପାଏ । ଗଛମାନଙ୍କ ସହ ଆତ୍ମୀୟତା ବଢ଼ାଇ ସେମାନଙ୍କର ଯତ୍ନ ନିଏ । ବଗିଚାର ଗଛମାନେ ମାଳୀର ଆସିବା ବାଟକୁ ଅପେକ୍ଷା କରିଥା'ନ୍ତି । ମାଳୀ ସେମାନଙ୍କୁ କେତେବେଳେ ପାଣି ଦେବ, ଗଛର ମୂଳକୁ ଖୁଷେଇ ଦେଇ ଘାସ ବାଛିଦେବ, ସେମାନଙ୍କ ପତ୍ର ବା ଗଣ୍ଡିରେ କ୍ଷତ ହୋଇଥିଲେ ଆହା କହି ଆଉଁଶି ଦେବ – ଏପରି ଏକ ଭାବ ଗଛମାନଙ୍କ ମଧ୍ୟରେ ଅଦୃଶ୍ୟ ଭାବରେ ଗଢ଼ିଉଠିଥାଏ, ଯାହାକୁ ସାଧାରଣ ମାନବୀୟ ଇନ୍ଦ୍ରିୟବୋଧରେ ଜାଣିବା ସମ୍ଭବ ନୁହେଁ । ମାତ୍ର ଏକଥା ମଧ୍ୟ ସତ୍ୟ ଯେ, ଯଦି ତୁମେ ଜଣେ ସଚ୍ଚା ମାଳୀ ହୋଇଥିବ ଏବଂ ଗୋଟିଏ ଦିନ ବଗିଚାକୁ ଯାଇ ନଥିବ ତେବେ ତୁମକୁ ନିଶ୍ଚିତ ଭାବରେ ଖଟ୍‌କା ଲାଗିବ । ଚାଷୀ କ୍ଷେତ ଆଡ଼େ ବୁଲି ନଆସିଲେ ତାକୁ ଖାଦ୍ୟ ରୁଚେ ନାହିଁ । ଜଣେ ପ୍ରକୃତ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ନ ଦେଖିଲେ ସ୍ଥିର ମନରେ ରହିପାରିବ ନାହିଁ । ଏସବୁ ଏକପ୍ରକାର ଆସକ୍ତି ବୋଲି ଜଣେ କହିପାରେ ବା ଆଉ ଜଣେ କହିପାରିବ ଏସବୁ ପ୍ରେମର ସ୍ୱରୂପ । କିନ୍ତୁ ଏହି ଅଦୃଶ୍ୟ ବନ୍ଧନଟି ନଥିଲେ ସୃଷ୍ଟିରେ ଜୀବଜଗତ୍ ଆଦୌ ବଞ୍ଚିପାରନ୍ତେ ନାହିଁ, କେହି ଖୁସିରେ ରହିପାରନ୍ତେ ନାହିଁ ଓ ଜୀବନକୁ ଉପଭୋଗ କରି ପାରନ୍ତେ ନାହିଁ ।

ଜଣେ ସୃଜନଶୀଳ ଲେଖକ ଗୋଟିଏ ଛୋଟ ଷ୍ଟୁଲ୍ ଓ ଟେବୁଲ ବ୍ୟବହାର କରି ନିତି ତିନି ଘଣ୍ଟା ଲେଖାଲେଖି କରୁଥିଲେ । ସେହି ରୁମ୍‌ରେ ବସି ଟେବୁଲ ଉପରେ ଖାତା ରଖି ଲେଖିଲା ବେଳେ ତାଙ୍କ ସୃଜନର ଉତ୍ସଟି ସହ ଖୁଅ ଲାଗି ଯାଉଥିଲା । ସୃଜନୀ କଲମ ମୁନରୁ ରଚନାମାନ ପ୍ରବାହିତ ହୋଇ ଆସୁଥିଲେ । କିନ୍ତୁ ସେହି ଟେବୁଲଟି ଖୁବ୍ ଛୋଟ ଥିଲା । ପରେ ତାଙ୍କୁ ବଡ଼ ଟେବୁଲଟିଏ ଦିଆଗଲା । ନୂଆ ଟେବୁଲ ଉପରେ ସେ ଫରଚା କରି ତାଙ୍କ ବହିପତ୍ର, ଖାତା, କଲମ ଆଦି ରଖି ପାରିଲେ, ସ୍ୱଚ୍ଛନ୍ଦଭାବେ ବସି ପାରିଲେ । ମାତ୍ର ବେଶୀ କିଛି ଲେଖି ପାରିଲେ ନାହିଁ । ତାଙ୍କୁ ତାଙ୍କ ସାନ ଟେବୁଲଟି କଥା ମନେ ପଡ଼ିଲା । ସତେ ଯେପରି ସେ ଟେବୁଲଟି ତାଙ୍କୁ ଡାକୁଛି, ତା'ଠାରୁ ଏକ ଆତ୍ମୀୟତାର ସ୍ୱର ଶୁଭୁଛି । ସେ ପୁଣି ସାନ ଟେବୁଲଟିକୁ ଆଦରି ନେଲେ ଓ ପୂର୍ବ ପରି ଲେଖିବାକୁ ସକ୍ଷମ ହେଲେ । ଟେବୁଲଟି ବ୍ୟକ୍ତି ପାଇଁ ଏକ ନିର୍ଜୀବ ଜଡ଼ବସ୍ତୁ ହୋଇପାରେ । ମାତ୍ର ଜଣେ ସୃଜନଶୀଳ ଲେଖକଙ୍କ ମନ ସହ ଏହାର ଆତ୍ମୀୟତାର

ବନ୍ଧନଟି ମଜଭୁତ ଥିଲା । ପ୍ରେମର ଅଦୃଶ୍ୟ ଆକର୍ଷଣରେ ଲେଖକ ଓ ଟେବୁଲ ଅନୁବନ୍ଧିତ ହୋଇ ଯାଇଥିଲେ ।

ପ୍ରେମର ପ୍ରକାଶ ବିଭିନ୍ନ ପ୍ରକାରର ହୋଇପାରେ ଓ ବିଭିନ୍ନ ସ୍ତରର ହୋଇପାରେ । ଜଣେ ନିଜ ଘର, ପରିବାର ଭିତରେ ନିଜର ପ୍ରେମକୁ ସୀମିତ କରି ରଖିପାରେ, ଆଉ ଜଣେ ପରିବାର, ପ୍ରିୟଜନ, ସାହି-ପଡ଼ିଶା, ଗାଁ-ଗଣ୍ଡା, କର୍ମସଂସ୍ଥାନ ଆଦି ସହ ତା' ପ୍ରେମକୁ ଯୋଡ଼ି ଦେଇପାରେ । ଆଉ କିଏ ନିଜ ଦେଶକୁ ମାଆ ପରି ଦେଖିପାରେ ଓ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ଦେଶମାତୃକାକୁ ଅନାବିଳ ଭାବରେ ପ୍ରେମ କରିପାରେ । ଦେଶର ମାଟି, ପାଣି, ପବନ, ପାହାଡ଼, ପର୍ବତ, ଜଙ୍ଗଲ, ନଦୀ, ସାଗର, ଜୀବଜଗତ୍, ମଣିଷ ସବୁକିଛି ତା'କୁ ନିଜର ପରି ଲାଗନ୍ତି । ମାତ୍ର ଅନ୍ୟ ଏକ ଦେଶର ପ୍ରଶଂସାକୁ ସେ ସହଜରେ ଗ୍ରହଣ କରିପାରେ ନାହିଁ । ନିଜ ଗୋଷ୍ଠୀର ଧର୍ମଠାରୁ ଅନ୍ୟ ଗୋଷ୍ଠୀର ଧର୍ମ ପୃଥକ୍ ହେଲେ, ତା'କୁ ସେ ଗୋଷ୍ଠୀ ପର ଲାଗେ । ଅନେକ ସମୟରେ ଏପରି ଧର୍ମାନ୍ଧତା କାରଣରୁ ଶତ୍ରୁତାର ଆଚରଣ ବି ଦେଖାଯାଏ । ଅନ୍ୟ ଜଣେ ପ୍ରେମର ଆଉ ଏକ ସ୍ତରରେ ଉପନୀତ ହୋଇ ସମଗ୍ର ପୃଥିବୀକୁ ନିଜର ବୋଲି ମନେ କରନ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତା'ପାଇଁ ସମାନ – ସମସ୍ତେ ପରମେଶ୍ୱରଙ୍କର ସନ୍ତାନ ବୋଲି ସେ ଅନୁଭବ କରେ । ତା'ପାଇଁ ''ବସୁଧୈବମ୍ କୁଟୁମ୍ବକମ୍'', ''ସମଗ୍ର ସୃଷ୍ଟି ଈଶ୍ୱରଙ୍କର ଓ ସମଗ୍ର ସୃଷ୍ଟିହିଁ ଈଶ୍ୱର ।''

ପ୍ରେମ ହେଉଛି ବିଶ୍ୱଶକ୍ତି, ଈଶ୍ୱରଙ୍କର ଏକ ମହତ୍ତ୍ୱପୂର୍ଣ୍ଣ ଶକ୍ତି । ଏହି ଶକ୍ତି ଅଦୃଶ୍ୟ । ମାତ୍ର ସର୍ବତ୍ର ବିଦ୍ୟମାନ । ପ୍ରେମ ନଥିଲେ ସୃଷ୍ଟିରେ କୌଣସି ସକାରାତ୍ମକ ଘଟଣା ଘଟିପାରନ୍ତା ନାହିଁ । ବିଜ୍ଞାନର ଆବିଷ୍କାର ମାଧ୍ୟମରେ ଆମେ ଅନେକ ଶକ୍ତିକୁ ଚିହ୍ନଟ କରି ସେସବୁକୁ ମଣିଷ ଜୀବନରେ ଅଧିକ ସମୃଦ୍ଧି ଆଣିବା ପାଇଁ ବ୍ୟବହାର କରୁଛୁ । ପାଣି ଭିତରେ ବିଜୁଳି ଶକ୍ତି, ଜଡ଼ ଭିତରେ ଯାନ୍ତ୍ରିକ ଶକ୍ତି, ସୂର୍ଯ୍ୟାଲୋକରେ ସୌରଶକ୍ତି, ମଣିଷ ଭିତରେ ମାନସିକ ଶକ୍ତି – ଏହିପରି ନାନା ଶକ୍ତିର ଆମେ ପରିଚୟ ପାଇ ପାରିଛୁ ଏବଂ ସେସବୁର ସୁ-ପ୍ରୟୋଗ କରିପାରୁଛୁ । ପ୍ରେମ ସେହିପରି ଏକ ଶକ୍ତି, ମାତ୍ର ଏହାକୁ ଏପର୍ଯ୍ୟନ୍ତ ଆମେ ଠିକ୍ ଭାବରେ ବୁଝିପାରି ନାହୁଁ ।

ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍ ପ୍ରେମକୁ ଏକ ମହାନ୍ ବିଶ୍ୱଶକ୍ତି ଭାବରେ ବର୍ଣ୍ଣନା କରିଛନ୍ତି । ସେ ତାଙ୍କ ଝିଅ ଲିଜେର୍‌ଲ(Lieserl)ଙ୍କ ପାଖକୁ ଚିଠି ମାଧ୍ୟମରେ ତାଙ୍କର ପ୍ରେମ ସମ୍ବନ୍ଧୀୟ ସିଦ୍ଧାନ୍ତଟିକୁ ଲେଖି ଜଣାଇଛନ୍ତି । ୧୯୮୦ ଦଶକର ଶେଷ ଆଡ଼କୁ ଆଇନ୍‌ଷ୍ଟାଇନଙ୍କ କନ୍ୟା ଲିଜେର୍‌ଲ ପିତାଙ୍କ ଦ୍ୱାରା ପ୍ରେରିତ ୧୪୦୦ ଚିଠିକୁ ହିବ୍ର୍ୟୁ ବିଶ୍ୱବିଦ୍ୟାଳୟକୁ ଦାନ କରିଥିଲେ । ତାଙ୍କର ସର୍ତ୍ତ ଥିଲା, ହିବ୍ର୍ୟୁ ବିଶ୍ୱବିଦ୍ୟାଳୟ ଚିଠିଗୁଡ଼ିକୁ ଆଇନ୍‌ଷ୍ଟାଇନଙ୍କ ମୃତ୍ୟୁର ଦୁଇ ଦଶନ୍ଧି ପୂର୍ବରୁ ପ୍ରକାଶ କରିପାରିବେ ନାହିଁ । ନିମ୍ନରେ ଲିଜେର୍‌ଲ ପିତାଙ୍କଠାରୁ ପାଇଥିବା ''ପ୍ରେମ'' ସମ୍ବନ୍ଧୀୟ ଚିଠିର ବିଷୟବସ୍ତୁକୁ ଅବତାରଣା କରାଗଲା । ଚିଠିର କଥାବସ୍ତୁ ଏହିପରି –

''ମୁଁ ଯେତେବେଳେ ଆପେକ୍ଷିକ ତତ୍ତ୍ୱ ଉପରେ ଉପସ୍ଥାପନ କଲି, ବହୁତ କମ୍ ଲୋକ ମୋତେ ବୁଝିପାରିଲେ ଏବଂ ବର୍ତ୍ତମାନ ମୁଁ ଯାହା ମଣିଷସମାଜକୁ ଜଣାଇବାକୁ ଯାଉଛି, ତାହା ମଧ୍ୟ ପୃଥିବୀରେ ଭୁଲ୍ ବୁଝାମଣା ଓ ପୂର୍ବଧାରଣାଗତ ମତଭେଦ ସୃଷ୍ଟି କରିବ । ତେଣୁ ମୁଁ କହିବାକୁ ଚାହେଁ ଯେ, ଯେପର୍ଯ୍ୟନ୍ତ ମଣିଷସମାଜ ପ୍ରସ୍ତୁତ ନହୋଇଛି, ସେପର୍ଯ୍ୟନ୍ତ ମୋର ଏହି ଚିଠିକୁ ବାହ୍ୟ ଜଗତ୍ ଆଗରେ ପ୍ରକାଶ କରିବୁ ନାହିଁ । ଏଥିପାଇଁ ଅନେକ ବର୍ଷ ବା ଅନେକ ଦଶନ୍ଧି ବିତି ଯାଇପାରେ ।

''କଥାଟି ହେଉଛି ଏହିପରି – ଏକ ଖୁବ୍ ପ୍ରଭାବଶାଳୀ ଶକ୍ତି ରହିଛି । ଏହାକୁ ବୁଝାଇବା ପାଇଁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଠିକ୍ ବ୍ୟାଖ୍ୟାଟିଏ ଖୋଜା ଯାଇ ପାରି ନାହିଁ । ଏହା ଏଭଳି ଏକ ଶକ୍ତି ଯାହା ଅନ୍ୟ ସବୁକିଛିକୁ ନିଜ ଭିତରେ ଅନ୍ତର୍ଭୁକ୍ତ କରିବା ସଙ୍ଗେସଙ୍ଗେ ଅନୁଶାସିତ ମଧ୍ୟ କରିଥାଏ । ବିଶ୍ୱରେ ଯାହାକିଛି ଘଟୁଛି, ତା' ପଶ୍ଚାତରେ ଏକ ଶକ୍ତି ରହିଥାଏ, ମାତ୍ର ଆମେ ଏପର୍ଯ୍ୟନ୍ତ ଏହି ଶକ୍ତିକୁ ଠିକ୍ ଭାବରେ ଚିହ୍ନି ପାରି ନାହୁଁ ।

''ଏହି ବିଶ୍ୱଶକ୍ତିଟିର ନାମ ହେଉଛି ''ପ୍ରେମ'' । ଯେତେବେଳେ ବୈଜ୍ଞାନିକମାନେ ଏକତ୍ରୀକରଣତତ୍ତ୍ୱ ଉପରେ ପର୍ଯ୍ୟାଲୋଚନା କଲେ, ସେତେବେଳେ ସେମାନେ ଏହି ସ୍ୱୟଂସମ୍ପୂର୍ଣ୍ଣ ଅଦୃଶ୍ୟ ଶକ୍ତିଟିକୁ ଭୁଲିଗଲେ ।

''ପ୍ରେମ ହେଉଛି ଆଲୋକ । ଏହା କେବଳ ସେହିମାନଙ୍କୁ ଆଲୋକିତ କରେ ଯେଉଁମାନେ ଏହାକୁ ଦାନ ଓ ଗ୍ରହଣ କରିପାରନ୍ତି । ପ୍ରେମ ହେଉଛି ଏକ ମାଧ୍ୟାକର୍ଷଣ ଶକ୍ତି, କାରଣ ପ୍ରେମ ଯୋଗୁଁ ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ପ୍ରତି ଆକର୍ଷିତ ହୋଇଥା'ନ୍ତି ।

''ପ୍ରେମ ହେଉଛି ଏକ କ୍ରିୟାତ୍ମିକା ଶକ୍ତି, କାରଣ ଆମ ଭିତରେ ଯାହା ସର୍ବୋତ୍ତମ, ପ୍ରେମ ତାହାକୁ ବହୁଗୁଣିତ କରିଥାଏ ଏବଂ ମଣିଷର ଅନ୍ଧ ସ୍ୱାର୍ଥପରତା ଭିତରେ ମାନବିକତା ଯେପରି ଧ୍ୱଂସ ପାଇ ନଯିବ, ସେଥିପାଇଁ ପ୍ରେମ ସାହାଯ୍ୟ କରିଥାଏ ।

ପ୍ରେମ ସକଳ ପ୍ରକାର ଉନ୍ମୋଚନ ଏବଂ ପରିପ୍ରକାଶର ମାଧ୍ୟମ ହୋଇଥାଏ ।

''ପ୍ରେମ ପାଇଁ ଆମେ ଜୀବନ ବଞ୍ଚୁ ଓ ପ୍ରେମ ପାଇଁ ଆମେ ମୃତ୍ୟୁ ବରଣ କରୁ । ପ୍ରେମହିଁ ଈଶ୍ୱର ଓ ଈଶ୍ୱରହିଁ ପ୍ରେମ । ପ୍ରେମ ସବୁ କିଛିକୁ ବୁଝାଇ ଦେଇପାରେ ଏବଂ ଜୀବନକୁ ଅର୍ଥପୂର୍ଣ୍ଣ କରିଥାଏ । ପ୍ରେମ ହେଉଛି ସେହି ପରିବର୍ତ୍ତନଶୀଳ ଶକ୍ତି ଯାହାକୁ ମାନବସମାଜ କାଳ କାଳ ଧରି ଉପେକ୍ଷା କରି ଆସିଛି । ଏହାର କାରଣ ଏପରି ହୋଇପାରେ ଯେ, ବୋଧହୁଏ ପ୍ରେମକୁ ଆମେ ଭୟ କରୁ । କାରଣ ଏହା ଏପରି ଏକ ବିଶ୍ୱଶକ୍ତି, ଯାହାକୁ ମଣିଷ ଯଥାର୍ଥ ଭାବେ ନିଜ ଇଚ୍ଛା ଅନୁସାରେ ପରିଚାଳନା କରି ଜାଣି ନାହିଁ ।

''ପ୍ରେମ ସମ୍ବନ୍ଧରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ, ମୁଁ ମୋର ସୁବିଖ୍ୟାତ ସମୀକରଣରେ ଏକ ସରଳ ପ୍ରତି ବଦଳଟିଏ ତିଆରି କରିଛି –

$E = MC^2$, ଶକ୍ତି = ବସ୍ତୁତ୍ୱ X (ଆଲୋକର ବେଗ)$^2$ ।

ବିଶ୍ୱକୁ ଯନ୍ତ୍ରଣାମୁକ୍ତ କରିବା ପାଇଁ 'M' ବଦଳରେ ଆମେ ଯଦି 'ପ୍ରେମ' (L) ରଖିବା ତେବେ $E = LC^2$ ହେବ ।

ଅର୍ଥାତ୍ : ଶକ୍ତି = ପ୍ରେମ ଗୁଣନ ଆଲୋକ ବେଗର ବର୍ଗ । ଏହି ସମୀକରଣରୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ପ୍ରେମ ହେଉଛି ଏକ ଶକ୍ତି (ବିଶ୍ୱଶକ୍ତି) – ଯାହା ଅତ୍ୟନ୍ତ ବିଶାଳ ଏବଂ ଅସୀମ ।

''ଯେଉଁ ସମୟରେ ବିଶ୍ୱର ଅନ୍ୟ ଶକ୍ତିଗୁଡ଼ିକୁ ବ୍ୟବହାର ଓ ନିୟନ୍ତ୍ରଣ କରି ମଣିଷ ବିଫଳତା ହାସଲ କରିଛି ଏବଂ ଏହି ଶକ୍ତିଗୁଡ଼ିକ ମାନବ ବିରୋଧୀ ହୋଇ ପଡ଼ିଛନ୍ତି, ସେହି ସମୟରେ ଏହା ଅତ୍ୟନ୍ତ ଜରୁରୀ ଯେ ଆମକୁ ଅନ୍ୟ ଏକ ପ୍ରକାର ଶକ୍ତିର ପୁଷ୍ଟିସାଧନ କରିବାକୁ ହେବ ।

''ଯଦି ଆମେ ଇଚ୍ଛା କରୁଛେ ଯେ ମଣିଷଜାତି ବିଶ୍ୱରେ ତିଷ୍ଠି ରହୁ, ଜୀବନ ଅର୍ଥପୂର୍ଣ୍ଣ ହେଉ, ଯଦି ବିଶ୍ୱକୁ ତଥା ଏଠାରେ ବାସ କରୁଥିବା ବୈଜ୍ଞାନିକମାନଙ୍କୁ ରକ୍ଷା କରିବାକୁ ଚାହୁଁ, ତେବେ ଆମ ପାଇଁ କେବଳ ଗୋଟିଏ ମାତ୍ର ଅବଲମ୍ବନ ହେଉଛି ''ପ୍ରେମ'' । ପ୍ରେମ ଛଡ଼ା ଅନ୍ୟ ଗତି ନାହିଁ । ବୋଧହୁଏ ଆମେ ଏପର୍ଯ୍ୟନ୍ତ ପ୍ରେମର ଏକ ''ବୋମା'' ତିଆରି କରିବା ପାଇଁ ପ୍ରସ୍ତୁତ ହୋଇ ନାହୁଁ । ଏହି ପ୍ରେମ ବୋମାଟି ଏତେ ତେଜସ୍କ୍ରିୟ ଓ ଶକ୍ତିଶାଳୀ ହେବ ଯେ, ଯାହା ସମସ୍ତ ଘୃଣା, ସ୍ୱାର୍ଥପରତା, ଲୋଭ ଆଦି ଶକ୍ତିଗୁଡ଼ିକୁ ସମ୍ପୂର୍ଣ୍ଣଭାବେ ଧ୍ୱଂସ କରିଦେବ ।

''ସେ ଯାହାହେଉ, ସବୁ ମଣିଷଙ୍କ ଭିତରେ ଏକ କ୍ଷୁଦ୍ର, ମାତ୍ର ଶକ୍ତିଶାଳୀ ''ପ୍ରେମ ଜେନେରେଟର'' ରହିଛି ଏବଂ ଏହି ଜେନେରେଟରରୁ ଶକ୍ତି ନିର୍ଗତ ହୋଇ ଆସିବା ପାଇଁ ଅପେକ୍ଷାରତ ।

''ପ୍ରିୟ ଲିଜେର୍ଲ, ଜାଣିରଖ ଆମେ ଯେତେବେଳେ ଏହି ବିଶ୍ୱଶକ୍ତିକୁ ଦେଇପାରିବା ପାଇଁ ତଥା ଗ୍ରହଣ କରି ପାରିବା ପାଇଁ ଶିଖିବୁ, ସେତେବେଳେ ଆମେ ଦୃଢ଼ ନିଶ୍ଚିନ୍ତ ହୋଇଯିବୁ ଯେ ପ୍ରେମ ସବୁ କିଛିକୁ ଜୟ କରିପାରିବ ଏବଂ ସବୁ କିଛିକୁ ଅତିକ୍ରମ କରିପାରିବ । କାରଣ ପ୍ରେମ ହେଉଛି ଜୀବନର ସାରାଂଶ ।

''ମୁଁ ଖୁବ୍ ଦୁଃଖିତ ଯେ, ଯାହା ମୋ ହୃଦୟ ଭିତରେ ଲୁଚି ରହିଥିଲା, ତାହା ମୁଁ ପ୍ରକାଶ କରିବା ପାଇଁ ସକ୍ଷମ ହୋଇପାରିଲି ନାହିଁ । ପ୍ରେମର ସ୍ପନ୍ଦନ ନୀରବରେ ମୋ ଭିତରେ ତୋ ପାଇଁ ସାରା ଜୀବନ ରହିଥିଲା । ଏବେ କ୍ଷମା ମାଗିବା ପାଇଁ ବିଳମ୍ବ ହୋଇଯାଇପାରେ, ମାତ୍ର ସମୟ ହେଉଛି ଆପେକ୍ଷିକ । ମୁଁ ତୋତେ କହିବାକୁ ଚାହେଁ ଯେ, ମୁଁ ତୋତେ ଭଲପାଏ ଏବଂ ତୋତେ ମୁଁ ଧନ୍ୟବାଦ ଜଣାଉଛି ଯେ ମୁଁ ସର୍ବଶେଷ ଉତ୍ତରଟି ପାଖରେ ପହଞ୍ଚି ପାରିଛି ।''

(ଇତି)

ତୋର ପିତା

ଆଲବର୍ଟ ଆଇନ୍‌ଷ୍ଟାଇନ୍

ପ୍ରେମ ହେଉଛି ସେହି ମହାନ୍ ବିଶ୍ୱଶକ୍ତି ଯାହା ଜୀବନକୁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସରସ ସୁନ୍ଦର ଓ ଅଭିଳକ୍ଷିତ କରି ରଖିଥାଏ । ପ୍ରେମରେ ଭଟ୍ଟା ପଡ଼ିଲେ ଜୀବନ ବିପର୍ଯ୍ୟସ୍ତ ହୋଇଯାଏ ଏବଂ ପ୍ରେମରେ ଜୁଆର ଆସିଲେ ଜୀବନ ଉଲ୍ଲସିତ ହୁଏ । ପ୍ରେମର ସ୍ପନ୍ଦନ, ଜନ୍ମ-ମୃତ୍ୟୁର ସୀମାକୁ ପାର ହୋଇଯାଏ । ମୃତ୍ୟୁ ପରେ ବି ପ୍ରେମର ମାଧ୍ୟାକର୍ଷଣ ଶକ୍ତି ଅଦୃଶ୍ୟ ଆତ୍ମାକୁ ସଶରୀର ମଣିଷମାନଙ୍କ ଭିତରେ ସ୍ମରଣୀୟ କରି ରଖିଦିଏ । ସ୍ମୃତି ମାଧ୍ୟମରେ ଜୀବନ ରୂପକ ଭୂଇଁଟିକୁ ବଞ୍ଚିଥିଲା ବେଳେ ଉଜ୍ଜୀବିତ କରିରଖେ । ଯେଉଁ ମଣିଷ ପାଖରେ ପ୍ରେମର ପ୍ରକାଶ ଯେତେ ଅଧିକ ହୁଏ, ସିଏ ଅଦୃଶ୍ୟ ଭାବରେ ସେତିକି ମାତ୍ରାରେ ଆକର୍ଷଣର ରଜ୍ଜୁରେ ଯୋଡ଼ି ହୋଇ ରହିଥାଏ । ପ୍ରେମ ପାଖରେ ମୃତ୍ୟୁ ହାରମାନେ । ପ୍ରେମ, ଜୀବନ-ମୃତ୍ୟୁ-ଜୀବନ ମଧ୍ୟରେ ଏକ ଅନନ୍ୟ ସ୍ୱର୍ଣ୍ଣସେତୁ ପରି କାମ କରିଥାଏ ।

ପ୍ରେମ ପାଖରେ ଶୋକ ନଥାଏ । ମଣିଷ ପୁନଃ ପୁନଃ ଜନ୍ମଗ୍ରହଣ କରେ ଓ ଅମରତ୍ୱର ଅନନ୍ତ ଯାତ୍ରାରେ ଯାତ୍ରୀ ହୁଏ । ପ୍ରେମହିଁ ସହଯାତ୍ରୀମାନଙ୍କୁ ଆକର୍ଷିତ କରି ଆଣେ । ସେମାନଙ୍କର ଅନନ୍ତ ଯାତ୍ରା, ପ୍ରେମର ସୁଧାଧାରାରେ ଚିର ନନ୍ଦିତ ହୋଇଥାଏ । ❑

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : ଅଧ୍ୟାତ୍ମ-ମାର୍ଗରେ ବ୍ୟକ୍ତି କାମନା-ବାସନା କିପରି ଚରିତାର୍ଥ କରିବାକୁ ଚାହେଁ ?*

ଉତ୍ତର : ବ୍ୟକ୍ତି ବଡ଼ ସାଧକ ରୂପେ, ବୈରାଗ୍ୟବାନ୍, ତ୍ୟାଗୀ, ଲେଖକ, ସଂଗଠକ, ବ୍ୟବସ୍ଥାପକ ରୂପେ ସମାଜରେ ପ୍ରସିଦ୍ଧିଲାଭ କରି ନାମ-ଯଶଃ ଦ୍ୱାରା କାମନା-ବାସନା ପୂର୍ଣ୍ଣ କରିବାକୁ ଚାହେଁ ।

ସାଧକ ଅଧ୍ୟାତ୍ମ-ମାର୍ଗରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଅଥବା କିଛିଦୂର ଅଗ୍ରସର ହେବା ପରେ ତା'ର ଯଦି ଅଭୀପ୍ସା ଥାଏ, ତେବେ ଅଧ୍ୟାତ୍ମ ଶକ୍ତି କିଛି ତା' ମଧ୍ୟରେ ପ୍ରକାଶିତ ହୁଏ ଅଥବା ଅବତରଣ କରେ । ଧାନ କ୍ଷେତରେ ଖତ ପାଇ ଧାନ ସହିତ ବାଲୁଙ୍ଗା ପ୍ରବଳ ହେବା ସଦୃଶ ଅଧ୍ୟାତ୍ମ-ଶକ୍ତି ସ୍ପର୍ଶରେ ବ୍ୟକ୍ତିର କାମନା-ବାସନା, ଅହଂ-ସ୍ୱାର୍ଥ ପ୍ରବଳ ହୁଏ । ବ୍ୟକ୍ତି ଯେଉଁ କାର୍ଯ୍ୟ କରେ ସେଥିରେ ଭାଗବତୀ ଶକ୍ତି ସାହାଯ୍ୟ ବି କରେ । ସେ ଯୋଗ ସମ୍ବନ୍ଧେ କିଛି ଲେଖିପାରେ, ଲୋକଙ୍କୁ ବୁଝାଇପାରେ, ଲୋକଙ୍କଠାରୁ ଆଦର-ସମ୍ମାନ ପାଏ; ଅଥବା ଜଣେ ଭଲ ସାଧକ, ଭଲ ବକ୍ତା, ବୈରାଗ୍ୟବାନ୍, ତ୍ୟାଗୀ, ଭକ୍ତ, ମା'ଙ୍କ ପ୍ରତି ବିଶ୍ୱାସ ରଖିଥିବା ନିଷ୍ଠାବାନ୍ କିଂବା ଭଲ ବ୍ୟବସ୍ଥାପକ ବା ପ୍ରଚାରକ, ଭଲ ସଂଗଠକ କିଂବା ଅଧ୍ୟାତ୍ମ ମାର୍ଗରେ ସେ ଜଣେ ଉତ୍ତମ ଭକ୍ତ ବୋଲି ଲୋକଙ୍କ ପାଖରେ ପରିଚିତ ହୁଏ । ମା'ଙ୍କ ପ୍ରତି ଦୃଢ଼ବିଶ୍ୱାସ, ନିଷ୍ଠା କୌଣସି ଭାଗରେ ଥିଲେ ସେ କୌଣସି କାର୍ଯ୍ୟ-ସିଦ୍ଧି ସକାଶେ ମା'ଙ୍କୁ ପ୍ରାର୍ଥନା କଲେ କିଂବା ତୀବ୍ରଭାବେ ଚାହିଁଲେ ତାହା ସଫଳ ହୁଏ । ଏଥିରେ ବ୍ୟକ୍ତିର ଅହଂ-ସ୍ୱାର୍ଥ ଫୁଲି ଉଠେ । ଭ୍ରମବଶତଃ ସେ ସ୍ୱୟଂ ମନେକରେ ସେ ଜଣେ ଶ୍ରେଷ୍ଠ ସାଧକ, ଅନ୍ୟ ଅପେକ୍ଷା ମା'ଙ୍କ କୃପା ତା' ଉପରେ ଅଧିକ । ସେ ମା'ଙ୍କ ଯନ୍ତ୍ର । ସେ ଚାହେଁ ଲକ୍ଷ୍ୟପ୍ରାପ୍ତି, ମା'ଙ୍କ ସେବା, ମା'ଙ୍କ ପ୍ରତି ସମର୍ପଣ, ମା'ଙ୍କ କାର୍ଯ୍ୟ କରିବାକୁ, ଏଥିସକାଶେ ସେ ସାଂସାରିକ ଭୋଗ-ବିଳାସ, ଅର୍ଥ, ଅଧିକାର, ଐଶ୍ୱର୍ଯ୍ୟାଦି ସମସ୍ତ ତ୍ୟାଗ କରେ । କିନ୍ତୁ ଏହା ମୂଳରେ ସ୍ପଷ୍ଟଭାବେ ଥାଏ ଅଧ୍ୟାତ୍ମ-ମାର୍ଗରେ ନିଜର ନେତୃତ୍ୱ, ନାମ-ଯଶଃ-ପ୍ରତିଷ୍ଠାର ଅଭିଳାଷ । ସାଧକର ଏହି ଅବସ୍ଥାରେ ବାହ୍ୟ କ୍ରିୟାରେ ଲକ୍ଷ୍ୟପ୍ରାପ୍ତି ଏବଂ ମା'ଙ୍କ ସେବାଭାବ ଥାଏ ଗୌଣ, ନିଜର ନାମଯଶଃ, ନେତୃତ୍ୱର ଆଶା ଥାଏ ପ୍ରଧାନ । ଏହାର ଲକ୍ଷଣ ହେଲା — ନାମଯଶଃ, ନେତୃତ୍ୱରେ ବାଧା ପଡ଼ିଲେ କିଂବା ଅନ୍ୟ ଦ୍ୱାରା ନିଜ ଅଧିକାର ବ୍ୟାହତ ହେଲେ ଯେଉଁ କାର୍ଯ୍ୟ ମା'ଙ୍କ ସେବା ଅଥବା ଲକ୍ଷ୍ୟପ୍ରାପ୍ତି ସକାଶେ କରାହେଉଥାଏ, ସେହି କାର୍ଯ୍ୟ ପ୍ରକାଶ୍ୟରେ ଅଥବା ଅପ୍ରକାଶ୍ୟରେ ବ୍ୟର୍ଥ କରିବାରେ ପଶ୍ଚାତ୍‌ପଦ ହୁଏ ନାହିଁ ।

କେବେ କେବେ ଅହଂ-ସ୍ୱାର୍ଥର ପ୍ରବଳତା ଯୋଗୁଁ ବିବେକ-ବିଚାର ଆବୃତ ହୋଇଥାଏ । ନିଜ ଅହଂ ଏବଂ ସ୍ୱାର୍ଥରେ ବାଧା ପଡ଼ିବା ମାତ୍ରେ ସେ ଆଉ ବରଦାସ୍ତ କରିପାରେ ନାହିଁ । ତା' ଦୃଷ୍ଟିରେ ସେ ସର୍ବଥା ନିର୍ଦ୍ଦୋଷ, ଅନ୍ୟ ବ୍ୟକ୍ତି ଦୋଷଯୁକ୍ତ, ନିଜ କାର୍ଯ୍ୟ ନିର୍ଭୁଲ, ଅନ୍ୟର କାର୍ଯ୍ୟ ଭ୍ରମପୂର୍ଣ୍ଣ; ନିଜ କହିବା, ବୁଝିବା ଓ ଭାବିବା ଠିକ୍ ଏବଂ ଅନ୍ୟର କହିବା, ବୁଝିବା, ଭାବିବା ସର୍ବଥା ଭୁଲ୍ ବୋଲି ସେ ଭାବେ । ନିଜର ଏହି ଧାରଣାକୁ ପୋଷଣ କରିବା ସକାଶେ ନାନାପ୍ରକାର ଯୁକ୍ତିଦିଏ । ନିଜ ଧାରଣାକୁ ସମର୍ଥନ କରିବା ବ୍ୟକ୍ତି ଅତ୍ୟନ୍ତ ପ୍ରିୟ ହୁଏ । ଅନ୍ୟ ବ୍ୟକ୍ତି ଯଥାର୍ଥ କାର୍ଯ୍ୟ କରୁଥିବା ସତ୍ତ୍ୱେ ଆନୁଗତ୍ୟ ସ୍ୱୀକାର ନ କଲେ ତଥା ନିଜ ଧାରଣାକୁ ଏବଂ ନିଜ କାର୍ଯ୍ୟକୁ ସମର୍ଥନ ନ କଲେ ସେ ଅପ୍ରିୟ ହୁଏ । ସେ ଭଗବାନ୍ ବା ମା'ଙ୍କ ସକାଶେ ଯେଉଁ କାର୍ଯ୍ୟ ବିଶେଷ ମହତ୍ତ୍ୱପୂର୍ଣ୍ଣ ଭାବି କରେ ବା କରୁଥାଏ ସେହି କାର୍ଯ୍ୟ ସଂପର୍କରେ ଅନ୍ୟ ବ୍ୟକ୍ତି ଦ୍ୱାରା ନିଜ ଅଧିକାର ବା ନାମ-ଯଶଃରେ ବାଧା ପଡ଼ିଲେ, ସେହି କାର୍ଯ୍ୟ ବ୍ୟାହତ ହେବା ନ ହେବା ବିଚାର ନ କରି କାର୍ଯ୍ୟ ତ୍ୟାଗ କରେ ଅଥବା ଅନ୍ୟ ସଙ୍ଗେ ସଂଘର୍ଷ ବା ଝଗଡ଼ା କରିବା ଦ୍ୱାରା ମା'ଙ୍କ କାର୍ଯ୍ୟ ନଷ୍ଟ ହୁଏ ।

*ପ୍ରଶ୍ନ : ଯେଉଁମାନେ ବିଦ୍ୱାନ୍ ସାଧକ ଓ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର କରନ୍ତି ଅଥବା ସଂସାରରେ ମହତ୍ତ୍ୱପୂର୍ଣ୍ଣ କର୍ମ କରନ୍ତି ସେମାନଙ୍କର କର୍ମରେ ଅହଂ-ସ୍ୱାର୍ଥ ରହିପାରେ । ଯେଉଁମାନେ ଝାଡ଼ୁ ଲଗାନ୍ତି ବା ବାସନ ମାଜନ୍ତି ସେମାନଙ୍କର ଅହଂ-ସ୍ୱାର୍ଥ ରହିବ କିପରି ?*

ଉତ୍ତର : ସନ୍ନ୍ୟାସୀମାନେ ବସ୍ତୁରୁ ମମତା ତ୍ୟାଗ କରିବା ସକାଶେ ସର୍ବସ୍ୱ ତ୍ୟାଗ କରନ୍ତି, କିନ୍ତୁ ଗୋଟିଏ ଗଛମୂଳରେ

ଗୋଟିଏ ରାତ୍ରି ବିଶ୍ରାମ କରିବା ପରେ ସେହି ଗଛମୂଳ ଲାଗି ମମତା ହୁଏ, ସେଥିପାଇଁ ସେମାନେ ଗୋଟିଏ ଗଛମୂଳରେ ଦୁଇରାତ୍ରି ବିଶ୍ରାମ କରନ୍ତି ନାହିଁ । ମହତ୍ତ୍ୱପୂର୍ଣ୍ଣ କର୍ମ ବା ଅସାଧାରଣ କର୍ମକୁ ଅହଂ ପରବାୟ କରେ ନାହିଁ । ଝାଡୁ ଲଗାଇବାରେ, ବାସନ ଧୋଇବାରେ ବି ଅହଂ ପ୍ରେରଣାରେ ବ୍ୟକ୍ତି ମନେକରେ, ''ମୁଁ ଅନ୍ୟ ଅପେକ୍ଷା ଉତ୍ତମ ରୂପେ, ପରିଷ୍କାର ଭାବେ ଝାଡୁ ଲଗାଇପାରେ, ବାସନ ମଧ ଧୋଇପାରେ, ମୋ ପରି ଅନ୍ୟ କେହି କରି ପାରିବ ନାହିଁ ।'' କିଂବା ମନେ କରେ, ''କର୍ମରେ ସାନବଡ଼ ନାହିଁ, ଭାବରେ ଅଛି, ମୁଁ ଏହି କର୍ମ ସମର୍ପଣଭାବେ କରୁଛି, ଅତଏବ ମୋର ଏହା କର୍ମ ।'' ଅହଂ-ସ୍ୱାର୍ଥ ରୂପାନ୍ତର ନ ହେବା ପର୍ଯ୍ୟନ୍ତ ବ୍ୟକ୍ତି ଯେଉଁ କାର୍ଯ୍ୟ କରେ ସେଥିରେ ତାହା ପ୍ରକାଶିତ ହୁଏ ।

*ପ୍ରଶ୍ନ : ବ୍ୟକ୍ତି ଭଗବତ୍ ଆଶ୍ରୟ ନେବା ପରେ ତା'ର ଅହିତକର କାମନା-ବାସନା ପୂରା କରି ତା'ର ଅହଂକୁ ଭଗବାନ୍ ବୃଦ୍ଧି କରନ୍ତି କାହିଁକି ?*

ଉତ୍ତର : ଭଗବାନ୍ ବ୍ୟକ୍ତିର ଅହଂ ବୃଦ୍ଧି କରିବା ସକାଶେ ତା'ର କାମନା-ବାସନା ପୂର୍ଣ୍ଣ କରନ୍ତି ନାହିଁ, ବାସନା-କାମନା ପୂର୍ଣ୍ଣ କରନ୍ତି ତା'ର ଭଗବତ୍ ବିଶ୍ୱାସ ଦୃଢ଼ କରିବା ସକାଶେ । କିନ୍ତୁ ବ୍ୟକ୍ତି ସ୍ୱଭାବବଶତଃ ତା'ର କାମନା-ବାସନା ପୂର୍ଣ୍ଣ ହେବାରେ ଅହଂ-ସ୍ୱାର୍ଥ ବୃଦ୍ଧି ହୁଏ । କୃଷକ ଧାନଗଛକୁ ବଳଶାଳୀ କରିବା ସକାଶେ କ୍ଷେତରେ ଖତ ଦିଏ, କିନ୍ତୁ ଧାନ ସଙ୍ଗେ ବାଲୁଙ୍ଗା ଥିବାରୁ ସେ ବି ସେଥିରୁ ଲାଭ ଉଠାଏ । ବାଲୁଙ୍ଗା ଶକ୍ତିଶାଳୀ ହେବା କୃଷକକୁ ଜଣାଥିବା ସତ୍ତ୍ୱେ ସେ ପରବାୟ କରେ ନାହିଁ; ଧାନଗଛ ବଳିଷ୍ଠ ହେବା ପରେ ବାଲୁଙ୍ଗାକୁ ଉପାଡ଼ି ଫୋପାଡ଼ି ଦିଏ । ଠିକ୍ ସେହିପରି ଭଗବାନ୍, ଭକ୍ତର ବାସନା-କାମନା ପୂର୍ଣ୍ଣ କରିବାରେ ତା'ର ଭଗବତ୍ ବିଶ୍ୱାସ ବୃଦ୍ଧି ସହିତ ଅହଂସ୍ୱାର୍ଥ ବଢ଼େ, କିନ୍ତୁ ବିଶ୍ୱାସ ଦୃଢ଼ ହେବା ପରେ ତା'ର ବାସନା-କାମନା ବ୍ୟର୍ଥ କରି ତାହାରି ଦ୍ୱାରା ତା' ଅହଂ ସ୍ୱାର୍ଥକୁ ଉପାଡ଼ି ଫୋପାଡ଼ି ଦିଅନ୍ତି । ବ୍ୟକ୍ତିର ଯେତେବେଳେ ଭଗବତ୍ ବିଶ୍ୱାସ ଗୋଟିଏ ଭାଗରେ ଦୃଢ଼ ହୋଇସାରି ଥାଏ, ବାସନା-କାମନାର ବିଫଳତାରେ ଭଗବାନ୍‌ଙ୍କୁ ଛାଡ଼ି ଯିବାର ବାଟ ନ ଥାଏ, ସେତେବେଳେ ଯେଉଁ ବାସନା-କାମନା ଭଗବାନଙ୍କ ସଙ୍କଳ୍ପର ପ୍ରତିକୂଳ ହୁଏ, ତାହାକୁ ବ୍ୟର୍ଥ କରାହୁଏ । ଏହି ବିଫଳତାରେ ବ୍ୟକ୍ତିକୁ ବିଶେଷ ମାନସିକ ପୀଡ଼ା ହୁଏ । କେବେ କେବେ କର୍ମରେ ବୈରାଗ୍ୟ ଆସେ, କେବେ କର୍ମରେ ବିରୋଧ କରିବାକୁ ପ୍ରବୃତ୍ତି ହୁଏ । ସେଥିରେ ସଫଳତା ନ ହେଲେ ଅଧିକ ମନସ୍ତାପ ହୁଏ । ଈର୍ଷ୍ୟା, ବିରୋଧ, ହତାଶା, ନିରାଶା, ଅଶାନ୍ତିରେ ବ୍ୟକ୍ତି ଜର୍ଜରିତ ହୁଏ; କିନ୍ତୁ ଭଗବାନଙ୍କୁ ଛାଡ଼ି ଯାଇପାରେ ନାହିଁ । ଏହିସବୁ ପ୍ରତିକୂଳ ଘଟଣାରେ ତା'ର ବାସନା-କାମନା, ପ୍ରାଣର ଗତିବୃତ୍ତି ଶାନ୍ତ ହୋଇଯାଏ । ସେହି ଅବସ୍ଥାରେ ଭଗବାନ୍ ତା' ଅନ୍ତରରେ ଜ୍ଞାନ, ଜ୍ୟୋତିଃ ପ୍ରକାଶ କରନ୍ତି, ସେ ନିଜର ସ୍ୱାର୍ଥ-ଅହଂକୁ ଚିହ୍ନିପାରେ ଏବଂ ବର୍ଜନ କରିବାକୁ ସଂକଳ୍ପ କରେ । ସୁତରାଂ ସେ ଥରକରେ ପୂର୍ଣ୍ଣ-ରୂପେ ସଚେତ ହୋଇପାରେ ନାହିଁ । ତା' ସତ୍ତା ଶୁଦ୍ଧ ନ ହେବା ପର୍ଯ୍ୟନ୍ତ ବାରଂବାର ପ୍ରତିକୂଳ ଅବସ୍ଥାର ସୁଯୋଗ ପାଇ ଅହଂ-ସ୍ୱାର୍ଥ, ବାସନା-କାମନା ଆସୁଥାଆନ୍ତି । ଏହି ଅବସ୍ଥା ମଧଦେଇ ଭଗବାନଙ୍କ ଜ୍ଞାନ, ଜ୍ୟୋତିଃ ଅଧିକାଧିକ ପ୍ରକାଶିତ ହେଉଥାଏ ଏବଂ ଭାଗବତୀ ଶକ୍ତିର ରୂପାନ୍ତର କ୍ରିୟା କ୍ରମଶଃ ବୃଦ୍ଧି ହେଉଥାଏ । ଶେଷରେ ବ୍ୟକ୍ତି ନିଜ ଦୋଷତ୍ରୁଟି ସମ୍ବନ୍ଧେ ପୂର୍ଣ୍ଣରୂପେ ସଚେତ ହୁଏ ଏବଂ ତାହା ତ୍ୟାଗ କରେ । ଭଗବାନ୍ ନିଜ ଆଶ୍ରିତ ବ୍ୟକ୍ତିର ଦୋଷ ଦେଖି ତ୍ୟାଗ କରନ୍ତି ନାହିଁ । ଶିଶୁ ଶରୀରରେ ବଥ ହେଲେ ତା'ର ଆରୋଗ୍ୟ ସକାଶେ ମା' ନିର୍ଦୟରୂପେ ଶିଶୁର ପୀଡ଼ାକୁ ଭ୍ରୂକ୍ଷେପ ନ କରି ବଥ ଚିରି ପୂଯ ବାହାର କରିବା ସଦୃଶ ଭଗବାନ୍ ନିଜ ଆଶ୍ରିତର ହିତ ସକାଶେ ତା' ଦୋଷକୁ ନିର୍ମମଭାବେ ସଂଶୋଧନ କରନ୍ତି ।

*ପ୍ରଶ୍ନ : ଭଗବାନ୍ ବ୍ୟକ୍ତିର ଭଗବତ୍ ବିଶ୍ୱାସ ଦୃଢ଼ କରିବା ସକାଶେ ତା' ବାସନା-କାମନା ପୂର୍ଣ୍ଣ କରି ତା' ଅହଂକୁ ବୃଦ୍ଧି କରନ୍ତି, ନା ତା' ଆଧାରରେ ବାସନା-କାମନା ବିଦ୍ୟମାନ ଥାଏ, ତାହା ପୂରା ହେବାରେ ଭଗବତ୍ ବିଶ୍ୱାସ ବୃଦ୍ଧି ହୁଏ ? ଏହି ଦୁଇଟି ପ୍ରଣାଳୀରୁ କେଉଁଟି ଠିକ୍ ?*

ଉତ୍ତର : ଘଟେ ଏହିପରି । ଦୁଇଟି ପ୍ରଣାଳୀ ଯଥାର୍ଥରେ ଏକ, କେବଳ ଭାଷା ଭିନ୍ନ । ପ୍ରତ୍ୟେକ ଭକ୍ତ ନିଜ ଭାବ ଅନୁସାରେ ଭିନ୍ନ ଭିନ୍ନ ଭାଷା ବ୍ୟବହାର କରନ୍ତି । ଯେଉଁ ଭକ୍ତକୁ ଯେଉଁ ଭାବ ଭଲ ଲାଗେ ସେ ସେହି ଭାବ ମାନିନେବା ଉଚିତ ।

**— ରାମକୃଷ୍ଣ ଦାସ**

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ, ପ୍ରଥମ ଖଣ୍ଡ, ପୃ. ୪୭୭-୪୭୯) ❑

ଚେତନାର ଦିଗ୍‌ବଳୟ :

# ‘‘ସତ କହିବାକୁ କିଆଁ ଡରିବି !’’

ଏକଦା ଯାହା ଆଧାତ୍ମିକ ଆଦର୍ଶ ରୂପେ ବିବେଚିତ ହେଉଥିଲା, ଅର୍ଥାତ୍ ସତେ ଯେପରି ଆମ ସ୍ଥୂଳ ବାସ୍ତବ ଜୀବନରେ ତା’ର ବିଶେଷ ମୂଲ୍ୟ ନାହିଁ ବୋଲି ଆମେ ଧରି ନେଉଥିଲୁ, ଆଜି ଏକ ପରେ ଏକ ସେସବୁ ଆଦର୍ଶ ବିଜ୍ଞାନ ସମ୍ମତ ଗବେଷଣା ମାଧ୍ୟମରେ ଆମ ସ୍ଥୂଳ, ବାସ୍ତବ ଜୀବନ ସକାଶେ ଏକାନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ପ୍ରମାଣିତ ହେଉଛି ।

‘ମିଥ୍ୟା’ ରୂପକ ଧାରଣାର ତିନୋଟି ପର୍ଯ୍ୟାୟ ରହିଛି । ପ୍ରଥମ ଧାରଣାରେ ତାହା ମାୟା; ‘ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା’ ଭଳି ଚେତାବନୀରେ ଶବ୍ଦଟି ମାୟା ଅର୍ଥରେ ବ୍ୟବହୃତ – ଅବଶ୍ୟ ସଚରାଚର ଆମେ ମାୟା ବୋଇଲେ ଯାହା ବୁଝିଥାଉ । ମାୟାର ପ୍ରକୃତ ମୌଳିକ ଅର୍ଥ ଭିନ୍ନ । ତେବେ ତାହା ଆଉ ଏକ ପ୍ରସଙ୍ଗ ।

ମିଥ୍ୟାର ଦ୍ୱିତୀୟ ଧାରଣା ଅବିଦ୍ୟା । ଆମେ ଆମର ସୃଜନୀଉସ ସତ୍ୟଠାରୁ ବିଚ୍ଛିନ୍ନ ହୋଇ ଯେଉଁ ଅଜ୍ଞାନ ଅନ୍ଧକାରରେ ନିମଜ୍ଜିତ ରହିଛୁ, ତାହାରି ପ୍ରଭାବରେ ଆମେ ଗୁରୁତର ମିଥ୍ୟାଚରଣ କରିପାରୁ; ଖାଦ୍ୟଦ୍ରବ୍ୟ ଏବଂ ଔଷଧ ଇତ୍ୟାଦିରେ ଭେଜାଲ ମିଶାଇ ଅଗଣିତ ମଣିଷଙ୍କ ଜୀବନ ବିପର୍ଯ୍ୟସ୍ତ କରିବାଠୁଁ ଆରମ୍ଭ କରି ଦେଶଦ୍ରୋହ ପର୍ଯ୍ୟନ୍ତ, ଧର୍ମ ନାମରେ ସହସ୍ର ନରନାରୀ ନିଧନଠୁଁ ଆରମ୍ଭ କରି ଏକ ଏକ ସଭ୍ୟତାକୁ ବିଧ୍ୱସ୍ତ କରିବା ପର୍ଯ୍ୟନ୍ତ – ସେ ପର୍ଯ୍ୟାୟର ଆଚରଣର ତାଲିକା ସୁଦୀର୍ଘ ।

ତୃତୀୟ ପର୍ଯ୍ୟାୟରେ ମିଥ୍ୟା ଏକ ଦୈନନ୍ଦିନତା । ଆମ ଭାଷାରେ ମିଛ ବୋଇଲେ ଯାହା ବୁଝାଏ । କଥାବାର୍ତ୍ତାରେ ସାମାନ୍ୟ ଅତିରଞ୍ଜନ, କାହାରି ମନରେ ଦୁଃଖ ନଦେବା ସକାଶେ ସାମାନ୍ୟ ଅସତ୍ୟ କଥନ, ବ୍ୟକ୍ତିଗତ କାରଣରୁ କାର୍ଯ୍ୟସ୍ଥଳୀରେ ପହଞ୍ଚିବାକୁ ବିଳମ୍ବ ହୋଇଥିଲେ ଟ୍ରାଫିକ୍ ଭିଡ଼ରେ ଅଥବା ପ୍ରିୟଜନଙ୍କ ସହ କାଳାତିପାତ ସକାଶେ ରହି ଯାଇ ଅସୁସ୍ଥତାର ଦୁହାଇ ଦେବା ଇତ୍ୟାଦି ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ଏହାକୁ ‘ନିରୀହ ମିଛ’ କିଂବା ‘ନିରାମିଷାଶୀ ମିଛ’ ବୋଲି ଅଭିହିତ କରାଯାଇପାରେ । ଜଣେ ମଧ୍ୟଯୁଗୀୟ ମନସ୍ତତ୍ତ୍ୱବିତ୍ ‘ପ୍ରେମ’ ପାଇଁ ମିଛ କହିବାରେ ଦୋଷ ନାହିଁ ବୋଲି ନିର୍ଦ୍ଦେଶ କରିଛନ୍ତି ଏବଂ ଯେହେତୁ ତାଙ୍କ ବଚନାମୃତ ସଂସ୍କୃତରେ ପରିବେଷିତ, ଆମେ ତାକୁ ଶାସ୍ତ୍ରୀୟ ଅନୁମତି ଭାବରେ ଗ୍ରହଣ କରିନେଉ ।

ଏହି ତୃତୀୟ ପର୍ଯ୍ୟାୟର ମିଛ ପ୍ରତି ଅଧିକାଂଶ ମଣିଷ ଅଭ୍ୟସ୍ତ ।

ଗୋଟିଏ ପାର୍କ ପାଖରେ ଅତି ସୁଧାର ଓ ସୁନ୍ଦର କୁକୁର ଛୁଆକୁ ଘେରି ବସିଥିଲେ ଚାରି, ପାଞ୍ଚଜଣ ବାଳକ । ସେମାନଙ୍କ ବିଦ୍ୟାଳୟର ଜଣେ ଶିକ୍ଷକ ସେ ରାସ୍ତାରେ ଯାଉ ଯାଉ ଅଟକି ଗଲେ । ପିଲାଙ୍କ ପାଖକୁ ଆସି ପଚାରିଲେ, ‘‘ଭାରି ବଢ଼ିଆ କୁକୁର ଛୁଆ ତ ? କାହାର ?’’

ପିଲାଙ୍କ ଭିତରୁ ଜଣେ ଜଣାଇଲା, ‘‘ସାର୍, ଆମେ ଦେଖିଲୁ, କେତେବେଳଠୁ ଏଇଠି ବୁଲୁଛି । ହୁଏତ ଗାଡ଼ି ମାଡ଼ି ଯାଇଥା’ନ୍ତା । ତେଣୁ ରାସ୍ତା କଡ଼କୁ ନେଇ ଆସିଲୁ ।’’

‘‘ତା’ପରେ ?’’

‘‘ଆଜ୍ଞା, ତା’ପରେ କ’ଣ ହେବ, ଏହାକୁ କିଏ ନେବ, ତାହାହିଁ ବିଚାର କରି ଠିକ୍ କଲୁ, ଆମ ଭିତରୁ ଯିଏ ସବୁଠାରୁ ବଡ଼ ମିଛଟିଏ କହିପାରିବ, ସେ ହିଁ ଏହାକୁ ନେବ !’’

‘‘ପିଲେ ! ଏହି ବୟସରୁ ତୁମେମାନେ ମିଛ କହିବାରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କଲଣି ? ତୁମମାନଙ୍କ ବୟସରେ ମିଛ କ’ଣ ମୁଁ ଜାଣି ନଥିଲି !’’

‘‘ଆଜ୍ଞା !’’ ପିଲାଏ ଉଠି ପଡ଼ିଲେ ଓ କୁକୁର ଛୁଆଟିକୁ ଶିକ୍ଷକ ମହୋଦୟଙ୍କ ଦୁଇ ପ୍ରସାରିତ କର ଉପରେ ଥୋଇଦେଇ କହିଲେ, ‘‘ଏ ଗୋଟିକ ତେବେ ଆପଣହିଁ ନିଅନ୍ତୁ !’’

ଶିକ୍ଷକ ଖୁସି ହୋଇ ଚାଲିଗଲେ । ଘଟଣା-ନିହିତ ବିଦ୍ରୂପ ବା ବିଡ଼ମ୍ବନା ସେ ଅବଶ୍ୟ ମୁହୂର୍ତ୍ତକ ପରେ ବୁଝିଥିବେ ।

କାହାଣୀଟିର ତାତ୍ପର୍ଯ୍ୟ, ଏ ପର୍ଯ୍ୟାୟର ମିଛ ଉଚ୍ଚାରଣ କରୁ ନଥିବେ, ଏଭଳି ପ୍ରାୟ କେହି ନାହାନ୍ତି । ଯିଏ କେବେ ମିଛ କହେ ନାହିଁ ବୋଲି କହେ ବା ଭାବେ, ସେ ଏ ପର୍ଯ୍ୟାୟର ଆଗ ଧାଡ଼ିରେ ।

ପାଠ୍ୟ ପୁସ୍ତକରେ ଅନେକେ ପଢ଼ିଥିବେ ବା ଶୁଣିଥିବେ ସମ୍ଭବତଃ ଇସପ୍ କଥିତ ଏ କାହାଣୀ : ମେଷପାଳକ ଟୋକା ବଣ ପାଖ ଚରାଭୂଇଁରୁ ଡାକ ଛାଡ଼ିଲା, ‘‘ମେଷ ପଲ ଉପରେ ହେଟା ବାଘ ଝାମ୍ପ ଦେଉଛି !’’ ପାଖ ଗାଁ ଲୋକେ ତତ୍‌କ୍ଷଣାତ୍ ଦୌଡ଼ିଗଲେ ଓ ଦେଖିଲେ ଟୋକା ହସୁଛି । ମଜା ଦେଖିବା

ପାଇଁ ଟୋକା କିଛି କିଛି ଦିନ ବ୍ୟବଧାନରେ ଆହୁରି ଦୁଇଥର ଏମିତି ମିଛ କହିବା ଉତ୍ତାରୁ ସତରେ ଯେଉଁ ଦିନ ଯୋଡ଼ାଏ ହେଟା ଆସି ତା'ର ଯୋଡ଼ାଏ ମେଷ ଉପରକୁ ଲମ୍ଫ ଦେଲେ ଓ ସେ ଡାକ ପକାଇଲା, ଜଣେ ବି କେହି ଶୁଣିଲେ ନାହିଁ ।

ଏ କାହାଣୀର ତାତ୍ପର୍ଯ୍ୟ, ଆଧ୍ୟାତ୍ମିକ ବା ନୈତିକ ତତ୍ତ୍ୱ ବାହାରେ, ଖାସ୍ ବ୍ୟବହାରିକ ସ୍ୱାର୍ଥ ଦୃଷ୍ଟିରୁ ମଧ୍ୟ ମିଥ୍ୟା କଥନ ବିପଜ୍ଜନକ ।

ସେ ଯାହାହେଉ, ୨୦୧୨ ମସିହାରେ ନୋତ୍ରଦାମ (Notre Dam) ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ଦୀର୍ଘ ଗବେଷଣା ପରେ ସାବ୍ୟସ୍ତ କରିଥିଲେ ଯେ ମିଥ୍ୟା କଥନର କୁଫଳ ସ୍ୱାସ୍ଥ୍ୟ ଉପରେ ପ୍ରତ୍ୟକ୍ଷ । ଯେଉଁମାନେ ମିଛ କହିବାରେ ଅଭ୍ୟସ୍ତ, ସେମାନଙ୍କୁ ପ୍ରବର୍ତ୍ତାଇ ସେ ଅଭ୍ୟାସରୁ ବିରତ ରଖି ବର୍ଷକ ପରେ ଦେଖାଯାଇଛି, ସେମାନେ ଯେଉଁସବୁ ଶାରୀରିକ କ୍ଲେଶ ବା ବ୍ୟାଧିରେ ପୀଡ଼ିତ ଥିଲେ, ସେସବୁ ଅନ୍ତର୍ହିତ । ଅବଶ୍ୟ ଏଠାରେ ଗୁରୁତର ବ୍ୟାଧିସବୁ କଥା କୁହାଯାଉ ନାହିଁ ।

ଗତକାଲି (୨୦୧୬ ନଭେମ୍ବର ୬ ତାରିଖ) ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (PTI) ଆମେରିକାର ପେନ୍‌ସିଲ୍‌ଭାନିଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଏକ ଗବେଷଣାର ବିବରଣୀ ବିତରଣ କରିଛି । ଗବେଷଣାରୁ ଜଣାଯାଏ, ମିଛ କହିଲେ ଆମ ମଗଜ (Brain)ର ଗୋଟାଏ ସ୍ତର ଦୁର୍ବଳ ହୋଇଯାଏ । ମଗଜ ଉପରେ 'fMRI' ନାମକ ରଶ୍ମି-ଭିତ୍ତିକ ପରୀକ୍ଷା ଯୋଗେ ଜଣେ ସତ କହୁଛି କିଂବା ମିଛ କହୁଛି, ତାହା ପୁରୁଣା Lie-detector ବା Polygraph ପରୀକ୍ଷା ଅପେକ୍ଷା ଅଧିକ ସ୍ପଷ୍ଟ ଭାବରେ ଜାଣି ହେବ ।

ପୁରୁଣା ମିଥ୍ୟା-ନିରୂପକ ପରୀକ୍ଷା ହେଉ ବା ସର୍ବାଧୁନିକ ମଗଜ ପରୀକ୍ଷା ହେଉ, ଏହା ଏହି ସତ୍ୟ ଟିକକ ସାବ୍ୟସ୍ତ କରୁଛି ଯେ ମିଥ୍ୟା କଥନକୁ ଆମ ସମଗ୍ର ବ୍ୟକ୍ତିସତ୍ତା ଅନୁମୋଦନ କରେ ନାହିଁ । ଆମେ ଯେତେ ଚାତୁର୍ଯ୍ୟପୂର୍ଣ୍ଣ ଭାବରେ ଓ ଦମ୍ଭ ସହକାରେ ମିଛଟାଏ କହିଲେ ମଧ୍ୟ ଆମ ସତ୍ତାର ଗୋଟାଏ ଅଂଶ ସେଥିରେ ବିଦ୍ରୋହ କରେ ଏବଂ ସେହି ବିଦ୍ରୋହକୁ ପ୍ରତିଫଳିତ କରେ ଆମ ସ୍ନାୟୁ ସମଷ୍ଟି, ହୃଦ୍‌ଯନ୍ତ୍ର ତଥା ଆମ ମଗଜ ।

ଅର୍ଥାତ୍ ପ୍ରକୃତି ଆମକୁ ଏମିତି ଭାବରେ ଗଠନ କରିଛି – ଚେତନା କଥା ବାଦ୍ ଦିଅନ୍ତୁ – ଆମ ସ୍ଥୂଳ କଳେବରକୁ ଏମିତି ମାଧମଟିଏ କରିଛି, ଯାହା ମିଥ୍ୟା ସହିଯାଏ ବାଧ୍ୟ ହୋଇ, କିନ୍ତୁ ତା'ର ବିଷମ ପ୍ରତିକ୍ରିୟାକୁ ରୋକିପାରେ ନାହିଁ ।

ଅତଏବ, ଆସନ୍ତୁ ସ୍ମରଣ କରିବା କବି ଶ୍ରୀ ରାମକୃଷ୍ଣ ନନ୍ଦଙ୍କୁ :

ସତ କହିବାକୁ କିଆଁ ଡରିବି,
ସତ କହି ପଛେ ମଲେ ମରିବି !

**– ମନୋଜ ଦାସ**

❑❑❑

... ଆମେ ଯାହାଙ୍କୁ ଖୋଜୁଛୁ ସେହି ଭଗବାନଙ୍କ ଉପରେ ସମଗ୍ର ସତ୍ତାକୁ ଏକାଗ୍ର କରିବାକୁ ହେବ, ଏବଂ ତା'ର ଅନୁପୂରକ ଭାବରେ ଯାହା ଭଗବତ୍ ସତ୍ୟ ନୁହେଁ ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି ଆମ ସତ୍ତା ଭିତରୁ କାଢ଼ି ଫୋପାଡ଼ି ଦେବାକୁ ହେବ । ତାହାହିଁ ହେବ ସତ୍ତାର ଯଥାର୍ଥ ବିଶୋଧନ । ଆମେ ନିଜେ ଯାହା, ଯାହା ଚିନ୍ତା କରୁ, ଯାହା ଅନୁଭବ କରୁ, ଯେଉଁ କର୍ମ କରୁ ସେସବୁକୁ ଭଗବାନଙ୍କ ନିକଟରେ ସାମଗ୍ରିକ ନିବେଦନ ରୂପେ ଉତ୍ସର୍ଗ ଓ ଅର୍ପଣ କରିବୁ । ଏହି ନିବେଦନହିଁ ଶେଷରେ ହୋଇଉଠିବ ସର୍ବୋତ୍ତମ ପରମଙ୍କ ନିକଟରେ ଏକ ପୂର୍ଣ୍ଣାଙ୍ଗ ଆତ୍ମ-ନିବେଦନ ।

– ଶ୍ରୀଅରବିନ୍ଦ

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Daily Facial**
**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com